୫୧
ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୬/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, December 16/2024 | Page 16 | ₹ 7.00 | SAMBALPUR
୫୧ଶ ଭାଗ ୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 23 | ମୂଲ୍ୟ ₹୭/-



ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ରବିବାର ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି) ପକ୍ଷରୁ ଆୟୋଜିତ ୨୨ତମ ଅଲ୍ ଇଣ୍ଡିଆ କନ୍‌ଫରେନ୍ସରେ ଯୋଗଦେଇଥିବା ମହିଳା। **(ଫଟୋ: ବିକାଶ ନାୟକ)**

# ଅନିମେଷ ପ୍ରଧାନଙ୍କୁ ଓଡ଼ିଶା କ୍ୟାଡର

## ୮ ଅଣଓଡ଼ିଆଙ୍କୁ ଓଡ଼ିଶା କ୍ୟାଡର ମିଳିଲା



**ଭୁବନେଶ୍ୱର,୧୫।୧୨ (ଅନୁରାଧା ମହାରଣା)**

୨୦୨୩ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ୨ୟ ର୍‍ୟାଙ୍କ୍ ପାଇଥିବା ଆଇଏଏସ୍ ଅଫିସର ଅନିମେଷ ପ୍ରଧାନଙ୍କୁ ଓଡ଼ିଶା କ୍ୟାଡର ମିଳିଛି। ସେହିପରି ୨୪ ନମ୍ବର ର୍‍ୟାଙ୍କ୍‌ରେ ଥିବା ପ୍ରଜ୍ଞାନନ୍ଦନ ଗିରିଙ୍କ ସହ ଅନ୍ୟ ୮ ଜଣଙ୍କୁ ମଧ୍ୟ ଓଡ଼ିଶା କ୍ୟାଡର ଦିଆଯାଇଛି। ସେମାନେ ହେଲେ ୪୦୯ ନମ୍ବର ର୍‍ୟାଙ୍କ ରଖିଥିବା ସନ୍ତୋଷ କୁମାର ପାତ୍ର, ୫୪ ର୍‍ୟାଙ୍କ୍‌ଧାରୀ ହରିୟାଣାର କଶିସ୍ ବକ୍ସି, ୬୮ ର୍‍ୟାଙ୍କରେ ଥିବା କେରଳର କସ୍ତୁରୀ ସା, ୭୧ ର୍‍ୟାଙ୍କ୍‌ଧାରୀ କେରଳର ଫବି ରସିଦ୍, ୧୨୫ ର୍‍ୟାଙ୍କ୍‌ଧାରୀ ରାଜସ୍ଥାନର ମଣାଳିକା ରାଠୋର, ୨୦୪ ନମ୍ବର ର୍‍ୟାଙ୍କ୍‌ରେ ଥିବା ଦିଲ୍ଲୀର ଶୁଭ୍ରା ପଣ୍ଡା, ୨୩୯ ର୍‍ୟାଙ୍କ୍‌ଧାରୀ ଉତ୍ତରପ୍ରଦେଶର ପଵନ୍ କୁମାର ଓ ୨୫୮ ନମ୍ବର ର୍‍ୟାଙ୍କ୍ ରଖିଥିବା ମହାରାଷ୍ଟ୍ରର ବି.ଏସ୍. କଲ୍ୟାଣରାଓ। ଅନ୍ୟପକ୍ଷରେ ୩୬ ନଂ. ର୍‍ୟାଙ୍କ୍‌ରେ ଥିବା ଓଡ଼ିଶାର ଆୟୁଷୀ ପ୍ରଧାନଙ୍କୁ ଆସାମ-ମେଘାଳୟ କ୍ୟାଡର ମିଳିଛି। ୨୦୨୩ ସିଭିଲ ସର୍ଭିସ୍ ପରୀକ୍ଷା ଫଳାଫଳ ଅନୁଯାୟୀ ଆଦିତ୍ୟ ଶ୍ରୀବାସ୍ତବ ଟପ୍ପର ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ଓଡ଼ିଆ ପୁଅ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅସ୍ଥିର ଦକ୍ଷିଣ କୋରିଆ**

# ଜାକିର ହୁସେନଙ୍କ ପରଲୋକ

**ନୂଆଦିଲ୍ଲୀ,୧୫।୧୨**

ତବଲା ଉସ୍ତାଦ ଜାକିର ହୁସେନ୍‌ଙ୍କର ରବିବାର ଆମେରିକାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୩ ବର୍ଷ ହୋଇଥିଲା। ସେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ସାନ୍ ଫ୍ରାନ୍ସିସ୍କୋ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଥିଲେ ବୋଲି ତାଙ୍କ ବନ୍ଧୁ ତଥା ବଂଶୀବାଦକ ରାକେଶ ଚୌରାସିଆ ସ୍ପଷ୍ଟ କରିଛନ୍ତି। ଭାରତର ଖ୍ୟାତନାମା ତଥା ସେଲିବ୍ରିଟି ତବଲାବାଦକ ଜାକିରଙ୍କୁ ୧୯୮୮ରେ ପଦ୍ମଶ୍ରୀ, ୨୦୦୨ରେ ପଦ୍ମଭୂଷଣ ଏବଂ ୨୦୨୩ରେ ପଦ୍ମବିଭୂଷଣ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏଥିସହିତ ସେ କ୍ୟାରିୟରରେ ୬ ଥର ଗ୍ରାମୀ ପୁରସ୍କାର ପାଇଥିଲେ। ☞ପୃଷ୍ଠା-୪



# ୨ ଝିଅଙ୍କ ଜୀବନ ନେଲା ହାତୀ

## ରେଡିଓ କଲାର ସତ୍ତ୍ୱେ ରୋକିବାରେ ବନ ବିଭାଗ ବିଫଳ

**ହାତୀ-ମଣିଷ ସଂଘର୍ଷ ଥମିବାର ନାଁ ନେଉନାହିଁ। ମଣିଷ ବିକାଶ ନାଁରେ ଜଙ୍ଗଲ ନଷ୍ଟ କରୁଥିବାବେଳେ ବନ୍ୟପ୍ରାଣୀ ଜନବସତି ଆଡକୁ ମୁହାଁଇବାରେ ଲାଗିଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ଯେଉଁ ପଦକ୍ଷେପ ନେବା କଥା ତାହା ଠିକ୍ ଭାବେ ପାଳନ କରୁ ନ ଥିବାରୁ ଏହି ସମସ୍ୟା ବଢ଼ିବାରେ ଲାଗିଛି। ଫଳସ୍ୱରୂପ ଗୋଟେ ପରେ ଗୋଟେ ଜୀବନ ଯାଉଛି। ଶନିବାର ବିଳମ୍ବିତ ରାତିରେ ସୁନ୍ଦରଗଡ଼ ଜିଲା ବଣାଇଁ ରେଞ୍ଜରେ ଏକ ଗୋଠଛଡ଼ା ହାତୀ ଆକ୍ରମଣରେ ୨ଜଣ ଝିଅଙ୍କ ମୃତ୍ୟୁ ଘଟିଛି। ଘରେ ଶୋଇଥିବା ସମୟରେ ହାତୀ ୨ ପିଲାଙ୍କୁ ମାରି ଦେଇଥିବା ଅଭିଯୋଗ ହୋଇଛି। ଘାତକ ହାତୀ ଦେହରେ ଲାଗିଥିବା ରେଡିଓ କଲାର କାମ କରୁ ନ ଥିବାରୁ ତା'ର ସ୍ଥିତି ସମ୍ପର୍କରେ ଜାଣିବାରେ ବନ ବିଭାଗ ବିଫଳ ହୋଇଥିବା କୁହାଯାଉଛି।**

**ବଣାଇଁ,୧୫।୧୨ (ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡରେ ଶନିବାର ବିଳମ୍ବିତ ରାତିରେ ବଣାଇଁ ବନଖଣ୍ଡ ତାମଡା ରେଞ୍ଜ ଅଧୀନ କଣ୍ଟାପାଲି ଗ୍ରାମ ମୁଣ୍ଡାସାହିରେ ଏକ ଗୋଠଛଡ଼ା ଦନ୍ତା ପଶି ଆତଙ୍କ ରଚାଇବା ସହ ୨ ଝିଅଙ୍କୁ ମାରି ଦେଇଛି। ମୃତକ ହେଲେ ସିନିଆ ମୁଣ୍ଡା(୧୨) ଏବଂ ଚାନ୍ଦିନୀ ମୁଣ୍ଡା(୩)। କ୍ଷତିପୂରଣ ଦାବିରେ ଗ୍ରାମବାସୀ ମୃତଦେହ ଉଠାଇବାକୁ ଦେଇ ନ ଥିଲେ। ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ବିନବିଭାଗ ପକ୍ଷରୁ ନଗଦ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବା ସହ ବାକି ପ୍ରାପ୍ୟ ୧୧ ଲକ୍ଷ ଟଙ୍କା ଆକାଉଣ୍ଟକୁ ଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଘଟଣା ସ୍ଥଳରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପହଞ୍ଚି ନିଜ ତରଫରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପରେ ରବିବାର ଅପରାହ୍ଣରେ ମୃତଦେହ ଉଠିଥିଲା। ତେବେ ଉକ୍ତ ହାତୀ ଦେହରେ ରେଡିଓ କଲାର ଲଗାଯାଇଥିଲେ ସୁଦ୍ଧା ଏହା ଠିକ୍ ଭାବେ କାମ କରୁ ନାହିଁ। ହେଲେ ବନ ବିଭାଗ ମୋବାଇଲ ନେଟ୍‌ୱାର୍କ ସମସ୍ୟା ଦର୍ଶାଇ ଏଥିରୁ ଖସି ଯିବାକୁ ଚେଷ୍ଟା କରିଛି।

ସୂଚନା ଅନୁଯାୟୀ, ରଞ୍ଜନ ମୁଣ୍ଡାଙ୍କ ପରିବାର ବସ୍ତିଠାରୁ ଅଲଗା ରହୁଥିଲେ। ☞ପୃଷ୍ଠା-୪

## ୫ ବର୍ଷରେ ରାଜ୍ୟରେ ୬୨୪ ଜୀବନ ଗଲାଣି

ନିକଟରେ ରାଜ୍ୟ ସଭାରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ର ମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ଦେଇଥିବା ତଥ୍ୟ ଅନୁସାରେ ଗତ ୫ବର୍ଷରେ ଦେଶରେ ହାତୀ ଆକ୍ରମଣରେ ୨,୮୨୯ଜଣଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ଓଡ଼ିଶାରେ ସର୍ବାଧିକ ୬୨୪ଜଣଙ୍କ ପ୍ରାଣ ଯାଇଛି। ଓଡ଼ିଶା ପରେ ଝାଡ଼ଖଣ୍ଡରେ ୪୭୪, ପଶ୍ଚିମ ବଙ୍ଗରେ ୪୩୬, ଆସାମରେ ୩୧୩, ଛତିଶଗଡ଼ରେ ୩୦୩, ତାମିଲନାଡୁରେ ୨୫୬ ଏବଂ କର୍ଣ୍ଣାଟକରେ ୧୬୦ ଏବଂ କେରଳରେ ୧୦୨ ଜଣଙ୍କ ମୃତ୍ୟୁ ଘଟିଛି। ହାତୀ-ମଣିଷ ସଂଘର୍ଷ ରୋକିବାକୁ ୨୦୧୬ରେ ଏକ ଘରୋଇ କନ୍‌ସଲ୍‌ଟାଣ୍ଟକୁ ନିଯୁକ୍ତ କରାଯାଇଥିଲା। ଏଥିପାଇଁ ୩.୬୭କୋଟି ଟଙ୍କାର ବ୍ୟୟ ମଞ୍ଜୁର ହୋଇଥିଲା। ଏହା ସତ୍ତ୍ୱେ ହାତୀ ଆକ୍ରମଣରେ ମଣିଷଙ୍କ ମୃତ୍ୟୁ କମାଇବାରେ ରାଜ୍ୟ ବନ ବିଭାଗ ବିଫଳ ହୋଇଛି ବୋଲି ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା(ଡବ୍ଲ୍ୟୁଏସ୍‌ଓ) ସମ୍ପାଦକ ବିଶ୍ୱଜିତ୍ ମହାନ୍ତି କହିଛନ୍ତି। ସାଟେଲାଇଟ ଚିତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଢେଙ୍କାନାଳ ଏବଂ ଅନୁଗୋଳ ଜିଲାରେ ବ୍ୟାପକ ପରିମାଣରେ ବେଆଇନ ଖଣି ଖନନ ଏବଂ ଶିଳ୍ପ ପ୍ରତିଷ୍ଠା କାରଣରୁ ଜନବସତି ☞ପୃଷ୍ଠା-୪

# ଜଷ୍ଟିସ୍ ଯାଦବଙ୍କୁ ସୁପ୍ରିମକୋର୍ଟ କଲେଜିୟମ୍‌ଙ୍କ ସମନ



ଜଷ୍ଟିସ୍ ଶେଖର ଯାଦବ

**ନୂଆଦିଲ୍ଲୀ/ ପ୍ରୟାଗରାଜ, ୧୫।୧୨**

ମୁସଲମାନ ସମ୍ପ୍ରଦାୟ ବିରୋଧରେ ବାରମ୍ବାର ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିବା ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶେଖର ଯାଦବଙ୍କ ଅଡୁଆ ବଢ଼ିବାରେ ଲାଗିଛି। ରାଜ୍ୟ ସଭାରେ ଇଣ୍ଡିଆ ବ୍ଲକ୍ ଏମ୍‌ପିମାନେ ଜଷ୍ଟିସ୍ ଯାଦବଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ପାଇଁ ନୋଟିସ ଦେଇଥିବାବେଳେ ସୁପ୍ରିମକୋର୍ଟ କଲେଜିୟମ୍ ତାଙ୍କୁ ସମନ କରିଛନ୍ତି। ସେ ଖୁବ୍‌ଶୀଘ୍ର କଲେଜିୟମ୍ ସମ୍ମୁଖରେ ହାଜର ହୋଇପାରନ୍ତି ବୋଲି କୁହାଯାଉଛି। ଗତ ୮ ତାରିଖରେ ଆଲ୍ଲାହାବାଦ ହାଇକୋର୍ଟ ପରିସରରେ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ଲିଗାଲ ସେଲ୍ ପକ୍ଷରୁ ଏକକ ଦେୱାନୀ ସଂହିତା (ୟୁସିସି) ଉପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜଷ୍ଟିସ୍ ଯାଦବ ଅନେକ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ, ଭାରତ ସଂଖ୍ୟାବହୁଳ ହିନ୍ଦୁଙ୍କ ଇଚ୍ଛା ଅନୁସାରେ ପରିଚାଳିତ ହେବା ଉଚିତ। ସଂଖ୍ୟାବହୁଳ ଲୋକଙ୍କୁ ଖୁସି ଦେଇ ସେମାନଙ୍କ ସ୍ୱାର୍ଥରେ କାର୍ଯ୍ୟ କରୁଥିବା ଆଇନ ପ୍ରଚଳିତ ହେବା ଆବଶ୍ୟକ। ☞ପୃଷ୍ଠା-୪

# ଟ୍ରେନ୍‌ରୁ ଖସି ପାଚିକା, ସହାୟିକାଙ୍କ ମୃତ୍ୟୁ

## ସଂଘର ହେଉଥିବା କାର୍ଯ୍ୟକ୍ରମରେ ଯୋଗଦେବାକୁ ଭୁବନେଶ୍ୱର ଯାଉଥିଲେ

**ବ୍ରହ୍ମପୁର/ଚିକିଟି,୧୫।୧୨ (ସୁବାସ ଚନ୍ଦ୍ର ପାଢ଼ୀ/ପ୍ରକାଶ ଚନ୍ଦ୍ର ସାହୁ)**

ଗଞ୍ଜାମ ଜିଲା ଚିକିଟି ବ୍ଲକ୍ ସୁରଳ ଜଙ୍କ୍‌ସନ ରେଳ ଷ୍ଟେଶନରେ ରବିବାର ଭୋରୁ ଅସାବଧାନତାରୁ ଏକ ଦୁଃଖଦ ଘଟଣା ଘଟିଛି। ଚଳନ୍ତା ଟ୍ରେନ୍‌ରେ ଚଢୁଥିବା ବେଳେ ଗୋଡ଼ ଖସିଯିବାରୁ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଚିକିଟି ବ୍ଲକ ପିତାତଳି ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଝୁନୁ ଗୌଡ଼(୬୦) ଓ ପାର୍ବତୀ ଗୌଡ଼(୫୫)। ଉଭୟେ ସମ୍ପର୍କୀୟ ଭଉଣୀ ହୋଇଥିବା ବେଳେ ଜଗନ୍ନାଥପୁର ଗାଁ ବିଦ୍ୟାଳୟରେ ପାଚିକା ଓ ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ଉଭୟ ସକାଳୁ ପାଚିକା ଓ ସହାୟିକା ସଂଘର ରାଜ୍ୟସ୍ତରୀୟ ବୈଠକରେ ଯୋଗଦେବାକୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣାର ଶିକାର ହୋଇଥିଲେ। ରେଳବାଇ ପୋଲିସ ମୃତଦେହ ଜବତ କରି ନଂ.୧୦୫/୨୪ ଏବଂ ୧୦୬/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

ଘଟଣାରୁ ପ୍ରକାଶ, ସଂଘ ବୈଠକରେ ଯୋଗଦେବାକୁ ପଲାସା-ଭୁବନେଶ୍ୱର (ଫାଷ୍ଟ-ଡିଏମ୍‌ୟୁ) ଟ୍ରେନ୍‌ରେ ଭୁବନେଶ୍ୱର ଯିବାକୁ ରବିବାର ଭୋରରୁ ପିତାତଳି ପଞ୍ଚାୟତର ୧୦ରୁ ଅଧିକ ପାଚିକା ଓ ସହାୟିକା ସୁରଳ ଜଙ୍କ୍‌ସନ ରେଳଷ୍ଟେଶନ ନିକଟରେ ପହଞ୍ଚିଥିଲେ। ୫ଟା ୩୫ ବେଳେ ଟ୍ରେନ୍‌ଟି ସୁରଳ ରେଳଷ୍ଟେଶନରେ ପହଞ୍ଚିଥିଲା। ସମସ୍ତ ପାଚିକା ଓ ସହାୟିକା ନିଜ ସୁବିଧା ଅନୁସାରେ ଟ୍ରେନ୍‌ର ବିଭିନ୍ନ ବଗିରେ ଚଢ଼ି ଯାଇଥିଲେ। ହେଲେ ଝୁନୁ ଓ ପାର୍ବତୀ ଟ୍ରେନ୍‌ରେ ଚଢ଼ିବା ବେଳେ ଟ୍ରେନ୍‌ଟି ଛାଡ଼ି ଦେଇଥିଲା। କୌଣସିମତେ ପାର୍ବତୀ ପ୍ରଥମେ ଚଳନ୍ତା ଟ୍ରେନ୍‌ରେ ଚଢ଼ି ଯାଇଥିଲେ। ଆଉ ଝୁନୁଙ୍କ ହାତ ଧରି ସେ ଟ୍ରେନ୍ ଉପରକୁ ତାଙ୍କୁ ଉଠାଇବାକୁ ଚେଷ୍ଟା କରୁଥିବା ବେଳେ ଉଭୟ ଟ୍ରେନ୍‌ରୁ ତଳକୁ ଖସିପଡ଼ିଥିଲେ। ଟ୍ରେନ୍ ଚକାତଳେ ପଡ଼ିଯିବାରୁ ଉଭୟଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଏହା ଜାଣିବା ପରେ ଟ୍ରେନ୍‌ରେ ଯାତ୍ରା କରୁଥିବା ଅନ୍ୟ ପାଚିକାମାନେ ତାଙ୍କ ସମ୍ପର୍କୀୟ ଲୋକଙ୍କୁ ଫୋନ କରି ଜଣାଇଥିଲେ। ଖବରପାଇ ବ୍ରହ୍ମପୁର ସରକାରୀ ରେଳବାଇ(ଜିଆରପି) ଥାନା ପୋଲିସ ଓ ଗୋଳନ୍ଥରା ଥାନା ପୋଲିସ ପହଞ୍ଚି ତଦନ୍ତ କରିଥିଲେ। ଖବର ପାଇ ପିତାତଳି ସରପଞ୍ଚ ଏ. ରାଙ୍ଗା ରାଓ ଓ ପରିବାର ଲୋକେ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏ ନେଇ ମୃତଦେହ ☞ପୃଷ୍ଠା-୪

# କାର୍ଯ୍ୟଚାପରୁ ନିଜ ୪ ଅଙ୍ଗୁଳି ଛେଦିଦେଲେ

**ସୁରଟ,୧୫।୧୨**

ଗୁଜରାଟର ମୟୂର ତାରାପରା ସୁରଟସ୍ଥିତ ଏକ ଜୁଏଲେରି ଷ୍ଟୋରରେ କମ୍ପ୍ୟୁଟର ଅପରେଟର ଭାବେ କାର୍ଯ୍ୟ କରୁଥିଲେ। କାର୍ଯ୍ୟସ୍ଥଳରେ ଅତ୍ୟଧିକ ଚାପ ଯୋଗୁ ଗତ ୮ରେ ସେ ନିଜ ଅଙ୍ଗୁଳିଗୁଡ଼ିକୁ କାଟି ଦେଇଛନ୍ତି। ୩୨ ବର୍ଷୀୟ ମୟୂର ପ୍ରଥମେ ରାସ୍ତାରେ ଅଚେତ ଅବସ୍ଥାରେ ପଡ଼ିଯିବାରୁ କେହି ତାଙ୍କ ଅଙ୍ଗୁଳି କାଟିଦେଇଥିବା କହିଥିଲେ। କିନ୍ତୁ ସେ ନିଜ ଅଙ୍ଗୁଳିକୁ ନିଜେ କାଟିଥିବା ବିଷୟ ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ସତ ଜଣାପଡ଼ିବା ପରେ ମୟୂର କହିଛନ୍ତି, ଜୁଏଲେରିରେ ତାଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଚାପ ପଡୁଥିଲା। ଏଥିରେ ଅତିଷ୍ଠ ହୋଇ ସେ ଚାକିରି ଛାଡ଼ିବାକୁ ଚାହୁଁଥିଲେ। କିନ୍ତୁ ପରିବାର ପ୍ରତି ଉତ୍ତରଦାୟିତ୍ୱ ଥିବାରୁ ଅର୍ଥ ଉପାର୍ଜନର ପନ୍ଥାକୁ ଛାଡ଼ିପାରି ନ ଥିଲେ। ଏହାବାଦ୍ ନିଯୁକ୍ତିଦାତା ଜଣକ ତାଙ୍କ ବାପାଙ୍କ ସମ୍ପର୍କୀୟ ହୋଇଥିବାରୁ ସେ କାମକୁ ମନା କରିପାରି ନ ଥିଲେ। ଶେଷରେ ହତାଶ ହୋଇ ଏକ ଷ୍ଟିଲ୍ ଛୁରିରେ ବାମହାତର ୪ ଅଙ୍ଗୁଳି କାଟିବାକୁ ବାଧ୍ୟ ହୋଇଛନ୍ତି। ଇଞ୍ଜିନିୟରିଂରେ ବ୍ୟାଚେଲର (ସିଭିଲ୍) ଡିଗ୍ରୀଧାରୀ ମୟୂର ଅଙ୍ଗୁଳି କାଟିଥିବା ସ୍ଥାନକୁ ପୋଲିସକୁ ନେଇଥିଲେ। ସେଠାରୁ ପୋଲିସ ଛୁରି ଜବତ କରିଛି। ବିବାହିତ ମୟୂରଙ୍କ ଜଣେ ୨ ବର୍ଷର ଝିଅ ଅଛନ୍ତି। ବାପା ଜଣେ କୃଷକ, ଯିଏକି ସୁରେନ୍ଦ୍ରନଗର ଜିଲା ଓ୍ୱାଧଭନ ଗ୍ରାମରେ ରହି ଚାଷକାର୍ଯ୍ୟ କରୁଛନ୍ତି। ମୟୂର ଜୁଏଲେରି ଷ୍ଟୋରରୁ ମାସିକ ୫୦,୦୦୦ ଟଙ୍କା ଦରମା ପାଉଥିଲେ। ଅନ୍ୟପକ୍ଷେ ମୟୂରଙ୍କଠାରୁ ସବୁ କଥା ଶୁଣିବା ପରେ ତାଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ପୋଲିସ କହିଛି।





# ବିଜୟର ୨୩ ଦିନ ପରେ ଶପଥ

## ଫଡ଼ନବିସ୍‌ଙ୍କ କ୍ୟାବିନେଟରେ ୩୯ ମନ୍ତ୍ରୀ

ନାଗପୁର,୧୫।୧୨(ପି.ଟି.)

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଆଶାତୀତ ସଫଳତା ହାସଲର ୨୩ ଦିନ ପରେ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏବଂ ୨ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ଅଜିତ ପାୱାର ଶପଥ ନେବାର ୧୦ ଦିନ ପରେ ତାଙ୍କ କ୍ୟାବିନେଟ୍‌ର ଅନ୍ୟ ସଦସ୍ୟମାନେ ଶପଥ ଗ୍ରହଣ କରିଛନ୍ତି। ଏଥିରେ ମହାୟୁତିର ୩ ଦଳରୁ ୩୯ ବିଧାୟକଙ୍କୁ ସୁଯୋଗ ମିଳିଛି। ୧୦ ପୂର୍ବତନ ମନ୍ତ୍ରୀଙ୍କୁ ବାଦ୍ ଦିଆଯାଇଥିବାବେଳେ କ୍ୟାବିନେଟରେ ୧୬ ନୂଆ ମୁହଁ ସ୍ଥାନ ପାଇଛନ୍ତି। ୩୩ ଜଣ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିବାବେଳେ ୬ ଜଣ ରାଷ୍ଟ୍ରମନ୍ତ୍ରୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଓ ୨ ଉପମୁଖ୍ୟମନ୍ତ୍ରୀଙ୍କ ସମେତ କ୍ୟାବିନେଟ୍‌ର ମନ୍ତ୍ରୀ ସଂଖ୍ୟା ୪୨ ହୋଇଛି। ଭାଜପାରୁ ମନ୍ତ୍ରିମଣ୍ଡଳରେ ୧୯ ଜଣ ସ୍ଥାନ ପାଇଥିବାବେଳେ ଏକନାଥ ଶିନ୍ଦେଙ୍କ ଶିବସେନା ଏବଂ ଅଜିତ ପାୱାରଙ୍କ ଏନ୍‌ସିପିରୁ ଯଥାକ୍ରମେ ୧୧ ଏବଂ ୯ ଜଣଙ୍କୁ ମନ୍ତ୍ରୀପଦ ମିଳିଛି। ରାଜ୍ୟ ବିଧାନସଭା ଶୀତ ଅଧିବେଶନର ପୂର୍ବ ସନ୍ଧ୍ୟାରେ ନାଗପୁରସ୍ଥିତ ରାଜଭବନରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍ ନୂଆ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ଭାଜପା ୧୩୨ ଆସନ ଜିତିଥିବାବେଳେ ଶିବସେନା ୫୭ ଏବଂ ଏନ୍‌ସିପି ୪୧ ଆସନ ଜିତିଥିଲା। ସେହି ଅନୁଯାୟୀ ଭାଜପାକୁ ୧୬ଟି କ୍ୟାବିନେଟ ଏବଂ ୩ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିଥିବାବେଳେ ଶିବସେନାକୁ ୯ କ୍ୟାବିନେଟ ଓ ୨ ରାଷ୍ଟ୍ରମନ୍ତ୍ରୀ ଏବଂ ଏନ୍‌ସିପିକୁ ୮ କ୍ୟାବିନେଟ ଓ ୧ ରାଷ୍ଟ୍ରମନ୍ତ୍ରୀ ପଦ ମିଳିଛି। ୪ ମହିଳା ମନ୍ତ୍ରୀଙ୍କ ମଧ୍ୟରୁ ପଙ୍କଜା ମୁଣ୍ଡେ, ମାଧୁରୀ ମିସାଲ ଏବଂ ମେଘନା ବୋରଡିକର



ନାଗପୁରସ୍ଥିତ ରାଜଭବନରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ, ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଅଜିତ ପାୱାରଙ୍କ ଉପସ୍ଥିତିରେ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଉଛନ୍ତି ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍

### ଭାଜପାରୁ ୧୯, ଶିବସେନା ୧୧, ଏନ୍‌ସିପି ୯



ପଙ୍କଜା ମୁଣ୍ଡେଙ୍କୁ ସୁଯୋଗ

ଭାଜପାରୁ ହୋଇଥିବାବେଳେ ଏନ୍‌ସିପିରୁ ଅଦିତି ଟଟକାରେ ଅଛନ୍ତି। ଛଗନ ଭୁଜବଳ, ଦିଲୀପ ୱାଲ୍‌ସେ ପାଟିଲ, ସୁଧୀର ମୁଙ୍ଗନ୍ତିୱାର ଏବଂ ବିଜୟକୁମାର ଗଭିତ୍ ଏଥର ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିଛନ୍ତି। ଶିବସେନାରୁ ପୂର୍ବତନ ମନ୍ତ୍ରୀ ତନଜି ସାୱନ୍ତ, ଦୀପକ କେସରକର ଏବଂ ଅବଦୁଲ ସତ୍ତାର ବାଦ୍ ପଡ଼ିଥିବାବେଳେ ଏନ୍‌ସିପିରୁ ଅନିଲ ପାଟିଲ, ସଞ୍ଜୟ ବନ୍ଦସୋଡେ ଏବଂ ଧର୍ମାରାଓ ବାବା ଅତରାମ ବାଦ୍ ପଡ଼ିଛନ୍ତି।

## ମନ୍ତ୍ରୀପଦ ନ ମିଳିବାରୁ ଦଳ ଛାଡ଼ିଲେ ଶିବସେନା ବିଧାୟକ

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର ବିଧାୟକ ନରେନ୍ଦ୍ର ଭୋନ୍ଦେକରଙ୍କୁ ମନ୍ତ୍ରୀପଦ ମିଳିବ ବୋଲି ପୂର୍ବରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ତାଙ୍କୁ ମନ୍ତ୍ରୀ କରା ନ ଯିବାରୁ ରବିବାର ସେ ଦଳରୁ ଇସ୍ତଫା ଦେଇଛନ୍ତି। ଭଣ୍ଡାରା-ପଭାନି ନିର୍ବାଚନମଣ୍ଡଳୀରୁ ୩ ଥର ବିଧାୟକ ହୋଇଥିବା ନରେନ୍ଦ୍ର ଶିବସେନାର ଉପନେତା ତଥା ବିଦର୍ଭର ଦଳୀୟ ସଂଯୋଜକ ପଦରେ ଥିଲେ। ଦଳୀୟ ପଦ ଛାଡ଼ିଥିବା ନେଇ ସେ ଏକନାଥ ଓ ତାଙ୍କ ପୁଅ ଶ୍ରୀକାନ୍ତ ଶିନ୍ଦେଙ୍କ ନିକଟକୁ ମେସେଜ୍ ପଠାଇଛନ୍ତି। ତେବେ ସେ ବିଧାୟକ ପଦରୁ ଇସ୍ତଫା ଦେଇନାହାନ୍ତି।



ନରେନ୍ଦ୍ର ଭୋନ୍ଦେକର

## ବାଦ୍ ପଡ଼ିଥିବା ବିଧାୟକଙ୍କୁ ମଧ୍ୟ ସୁଯୋଗ ମିଳିବ: ଅଜିତ

ମହାରାଷ୍ଟ୍ରର ଦ୍ୱିତୀୟ ରାଜଧାନୀ ନାଗପୁରରେ ସୋମବାରଠାରୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ। ଏହା ପୂର୍ବରୁ ରବିବାର ନୂଆ ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। କ୍ୟାବିନେଟରେ ସାମିଲ ହୋଇ ନ ଥିବା ବିଧାୟକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବାବେଳେ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ସେମାନଙ୍କୁ ଆଶାଛଡ଼ା ନ ହେବାକୁ ଆଶ୍ୱାସନା ଦେଇଛନ୍ତି। ଏନ୍‌ସିପି ମୁଖ୍ୟ ଅଜିତ କହିଛନ୍ତି, ମହାୟୁତି ସରକାର ଏହି ପାଳିରେ ଅନ୍ୟ ବିଧାୟକମାନଙ୍କୁ ମଧ୍ୟ ସୁଯୋଗ ଦେବ। ସମସ୍ତେ ମନ୍ତ୍ରୀ ହେବାକୁ ଚାହୁଁଛନ୍ତି। ସେମାନେ ସୁଯୋଗ ପାଇବାକୁ ଯୋଗ୍ୟ। କିନ୍ତୁ ମନ୍ତ୍ରିପଦ ସଂଖ୍ୟା ସୀମିତ। କେତେଜଣ ବିଧାୟକଙ୍କୁ ଦେଢ଼ବର୍ଷ ପାଇଁ ମନ୍ତ୍ରିପଦ ମିଳିଛି। ଆଉ କେତେଜଣଙ୍କୁ ଅଢ଼େଇ ବର୍ଷ ପରେ କ୍ୟାବିନେଟ କିମ୍ବା ରାଷ୍ଟ୍ରମନ୍ତ୍ରୀ ଭାବେ ସୁଯୋଗ ମିଳିବ। ଏଥିରେ ଅନେକ ଜିଲା ଓ ଅଞ୍ଚଳକୁ ଉପଯୁକ୍ତ ପ୍ରତିନିଧିତ୍ୱ ମିଳିବ ବୋଲି ଅଜିତ କହିଛନ୍ତି।

## ଟ୍ରାକ୍ଟର ଚୋରି ଅଭିଯୋଗ: ରାତି ସାରା ପିଟି ହତ୍ୟା

ପାଟନା,୧୫।୧୨

ବିହାରର ମୁଜାଫରପୁରରେ ଜଣେ ଯୁବକଙ୍କୁ ଚୋରି ଅଭିଯୋଗରେ ଲୋକେ ଲୋକେ ପିଟି ମାରିଦେଇଛନ୍ତି। ଅଭିଯୁକ୍ତ ଶମ୍ଭୁ ଶାହନି ନିଜ ଭୁଲ୍ ପାଇଁ ବାରମ୍ବାର କ୍ଷମା ମାଗିବା ସତ୍ତ୍ୱେ ତାଙ୍କ କଥା କେହି ଶୁଣି ନ ଥିଲେ। ତାଙ୍କ ଗୋଡ଼କୁ ଏକ ଅଟୋରେ ଓ ହାତକୁ ଦଉଡ଼ିରେ ବାନ୍ଧି ପିଟି ଚାଲିଥିଲେ। ଶମ୍ଭୁ ଜାଡ଼ ଓ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ସ୍ଥାନୀୟ ଲୋକେ ଦେଖଣାହାରି ସାଜିଥିଲେ। ଏପରି କି କେତେଜଣ ଲୋକ ମୋବାଇଲରେ ଏହି ଦୃଶ୍ୟକୁ କଏଦ କରୁଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଏକ ହସ୍ପିଟାଲକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ରାଜଧାନୀ ପାଟନାରୁ ୭୦ କି.ମି. ଦୂର ମୁଜାଫରପୁରସ୍ଥିତ ରାଜଖଣ୍ଡ ଉତ୍ତର ପଞ୍ଚାୟତର ଯୋଗିୟା ଗ୍ରାମରେ ଏହି ବର୍ବର କାଣ୍ଡ ଘଟିଛି। ଟ୍ରାକ୍ଟର ଚୋରିରେ ଶମ୍ଭୁଙ୍କ ସହ ଅନ୍ୟ ୩ ଜଣ ଯୁବକ ସାମିଲ ଥିଲେ। କିନ୍ତୁ ଶମ୍ଭୁ ଧରାପଡ଼ିବା ପରେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଲୋକେ ଶମ୍ଭୁଙ୍କୁ ପିଟିବାବେଳେ ତାଙ୍କ ଚିତ୍କାର ଶୁଣି ଟ୍ରାକ୍ଟରର ମାଲିକ ଗଙ୍ଗା ଶାହନି ନିଦରୁ ଉଠିପଡ଼ିଥିଲେ। ପୋଲିସ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଗଙ୍ଗା ଓ ତାଙ୍କ ପୁତୁରା ପୁକାର ଶାହନିଙ୍କୁ ଗିରଫ କରି ଅନ୍ୟମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଥିବା କହିଛି।

## ବାଂଲାଦେଶୀଙ୍କୁ ନିଖୋଜ କରାଉଥିଲେ ହାସିନା

### ଅନ୍ତରୀଣ ସରକାରଙ୍କ ରିପୋର୍ଟ

ଢାକା, ୧୫।୧୨

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଦେଶର ଆତଙ୍କବାଦ ବିରୋଧୀ ସଙ୍ଗଠନ ରାପିଡ ଆକ୍ସନ ବାଟାଲିଅନ ସହ ମିଶି ଅନେକ ହଜାର ଲୋକଙ୍କୁ ବଳ ପୂର୍ବକ ଭାବେ ନିଖୋଜ କରିଛନ୍ତି। ବାଂଲାଦେଶରେ ନିଖୋଜ ହେଉଥିବା ଲୋକଙ୍କୁ ନେଇ ତଦନ୍ତ କରିବାକୁ ଅନ୍ତରୀଣ ସରକାରଙ୍କ ଦ୍ୱାରା ଅବସରପ୍ରାପ୍ତ ଜଷ୍ଟିସ୍ ମୈନୁଲ ଇସଲାମଙ୍କ ନେତୃତ୍ୱରେ ୫ ଜଣିଆ ସଦସ୍ୟଙ୍କୁ ନେଇ ଏକ ଆୟୋଗ ଗଠନ କରାଯାଇଥିଲା। ରବିବାର ଏହି ଆୟୋଗ 'ସତ୍ୟ କା ଖୁଲସା' ଶୀର୍ଷକ ରିପୋର୍ଟ ଅନ୍ତରୀଣ ସରକାରଙ୍କ ମୁଖ୍ୟ ମହମ୍ମଦ ୟୁନୁସଙ୍କୁ ପ୍ରଦାନ କରିଛନ୍ତି। ବାଂଲାଦେଶରେ ଲୋକମାନେ ନିଖୋଜ ହେବା ଘଟଣାରେ ହାସିନାଙ୍କ ସମେତ ତାଙ୍କ ସରକାରଙ୍କ କିଛି ଉଚ୍ଚ ପଦସ୍ଥ ଅଧିକାରୀ ଓ ସୁରକ୍ଷା ବଳର କର୍ମଚାରୀମାନେ ସାମିଲ ଥିବା ଏହି ରିପୋର୍ଟ କହିଛି। ହାସିନାଙ୍କ ଶାସନ ସମୟରେ ୩୫୦୦ରୁ ଅଧିକ ଲୋକଙ୍କୁ ବଳପୂର୍ବକ ଭାବେ ନିଖୋଜ କରାଯାଇଛି ବୋଲି ଏହି ରିପୋର୍ଟ କହିଛି।



ଗାଜା ଉପରେ ଇସ୍ରାଏଲୀ ସୈନ୍ୟଙ୍କ ଆକ୍ରମଣ ଜାରି ରହିଥିବାବେଳେ ଦେଇର ଅଲ୍-ବଲାହସ୍ଥିତ ଏକ ଶିବିରରେ ନିଜ ପିଲାଙ୍କ ସହ ଆଶ୍ରୟ ନେଇଛନ୍ତି ଜଣେ ବିସ୍ଥାପିତ ପାଲେଷ୍ଟିନୀୟ।

## ବାତ୍ୟା ଚିଡୋ ପ୍ରଭାବ: ଫ୍ରାନ୍ସରେ ୧୪ ମୃତ

ପ୍ୟାରିସ୍, ୧୫।୧୨

ବାତ୍ୟା ଚିଡୋ ଯୋଗୁ ଫ୍ରାନ୍ସର ମାୟୋଟେ ଦ୍ୱୀପପୁଞ୍ଜରେ ରବିବାର ୧୪ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ମାୟୋଟେର ରାଜଧାନୀ 'ମାମ୍‌ଦଜୋ'ର ଅନେକ ହସ୍ପିଟାଲ ଓ ସ୍କୁଲ କ୍ଷତିଗ୍ରସ୍ତ ହୋଇଛି। ସେହିପରି ମାମ୍‌ଦଜୋ'ରେ ଥିବା ବିମାନ ବନ୍ଦର ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବାତ୍ୟା ଯୋଗୁ ମାୟୋଟେରେ ଫସି ରହିଥିବା ଲୋକଙ୍କୁ ରେସ୍କ୍ୟୁ ଟିମ୍ ହେଲିକପ୍ଟର ଯୋଗେ ରିଲିଫ୍ ସାମଗ୍ରୀ ପ୍ରଦାନ କରୁଛନ୍ତି। ଗତ ୯୦ ବର୍ଷ ମଧ୍ୟରେ ମାୟୋଟେ ସାମ୍ନା କରିଥିବା ଏହା ସବୁଠୁ ଭୀଷଣ ବାତ୍ୟା ବୋଲି ସ୍ଥାନୀୟ ଅଧିକାରୀ କହିଛନ୍ତି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଜୁଳି ସେବା ଓ ପିଇବାପାଣି ସେବା ବ୍ୟାହତ ହୋଇଛି। ସେହିପରି ମାମ୍‌ଦଜୋ'ର ବିଭିନ୍ନ ହସ୍ପିଟାଲରେ ବାତ୍ୟା ଚିଡୋର ପ୍ରଭାବରେ ଆହତ ହୋଇ ୨୪୬ ଜଣ ଚିକିତ୍ସିତ ହେଉଛନ୍ତି।

## ଡେଭିନ୍ ନ୍ୟୁନ୍ସଙ୍କୁ ଗୋଇନ୍ଦା ପରାମର୍ଶଦାତା ବାଛିଲେ ଟ୍ରମ୍ପ୍

ୱାଶିଂଟନ, ୧୫।୧୨

ଶପଥ ନେବା ପୂର୍ବରୁ ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ନିଜର ନୂତନ ଟିମ୍‌କୁ ପ୍ରସ୍ତୁତ କରୁଛନ୍ତି। ସେ ରବିବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲର ସିଇଓ ଡେଭିନ୍ ନ୍ୟୁନ୍ସଙ୍କୁ ଆମେରିକା ରାଷ୍ଟ୍ରପତିଙ୍କ ଗୋଇନ୍ଦା ପରାମର୍ଶଦାତା ବୋର୍ଡର ମୁଖ୍ୟ ଭାବେ ମନୋନୀତ କରିଛନ୍ତି। ଏହି ପରାମର୍ଶଦାତା ବୋର୍ଡ ବିଭିନ୍ନ ଗୋଇନ୍ଦା ସମ୍ବନ୍ଧିତ ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇଥାଏ। ଏହି ଅବସରରେ ଟ୍ରୁଥ୍ ସୋସିଆଲ ପ୍ଲାଟ୍‌ଫର୍ମରେ ଟ୍ରମ୍ପ୍ ଲେଖିଛନ୍ତି, ହାଉସ୍ ଇଣ୍ଟେଲିଜେନ୍ସ କମିଟିର ପୂର୍ବ ଅଧ୍ୟକ୍ଷ ଭାବେ ପୂର୍ବରୁ ଡେଭିନ୍‌ଙ୍କର ଅନୁଭବ ରହିଛି। ସେ ଏହି ଦାୟିତ୍ୱକୁ ନିଶ୍ଚିତ ଭାବେ ସୁଚାରୁରୂପେ ତୁଲାଇବେ।

## ମାଓବାଦୀ ଅସ୍ତ୍ର ତ୍ୟାଗ ନ କଲେ କଠୋର କାର୍ଯ୍ୟାନୁଷ୍ଠାନ: ଶାହା

ଜଗଦଲପୁର,୧୫।୧୨

ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ତ୍ୟାଗକରି ଆତ୍ମସମର୍ପଣ କରିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ନିବେଦନ କରିଛନ୍ତି। ଆତ୍ମସମର୍ପଣ ପରେ ସେମାନଙ୍କ ଥଇଥାନ ସରକାରଙ୍କ ଦାୟିତ୍ୱ ବୋଲି ଶାହା ରବିବାର ଛତିଶଗଡ଼ର ବସ୍ତର ଜିଲା ଅନ୍ତର୍ଗତ ଜଗଦଲପୁରଠାରେ ଏକ କ୍ରୀଡ଼ା କାର୍ଯ୍ୟକ୍ରମରେ କହିଛନ୍ତି। ଯଦି ମାଓବାଦୀମାନେ ଅସ୍ତ୍ର ତ୍ୟାଗକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ନ ହୁଅନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶ ମାଓବାଦୀମୁକ୍ତ ହେବ ବୋଲି ସେ ପୁନର୍ବାର ଦୋହରାଇଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂକଳ୍ପ ନେଇଥିବାରୁ ତାହା ପୂରଣ କରିବାକୁ ଛତିଶଗଡ଼ ପୋଲିସ ପ୍ରତିଶ୍ରୁତିବଦ୍ଧ। ଛତିଶଗଡ଼ ସରକାରଙ୍କ ପୁନର୍ବାସନ ନୀତି ସବୁଠୁ ଭଲ ବୋଲି ଶାହା କହିଛନ୍ତି।

## ସମ୍ପର୍କୀୟ ଭାଇଙ୍କୁ ପ୍ରେମ, ବିବାହର ୪ ଦିନ ପରେ ସ୍ୱାମୀଙ୍କୁ ହତ୍ୟା



ଭାବିକ ଓ ପାୟଲ

ଗାନ୍ଧୀନଗର, ୧୫।୧୨

ଗୁଜରାଟରୁ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମନାକୁ ଆସିଛି। ଗାନ୍ଧୀନଗରରେ ପାୟଲ ନାମ୍ନୀ ଜଣେ ଯୁବତୀ ବିବାହର ୪ ଦିନ ପରେ ନିଜ ସ୍ୱାମୀ ଭାବିକଙ୍କୁ ହତ୍ୟା କରିଛନ୍ତି। ଗତ ୧୦ରେ ଅହମଦାବାଦ ନିବାସୀ ଭାବିକ ଓ ଗାନ୍ଧୀନଗର ନିବାସୀ ପାୟଲଙ୍କର ବିବାହ ହୋଇଥିଲା। ପାୟଲ ତାଙ୍କ ସମ୍ପର୍କୀୟ ଭାଇ କଳ୍ପେଶଙ୍କୁ ଦୀର୍ଘ ଦିନ ଧରି ପ୍ରେମ କରି ଆସୁଥିଲେ ମଧ୍ୟ ପରିବାର ଲୋକଙ୍କ କଥାରେ ଭାବିକଙ୍କୁ ବିବାହ କରିଥିଲେ। ତେବେ ଶନିବାର ଭାବିକ ପାୟଲଙ୍କୁ ଆଣିବା ପାଇଁ ଗାନ୍ଧୀନଗରସ୍ଥିତ ନିଜ ଶ୍ୱଶୁର ଘରକୁ ଯାଇଥିଲେ। ତେବେ ପାୟଲଙ୍କୁ ନେଇ ଭାବିକ ଘରକୁ ନ ଫେରିବାରୁ ଶନିବାର ରାତିରେ ଭାବିକଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପାୟଲଙ୍କୁ ନ ନେଇ ଭାବିକ ଚାଲି ଯାଇଥିବା କଥା ପାୟଲଙ୍କ ପରିବାର ଲୋକେ ପୋଲିସକୁ କହିଥିଲେ। ତେବେ ବିବାହ ମାତ୍ର ୪ ଦିନ ତଳେ ହୋଇଥିବାରୁ ପୋଲିସ ପାୟଲଙ୍କ ଉପରେ ସନ୍ଦେହ କରି ତାଙ୍କୁ ପଚରାଉଚରା କରିଥିଲା। ପୋଲିସର ଚାପରେ ପାୟଲ ନିଜ ଦୋଷ ସ୍ୱୀକାର କରିଥିଲେ। ତାଙ୍କ ପ୍ରରୋଚନାରେ ସମ୍ପର୍କୀୟ ଭାଇ କଳ୍ପେଶ ଓ ୨ ସହଯୋଗୀ ଭାବିକଙ୍କୁ ଅପହରଣ କରି ହତ୍ୟା କରିଥିବା ପାୟଲ କହିଥିଲେ। ଘଟଣାକୁ ନେଇ ରବିବାର ଗାନ୍ଧୀନଗର ପୋଲିସ ପାୟଲ, କଳ୍ପେଶ ଓ ତାଙ୍କ ୨ ସହଯୋଗୀଙ୍କୁ ଗିରଫ କରିଛି। ଅପହରଣ କରିବା ପରେ କଳ୍ପେଶ ଓ ୨ ସହଯୋଗୀ ଭାବିକଙ୍କୁ ଗଳା ଚିପି ହତ୍ୟା କରିଥିବା ପୋଲିସ କହିଛି।

## ଅତୁଲ ସୁଭାଷଙ୍କ ସ୍ତ୍ରୀ, ଶାଶୁ, ଶାଳକ ଗିରଫ

ବେଙ୍ଗାଲୁରୁ,୧୫।୧୨

ବେଙ୍ଗାଲୁରୁର ୩୪ ବର୍ଷୀୟ ପ୍ରଯୁକ୍ତି ବିଶେଷଜ୍ଞ ଅତୁଲ ସୁଭାଷଙ୍କୁ ଆତ୍ମହତ୍ୟା ପାଇଁ ବାଧ୍ୟ କରିଥିବା ଅଭିଯୋଗରେ ତାଙ୍କଠାରୁ ଦୂରେଇ ଯାଇଥିବା ସ୍ତ୍ରୀ ନିକିତା ସିଂଘାନିଆ, ତାଙ୍କ ମାଆ ନିଶା ଏବଂ ଭାଇ ଅନୁରାଗଙ୍କୁ ପୋଲିସ ଶନିବାର ଗିରଫ କରିଛି। ନିକିତା ଏବଂ ତାଙ୍କ ପରିବାର ସଦସ୍ୟ ନିର୍ଯାତନା ଦେବା ସହ ଅର୍ଥ ଶୋଷଣ କରୁଥିବାରୁ ଏଥିରେ ଅତିଷ୍ଠ ହୋଇ ଅତୁଲ ଆତ୍ମହତ୍ୟା କରିଥିଲେ। ସେ ଛାଡ଼ିଯାଇଥିବା ସୁଇସାଇଡ୍ ନୋଟ୍ ଏବଂ ଆତ୍ମହତ୍ୟା ପୂର୍ବରୁ ଇମେଲ୍ ଏବଂ ହ୍ୱାଟ୍ସଆପ୍ ଜରିଆରେ ସମ୍ପର୍କୀୟମାନଙ୍କ ପାଖକୁ ପଠାଇଥିବା ୮୦ ମିନିଟ୍‌ର ଭିଡିଓରେ କ'ଣ ପାଇଁ ଏଭଳି ଚରମ ପଦକ୍ଷେପ ନେଉଛନ୍ତି, ତାହା ସ୍ପଷ୍ଟ କରିଥିଲେ। ପୋଲିସ ଗୁରୁଗ୍ରାମରୁ ନିକିତାଙ୍କୁ ଗିରଫ କରିଥିବାବେଳେ ତାଙ୍କ ମାଆ ଓ ଭାଇଙ୍କୁ ପ୍ରୟାଗରାଜରୁ ଧରିବା ପରେ ବେଙ୍ଗାଲୁରୁ ଆଣିଛି। ଅନ୍ୟତମ ଅଭିଯୁକ୍ତ ନିକିତାଙ୍କ ଦାଦା ସୁଶୀଲ ଫେରାର ଅଛନ୍ତି।



ଅତୁଲ ସୁଭାଷଙ୍କ ସ୍ତ୍ରୀ ନିକିତା (ମଝି), ଶାଶୁ ନିଶା ଓ ଶାଳକ ଅନୁରାଗଙ୍କୁ ଗିରଫ କରାଯାଇଛି।

ନିକିତାଙ୍କ ସମେତ ତାଙ୍କ ମାଆ ଓ ଭାଇ ଗିରଫ ହୋଇଥିବାବେଳେ ଅତୁଲଙ୍କ ବାପା ପଓ୍ୱନ କୁମାର ମୋଦି ତାଙ୍କ ନାତିଙ୍କ ସମ୍ପର୍କରେ ଚିନ୍ତାବ୍ୟକ୍ତ କରିଛନ୍ତି। ସେମାନେ ନାତିକୁ କେଉଁଠି ରଖିଛନ୍ତି, ତାହା ଆମେ ଜାଣିନୁ। ଏପରିକି ସେ ଜୀବିତ କି ମାରିଦିଆଯାଇଛି ତାକୁ ନେଇ ପଓ୍ୱନ ସନ୍ଦେହ ପ୍ରକାଶ କରିଛନ୍ତି। ଆମେ ନାତିକୁ ଫେରିପାଇବା ଚାହୁଁ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

ଅତୁଲ ଆତ୍ମହତ୍ୟା କରିବାର ପାଖାପାଖି ସପ୍ତାହେ ମଧ୍ୟରେ ତାଙ୍କ ଗୁଗଲ ଡ୍ରାଇଭ୍‌ରୁ ଅନେକ ଫାଇଲ୍ ଲିଙ୍କ୍ ରହସ୍ୟଜନକ ଭାବେ ଗାଏବ ହୋଇଯାଇଛି। ସେଥିରେ ୨୪ ପୃଷ୍ଠାର ସୁଇସାଇଡ୍ ନୋଟ୍ ଏବଂ ଟୁ ମାଇଁ ଲର୍ଡସ୍ ସମ୍ବୋଧନରେ ଲେଖାଯାଇଥିବା ଏକ ପତ୍ର ଥିଲା, ଯେଉଁଥିରେ ନ୍ୟାୟ ବ୍ୟବସ୍ଥାକୁ ସମାଲୋଚନା କରାଯାଇଥିଲା। ମାମଲାର କେତେକ ତଥ୍ୟକୁ ଚାପିଦେବା ଉଦ୍ଦେଶ୍ୟରେ ଏଭଳି କରାଯାଇଥିବା ସୋସିଆଲ ମିଡିଆ ୟୁଜରମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

### ଫୁର୍‌ସତ୍

## ସମୟ ସହ ରାଜନୀତି ଶିଖୁଛି



ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ତଥା ମଣ୍ଡି ଏମ୍‌ପି କଙ୍ଗନା ରାଣାୱତ ରବିବାର ଏକ ସାକ୍ଷାତ୍କାର ଦେଇ ଚଳିତ ବର୍ଷ ରାଜନୀତିରେ ତାଙ୍କ ଅନୁଭୂତିକୁ ବଖାଣିଛନ୍ତି। ସେ କହିଛନ୍ତି, ଫିଲ୍ମଠାରୁ ରାଜନୀତି ସମ୍ପୂର୍ଣ୍ଣ ଅଲଗା। ରାଜନୀତିରେ ନେତାମାନଙ୍କୁ କୌଣସି ସ୍କ୍ରିପ୍ଟ ମିଳି ନ ଥାଏ। ସେହିପରି ରାଜନୀତିରେ ପରାମର୍ଶ ଦେବା ପାଇଁ କୌଣସି ନିର୍ଦ୍ଦେଶକ ମଧ୍ୟ ନ ଥାନ୍ତି। ଏଠାରେ ସମୟ ସହ ସବୁକିଛି ଶିଖିବାକୁ ପଡ଼ିଥାଏ। ତେଣୁ ଜଣେ ନବାଗତ ରାଜନେତା ଭାବରେ ସମୟ ସହ ଧୀରେ ଧୀରେ ରାଜନୀତି ଶିଖୁଛି ବୋଲି କଙ୍ଗନା କହିଛନ୍ତି।

## ଏପ୍ରିଲ ୧୮ରେ 'ଘାଟି'

ହାଇଦ୍ରାବାଦ

'ବାହୁବଲୀ' ଚଳଚ୍ଚିତ୍ରରେ ଦେବସେନା ଭୂମିକାରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ରାଜ୍ କରିଥିବା ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଅନୁଷ୍କା ଶେଟ୍ଟୀଙ୍କୁ ଆଗାମୀ ଦିନରେ 'ଘାଟି' ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ରବିବାର ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏହି ଆକ୍ସନ କ୍ରାଇମ୍ ଡ୍ରାମା ଫିଲ୍ମର ଏକ ପୋଷ୍ଟର ରିଲିଜ୍ କରାଯାଇ ଫିଲ୍ମର ରିଲିଜ୍ ତାରିଖ ଉପରୁ ପରଦା ଉଠାଯାଇଛି।

ଅନୁଷ୍କାଙ୍କ ଆଗାମୀ ଚଳଚ୍ଚିତ୍ର 'ଘାଟି' ଆସନ୍ତା ବର୍ଷ ଏପ୍ରିଲ ୧୮ରେ ରିଲିଜ୍ ହେବ। ଅନୁଷ୍କା କିପରି ଜଣେ ପୀଡିତା ମହିଳାରୁ ଏକ ଆପରାଧିକ ଗ୍ୟାଙ୍ଗ୍‌ର ମାଷ୍ଟର ମାଇଣ୍ଡ ଭାବେ ପରିଣତ ହେଉଛନ୍ତି, ତାହାକୁ ନେଇ ଏହି ଫିଲ୍ମର କାହାଣୀ ଗତି କରିଛି। ଚଳଚ୍ଚିତ୍ରରେ ଅନୁଷ୍କା ଶତ୍ରୁମାନଙ୍କର ସଂହାର କରୁଥିବା ନଜରକୁ ଆସିବେ। ଫିଲ୍ମରେ ଅନୁଷ୍କାଙ୍କର ଅନେକ ଆକ୍ସନ ଦୃଶ୍ୟ ଦେଖିବାକୁ ମିଳିବ। କ୍ରିଶ୍ ଜଗରଲାମୁଦିଙ୍କ ନିର୍ଦ୍ଦେଶନା ଏବଂ ରାଜୀବ ରେଡ୍ଡୀ ଓ ସାଇ ବାବୁ ଜଗରଲାମୁଦିଙ୍କ ପ୍ରଯୋଜନାରେ ହେବାକୁ ଥିବା ଏହି ଫିଲ୍ମରେ ଅଭିନେତ୍ରୀ ରମ୍ୟା କ୍ରିଷ୍ଣନ ଓ ଅଭିନେତା ଜଗପଥି ବାବୁ ମଧ୍ୟ ନଜରକୁ ଆସିବେ। ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଜାରି ପୋଷ୍ଟରରେ ଅନୁଷ୍କା ଛୁରି ଧରିଥିବା ସହ ତାଙ୍କ ମୁହଁରେ ରକ୍ତଛିଟା ଲାଗିଥିବା ଦେଖିବାକୁ ମିଳିଛି। ଏହି ପୋଷ୍ଟ'ର କ୍ୟାପ୍‌ଶନରେ ଲେଖାଯାଇଛି, କୁଇନ୍ ଅନୁଷ୍କା ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ସହ ବକ୍ସ ଅଫିସରେ ପୁଣି ଥରେ ରାଜ୍ କରିବାକୁ ଯାଉଛନ୍ତି। 'ଘାଟି' ଫିଲ୍ମ ତେଲୁଗୁ, ତାମିଲ, କନ୍ନଡ, ମାଲୟାଲମ ଓ ହିନ୍ଦୀ ଭାଷାରେ ରିଲିଜ୍ ହେବ। ଫିଲ୍ମର ରିଲିଜ୍ ତାରିଖ ସାମ୍ନାକୁ ଆସିବା ପରେ ଅନୁଷ୍କାଙ୍କ ଆକ୍ସନ ଅବତାର ଦେଖିବାକୁ ତାଙ୍କ ପ୍ରଶଂସକମାନେ ଉତ୍ସାହର ସହ ଅନାଇ ବସିଛନ୍ତି।



ଅନୁଷ୍କା ଶେଟ୍ଟୀ

**କୁମ୍ଭୀର ଗଣନା ପାଇଁ ଜାନୁଆରୀ ୧୪ରୁ ଭିତରକନିକା ବନ୍ଦ**

ରାଜନଗର, ୧୫।୧୨(ଭାସ୍କର ରାଉତରାୟ): ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀନାଳରେ ବସବାସ କରୁଥିବା ବଉଳା କୁମ୍ଭୀରମାନଙ୍କ ଗଣନା କାର୍ଯ୍ୟ ଆସନ୍ତା ଜାନୁଆରୀ ୧୪ରୁ ଆରମ୍ଭ ହୋଇ ୨୨ ତାରିଖରେ ଶେଷ ହେବ। ଏଥିପାଇଁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ଏହି ସମୟରେ ପରିଭ୍ରମଣ ପାଇଁ ନିଷିଦ୍ଧ କରାଯାଇଛି। ବଉଳା କୁମ୍ଭୀର ବିଶାରଦ ଡ. ସୁଧାକର କର, ରାଜନଗର ଡିଏଫ୍ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗଣନା କାର୍ଯ୍ୟ କରାଯିବ। ସୂଚନାଯୋଗ୍ୟ, ଜାତୀୟ ଉଦ୍ୟାନରେ ପ୍ରବାହିତ ନାଳ ଏବଂ ନଦୀକୁ ସଂଯୋଗ କରୁଥିବା ସ୍ଥାନଗୁଡ଼ିକରେ ବଉଳା କୁମ୍ଭୀରଙ୍କ ଗଣନା କରାଯିବ।





ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା 'ଶ୍ରୀନୃତ୍ୟୋତ୍ସବ'ର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ବିକାଶ ନାୟକ)

# ୧ ଲକ୍ଷ କ୍ଷତିପୂରଣ ଦେବ ଏୟାର ଇଣ୍ଡିଆ

## ବିମାନସେବାରେ ତ୍ରୁଟି

କଟକ,୧୫।୧୨(କାର୍ତ୍ତିକ ସାହୁ)

ବିମାନସେବା ଯୋଗାଉଥିବା ଏୟାର ଇଣ୍ଡିଆକୁ କଟକ ଖାଉଟି ଅଦାଲତ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଆଦେଶ ଦେଇଛନ୍ତି। ଏଥିସହ ମାମଲା ପରିଚାଳନା ଖର୍ଚ୍ଚ ବାବଦକୁ ୨୦ ହଜାର ଟଙ୍କା ମଧ୍ୟ ଏୟାର ଇଣ୍ଡିଆ ପ୍ରଦାନ କରିବ। ଉପଯୁକ୍ତ ଦେୟ ପ୍ରଦାନ କରି ବି ଯାତ୍ରୀଙ୍କୁ ଆବଶ୍ୟକ ବିମାନସେବା ମିଳିଲାନି। ତ୍ରୁଟିପୂର୍ଣ୍ଣ ସେବା ଯୋଗୁ ମାନସିକ ତଥା ଶାରୀରିକ ଯନ୍ତ୍ରଣା ପାଇଥିବା ଜଣେ ଯାତ୍ରୀଙ୍କ ମାମଲାର ବିଚାର କରି ଖାଉଟି ଅଦାଲତ ଏହି ରାୟ ପ୍ରଦାନ କରିଛନ୍ତି। ଆସନ୍ତା ୩୦ ଦିନ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁସାରେ, କଟକ ବିଡ଼ାନାସୀ ଥାନା ମଠସାହି ଅଞ୍ଚଳର ବିମଳ ପ୍ରସାଦ ଶର୍ମା ଆମେରିକାରେ ରହୁଥିବା ତାଙ୍କ ପୁଅବୋହୂଙ୍କ ନିକଟକୁ ବିମାନ ଯାତ୍ରା କରିଥିଲେ। ୨୦୨୩ ଜୁନ୍ ୨୬ ତାରିଖରେ ଆମେରିକାର ଜେଏଫ୍‌କେ ବିମାନବନ୍ଦରରୁ ଫେରିବାର ଥିଲା। ସେ ଏୟାର ଇଣ୍ଡିଆ ବିମାନରେ ଯାତ୍ରା ପାଇଁ ଏକ ଟିକେଟ କାଟିଥିଲେ। ସେଥିରେ ଗୋଡ଼ ରଖିବାକୁ ଅତିରିକ୍ତ ଜାଗା ମିଳିବା ପାଇଁ ସେ ଅଧିକ ୨୦୦୦ ଟଙ୍କା ଦେଇ ନିଜ ପସନ୍ଦର ଏକ ସିଟ୍ ଅନ୍‌ଲାଇନ୍‌ରେ ବୁକ୍ କରିଥିଲେ। ମାତ୍ର ସେ ଉକ୍ତ ଦିନ ବିମାନବନ୍ଦରର ବୁକିଂ କାଉଣ୍ଟରରେ ପହଞ୍ଚିବା କ୍ଷଣି ସେଠାରେ ଥିବା ସହାୟକ ତାଙ୍କୁ ଏକ ହୁଇଲ ଚେୟାର ନେବାକୁ ପ୍ରବର୍ତ୍ତାଇଥିଲେ। ସେ ମନା କରିଥିଲେ ମଧ୍ୟ ସହାୟକ ଜଣଙ୍କ ବାରମ୍ବାର ତାଙ୍କୁ ସେହି ଏକା କଥା କହିଥିଲେ। ତେବେ ନିଜର ଅନିଚ୍ଛା ସତ୍ତ୍ୱେ ହୁଇଲ ଚେୟାରଟିକୁ ନେବାକୁ ସେ ବାଧ୍ୟ ହୋଇଥିଲେ। ବିମାନରେ ବସିବାକୁ ଯିବାବେଳେ ଚେକିଂ ଅଫିସର ତାଙ୍କୁ ୧୦ ମିନିଟ୍ ଅଟକାଇଥିଲେ। ପରେ ଅଫିସର ଜଣଙ୍କ ତାଙ୍କୁ ଇସ୍ୟୁ ହୋଇଥିବା ସିଟ୍ ନମ୍ବର ବଦଳାଇ ଅନ୍ୟ ଏକ ବୋର୍ଡିଂ ପାସ୍ ଦେଇଥିଲେ। ସେ ଏହାର ପ୍ରତିବାଦ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଫଳରେ ସେ ବାଧ୍ୟହୋଇ ସେହି ସିଟ୍‌ରେ ବସିଥିଲେ। ମାତ୍ର ସେ ଗୋଡ଼ ରଖିବାକୁ ଅତିରିକ୍ତ ସ୍ଥାନ ପାଇଁ ୨୦୦୦ ଟଙ୍କା ଦେଇଥିଲେ ମଧ୍ୟ ସେହି ସୁବିଧା ନୂତନ ସିଟ୍‌ରେ ନ ଥିଲା। ତେଣୁ ସେ ବହୁତ ଶାରୀରିକ ଓ ମାନସିକ ଯନ୍ତ୍ରଣା ପାଇ ବିମାନ ଯାତ୍ରା କରିଥିଲେ। ଏନେଇ ଶର୍ମା କଟକ ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଶାରୀରିକ ଅସୁସ୍ଥତା ପାଇଁ ୨ ଲକ୍ଷ, କ୍ଷତିପୂରଣ ବାବଦରେ ୧ ଲକ୍ଷ ଓ ଅଦାଲତି ଖର୍ଚ୍ଚ ବାବଦ ୨ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଆଦେଶ ଦେବାକୁ ପ୍ରାର୍ଥନା କରିଥିଲେ। ଅଦାଲତ ତାଙ୍କ ଆବେଦନର ବିଚାର କରି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁଜିତ କୁମାର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।

# ଶ୍ରୀମନ୍ଦିରରେ ଆଜିଠୁ ପହିଲି ଭୋଗ ନୀତି

## ରାତ୍ର ୨ଟାରେ ଖୋଲିବ ଦ୍ୱାର

ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)

ଧନୁ ସଂକ୍ରାନ୍ତିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲିଭୋଗ ନୀତି ଅନୁଷ୍ଠିତ ହେବ। ଏହି ପହିଲି ଭୋଗ ନୀତି ଧନୁସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଦୀର୍ଘ ୧ ମାସ ଧରି ଚାଲିବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ପହିଲି ଭୋଗରେ ମହାପ୍ରଭୁଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନ, ବଡ଼ଖିଲି, ଝିଲି, ବଡ଼ବଡ଼ା, କାକରା, ଅମାଲୁ, ଏଣ୍ଡୁରି, ଲଡ୍ଡୁ ଓ ଖଇର ଚୁଳ ପରି ବିଭିନ୍ନ ଭୋଗ ଲାଗି କରାଯିବ। ପ୍ରତ୍ୟେକ ଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତର ଶୋଧ, ମହାପ୍ରଭୁଙ୍କ ମଙ୍ଗଳ ଆଳତି, ତଡପଲାଗି, ଅବକାଶ, ବେଶ ଶେଷ ପରେ ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଏ। ପହିଲି ଭୋଗ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି।

ଚଳିତ ମାସ ୧୬ ତାରିଖରୁ ଜାନୁଆରୀ ୧୩ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ଅନୁଷ୍ଠିତ ହେବ। ସେଥିପାଇଁ ରାତ୍ର ୨ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତରଶୋଧ କରାଯିବ। ମଙ୍ଗଳ ଆଳତି ୩ଟା, ରୋଷହୋମ ୩ଟା, ମଇଲମ ଓ ତଡ଼ପ ଲାଗି ୩ଟା ୩୦, ଅବକାଶ ୪ଟା, ସୂର୍ଯ୍ୟପୂଜା ୪ଟା ୪୫, ଦ୍ୱାରପାଳ ପୂଜା ୫ଟା, ବେଶ ଶେଷ ୫ଟା, ପହିଲି ଭୋଗ ଓ ଗୋପାଳବଲ୍ଲଭ ୫ଟା ୩୦ରୁ ୬ଟା, ସକାଳ ଧୂପ (କେବଳ କୋଠଭୋଗ) ୬ଟା ୩୦ରୁ ୮ଟା, ମଇଲମ ଓ ବେଶ ୮ଟା ୨୦ରୁ ୯ଟା, ଭୋଗମଣ୍ଡପ ୭ଟା ୪୫ରୁ ୯ଟା, ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ) ୧୦ରୁ ୧୧ଟା ୩୦, ଦ୍ୱିତୀୟ ଭୋଗମଣ୍ଡପ ୧୧ଟା ୧୫ରୁ ୧ଟା ୩୦, ଦକ୍ଷିଣୀଘର ଭୋଗ ଶେଷ ୧୨ଟା, ଦିବା ପହୁଡ଼ ୨ଟାରେ ହେବ। ସେହିପରି ଦ୍ୱାରଫିଟା ୪ଟା ୩୦, ସନ୍ଧ୍ୟା ଆଳତି ୫ଟା, ମଇଲମ ଓ ବେଶ ଅପରାହ୍ନ ୫ଟାରୁ ୬ଟା, ସନ୍ଧ୍ୟାଧୂପ ୬ଟା ୩୦ରୁ ୮ଟା, ମଇଲମ ୮ଟା ୩୦, ଚନ୍ଦନ ଲାଗି ୯ଟା, ବଡ଼ସିଂହାର ବେଶ ୧୦ଟା, ଭୋଗ ୧୦ଟା ୩୦, ଟୋପରଲାଗି ୧୦ଟା ୪୫ ଏବଂ ରାତ୍ର ପହୁଡ଼ ରାତ୍ର ୧୧ଟାରେ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ସହ ପୁରୀରେ ଥିବା ଦେବଦେବୀ ଏବଂ ବିଭିନ୍ନ ଯାଗା ଆଖଡ଼ା ପରିସରରେ ମଧ୍ୟ ପହିଲି ଭୋଗ ଆରମ୍ଭ ହେବ।

# ତାରକା ହୋଟେଲ ଜିଏମ୍‌ଙ୍କୁ ସିବିଆଇ ଜେରା

## ଲାଞ୍ଚ କାରବାର ବେଳେ ଦାମୀ କାର୍‌ରୁ ୧୦ ଲକ୍ଷ ଜବତ ଘଟଣା

ଭୁବନେଶ୍ୱର,୧୫।୧୨
(ସତ୍ୟଜିତ୍ ରାଉତ)

■ ବ୍ରିଜ୍ ଆଣ୍ଡ୍ ରୁଫ୍ କର୍ପୋରେଶନ(ଇଣ୍ଡିଆ) ଲିଃ ଅଫିସରେ ପୁଣି ରେଡ୍
■ ଦେବଦତ୍ତଙ୍କ ଅଫିସ କର୍ମଚାରୀଙ୍କୁ ଜେରା

ଭୁବନେଶ୍ୱରରେ ଲାଞ୍ଚ କାରବାର ବେଳେ ଦାମୀ କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅଧିକ ଖୋଳତାଡ଼ ଜାରି ରଖିଛି। ଏହି ମାମଲାରେ ଗିରଫ ହୋଇଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ରିଜ୍ ଆଣ୍ଡ୍ ରୁଫ୍ କର୍ପୋରେଶନ(ଇଣ୍ଡିଆ) ଲିଃର ଗ୍ରୁପ୍ ଜେନେରାଲ ମ୍ୟାନେଜର (ଜିଜିଏମ୍) ଚଞ୍ଚଳ ମୁଖାର୍ଜୀଙ୍କ ଲିଙ୍କ୍‌ରେ ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ବିବାଦରେ ଫଶିଥିବାରୁ ଘଟଣା ଭିନ୍ନ ମୋଡ଼ ନେଇଛି। ଏଯାଏ ବିଷ୍ଣୁପଦ ବ୍ୟକ୍ତିଗତ ଭାବେ ସିବିଆଇ ନିକଟରେ ହାଜର ହୋଇ ନ ଥିଲେ ମଧ୍ୟ ରବିବାର ସିବିଆଇ ଟିମ୍ ଜୟଦେବବିହାରସ୍ଥିତ ତାରକା ହୋଟେଲର ଜେନେରାଲ ମ୍ୟାନେଜର (ଜିଏମ୍)ଙ୍କୁ ଜେରା କରିଛି। ଡିସେମ୍ବର ୭ ରାତିରେ ଉକ୍ତ ତାରକା ହୋଟେଲ ସମ୍ମୁଖ ରାସ୍ତାରେ ଲାଞ୍ଚ କାରବାର ହେଉଥିବାବେଳେ ସିବିଆଇ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ସିସିଟିଭି ଫୁଟେଜ ଆଧାରରେ ସିବିଆଇ ଉକ୍ତ ହୋଟେଲର ଜିଏମ୍‌ଙ୍କୁ ଡାକି ଜେରା କରି ଅଧିକ ତଥ୍ୟ ହାସଲ କରିଛି। କେଉଁମାନେ ହୋଟେଲକୁ ଯାଇଥିଲେ, ଏହି ଲାଞ୍ଚ କାରବାର ବିଷୟରେ ସେ ଜାଣିଛନ୍ତି କି ନାହିଁ ଆଦି ଦିଗକୁ ନେଇ ସିବିଆଇ ତାଙ୍କୁ ପ୍ରଶ୍ନ କରିଥିବା ଜଣାପଡିଛି। ସେପଟେ ବ୍ରିଜ୍ ଆଣ୍ଡ୍ ରୁଫ୍ କର୍ପୋରେଶନ(ଇଣ୍ଡିଆ) ଲିଃ ଅଫିସରେ ସିବିଆଇ ପୁଣି ଚଢ଼ାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ଅପରପକ୍ଷରେ ଅନ୍ୟତମ ଗିରଫ ଅଭିଯୁକ୍ତ ତଥା ଲାଞ୍ଚ କାରବାରର ମଧ୍ୟସ୍ଥ କୁହାଯାଉଥିବା ଦେବଦତ୍ତ ମହାପାତ୍ରଙ୍କ ଅଫିସ୍‌ର ଜଣେ ମହିଳା କର୍ମଚାରୀଙ୍କୁ ଡାକି ସିବିଆଇ ଜେରା କରି ଅଧିକ ତଥ୍ୟ ହାସଲ କରିଛି। ଉକ୍ତଦିନ ଏହି ମହିଳା ଜଣକ ଦେବଦତ୍ତଙ୍କ ସହ ଦାମୀ କାର୍‌ରେ ଥିଲେ ବୋଲି ଜଣାପଡ଼ିବାରୁ ସିବିଆଇ ଗୁରୁତ୍ୱର ସହ ନେଇ ତନାଘନା ଚଳାଇଛି। ତେବେ ଏହା ଭିତରେ ଜିଜିଏମ୍ ଚଞ୍ଚଳଙ୍କ ଓକିଲ ସିବିଆଇ ଅଫିସକୁ ଆସି ଗଣମାଧ୍ୟମରେ ବୟାନ ଦେଇଛନ୍ତି। ଓକିଲ ରାଜେଶ ମିଶ୍ର କହିଛନ୍ତି, ଚଞ୍ଚଳଙ୍କ ଦେହ ଭଲ ନ ଥିବାରୁ କିଛି କଥାବାର୍ତ୍ତା ହୋଇନାହିଁ। ସୋମବାର ଚଞ୍ଚଳଙ୍କ ପାଇଁ ବେଲ୍ ଫାଇଲ୍ କରିବେ ବୋଲି ସେ କହିଛନ୍ତି। ତେବେ ଏହା ଭିତରେ ୩ ଅଭିଯୁକ୍ତଙ୍କ ୫ଦିନିଆ ରିମାଣ୍ଡ ଅବଧି ସୋମବାର ସରୁଛି। ସିବିଆଇ ସେମାନଙ୍କୁ ଘନଘନ ଜେରା କରି ଅଧିକ ତଥ୍ୟ ହାସଲ କରୁଛି। ଅଭିଯୁକ୍ତମାନଙ୍କୁ ସିବିଆଇ କୋର୍ଟରେ ହାଜର କରି ଆଉ କିଛିଦିନ ରିମାଣ୍ଡ ପାଇଁ ଆବେଦନ କରିବ ବୋଲି ସୂଚନା ମିଳିଛି।

### ବିଷ୍ଣୁପଦଙ୍କ ନାଁରେ ଅଭିଯୋଗ ଆଣିଲା ଠିକାଦାର ମହାସଂଘ

ବ୍ରିଜ୍ ଆଣ୍ଡ୍ ରୁଫ୍ କର୍ପୋରେଶନ (ଇଣ୍ଡିଆ) ଲିଃ ସହ ଏକାଧିକ କେନ୍ଦ୍ରୀୟ ସଂସ୍ଥାକୁ ଅନୁଗ୍ରହ ଦେଖାଇ ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ କାମ ଦେଇଥିବା ଅଭିଯୋଗ ହୋଇଛି। ଓଡ଼ିଶା ଠିକାଦର ମହାସଂଘ ସଭାପତି ପ୍ରଭାତ ଦାସ ଅଭିଯୋଗ ଆଣି କହିଛନ୍ତି, ଓଡ଼ିଆ ଠିକାଦାରଙ୍କୁ କାମ ନ ଦେଇ ରାଷ୍ଟ୍ରୀୟ ଉଦ୍ୟୋଗଗୁଡ଼ିକୁ କାମ ଦେଇଛନ୍ତି। ସେମାନଙ୍କ ଜରିଆରେ ବ୍ୟାପକ ଟଙ୍କା କାରବାର ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ ନେଇ ବିଷ୍ଣୁପଦଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ହାଲୁକା ବର୍ଷା, ଶୀତ ଲହରି

ଭୁବନେଶ୍ୱର,୧୫।୧୨(ଅନୁରାଧା ମହାରଣା)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୋମବାର ଅବପାତର ରୂପ ନେବ। ପରବର୍ତ୍ତୀ ଦୁଇଦିନ ପର୍ଯ୍ୟନ୍ତ ଏହି ଅବପାତ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସହ ତାମିଲନାଡୁ ଉପକୂଳ ମୁହାଁ ହେବାର ସମ୍ଭାବନା ରହିଛି। ତେବେ ଲଘୁଚାପ ପ୍ରଭାବରେ ଓଡ଼ିଶାରେ କୋହଲା ପାଗ ଜାରି ରହିବ। ୧୭ରୁ ୧୯ ତାରିଖ ମଧ୍ୟରେ ଦକ୍ଷିଣ ଉପକୂଳ ଓଡିଶାରେ ବିଶେଷକରି ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି ଏବଂ କନ୍ଧମାଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ତେବେ ବର୍ଷା ପ୍ରଭାବରେ କିଛି ସ୍ଥାନରେ ପାରଦ ସ୍ୱାଭାବିକଠାରୁ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଅନ୍ୟପଟେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ରାଜ୍ୟରେ ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡି ଓ ନୂଆପଡ଼ାରେ ୩୦ ଡିଗ୍ରୀ ସେଲସିୟସ୍ ରହିଥିଲା। ରାଉରକେଲା ଓ ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୬.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ୮ ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ଥିଲା। ସୋମବାର କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ସୁନ୍ଦରଗଡ଼ରେ ହାଲୁକାରୁ ମଧ୍ୟମ ଧରଣ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଅନୁଗୋଳରେ ଶୀତ ଲହରି ନେଇ ୧୭ ତାରିଖ ପର୍ଯ୍ୟନ୍ତ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଲକ୍ଷେରୁ ଅଧିକ ନାଗରିକଙ୍କ ମତାମତ ସଂଗ୍ରହ

ଭୁବନେଶ୍ୱର,୧୫।୧୨(ଅନୁରାଧା ମହାରଣା)

## ଓଡ଼ିଶା ଭିଜନ ୨୦୩୬, ୨୦୪୭

ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ପାଇଁ ଇମେଲ, ହ୍ୱାଟ୍‌ସଆପ୍ ସହିତ ଓଡ଼ିଶା ଭିଜନ ୱେବ୍‌ସାଇଟ୍ ମାଧ୍ୟମରେ ଭାରତ ତଥା ବିଦେଶରୁ ୩ ଲକ୍ଷରୁ ଅଧିକ ନାଗରିକଙ୍କ ମତାମତ ସଂଗ୍ରହ କରାଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ୍ ବୋଲି କହିବା ସହ ଏଥିପାଇଁ ସମସ୍ତ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତରେ ପ୍ରଥମଥର ପାଇଁ ଓଡ଼ିଶା କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନାଗରିକଙ୍କ ପରାମର୍ଶକୁ ଭଲଭାବେ ସମୀକ୍ଷା ଓ ବିଶ୍ଳେଷଣ କରିବାରେ ସଫଳ ହୋଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ଚିନ୍ତାଧାରାକୁ ବିଚାରକୁ ନିଆଯାଇଛି। ଏହି ଅଭିନବ ପଦକ୍ଷେପ ନାଗରିକଙ୍କ ଦ୍ୱାରା ପରିଚାଳିତ ନୀତି ନିର୍ଦ୍ଧାରଣ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରିବାକୁ ଓଡ଼ିଶାର ପ୍ରତିବଦ୍ଧତାକୁ ସୂଚିତ କରୁଥିବା ମୁଖ୍ୟମନ୍ତ୍ରୀ ମାଝୀ ଉଲ୍ଲେଖ କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନକ ବର୍ଦ୍ଧନ ସିଂଦେଓ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି। ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହା ଏକ ଐତିହାସିକ ସହଯୋଗ ହୋଇଥିବାବେଳେ ଛାତ୍ର, ବୃତ୍ତିଗତ, ସରକାରୀ କର୍ମଚାରୀ, ସଂଗଠନ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଭିନ୍ନ ହିତାଧିକାରୀଙ୍କଠାରୁ ମତ ସଂଗ୍ରହ କରାଯାଇଛି। ୧୭ଟି ଦିଗକୁ ଦୃଷ୍ଟି ରଖି ଓଡ଼ିଶାର ସ୍ଥାୟୀ ବିକାଶ ପାଇଁ ମୂଳଦୁଆ ଗଠନ ଲାଗି ସରକାର ପଦକ୍ଷେପ ଗ୍ରହଣ କରୁଥିବା ଦର୍ଶାଯାଇଛି।

# ଭାଜପା ଜିଲା ଉପସଭାପତିଙ୍କ ଉପରେ ମାଡ଼ିଗଲା ବସ୍

ଭଦ୍ରକ/ବନ୍ତ,୧୫।୧୨
(ସନାତନ ରାଉତ/ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଗିଲୋ ଜାଗୁଲାଇପଦା ଛକରେ ରବିବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବସ୍ ମାଡ଼ିଯିବାରୁ ଜଣେ ଭାଜପା ନେତାଙ୍କ ମୃତ୍ୟୁ ଘଟିଛି। ଏଥିସହ ବସ୍‌ଟି ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଧକ୍କା ଦେଇ ନୟନଯୋରିକୁ ଓଲଟି ପଡ଼ିବାରୁ ୧୦ ଯାତ୍ରୀ ଆହତ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ଭାଜପାର ଜିଲା ଉପସଭାପତି ବନ୍ତ ବ୍ଲକ ଗିଲୋ ଗ୍ରାମର ସୁଧାକର ଧଳ(୫୯)। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ରହିଛି।

ସୂଚନା ଅନୁଯାୟୀ, 'ବାବା ଅରୂପାନନ୍ଦ' ନାମକ ବସ୍ ସକାଳ ପ୍ରାୟ ୭ରୁ ସାଢ଼େ ୭ଟା ମଧ୍ୟରେ ଭଦ୍ରକରୁ ଆନନ୍ଦପୁର ଯାଉଥିଲା। ଭଦ୍ରକରୁ ଯିବାବେଳେ ମାତ୍ର ୧୦ରୁ ୧୨ ଯାତ୍ରୀ ବସ୍‌ରେ ଥିଲେ। ଜାଗୁଲାଇପଦା ଛକ ନିକଟରେ ସୁଧାକର ନିଜ ଘର ସାମ୍ନା ରାସ୍ତାପାର୍ଶ୍ୱରେ ଅନ୍ୟ ୨ଜଣଙ୍କ ସହ ଠିଆହୋଇ କଥା ହେଉଥିବା ସମୟରେ ଦ୍ରୁତଗତିରେ ଯାଉଥିବା ବସ୍‌ଟି ରାସ୍ତାକଡ଼କୁ ମାଡ଼ିଯାଇଥିଲା। ସୁଧାକର ପଛରୁ ବସ୍ ଆସୁଥିବା ଜାଣିପାରି ନ ଥିଲେ। ବସ୍‌ଟି ତାଙ୍କ ଉପରେ ମାଡ଼ିଯାଇ ବିଦ୍ୟୁତ୍‌ଟ୍ରାନ୍ସଫର୍ମରକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ବସ୍‌ର ପଛ କାଚ ଭାଙ୍ଗି ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ଆହତମାନଙ୍କୁ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ତିହିଡ଼ିର ଆଶିଷ ରାଉତ(୨୭), ମହେନ୍ଦ୍ର ବେହେରା(୬୧), ଗଦିର ହେମଲତା ପରିଡ଼ା(୩୭) ଓ ଠାକୁରମୁଣ୍ଡାର ଅନୀତା ମାହନ୍ତ(୧୫) ଗୁରୁତର ଅଛନ୍ତି। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିଥିଲେ। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଗିଲୋ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଲୋକେ ଅପରାହ୍ନ ପର୍ଯ୍ୟନ୍ତ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ବନ୍ତ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, ବନ୍ତ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ ଓ ଆଗରପଡ଼ା ଥାନାଧିକାରୀ ଶ୍ରୀକାନ୍ତ ପତି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଭଦ୍ରକ ବସ୍ ସିଣ୍ଡିକେଟ୍‌ର କର୍ମକର୍ତ୍ତାମାନେ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିଲା। ସିଣ୍ଡିକେଟ୍‌ର ଜଣେ ସଦସ୍ୟଙ୍କ ମନ୍ତବ୍ୟକୁ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇବା ସହ ଆଲୋଚନା ବାଧାପ୍ରାପ୍ତ ହୋଇଥିଲା।



ଓଲଟି ପଡ଼ିଥିବା ବସ୍।



ସୁଧାକର ଧଳ

■ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଧକ୍କା ଦେଇ ଓଲଟିଲା, ୧୦ ଆହତ
■ କ୍ଷତିପୂରଣ ଦାବିରେ ରାସ୍ତାରୋକୋ
■ ସୋମବାର ଅପରାହ୍ନ ଯାଏ ଭଦ୍ରକ-ଆନନ୍ଦପୁର ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ

ସୋମବାର ଅପରାହ୍ନ ୪ଟାରେ ଏନେଇ ଆଲୋଚନା କରାଯିବ। ସେପର୍ଯ୍ୟନ୍ତ ଭଦ୍ରକ-ଆନନ୍ଦପୁର ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରଖାଯିବ ବୋଲି ଅଧିକାରୀମାନେ ଲିଖିତ ପ୍ରତିଶ୍ରୁତି ଦେବା ସହ ରେଡ୍‌କ୍ରସରୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କହିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏନେଇ ମୃତ ସୁଧାକରଙ୍କ ବଡ଼ଭାଇ ମନୋରଞ୍ଜନ ଧଳଙ୍କ ଏତଲାକ୍ରମେ ବନ୍ତ ଥାନାରେ ମାମଲା ରୁଜୁ କରାଯାଇଛି। ସୁଧାକର ଭାଜପାର ଜିଲା ଉପସଭାପତି ସହ ବନ୍ତ ବ୍ଲକର ପୂର୍ବତନ ସଭାପତି ଥିଲେ। ବିଧାୟକ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭାଜପା ନେତା ଡ.ସୁଧାଂଶୁ ନାୟକ, ପୂର୍ବତନ ଜିଲା ସଭାପତି ଅକ୍ଷୟ ସାହୁ, ପୂର୍ବତନ ସରପଞ୍ଚ କିଶୋର କିଙ୍କର ପଡ଼ିଆରୀ, ଲକ୍ଷ୍ମୀଧର କର, ଜୋନ୍ ଭାଜପା ସଭାପତି ଶିବାନନ୍ଦ ଦାସ ଅଧିକାରୀ, ନବକିଶୋର ଭୋଳ ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# 'ଚିଲିକାରେ ରାଜପଥ ନିର୍ମାଣ ହ୍ରଦ ପାଇଁ କ୍ଷତିକାରକ ହେବ'

## ବିକଳ୍ପ ପ୍ରସ୍ତାବ ରଖିଲେ ବିଶେଷଜ୍ଞ

ଭୁବନେଶ୍ୱର,୧୫।୧୨(ବନ୍ଦନା ସେଠୀ)



ଚିଲିକା ମଧ୍ୟରେ କୃଷ୍ଣପ୍ରସାଦ ମଧ୍ୟ ଦେଇ ଗୋପାଳପୁର-ସାତପଡ଼ାକୁ ସଂଯୋଗ କରିବାକୁ ଉପକୂଳ ରାଜପଥ (ଏନ୍ଏଚ୍-୫୧୬ ଏ) ନିର୍ମାଣ ହେଲେ ଏହା ହ୍ରଦ ପାଇଁ କ୍ଷତିକାରକ ହେବ। ଏହାଦ୍ୱାରା ବାୟୁ, ଜଳ ଓ ଶବ୍ଦ ପ୍ରଦୂଷଣରେ ବୃଦ୍ଧି ଘଟି ହ୍ରଦର ପରିସଂସ୍ଥା ଓ ଜୈବବିବିଧତା ସମସ୍ୟାକୁ ଆହୁରି ବହୁଗୁଣିତ କରିବ। ହ୍ରଦର ଜଳୀୟ ପରିସଂସ୍ଥା ଉପରେ ମଧ୍ୟ କ୍ଷତିକାରକ ପ୍ରଭାବ ପକାଇବ। ତେଣୁ ରମ୍ଭା-ବାଲୁଗାଁ-ଟାଙ୍ଗୀ-ଭୂଷଣ୍ଡପୁର-ସାତପଡ଼ାକୁ ସଂଯୋଗ କରି ଏକ ବିକଳ୍ପ ରାସ୍ତାର ନିର୍ମାଣ ହିଁ ହ୍ରଦକୁ ସୁରକ୍ଷା ଦେବା ଦିଗରେ ସର୍ବୋତ୍ତମ ପଦକ୍ଷେପ ହେବ ବୋଲି 'ଚିଲିକା ହ୍ରଦ ପରିସଂସ୍ଥାର ସଂରକ୍ଷଣ' ଶୀର୍ଷକ ଆଲୋଚନାଚକ୍ରରେ ବିଶେଷଜ୍ଞମାନେ ଏହି ମତ ପ୍ରକାଶ କରିଛନ୍ତି।

ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ ରବିବାର ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଲେ, ଏସିଆର ସର୍ବବୃହତ୍ ତଥା ବିଶ୍ୱର ଦ୍ୱିତୀୟ ବୃହତ୍ତମ ଉପକୂଳବର୍ତ୍ତୀ ଲାଗୁନ ଚିଲିକା ଆକର୍ଷଣୀୟ, ଅନନ୍ୟ ସୌନ୍ଦର୍ଯ୍ୟର ଗନ୍ତାଘର ସହିତ ପରିବେଶ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷାରୀୟ ଜଳ-ଆର୍ଦ୍ରଭୂମି ପରିସଂସ୍ଥା ଭାବରେ ପରିଗଣିତ। ମାତ୍ର ଏହି ହ୍ରଦ ସମ୍ପ୍ରତି ଅନେକ ପରିବେଶ ତଥା ସାମାଜିକ-ଅର୍ଥନୈତିକ ଆହ୍ୱାନର ସମ୍ମୁଖୀନ ହେଉଛି, ଯାହା ଏହାର ପରିବେଶଗତ ଅଖଣ୍ଡତା ଏବଂ ଏହା ଉପରେ ନିର୍ଭରଶୀଳ ସମ୍ପ୍ରଦାୟର ଜୀବିକା ପ୍ରତି ବିପଦ ସୃଷ୍ଟି କରୁଛି। ହ୍ରଦ ଉପରେ ବିଭିନ୍ନ ମାନବୀୟ ହସ୍ତକ୍ଷେପ ଯୋଗୁ ଜୈବବିବିଧତା, ନିର୍ଦ୍ଦିଷ୍ଟ ଭାବରେ ମାଛ, ପକ୍ଷୀ ଏବଂ ଇରାୱାଡି ଡଲଫିନ୍‌ଙ୍କ ଉପରେ ବିଶେଷ ପ୍ରଭାବ ପକାଇଥାଏ ବୋଲି ସେ କହିଛନ୍ତି। ପୂର୍ତ୍ତ ବିଭାଗର ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ମନୋରଞ୍ଜନ ମିଶ୍ର ଯୋଗଦେଇ, ବିଭିନ୍ନ ପରିବେଶ ଅନୁକୂଳ ପ୍ରଯୁକ୍ତିବିଦ୍ୟା ଉପଯୋଗ ମାଧ୍ୟମରେ ସେତୁ ନିର୍ମାଣ ହେଲେ ହ୍ରଦର ଅବକ୍ଷୟ ରୋକାଯାଇପାରିବ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବୈଜ୍ଞାନିକ ଡ. ଦେବାଶିଷ ମହାପାତ୍ର କହିଲେ, ଯଦି ରାସ୍ତା ପ୍ରକଳ୍ପ କାର୍ଯ୍ୟକାରୀ ହୁଏ ତେବେ ହ୍ରଦର ନିମ୍ନଭାଗର ପ୍ରାଣୀ ଏବଂ ସମୁଦ୍ର ଘାସ ଅଧିକ ପ୍ରଭାବିତ ହୋଇ ଖାଦ୍ୟ ଶୃଙ୍ଖଳକୁ ବ୍ୟାହତ କରିବ। ପରିବେଶ ମନ୍ତ୍ରଣାଳୟର ପୂର୍ବତନ ପରାମର୍ଶଦାତା ଡ. ଭି.ପି. ଉପାଧ୍ୟାୟ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ପରିବେଶ ପ୍ରଭାବ ଉପରେ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରାଯିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଓଇଏସ୍ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଓ ଆଜୀବନ ସଦସ୍ୟ ଇଂ. ବିମଳ ଦାଶ ଆଲୋଚନାଚକ୍ର ସଂଯୋଜନା କରିଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଭିନ୍ନକ୍ଷମତା ମାସ ପାଳନ, ସ୍ଥାନ: ଗୁରୁ କେଲୁଚରଣ ମହାପାତ୍ର ଅଡିଟୋରିୟମ୍, ସମୟ: ସନ୍ଧ୍ୟା ୬ଟା।
- ୪ର୍ଥ ଅକ୍ଷୟ ଉପନ୍ୟାସ ପୁରସ୍କାର, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୧୫ତମ ଭରତ ମୁନି ଫେଷ୍ଟିଭାଲ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ଶ୍ରୀ ସାକ୍ଷୀଗୋପାଳ ଠାକୁରଙ୍କ ପହିଲି ଭୋଗ ନୀତି ଆରମ୍ଭ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ପରିସର, ସମୟ: ଭୋର ୪ଟା।

## ଖୋର୍ଦ୍ଧା
- ଆମରି ସତ୍ୟ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ମହାଦେବଙ୍କ ଉପରେ ଆଲୋଚନାଚକ୍ର, ସ୍ଥାନ: ପାତ୍ରପଡ଼ାସ୍ଥିତ ନାଗେଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣ, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଠାକୁର ଅନୁକୁଳଚନ୍ଦ୍ରଙ୍କ ମନ୍ଦିରର ଶୁଭ ଉଦ୍‌ଘାଟନ, ସ୍ଥାନ: ସତ୍‌ସଙ୍ଗ କେନ୍ଦ୍ର, ବଣପାରିଆ, ଖଇରା, ସମୟ: ପୂର୍ବାହ୍ନ ୮ଟା।
- ୪୧ତମ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ତୋଟାପଡ଼ା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା ୩୦।
- ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ସମାରୋହ, ସ୍ଥାନ: ମାଖନପୁର ହାଇସ୍କୁଲ, ଖଇରା,
- ସମୟ: ପୂର୍ବାହ୍ନ ୧୦ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ଓ ଶ୍ରୀମନ୍ଦିରରର ଶୁଭ ଉଦ୍‌ବୋଧନ ଉତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର, ଲଙ୍ଗଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନୃତ୍ୟ ସଙ୍ଗୀତ କଳାମନ୍ଦିର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଗୀତା ଜ୍ଞାନ ଯଜ୍ଞ ପ୍ରବଚନ ସଭାର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଟାଉନହଲ, ବାଲେଶ୍ୱର,ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଗୀତା ଜୟନ୍ତୀ ପାଳନ, ସ୍ଥାନ: ବିରୋଳି ପ୍ରାଥମିକ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଭଦ୍ରକ ତ୍ୟାଗଭୂମି ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଧନୁ ସଂକ୍ରାନ୍ତି ଉତ୍ସବ, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ମା' ତାରିଣୀ ମନ୍ଦିରରେ ଧନୁ ସଂକ୍ରାନ୍ତି ପୂଜା ଏବଂ ଭଜନ, ସ୍ଥାନ: ମରୈଗାଁ, ଛେନାପଦୀ, ହାଟଡ଼ିହୀ, ସମୟ : ସକାଳ ୭ ଏବଂ ସନ୍ଧ୍ୟା ୬ ଟା।
- ସେଣ୍ଟ୍ ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଚଣ୍ଡିଆ ବିରଞ୍ଚିପୁର, ଛେନାପଦି, ସମୟ: ସକାଳ ୯ ଟା।
- ଆଞ୍ଚଳିକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଛେନାପଦି, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- କେନ୍ଦୁଝର ଜିଲାର ଧାନକିଣା କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ଚମ୍ପୁଆ ବ୍ଲକ୍ ଉଖୁଣ୍ଡା, ସମୟ: ଅପରାହ୍ନ ୩ ଟା।

## ମୟୂରଭଞ୍ଜ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ଅପରାହ୍ନ ୨ଟା।

## କନ୍ଧମାଳ
- ବଲିଉଡ଼ କଳାକାରଙ୍କୁ ସମ୍ବର୍ଦ୍ଧିତ ଓ ସ୍ୱାଗତ କାର୍ଯ୍ୟକ୍ରମ, ସ୍ଥାନ: ବିରାଗାଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ (ଦାରିଙ୍ଗବାଡ଼ି ), ସମୟ: ମଧ୍ୟାହ୍ନ ୧୨ ଟା
- ଭ କ୍ତି ଅର୍ପଣ କାର୍ଯ୍ୟକ୍ରମ, ସ୍ଥାନ :କ. ନୂଆଗାଁ , ସମୟ: ସନ୍ଧ୍ୟା ୬ ଟା

## ଢେଙ୍କାନାଳ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଚନ୍ଦ୍ରଶେଖର ପ୍ରସାଦ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସଦର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବାଘବୁଦା ପଞ୍ଚାୟତ କାର୍ଯ୍ୟାଳୟ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଜ୍ଞାନଯଜ୍ଞ, ସ୍ଥାନ: ଶ୍ରୀଗର୍ତ୍ତେଶ୍ୱର ପୀଠ, ଗୋସିଗାଁ, ରାଜନଗର, ସମୟ: ସନ୍ଧ୍ୟା ୬ଟା

## ଯାଜପୁର
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବରୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ପହିଲି ଭୋଗ ନୀତି ଆରମ୍ଭ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଗୋକୁଳାନନ୍ଦ ଜୀଉଙ୍କ ମନ୍ଦିର, କଣ୍ଟିଲୋ ନୀଳମାଧବ ମନ୍ଦିର, ନୟାଗଡ ଜଗନ୍ନାଥ ମନ୍ଦିର, ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସକାଳ ୬ଟା
- ପହିଲି ଭୋଗ ନୀତି ଆରମ୍ଭ, ସ୍ଥାନ: ଓଡଗାଁ ବ୍ଲକର କୁରାଳ ଲକ୍ଷ୍ମୀ ନାରାୟଣ, ଜଗନ୍ନାଥ ମନ୍ଦିର ଓ ଚଣ୍ଡେଶ୍ୱର ମନ୍ଦିର, ସମୟ: ସକାଳ ୭ଟା
- ପହିଲି ଭୋଗ ନୀତି ଆରମ୍ଭ, ସ୍ଥାନ: ନୟାଗଡ଼ ଦକ୍ଷିଣ କାଳୀ ମନ୍ଦିର, ସମୟ: ସକାଳ ସାଢ଼େ ୭ଟା।
- ଧନୁ ମହୋତ୍ସବର ଉଦ୍‌ଯାପନ ଦିବସରେ ଗୀତାଯଜ୍ଞ, ଭାଗବତ ଓ ନାମ ସଂକୀର୍ତ୍ତନ, ସ୍ଥାନ: ଭାପୁର ବ୍ଲକ କାଳିଆପଲ୍ଲୀ, ସମୟ: ପୂର୍ବାହ୍ନ ୯ଟା

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଗୁଡାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାଇଘର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀପୁର ବ୍ଲକ୍ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- କୁଳଟା ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ : ଦାନୀପାଲି ସ୍ଥିତ ରାମଚଣ୍ଡି ସେବା ସଦନ, ସମୟ : ଅପରାହ୍ନ ୪ଟା।
- ସମ୍ବଲପୁରୀ ଧନୁଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ : ପୁରୁଣା ମ୍ୟୁନିସିପାଲିଟି ପରିସର, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସଇଁତଲା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ଶ୍ରୀ ଶାବରୀ ନାରାୟଣ ମନ୍ଦିର ନିର୍ମାଣ ଲାଗି ଭୂମିପୂଜନ ଉତ୍ସବ, ସ୍ଥାନ: ସେମେଲମୁଣ୍ଡା, ଲୋଇସିଂହା, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର
- ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସୋନପୁର ମାରୱାଡ଼ି ଧର୍ମଶାଳା, ସମୟ: ସକାଳ ୯ଟା।
- ଭାଗବତ ପାରାୟଣ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭ୍ୟାଙ୍କ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ଷୋଳ ଉପଚାର ଓ ସଂକ୍ରାନ୍ତି ପୂଜା, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଆନ୍ତଃଜିଲା କ୍ଲବ କ୍ରିକେଟ ଲିଗ୍‌ର ୧୩ତମ ମ୍ୟାଚ୍, ସ୍ଥାନ: ସରବାହାଲ ଖେଳ ପଡ଼ିଆ, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ରଜରାଜନଗର ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ହନୁମାନ କଥାର ୧୦୫ତମର ତୃତୀୟ ଦିବସ, ସ୍ଥାନ: ଶ୍ରୀ ରାଣୀସତୀ ଦାଦି ମନ୍ଦିର, ସରବାହାଲ ରୋଡ଼ ସମୟ: ଅପରାହ୍ନ ୩ଟା।

## ରାଉରକେଲା
- ଇଣ୍ଟରନ୍ୟାଶନାଲ୍ ଟାଲେଣ୍ଟ ହଣ୍ଟ୍ ଅଲମ୍ପିଆଡ୍, ସ୍ଥାନ: ସେକ୍ଟର-୧୪, ସମୟ: ସକାଳ ୮ଟା ୩୦।
- ସ୍ୱରେଜ ଅବ୍ୟବସ୍ଥା ନେଇ ଆରଏମ୍‌ସି ଉପାୟୁକ୍ତଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଉଦିତନଗର ଆରଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ଉଦିତନଗର ପଡିଆ, ସମୟ: ଅପରାହ୍ନ ୧ଟା ୩୦।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ, ତାରଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା
- ଆର୍‌ଏସଓ୍ୱାଇସି କପ କ୍ରିକେଟ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ତରବୋଡ ସମ୍ଭବ ଖେଳ ପଡିଆ, ସମୟ: ସକାଳ ୯ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ସ୍ଥାନ: ବୌଦ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ବୌଦ୍ଧ ଆଧାମ୍ରିକ ଧନୁଯାତ୍ରା ନାଟ୍ୟୋତ୍ସବର ନାଟକ କଂସବଧ, ସ୍ଥାନ:ଭୈରବୀ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।
- ଅଷ୍ଟମ ଗଡ଼ଜାତ ଲୋକ ମହୋତ୍ସବ ପଲ୍ଲିଶ୍ରୀ ମେଳା ଦ୍ୱିତୀୟ ଦିନ, ସ୍ଥାନ ; ସାଧୁଚରଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ବୀରନରସିଂହପୁର , ହରଭଙ୍ଗା , ସମୟ : ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ତୃତୀୟ ଚନ୍ଦ୍ର ଯୋଗୁ ରାଜନୀତି, ସଭାସମିତି ଓ କଳା, କ୍ରୀଡ଼ା ପାଇଁ ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ। ସମ୍ପର୍କୀୟଙ୍କ ଅଭିଯୋଗ ସକାଶେ ନିଜ ଲୋକଙ୍କୁ ଦାୟୀ କରିବେ। ମାତ୍ରାଧିକ ଭ୍ରମଣ, ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବେ। ଫେରନ୍ତା ବାଟରେ ମୂଲ୍ୟବାନ ଜିନିଷ କିଣିବାକୁ ମନ ବଳାଇପାରନ୍ତି।

**ବୃଷ**
ଭାଗ୍ୟ ସ୍ଥାନରେ ଶୁକ୍ର ଯୋଗୁ ମନୋରଞ୍ଜନ ସମେତ ଅର୍ଥର ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଏକ ସାଧାରଣ ପରିସ୍ଥିତିରେ ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ମିଥୁନ**
ଧନାଧିପ ଚନ୍ଦ୍ର ରାଶିସ୍ଥ ହେତୁ ଧନଲାଭ,ସ୍ୱାସ୍ଥ୍ୟରେ ଉନ୍ନତି, ଗୃହରେ ଶାନ୍ତି , ବନ୍ଧୁ ସମ୍ପର୍କ ଦିଗରୁ ଅନୁକୂଳ ଫଳ ପାଇବେ। ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଶିଳ୍ପ, ବାଣିଜ୍ୟରେ ଚାପର ସମ୍ମୁଖୀନ ହୋଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତାଜନିତ ସମସ୍ୟାର ବିଲୟ ଘଟିବା ସୂଚନା ରହିଛି।

**କର୍କଟ**
କର୍ମାଧିପ ରାଶିସ୍ଥ ଯୋଗୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ସାଙ୍ଗକୁ ଭ୍ରମଣ ସୁଯୋଗ ଓ ସତ୍‌ସଙ୍ଗର ସୁଯୋଗ ଲାଭ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା ଓ ବନ୍ଧୁମିଳନରୁ ଖୁସି ରହିବେ। ଅଶ୍ଳେଷା ନକ୍ଷତ୍ରର ପାରିବାରିକ ଅସ୍ଥିରତା ସାଙ୍ଗକୁ , ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଘଟିପାରେ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ।

**ସିଂହ**
କେନ୍ଦ୍ରସ୍ଥ ଧନାଧିପ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ବନ୍ଧୁବତ୍ସଳ କରାଇବେ। ଆଜି ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ। ବିଶେଷ ଭ୍ରମଣ ଓ କଠିନ ଶ୍ରମଜନିତ ସ୍ୱାସ୍ଥ୍ୟ ବିଗିଡି ଯାଇପାରେ।

**କନ୍ୟା**
ଶୁକ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ବିନିମୟ ହେତୁ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଶିଳ୍ପ ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ସାଂସ୍କୃତିକ କାର୍ଯ୍ୟକ୍ରମରେ ବିବାଦୀୟ ସ୍ଥିତି ଉତ୍ପନ୍ନ ହୋଇପାରେ। ଖାଦ୍ୟପେୟର ଅନିୟମିତତା କାରଣରୁ ସନ୍ଧ୍ୟା ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ତୁଳା**
ଶନି କ୍ଷେତ୍ରସ୍ଥ ରାଶ୍ୟାଧିପତି ଯୋଗୁ ନିଜର ଲୋକ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ, କିନ୍ତୁ ସମ୍ପୂର୍ଣ୍ଣ ସଫଳତା ପାଇବେ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଏବଂ ଭ୍ରମଣ ଓ ବନ୍ଧୁ ମିଳନରୁ ଖୁସି ହେବେ। ଛାଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା**
ରାଶ୍ୟାଧିପଙ୍କ ଦୁର୍ବଳତାଜନିତ ଶାରୀରିକ ସ୍ୱାସ୍ଥ୍ୟ ବିଗିଡ଼ିବା ସହ ବନ୍ଧୁଙ୍କ ସହ ମତାନ୍ତରର ଆଶଙ୍କା ରହିଛି। ଯେକୌଣସି ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। ପାରିବାରିକ ସମସ୍ୟା ସମାଧାନ ହୋଇଯିବାରୁ ଖୁସି ରହିବେ।

**ଧନୁ**
ଆଜି ବକ୍ରୀ ବୃହସ୍ପତିଙ୍କ ପ୍ରଭାବରେ ଆପଣ ବିଚାର ବିନା ସରଳ ବିଶ୍ୱାସ କଲେ ହଇରାଣରେ ପଡ଼ିବେ। ଶାରୀରିକ ସୁସ୍ଥତା ଫେରିପାଇବେ। ଲେଖାପଢ଼ା ତଥା ପ୍ରକାଶନ, ପ୍ରଶାସନ, ଯୋଗାଯୋଗ କ୍ଷେତ୍ରରେ ଶୁଭଫଳ ପାଇବେ। ବିଶିଷ୍ଟ ବ୍ୟକ୍ତିଙ୍କ ଛତ୍ରଛାୟା ତଳେ ରହିଥିବାରୁ ମନୋବଳ କ୍ରମଶଃ ବୃଦ୍ଧି ପାଇବ।

**ମକର**
ରାଶିରେ ଶୁକ୍ର ରହିଥିବାରୁ ମନକୁ ଉଚ୍ଚାଟ କରାଇବେ କିନ୍ତୁ ପ୍ରିୟଜନଙ୍କ ସମ୍ପର୍କରେ ଚିନ୍ତା ବୃଦ୍ଧି ପାଇପାରେ। ଆଜିର ଯାତ୍ରା, ବାଣିଜ୍ୟ, ନିର୍ମାଣ ଓ ପରିବହନରେ ସମସ୍ୟା ସୃଷ୍ଟି ହେବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବେ। ଭୁଲ ବୁଝାମଣାରୁ ପାରିବାରିକ ଜୀବନରେ ତିକ୍ତତା ଦେଖାଦେଇପାରେ।

**କୁମ୍ଭ**
ଆଜି ବିଳାସକାରକ ଗ୍ରହ ବ୍ୟୟଭାବସ୍ଥ ହେତୁ ନୂତନ ଗୃହ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପାଇଁ ମନ ବଳାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ବ୍ୟବସାୟ ଓ ପରିବହନରେ ପୂର୍ବଭାଦ୍ରପଦ୍ ନକ୍ଷତ୍ର ପାଇଁ ଝଟକା ଲାଗିପାରେ। ଆର୍ଥିକ ସମସ୍ୟା, ମାମଲା, ଜମିଜମା ଓ ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ**
ଆଜି ଭାଗ୍ୟସ୍ଥ ବୁଧ ହେତୁ ବନ୍ଧୁମାନଙ୍କ ମଧୁର ବ୍ୟବହାର ସାଙ୍ଗକୁ ଅର୍ଥଲାଭ ମନକୁ ପ୍ରଫୁଲ୍ଲିତ କରି ରଖିବ। ସାମାନ୍ୟ ବିଳମ୍ବରେ ହେଲେ ମଧ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ଡିସେମ୍ବର ୧୬ ତାରିଖ, ପୌଷ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ସୋମବାର, ରାଶିନକ୍ଷତ୍ର-ଆଦ୍ରା/ମିଥୁନ, ପ୍ରତିପଦାର ଏକୋଦିଷ୍ଟ ଓ ଦ୍ୱିତୀୟାର ଏକୋଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୬।୧୭ ଗତେ, ଘ.୦୭।୩୯ ମଧ୍ୟେ, ଘ.୦୯।୧୦ ଗତେ, ଘ.୧୧।୨୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୩୯ ଗତେ, ଘ.୦୯।୦୦ ମଧ୍ୟେ ରାହୁକାଳ।

# ଧନୁ ସଂକ୍ରାନ୍ତି ପାଳନକୁ ନେଇ ଦ୍ୱନ୍ଦ୍ୱ | ପାଞ୍ଜି ଓ କ୍ୟାଲେଣ୍ଡରରେ ଭିନ୍ନ ସୂଚନା, ଲୋକେ ଅସନ୍ତୁଷ୍ଟ

**ପୁରୀ,୧୫।୧୨(ଅଜିତ୍ କୁମାର ମହାନ୍ତି)**

ଚଳିତବର୍ଷ ପାଞ୍ଜି ଏବଂ କ୍ୟାଲେଣ୍ଡରରେ ଅନେକ ଗୁରୁତର ତ୍ରୁଟି ଓ ଦ୍ୱନ୍ଦ୍ୱ ରହିଛି। ଓଡ଼ିଶାରୁ ପ୍ରକାଶ ପାଉଥିବା ଏକାଧିକ ପାଞ୍ଜିର ଗଣନା ମଧ୍ୟରେ ତାଳମେଳ ରହୁନାହିଁ। ଏହାଦ୍ୱାରା ପର୍ବପର୍ବାଣି ଓ ଯାନିଯାତ୍ରାକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ପୂର୍ବରୁ ଚଳିତବର୍ଷ କୁମାର ପୂର୍ଣ୍ଣିମା, କାଳୀପୂଜା ଓ ଦୀପାବଳି ଅମାବାସ୍ୟା ପାଳନକୁ ନେଇ ଦ୍ୱନ୍ଦ୍ୱ ଦେଖିବାକୁ ମିଳିଥିଲା। ଏବେ ଧନୁ ସଂକ୍ରାନ୍ତିକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଚଳିତବର୍ଷ ପାଞ୍ଜି ଏବଂ କ୍ୟାଲେଣ୍ଡରରେ ଅନେକ ତ୍ରୁଟି ଓ ଦ୍ୱନ୍ଦ୍ୱ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ମୁଖ୍ୟତଃ ଧନୁ ସଂକ୍ରାନ୍ତିରେ ଦେବାଳୟଗୁଡ଼ିକରେ ପହିଲି ଭୋଗ ଆରମ୍ଭ ହୋଇଥାଏ। ସେହିପରି ମୁଆଁ ଭୋଗ କରାଯାଇଥାଏ। ଚଳିତବର୍ଷ କିଛି କ୍ୟାଲେଣ୍ଡରରେ ଭିନ୍ନ ଭିନ୍ନ ତାରିଖରେ ଧନୁ ସଂକ୍ରାନ୍ତି ଦର୍ଶାଯାଇଛି। କିଛି କ୍ୟାଲେଣ୍ଡରରେ ୧୫ ତାରିଖରେ ଏବଂ ଅନ୍ୟ କିଛି କ୍ୟାଲେଣ୍ଡରରେ ୧୬ତାରିଖରେ ଧନୁ ସଂକ୍ରାନ୍ତି ପଡୁଥିବା ଦର୍ଶାଯାଇଛି। ଏହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଏନେଇ ମୁକ୍ତିମଣ୍ଡପ ସଦସ୍ୟ ତଥା ଜ୍ୟୋତିର୍ବିଦ୍ ହରିଶଙ୍କର ମିଶ୍ର କହିଛନ୍ତି, ଯେଉଁଦିନ ସୂର୍ଯ୍ୟ ଗୋଟିଏ ରାଶି ଛାଡ଼ି ଅନ୍ୟ ରାଶିର ଘରକୁ ପ୍ରବେଶ କରିଥାନ୍ତି, ସେହିଦିନକୁ ସଂକ୍ରାନ୍ତି ବୋଲି ବିବେଚନା କରାଯାଇଥାଏ। ରବି ବା ସୂର୍ଯ୍ୟ ବର୍ତ୍ତମାନ ବିଛା ରାଶିରେ ଅବସ୍ଥାନ କରିଛନ୍ତି। ସୂର୍ଯ୍ୟ ରବିବାର ରାତି ୧୦ଟା ୧୧ ମିନିଟ୍‌ରେ ବିଛା ରାଶି ତ୍ୟାଗ କରି ଧନୁ ରାଶିରେ ପ୍ରବେଶ କରିବାକୁ ଯାଉଛନ୍ତି। ଯଦି ଆମେ ପ୍ରଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ଗଣନାକୁ ନେବା, ତେବେ ସୂର୍ଯ୍ୟ ଉଦୟରୁ ତା'ର ପରଦିନ ସୂର୍ଯ୍ୟ ଉଦୟକୁ ଗୋଟିଏ ଦିନ ବୋଲି ଧରାଯାଏ। ଏହି ନିୟମ ଅନୁଯାୟୀ ରବିବାର ସଂକ୍ରାନ୍ତି ପାଳନ କରିବା କଥା। ଯେଉଁ ପାଞ୍ଜିରେ ସୋମବାର ଦର୍ଶାଯାଇଛି, ତାହା ଠିକ୍ ନୁହେଁ। ସଂକ୍ରାନ୍ତିର ପୂର୍ବ ୧୨ ଘଣ୍ଟା ଏବଂ ପର ୧୨ ଘଣ୍ଟା ପୂର୍ଣ୍ଣକାଳ ହେଲେ ମଧ ସିଦ୍ଧାର୍ଥ ଦର୍ପଣ ଅନୁଯାୟୀ ଯେଉଁଦିନ ରବି ସଂକ୍ରମଣ କରିବ, ଉକ୍ତ ଦିନକୁ ସଂକ୍ରାନ୍ତି ଧରାଯାଏ। ଗଣନା ଭୁଲ ହେଲେ ଦିନ ନିର୍ଦ୍ଧାରଣ ଭୁଲ୍ ହୋଇଯିବ। ଗଣନା ଠିକ ହେଲେ, ଦିନ ମଧ ଠିକ୍ ରହିବ। ଯେଉଁମାନେ ପଠାଣି ସାମନ୍ତ ଗଣନାକୁ ସ୍ୱୀକାର କରୁଛନ୍ତି, ସେମାନେ ରବିବାର ପାଳନ କରିପାରିବେ। ମାତ୍ର ମୁକ୍ତିମଣ୍ଡପ ପଣ୍ଡିତ ସଭାରେ ସ୍ୱୀକୃତ ପଞ୍ଜିକାରେ ସୋମବାର ସଂକ୍ରାନ୍ତି ଦର୍ଶାଯାଇଛି। ଲୋକଙ୍କ ଭାବାବେଗ ପଣ୍ଡିତ ସଭା ସହ ଜଡ଼ିତ ଥିବାରୁ ଲୋକେ ସୋମବାର ସଂକ୍ରାନ୍ତି ପାଳନ କରିବେ ବୋଲି ମିଶ୍ର କହିଛନ୍ତି। ତେବେ ମୁକ୍ତିମଣ୍ଡପ ସଭାରେ ଉପଯୁକ୍ତ ଗଣକ ନାହାନ୍ତି ବୋଲି ମିଶ୍ର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଯେଉଁ ରାଶିରେ ସୂର୍ଯ୍ୟ ଉଦୟ ହୋଇଛନ୍ତି ସେହି ତିଥି ମାନିବା ଉଚିତ। ସୋମବାର ଶ୍ରୀମନ୍ଦିରରେ ଧନୁସଂକ୍ରାନ୍ତି ନୀତିକାନ୍ତି ହେବାକୁ ଯାଉଥିବାରୁ ଉକ୍ତଦିନ ଧନୁସଂକ୍ରାନ୍ତି ପାଳନ କରାଯିବା ଉଚିତ ବୋଲି କେତେଜଣ ପଞ୍ଜିକାର ମତ ଦେଇଛନ୍ତି। ପ୍ରତ୍ୟେକ ବର୍ଷ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତ୍ରୁଟିବିହୀନ ପାଞ୍ଜି ପ୍ରସ୍ତୁତ ପାଇଁ ସମୀକ୍ଷା ବୈଠକ ବସିଥାଏ। ଏହା ସତ୍ତ୍ୱେ ପାଞ୍ଜି ଗଣନାରେ ତ୍ରୁଟି ଓ ଦ୍ୱନ୍ଦ୍ୱ ରହୁଛି। ତେଣୁ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ ଆରମ୍ଭ ହୋଇଛି। କିଛିଦିନ ତଳେ ପଞ୍ଜିକାରମାନଙ୍କ ସହ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେଉଁ ପଞ୍ଜିକାରମାନେ ଶ୍ରୀମନ୍ଦିର ପକ୍ଷରୁ ଅନୁଷ୍ଠିତ ହେଉଥିବା ପଞ୍ଜିକା ସମନ୍ୱୟ ବୈଠକରେ ଯୋଗ ନ ଦେଇ ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ଚେତାବନୀ ଦେଇଛି।

## ପ୍ରଥମ ପୃଷ୍ଠାରୁ...

### ୨ ଝିଅଙ୍କ ଜୀବନ...

ଶନିବାର ରାତିରେ ଖାଇପିଇ ୩ ଶିଶୁ, ସ୍ତ୍ରୀ ଏବଂ ବାପାଙ୍କ ସହ ରଞ୍ଜନ ଶୋଇଥିଲେ। ବିଳମ୍ବିତ ରାତିରେ ଗୋଠଛଡ଼ା ଦନ୍ତା ଆସି ଘରେ ଲାଗିଥିବା ପଲିଥିନ୍‌କୁ ଟାଣିଥିଲା। ହାତୀ ଆସିବା ଜାଣି ଜୀବନ ବିକଳରେ ସମସ୍ତେ ଘରୁ ବାହାରକୁ ଦୌଡ଼ି ପଳାଇଥିଲେ। ହେଲେ ଝିଅ ସିନିଆ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଏକ ଶିଶୁ ଚାନ୍ଦିନୀଙ୍କ ଉପରେ କାନ୍ଥ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରତ୍ୟୁଷରେ ଗାଁ ଲୋକେ ବନ ବିଭାଗ ଓ ପୋଲିସକୁ ସୂଚନା ଦେବାପରେ ପୋଲିସ ଏବଂ ବନ ଅଧିକାରୀ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଗୋଠଛଡ଼ା ଦନ୍ତା ଗତ ଅଗଷ୍ଟ ୧୩ରେ ଡେଙ୍ଗୁଳା ବାଲିଜୋ ଗାଁରେ ସମାନ ଭାବେ ସୁଶୀଳା ମୁଣ୍ଡାଙ୍କ ଘର ଭାଙ୍ଗିବା ସହ ତାଙ୍କୁ ଓ ତାଙ୍କର ଜଣେ ଶିଶୁଙ୍କୁ ଦଳି ମାରି ଦେଇଥିଲା। ସେହିଭଳି ଅକ୍ଟୋବର ୩ ତାରିଖ ରାତିରେ କୋଇଡ଼ାରେ ସୋମା ମୁଣ୍ଡାଙ୍କୁ ଆକ୍ରମଣ କରି ପାଦରେ ଦଳି ମାରିଥିଲା। ଏପରି କି ସୋଲ ରେଞ୍ଜ ଅନ୍ତର୍ଗତ ଟୁକୁଡ଼ା ଗ୍ରାମରେ ଶନିବାର ହାତୀ ଆକ୍ରମଣରେ ରାଜେଶ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ଶୁକ୍ରବାର ତାମଡା ରେଞ୍ଜ ଅଧୀନ ରୁଷିମଠ ଜଙ୍ଗଲରେ ହାତୀ ଟ୍ରାକିଂ କାର୍ଯ୍ୟରେ ନିୟୋଜିତ ବନ କର୍ମଚାରୀ ଟ୍ରାକିଂ କରୁଥିବା ସମୟରେ ହଠାତ୍ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଜୀବନ ବିକଳରେ ଯିଏ ଯୁଆଡ଼େ ଦୌଡ଼ି ପଳାଇଯାଇଥିଲେ। ହେଲେ ଜଣେ ବନ କର୍ମଚାରୀ ଲୁଧିଆ ସିଂ ହାତୀ ହାବୁଡ଼ରେ ପଡି ଆକ୍ରମଣର ଶିକାର ହୋଇଥିଲେ। ଉକ୍ତ ଅଞ୍ଚଳରେ ଗତ ଏକବର୍ଷ ହେବ ହାତୀ ଆତଙ୍କ ବୃଦ୍ଧି ପାଇବାରେ ଲାଗିଛି। ଗତ ସେପ୍ଟେମ୍ବରରେ ବନବିଭାଗ ପକ୍ଷରୁ ଉକ୍ତ ହାତୀକୁ ଟ୍ରାଙ୍କୁଲାଇଜ କରାଯାଇ ରେଡିଓକଲାର ଲଗାଯାଇଥିଲା। ଏହାସତ୍ତ୍ୱେ ହାତୀର ଗତିପଥ ସମ୍ପର୍କରେ ବନ ବିଭାଗ ନ ଜାଣିପାରିବାକୁ ନେଇ ଏବେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ବିଭାଗକୁ ପ୍ରଶ୍ନ କରାଯିବା ପରେ ବିଭାଗ ସିମ୍ କାର୍ଡ ନାଁରେ ସଫେଇ ଦେଇଛନ୍ତି। ଏହି ରେଡିଓକୁଲାର ଯନ୍ତ୍ରରେ ଲାଗିଥିବା ସିମ୍‌ଟି ଏୟାରଟେଲ ନେଟୱର୍କର ରହିଛି। ଯେହେତୁ ଗୁରୁଣ୍ଡିଆ ଅଞ୍ଚଳରେ ଏୟାରଟେଲ ନେଟୱର୍କ ନାହିଁ ତେଣୁ ଟ୍ରାକିଂ ହେଇପାରି ନ ଥିବା ବିଷୟରେ ତାମଡା ରେଞ୍ଜ ଅଧିକାରୀ ଦେବାଶିଷ ନାୟକ କହିଛନ୍ତି। ଅପରପକ୍ଷରେ ଆଦିବାସୀଙ୍କ ବିଶ୍ୱାସ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମୃତଦେହ ଯେଉଁଠାରେ ପୋତା ଯାଏ ହାତୀ ସେଠାକୁ ବାରମ୍ବାର ଆସିଥାଏ ବୋଲି ପାତ୍ରାସ ଏକ୍କା କହିଛନ୍ତି। ତେଣୁ ସୁରକ୍ଷା ଦୃଷ୍ଟିରୁ ରବିବାର ସମ୍ପୃକ୍ତ ଗ୍ରାମରେ ୩ ସ୍କ୍ୱାଡ୍ ଷ୍ଟାଫ ମୁତୟନ କରାଯାଇଥିବା ରେଞ୍ଜ ଅଫିସର ନାୟକ ପ୍ରକାଶ କରିଛନ୍ତି। ବଣାଇଁ ବନଖଣ୍ଡରେ ଚଳିତବର୍ଷ ହାତୀ ଆକ୍ରମଣରେ ୩ଜଣ ଶିଶୁଙ୍କୁ ମିଶାଇ ମୋଟ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ହାତୀ ଉପଦ୍ରବରେ ୨ଶହରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ରିପୋର୍ଟ ଥିବା ଓ ଆକ୍ରମଣରେ ଶତାଧିକ ଆହତ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

### ୫ବର୍ଷରେ ରାଜ୍ୟରେ ...

ଅଞ୍ଚଳରେ ହାତୀ ଆକ୍ରମଣ ଅଧିକ ମାତ୍ରାରେ ବୃଦ୍ଧି ପାଇଛି। ହାତୀ ବସତି ଅଞ୍ଚଳରେ ବେଆଇନ ଖଣି ଖନନ ବନ୍ଦ କରିବା ପାଇଁ ୨୦୨୧ରେ ଡବ୍ଲ୍ୟୁଏସ୍‌ଓ ପକ୍ଷରୁ ଦାବି କରାଯାଇ ଆସୁଥିବାବେଳେ ବନ ବିଭାଗ ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ମହାନ୍ତି କହିଛନ୍ତି।

### ଟ୍ରେନ୍‌ରୁ ଖସି ପାଡିକା,...

ବ୍ୟବଚ୍ଛେଦ ପରେ ବ୍ରହ୍ମପୁର ଜିଆରପି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଝୁନୁ ଅବିବାହିତ ହୋଇଥିବା ବେଳେ ପାର୍ବତୀଙ୍କ ସ୍ୱାମୀଙ୍କ କିଛିବର୍ଷ ତଳେ ମୃତ୍ୟୁ ହୋଇଯାଇଛି। ତାଙ୍କର ଗୋଟିଏ ପୁଅ ରହିଛି। ଉଭୟେ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଉ ବୋଲି ସମ୍ପର୍କୀୟ ଓ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ସରପଞ୍ଚ ରାଓ ଉଭୟ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି।

### ଅନିମେଶ ପ୍ରଧାନଙ୍କୁ ...

ଅନିମେଶ ରହିଥିଲେ। ତୃତୀୟ ସ୍ଥାନରେ ଡି. ଅନନ୍ୟା ରେଡ୍ଡୀ, ଚତୁର୍ଥ ସ୍ଥାନରେ ପି.କେ. ସିଦ୍ଧାର୍ଥ ରାମକୁମାର ରହିଥିଲେ। ସେହିପରି ରୁହାନୀ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଓଡ଼ିଶାରୁ ପରୀକ୍ଷା ଦେଇଥିବା ପ୍ରଜ୍ଞାନନ୍ଦନ ଗିରି ୨୪ ନମ୍ବର ଓ ଆୟୁଷୀ ପ୍ରଧାନ ୩୬ ନମ୍ବର ର୍ୟାଙ୍କ୍ ପାଇଥିଲେ। ୫୨ ନମ୍ବର ର୍ୟାଙ୍କ୍‌ରେ ଜୟଶ୍ରୀ ପ୍ରଧାନ, ୬୦ ନମ୍ବର ର୍ୟାଙ୍କ୍‌ରେ ଅଭିମନ୍ୟୁ ମଲ୍ଲିକ, ୧୧୦ ନମ୍ବର ର୍ୟାଙ୍କ୍‌ରେ ଅମ୍ରିତାଂଶୁ ନାୟକ, ୧୧୫ ର୍ୟାଙ୍କ୍‌ରେ ଯଶୋବନ୍ତ ମଲ୍ଲିକ ଏବଂ ୧୭୬ ନମ୍ବର ସ୍ଥାନରେ ପଦ୍ମନାଭ ମିଶ୍ର ରହିଥିଲେ।

### ଜାକିର ହୁସେନଙ୍କ ...

ଚଳିତବର୍ଷ ତାଙ୍କୁ ୬୬ତମ ଗ୍ରାମୀ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଆମେରିକାରେ ରହୁଥିବା ଜାକିର ତବଲାକୁ ବିଶ୍ୱ ସ୍ତରରେ ପହଞ୍ଚାଇ ଲୋକପ୍ରିୟ କରାଇଥିଲେ। ହୃଦ୍‌ରୋଗଜନିତ ସମସ୍ୟା ଯୋଗୁ ଜାକିର ଦୁଇ ସପ୍ତାହ ହେଲା ସାନ୍‌ଫ୍ରାନ୍ସିସ୍କୋସ୍ଥିତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ବୋଲି ତାଙ୍କ ମ୍ୟାନେଜର ନିର୍ମଳା ବଚନି କହିଛନ୍ତି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ରବିବାର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ୧୯୫୧ ମାର୍ଚ୍ଚ ୯ରେ ମୁମ୍ବାଇଠାରେ ଜନ୍ମିତ ଜାକିର ଏକାଧାରରେ ଜଣେ ତବଲା ବାଦକ, ସଙ୍ଗୀତକାର, ତାଳବାଦକ, ସଙ୍ଗୀତ ପ୍ରଯୋଜକ ଏବଂ ଚଳଚ୍ଚିତ୍ର ଅଭିନେତା। କିମ୍ବଦନ୍ତୀ ତବଲା ଉସ୍ତାଦ ଆଲ୍ଲାରଖା ଖାନ୍‌ଙ୍କ ପୁଅ ଜାକିର ଭାରତ ତଥା ବିଶ୍ୱ ସଙ୍ଗୀତ ଜଗତରେ ଜଣେ ଜଣାଶୁଣା ନାମ। ସେ ମାତ୍ର ୭ ବର୍ଷ ବୟସରୁ ତବଲା ବାଦନ ଆରମ୍ଭ କରିବା ସହ ୧୨ ବର୍ଷ ବୟସରେ ଦେଶର ବିଭିନ୍ନ ଭାଗରେ ତବଲା ପରିବେଷଣ କରିଥିଲେ। ଉଭୟ ଭାରତୀୟ ଶାସ୍ତ୍ରୀୟ ଏବଂ ବିଶ୍ୱ ସଙ୍ଗୀତ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ଅନେକ ପ୍ରସିଦ୍ଧ ଭାରତୀୟ ଏବଂ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପାଇଁ ସେ ସଙ୍ଗୀତ ସଂଯୋଜନା କରିଛନ୍ତି। ୪ ଦଶନ୍ଧି ପୂର୍ବରୁ ସେ ତାଙ୍କ ପରିବାର ସହ ସାନ୍ ଫ୍ରାନ୍ସିସ୍କୋ ଚାଲିଯାଇଥିଲେ। ତାଙ୍କୁ ସବୁ ସମୟର ମହାନ ତବଲା ବାଦକ ବିବେଚନା କରାଯାଏ।

### ଜଷ୍ଟିସ୍ ଯାଦବଙ୍କୁ ସୁପ୍ରିମକୋର୍ଟ ...

ସେ ଆହୁରି କହିଥିଲେ, ଆମ ଶାସ୍ତ୍ର ଓ ବେଦରେ ଦେବୀ ରୂପେ ସ୍ୱୀକୃତି ପାଇଥିବା ଜଣେ ମହିଳାଙ୍କୁ ଅସମ୍ମାନ କରାଯାଇପାରିବ ନାହିଁ। ସେହିପରି ୪ ଜଣ ମହିଳାଙ୍କୁ ବିବାହ କରିବା କିମ୍ବା ୩ ତଲାକ୍ ଅଧିକାର ଦାବି କରାଯାଇପାରିବ ନାହିଁ। ଏହି ଅବସରରେ ସେ ମୁସଲମାନମାନଙ୍କ ଉଦ୍ଦେଶ୍ୟରେ ନକାରାତ୍ମକ ଶବ୍ଦ 'କଠମୁଲ୍ଲା' ପ୍ରୟୋଗ କରିଥିଲେ, ଯାହାର ଅର୍ଥ ହେଉଛି ଅଶିକ୍ଷିତ/ନକଲି ଗୁରୁ/ ମୂର୍ଖ ମୌଲବୀ। ୨ ଦିନ ପରେ ସୁପ୍ରିମକୋର୍ଟ ତାଙ୍କ ଆପତ୍ତିଜନକ ଟିପ୍ପଣୀକୁ ନିଜ ଆଡ୍ଡୁ ସଂଜ୍ଞାନକୁ ନେବା ସହ ଆଲ୍ଲାହାବାଦ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏନେଇ ରିପୋର୍ଟ ମାଗିଥିଲେ। ଜଣେ କାର୍ଯ୍ୟରତ ବିଚାରପତି ଏଭଳି ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ କହି ବିଭିନ୍ନ ପକ୍ଷରୁ ତାଙ୍କୁ ସମାଲୋଚନା କରାଯାଇଛି। ଏପରି କି ଜଷ୍ଟିସ୍ ଯାଦବଙ୍କ ହାତରୁ ନ୍ୟାୟିକ କାର୍ଯ୍ୟ ପ୍ରତ୍ୟାହାର ସହ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଅଣାଯାଉ ବୋଲି ଦାବି ଉଠିଛି। କ୍ୟାମ୍ପେନ୍ ଫର୍ ଜୁଡିସିଆଲ ଆକାଉଣ୍ଟେବିଲିଟି (ସିଜେଏଆର୍) ଏନେଇ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନାଙ୍କ ଦୃଷ୍ଟି ଆକର୍ଷଣ କରି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଇତିମଧ୍ୟରେ ଗତ ୧୨ରେ ହାଇକୋର୍ଟ ତାଙ୍କଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାର ଦାୟିତ୍ୱ ପ୍ରତ୍ୟାହାର କରିନେଇଛନ୍ତି, ଯାହାକି ସୋମବାରଠାରୁ ଲାଗୁହେବ। ସେପଟେ ସ୍ୱାଧୀନ ଏମ୍‌ପି କପିଲ ସିବଲଙ୍କ ନେତୃତ୍ୱରେ ରାଜ୍ୟ ସଭାର ୫୫ରୁ ଊର୍ଦ୍ଧ୍ୱ ସଦସ୍ୟ ଜଷ୍ଟିସ୍ ଯାଦବଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଇଣ୍ଡିଆ ବ୍ଲକ୍ ଏମ୍‌ପିମାନେ ଶୁକ୍ରବାର ରାଜ୍ୟ ସଭା ସେକ୍ରେଟାରି ଜେନେରାଲଙ୍କ ନିକଟରେ ଏନେଇ ନୋଟିସ ଦାଖଲ କରିଛନ୍ତି। ସଂସଦର ଶୀତ ଅଧିବେଶନ ଡିସେମ୍ବର ୨୦ରେ ଶେଷ ହେବାକୁ ଥିବାବେଳେ ଏହା ପୂର୍ବରୁ ଉଚ୍ଚ ସଦନରେ ମହାଭିଯୋଗ ପ୍ରସ୍ତାବ ଆଗତ ହୋଇପାରେ। ପ୍ରକାଶ ଯେ, ଜଷ୍ଟିସ୍ ଯାଦବଙ୍କ ପାଇଁ ବିବାଦ ନୂଆ ନୁହେଁ। ଏହା ପୂର୍ବରୁ ୨୦୨୧ ସେପ୍ଟେମ୍ବରରେ ମଧ ସେ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାକୁ ଆସିଥିଲେ। ସେତେବେଳେ ସେ ଗାଈକୁ ସଂସଦ ଦ୍ୱାରା ଭାରତର ଜାତୀୟ ପ୍ରାଣୀ ମାନ୍ୟତା ଏବଂ ଏହାର ସୁରକ୍ଷାକୁ ହିନ୍ଦୁଙ୍କ ମୌଳିକ ଅଧିକାର ରୂପେ ସ୍ୱୀକୃତି ପ୍ରଦାନ କରିବାକୁ ଦାବିକରି ବିବାଦ ଘେରକୁ ଚାଲିଯାଇଥିଲେ।


କଲ୍ୟାଣପୁର ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ


ବାଲିଆପାଳ ବିଧାନଚନ୍ଦ୍ର ଏକାଡେମୀ

# ଧରିତ୍ରୀ ମେଗା ପ୍ରଶ୍ନୋତ୍ତର ପ୍ରତିଯୋଗିତା

## ୪ କେନ୍ଦ୍ରରେ ୭୪୨ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

ଯାଜପୁର/ଯାଜପୁର ସଦର(ହର୍ଷବର୍ଦ୍ଧନ ବେହେରା/ସମର ବିଜୟ ଶରଣ), ୧୫।୧୨

ଯାଜପୁର ଜିଲାର ଯାଜପୁର, ବିଞ୍ଝାରପୁର, ଦଶରଥପୁର ଓ ବରୀ ବ୍ଲକର ୪ଟି ହାଇସ୍କୁଲରେ ଧରିତ୍ରୀ ମେଗା ପ୍ରଶ୍ନୋତ୍ତର ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଓ ଗଣିତ ବିଷୟରେ ଭିବଗିୟୋର କ୍ଲାସେସ୍‌ର ସହଯୋଗରେ ଅନୁଷ୍ଠିତ ଏହି ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ୨୦ ବିଦ୍ୟାଳୟର ସମୁଦାୟ ୭୪୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଯାଜପୁର ବିରଜା ହାଇସ୍କୁଲରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୭୪ଜଣ, ବରୀ ବ୍ଲକର ବାଲିଆପାଳ ବିଧାନଚନ୍ଦ୍ର ଏକାଡେମୀରେ ୧୪୧ ଜଣ, ଦଶରଥପୁର ବ୍ଲକର କାଟିଆ କୃଷ୍ଣ ପ୍ରଧାନ ଉଚ୍ଚ ବିଦ୍ୟାପୀଠରେ ୨୩୧ ଜଣ ଏବଂ ବିଞ୍ଝାରପୁର ବ୍ଲକର କଲ୍ୟାଣପୁର ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୯୬ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏଥିରେ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ, ବିନ୍ଦୁଶ୍ରୀ ମହାପାତ୍ର, ବିଜୟ କୁମାର ମହାପାତ୍ର ଓ ନଳିନୀପ୍ରଭା ଦାସଙ୍କ ନେତୃତ୍ୱରେ ଭିବଗିୟୋର କ୍ଲାସେସ୍‌ର ଅପରାଜେୟ ପଣ୍ଡା, ପ୍ରିୟଙ୍କା ସାହାଣୀ, ଦେବରଞ୍ଜନ ଶର୍ମା, ନଗେନ ମିଶ୍ର, ତପନ କୁମାର ଦାସ, ସୁଶୀଲ ବେହେରା, ସୁଜିତ ସାମଲ, ରଞ୍ଜନ କୁମାର ମହାନ୍ତି, ମିର୍ ନୌସାଦ ଅଲି, ସେକ୍ଅସ୍କର ରେହେମାନ, ଭାଗ୍ୟଶ୍ରୀ ରାଉତ, ଭବାନୀଶଙ୍କର ନାଥ, ଚିନ୍ମୟୀ ବେହେରା, ସତ୍ୟହରି ବିଶ୍ୱାଳ, ସ୍ମିତା ଜେନା, ମନୋଜ କୁମାର ସେନାପତି, ଜ୍ୟୋତିର୍ମୟୀ ବିଶ୍ୱାଳ, ଶାନ୍ତିଲତା ଷଡ଼ଙ୍ଗୀ, ନର୍ମଦା ମୁଣ୍ଡା, ଗୋଲଖ ଚନ୍ଦ୍ର ବେହୁରିଆ, ବିଜୟ କୁମାର ସର୍ଦ୍ଦାର, କାଳନ୍ଦୀ ପତି, ଇତିଶ୍ରୀ ପତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ଏକ ସମାରୋହରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ।


ଯାଜପୁର ବିରଜା ହାଇସ୍କୁଲ


କାଟିଆ କୃଷ୍ଣ ପ୍ରଧାନ ଉଚ୍ଚ ବିଦ୍ୟାପୀଠ


ଯାଜପୁର ବିରଜା ହାଇସ୍କୁଲ

# ଇଜିପ୍ଟ ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ଅଶ୍ୱିନୀ-ଅବନୀଙ୍କ କ୍ୟାରିକେଚର

ବଲାଙ୍ଗୀର, ୧୫।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ଇଜିପ୍ଟର ଗିଜା ପ୍ରାନ୍ତରେ ଅବସ୍ଥିତ ପ୍ରସିଦ୍ଧ ଅହମଦ ସୌକି ମ୍ୟୁଜିୟମର କର୍ମା ଇବନ୍ ହେନୀ ସଂସ୍କୃତି କେନ୍ଦ୍ରଠାରେ ଆୟୋଜିତ 'ସାଦି ଇନ୍ ଦ ଆଏଜ୍ ଅଫ୍ ଦ ୱାର୍ଲଡ୍' ଅନ୍ତର୍ଜାତୀୟ କ୍ୟାରିକେଚର ଏକ୍‌ଜିବିଶନ୍‌ରେ ଓଡ଼ିଶାର କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ ଓ ଅବନୀଙ୍କ ଏକ କୃତି ସ୍ଥାନ ପାଇବାର ସୌଭାଗ୍ୟ ଲାଭ କରିଛି। ଅଲ୍ ମୋମିଆ (ଦ ମମି) ପରି ବହୁଚର୍ଚ୍ଚିତ ସିନେମାର ନିର୍ଦ୍ଦେଶକ ତଥା ଇଜିପ୍ଟ ସିନେ ଜଗତର ଜଣାଶୁଣା ବ୍ୟକ୍ତିତ୍ୱ ସାଦି ଆବ୍‌ଦେଲ୍ ସାଲାମଙ୍କ ସ୍ମୃତିରେ ଇଜିପ୍ଟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଦର୍ଶନୀକୁ ଇଜିପ୍ଟ କ୍ୟାରିକେଚର ଆସୋସିଏଶନର ମୁଖ୍ୟ ମୁସ୍ତାଫା ଅଲ୍ ଶେଖ୍ ଗତ ଡିସେମ୍ବର ୧୧ରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଇଜିପ୍ଟର କାଏରୋଠାରେ ଅବସ୍ଥାପିତ ଗ୍ରୀସ୍, ମାଲ୍‌ଟା ଏବଂ ପର୍ତ୍ତୁଗାଲର ରାଷ୍ଟ୍ରଦୂତଗଣ, କର୍ମା ଇବନ୍ ହେନୀ ସଂସ୍କୃତି କେନ୍ଦ୍ରର ଡାଇରେକ୍ଟର ହେସାମ ଆବୁ ଅଲ୍ ଫୋତୋ ଏବଂ ଆୟୋଜକ ତଥା ଇଜିପ୍ଟ କ୍ୟାରିକେଚର ଆସୋସିଏଶନର ସେକ୍ରେଟେରି ଜେନେରାଲ ଫୌଜି ମର୍ସୀ ଉପସ୍ଥିତ ଥିଲେ। ଏଥିରେ ଭାରତ ସମେତ ବ୍ରାଜିଲ, ରୋମାନିଆ, ଇଟାଲି, ସୁଇଡେନ୍, ସାଉଦି ଆରବ ପରି ବିଶ୍ୱର କୋଣ ଅନୁକୋଣରୁ ପ୍ରାୟ ୧୦୦ଟି କାର୍ଟୁନ୍‌କୁ ପ୍ରଦର୍ଶନୀ ପାଇଁ ନିର୍ବାଚିତ କରାଯାଇଥିଲା।

ପ୍ରକାଶଯୋଗ୍ୟ, ନିକଟ ଅତୀତରେ 'ରାମ ଆଏଙ୍ଗେ' ବିଷୟକ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ଅଶ୍ୱିନୀ-ଅବନୀଙ୍କ କାର୍ଟୁନ୍ ପୁରସ୍କୃତ ତଥା ପ୍ରକାଶିତ ହେବାର ସୌଭାଗ୍ୟ ଲାଭ କରିଥିଲା। ଏହାସହ କାଏରୋଠାରେ ଆୟୋଜିତ 'ସ୍ପିରିଟ୍ ଅଫ୍ ଗାନ୍ଧୀ' ଇଣ୍ଟରନ୍ୟାଶନାଲ ଏକ୍‌ଜିବିଶନରେ ମଧ୍ୟ ଏମାନଙ୍କ କୃତି ସ୍ଥାନ ପାଇଥିଲା। ସୂଚନାଯୋଗ୍ୟ, ଦୀର୍ଘ ୩୫ ବର୍ଷରୁ ଅଧିକ ସମୟ ଧରି କାର୍ଟୁନ୍‌ର ଧାରାକୁ ପ୍ରବହମାନ କରିବାରେ ଯୋଗଦାନ କରିଆସୁଥିବା ଓଡ଼ିଶାର ଏହି ଭ୍ରାତୃଦ୍ୱୟ ବିଶ୍ୱ ବ୍ୟଙ୍ଗଚିତ୍ର ଜଗତରେ ବେଶ୍ ପ୍ରତିଷ୍ଠିତ। ପୂର୍ବରୁ ୨୦୧୪ ମସିହାରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇ ସାରିଥିବା ଅଶ୍ୱିନୀ-ଅବନୀ ଅନେକ ଥର ଅନ୍ତର୍ଜାତୀୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି। ଭ୍ରାତୃଦ୍ୱୟଙ୍କ ଦ୍ୱାରା ଆୟୋଜିତ ପି.ସି. ରଥ ମେମୋରିଆଲ ଇଣ୍ଟରନ୍ୟାଶନାଲ ୱେବ୍ କାର୍ଟୁନ୍ କଣ୍ଟେଷ୍ଟ ବିଶ୍ୱସ୍ତରରେ ବେଶ୍ ପ୍ରସିଦ୍ଧି ଲାଭ କରିଛି।



ଇଜିପ୍ଟଠାରେ ଆୟୋଜିତ ଅନ୍ତର୍ଜାତୀୟ କ୍ୟାରିକେଚର ଏକ୍‌ଜିବିଶନରେ ଓଡ଼ିଶାର ଜଣାଶୁଣା କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ ଓ ଅବନୀଙ୍କ ଏକ କୃତି ସ୍ଥାନ ପାଇଛି।

# ଇନ୍‌ସ୍ୟୁରାନ୍ସ ନୁହେଁ ଆସ୍ୟୁରାନ୍ସ ମୋଡ୍‌ରେ ମିଳିବ ଚିକିତ୍ସା: ମନ୍ତ୍ରୀ ମହାଲିଙ୍ଗ

ଭୁବନେଶ୍ୱର, ୧୫।୧୨ (ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ କାର୍ଡ ସମସ୍ୟା ଖୁବ୍‌ଶୀଘ୍ର ସମାଧାନ ହେବ। ରାଜ୍ୟର ୩ କୋଟି ଲୋକଙ୍କୁ ସ୍ୱାସ୍ଥ୍ୟ କାର୍ଡ ଦିଆଯିବ। ମିଶନ ମୋଡ୍‌ରେ ହେଲ୍‌ଥ କେୟାର ସିଷ୍ଟମ ଆଗକୁ ନେଉଛୁ। ରାଜ୍ୟରେ ଉଭୟ ଆୟୁଷ୍ମାନ ଓ ଗୋପବନ୍ଧୁ କାର୍ଡରେ ଚିକିତ୍ସା ହେବ। ଲୋକଙ୍କୁ ଇନ୍‌ସ୍ୟୁରାନ୍ସ ନୁହେଁ ଆସ୍ୟୁରାନ୍ସ ମୋଡ୍‌ରେ ଚିକିତ୍ସା ମିଳିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି।

ଗଣମାଧ୍ୟମକୁ ସୂଚନାଦେଇ ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ଖୁବ୍‌ଶୀଘ୍ର ଉଭୟ ଆୟୁଷ୍ମାନ ଏବଂ ଗୋପବନ୍ଧୁ କାର୍ଡ ଲାଗୁହେବ। ଆଗକୁ କେବଳ ସ୍ୱାସ୍ଥ୍ୟ କାର୍ଡ ଦିଆଯିବ। ଗତ ସରକାର ସମୟରେ ବିଏସ୍‌କେୱାଇ କାର୍ଡରେ ମାତ୍ର ୯୫୬ ହସ୍ପିଟାଲରେ ଚିକିତ୍ସା ହେଉଥିଲା। ଏବେ ଦେଶର ୨୭ ହଜାର ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳିପାରିବ ବୋଲି ମହାଲିଙ୍ଗ କହିଛନ୍ତି।

# 'ମିସ୍ ଓଡ଼ିଶା ଇଣ୍ଡିଆ' ପ୍ରତିଯୋଗିତା

## ପ୍ରତିଭା ଦେଖାଇଲେ ୬୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

ଭୁବନେଶ୍ୱର, ୧୫।୧୨ (ବନ୍ଦନା ସେଠୀ)

ଏନିଗ୍‌ମା ଓ ଆଡିକ୍ସନ୍ ଫ୍ୟାଶନ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲଠାରେ 'ମିସ୍ ଓଡ଼ିଶା ଇଣ୍ଡିଆ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଭା, ଆତ୍ମବିଶ୍ୱାସ ଏବଂ ସୌନ୍ଦର୍ଯ୍ୟର ଅପୂର୍ବ ସମାଗମ ଦେଖିବାକୁ ମିଳିଥିଲା। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୬୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୪ଜଣ ପ୍ରତିଯୋଗୀ ପରବର୍ତ୍ତୀ ପର୍ଯ୍ୟାୟ ଅର୍ଥାତ୍ ୨୦୨୫ ଜାନୁଆରୀରେ ହେବାକୁ ଥିବା ମେଗା ଅଡିଶନ ପାଇଁ ମନୋନୀତ ହୋଇଛନ୍ତି। ମେଗା ଅଡିଶନ୍‌ରେ ବିଜୟୀ ପ୍ରତିଯୋଗୀ ଫେବୃୟାରୀରେ ହେବାକୁ ଥିବା ଗ୍ରାଣ୍ଡ ଫିନାଲେରେ ଅଂଶ ଗ୍ରହଣ କରିବେ। ଏଥିରେ ବିଜୟୀ ହେବା ପରେ ସେ 'ମିସ୍ ଓଡ଼ିଶା ଇଣ୍ଡିଆ' ଟାଇଟଲ୍ ହାତେଇବା ସହିତ ଆସନ୍ତା ବର୍ଷ ହେବାକୁ ଥିବା 'ମିସ୍ ଇଣ୍ଡିଆ' ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଜନ୍ ଅଜୟ, ଏନିଗ୍‌ମା ନିର୍ଦ୍ଦେଶକ ନିରଜପ୍ରିୟ, ଫ୍ୟାଶନ୍ ଷ୍ଟାଇଲିଷ୍ଟ ସିବିୟାନ୍ ସାରନ୍ ଏବଂ ଗୌରବ ଚାୱ୍‌ଲା କାର୍ଯ୍ୟକ୍ରମରେ ଜଜ୍ ଭାବେ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ।



# ସୈନିକ ସ୍କୁଲ-ଓଏମ୍‌ସି ମିନି ମାରାଥନ

## ସିନିୟରରେ ବି.ପ୍ରସାଦ ଦୋରା, ଜୁନିୟରରେ ମାଷ୍ଟର ବିକାଶ ବିଜେତା






ଭୁବନେଶ୍ୱର, ୧୫।୧୨ (ସୁଚିସ୍ମିତା ସାହୁ)

ସୈନିକ ସ୍କୁଲ ପୁରାତନ ଛାତ୍ର ସଂଘ (ଓବିଏ) ପକ୍ଷରୁ ଅଷ୍ଟମ ସୈନିକ ସ୍କୁଲ-ଓଏମ୍‌ସି ମିନି ମାରାଥନ ରବିବାର ସ୍କୁଲ ପରିସର ଗାନ୍ଧୀ ମିନିଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏନ୍‌ସିସି ନିର୍ଦ୍ଦେଶାଳୟ ଓଡ଼ିଶାର ଡେପୁଟି ଡିଜି କମୋଡ଼ର ମହେଶ ରହଙ୍ଗଡ଼ାଲେ, ସମ୍ମାନିତ ଅତିଥି ଭାବେ ସୈନିକ ସ୍କୁଲ ପ୍ରିନ୍ସିପାଲ କଲୋନେଲ ବାଲୁଭରଥ, ସୈନିକ ସ୍କୁଲ ପୁରାତନ ଛାତ୍ର ସଂଘର ସଭାପତି ମଧୁସୂଦନ ପାଢ଼ୀ ପତାକା ଦେଖାଇ ମାରାଥନର ଉଦ୍‌ଘାଟନ କରିଥିଲେ। ମାରାଥନର ଥିମ୍ ଥିଲା 'ସ୍ୱଚ୍ଛ, ସବୁଜ, ସୁସ୍ଥ ଭୁବନେଶ୍ୱର'। ପ୍ରତିଯୋଗିତାରେ ସୈନିକ ସ୍କୁଲର ୬୦୦ କ୍ୟାଡ଼େଟ, ୨ଶହ ପୁରାତନ ଛାତ୍ର, ସହୋଦୟ ସ୍କୁଲ ଏବଂ ସରକାରୀ ବିଦ୍ୟାଳୟଗୁଡ଼ିକର ୪ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ମିଶାଇ ମୋଟ ୧୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ମାରାଥନରେ ସିନିୟର ପ୍ରତିଯୋଗୀମାନେ ସୈନିକ ସ୍କୁଲ ମୁଖ୍ୟ ଗେଟ୍ ପାଖରୁ ଦୌଡ଼ ଆରମ୍ଭ କରି ସୈନିକ ସ୍କୁଲ ଛକ ଦେଇ ୧୦ କିମି ପଥ ଅତିକ୍ରମ କରିଥିବା ବେଳେ ଜୁନିୟର ବିଭାଗରେ ସୈନିକ ସ୍କୁଲରୁ ବାହାରି ଗଜପତି ନଗର ରାସ୍ତା ଦେଇ ୭ କିମି ପଥ ଅତିକ୍ରମ କରି ଶେଷରେ ଗାନ୍ଧୀ ଷ୍ଟାଡ଼ିୟମଠାରେ ପହଞ୍ଚିଥିଲେ। ଉକ୍ତ ଦୌଡ଼ର ସିନିୟର ବିଭାଗରେ ବି. ପ୍ରସାଦ ଦୋରା ବିଜେତା ହେବାବେଳେ ଅଭିଶେଷ କୁମାର ଉପବିଜେତା ହୋଇଥିଲେ। ସେହିପରି କନିଷ୍ଠ ବିଭାଗରେ ମାଷ୍ଟର ବିକାଶ ବିଜେତା ଓ ଶିବମ ଯାଦବ ଉପବିଜେତା ହୋଇଥିଲେ। ପୁରାତନ ଛାତ୍ରଙ୍କ ମଧ୍ୟରୁ ରଞ୍ଜିତ ସାହାଣୀ ଓ ବାଳିକା ବିଭାଗରେ ଆକାଂକ୍ଷା ପ୍ରିୟା ବିଜୟିନୀ ହୋଇଥିଲେ। ମୁଖ୍ୟ ଅତିଥି ବିଜେତାଙ୍କୁ ପୁରସ୍କାର ପ୍ରଦାନ କରି ରାଜଧାନୀକୁ ସ୍ୱଚ୍ଛ, ସୁନ୍ଦର, ସବୁଜ ଓ ପ୍ରଦୂଷଣ ମୁକ୍ତ ସହର ଗଢ଼ିତୋଳିବାରେ ଛାତ୍ରୀଛାତ୍ରଙ୍କ ସହଯୋଗ କାମନା କରିଥିଲେ। ଏହି ମାରାଥନରେ ଓବିଏ ସମ୍ପାଦକ କମାଣ୍ଡର ଦିନେଶ ସ୍ୱାଇଁ, ପ୍ରଶାସନିକ ଅଧିକାରୀ ଲ୍ୟୁଟ୍‌ନାଣ୍ଟ କଲୋନେଲ ଅମିତ ତିୱାରୀ, ସ୍କୁଲର ଭାଇସ୍ ପ୍ରିନ୍ସିପାଲ କମାଣ୍ଡର ମନୋରମା ପୋଖେରିୟା, ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ବରିଷ୍ଠ ଅଧିକାରୀ ଅମିତାଭ ସ୍ୱାଇଁଙ୍କ ସମେତ ସ୍କୁଲର ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସୈନିକ ସ୍କୁଲର ସିନିୟର ମାଷ୍ଟର ବିଘ୍ନେଶ୍ୱର ପ୍ରଧାନ ଓ ଏ.କେ. ମୁଖାର୍ଜୀ ଏହି ଦୌଡ଼ର ପରିଚାଳନା କରିଥିଲେ।

# ଆମ ବଣଭୋଜି: ପର୍ଯ୍ୟଟନର ଖୁସି ଛଡ଼ାଇ ନ ନେଉ

ଭୁବନେଶ୍ୱର, ୧୫।୧୨ (ବନ୍ଦନା ସେଠୀ)

ଆଉ ଦିନ କେଇଟା ପରେ ପୁରୁଣା ବର୍ଷ ବିଦାୟ ନେବା ସହ ନୂତନ ବର୍ଷ ପଦାର୍ପଣ କରିବ। ନୂଆବର୍ଷକୁ ସ୍ୱାଗତ କରିବା ସହ ଏହି ପର୍ଯ୍ୟଟନ ଋତୁର ମଜା ନେବା ପାଇଁ ପର୍ଯ୍ୟଟକମାନେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବା ପ୍ରକୃତିର ସୌନ୍ଦର୍ଯ୍ୟରେ ଭରା ସ୍ଥାନଗୁଡ଼ିକୁ ଯାଇଥାନ୍ତି। ସେଠାରେ ଭୋଜିଭାତର ଆସର ମଧ୍ୟ ଜମିଥାଏ। ମାତ୍ର ଏତେ ବଣଭୋଜି ପାଇଁ ଚାରିଆଡ଼େ ପ୍ଲାଷ୍ଟିକ୍‌ଜାତ ଦ୍ରବ୍ୟ, ଗ୍ଲାସ୍, ଚାମଚ, ଥର୍ମୋକୁଲ୍ ଦନା, ପାଣି ବୋତଲ ଓ ପଲିଥିନ ଆଦି ପରିବେଶରେ ପଡ଼ିରହେ। ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥାଏ। ତେଣୁ 'ଆମ ବଣଭୋଜି ଯେପରି ପର୍ଯ୍ୟଟନର ଖୁସି ଛଡ଼ାଇ ନ ନେଉ' ସେ ନେଇ ପାରାଦୀପର ପରିବେଶକର୍ମୀ ବାପି ଗୋଚ୍ଛାୟତ ଆହ୍ୱାନ କରିଛନ୍ତି।

ପ୍ଲାଷ୍ଟିକ୍ ପ୍ରଦୂଷଣ ଆଜି ଆମ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ନିଜସ୍ୱ ଅବକ୍ଷୟ କ୍ଷମତା ନ ଥିବା କୁଢ଼ କୁଢ଼ ପ୍ଲାଷ୍ଟିକ୍ ଅଳିଆ ବର୍ଷ ବର୍ଷ ଧରି ବିଘଟିତ ହୋଇ ନ ପାରି ଆମ ପରିବେଶ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଜଳବାୟୁ, ଜୀବଜଗତ, ଜଳଚର ଜୀବ ଓ ଗୃହପାଳିତ ପଶୁ ଆଦିଙ୍କୁ ବହୁମାତ୍ରାରେ ପ୍ରଭାବିତ କରୁଛି। ତେଣୁ ବଣଭୋଜିରେ ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀ ଓ ପରିବେଶ ଅନୁକୂଳ ଯଥା କଦଳୀ ପତ୍ର, ଖଲିପତ୍ର, ଦନା, ଘରର ଗ୍ଲାସ, ଘରର ବ୍ୟାଗ୍ ଓ ଟିସୁ ପେପର ବଦଳରେ ରୁମାଲ ଆଦି ବ୍ୟବହାର କରିବା ଦରକାର। ବଣଭୋଜି ସରିବା ପରେ ଆମ ଅଇଁଠା ଆବର୍ଜନା ସବୁକୁ ଅଳିଆ କୁଣ୍ଡରେ ନ ପକାଇ ଆମ ପରେ ସେଠାକୁ ଆସୁଥିବା ଅନ୍ୟ ପର୍ଯ୍ୟଟକଙ୍କ ପାଇଁ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଯୋଗାଇଦେଇହେବ, ସେଥିପ୍ରତି ସମସ୍ତେ ସଚେତନ ହେବା ଦରକାର। ଏହା କେବଳ ଆମ ପରିବେଶକୁ ସ୍ୱଚ୍ଛ ଓ ସୁସ୍ଥ ରଖିବାରେ ସହାୟକ ହେବନି, ବରଂ ଆମ ଭବିଷ୍ୟତ ପିଢ଼ି ପାଇଁ ମଧ୍ୟ ଏହି ଧାରା ବଜାୟ ରଖିବାରେ ସାହାଯ୍ୟ କରିବ। ପ୍ରକୃତି ଆମ ଆବଶ୍ୟକତାଠାରୁ ଆମକୁ ବହୁତ କିଛି ଦେଇଛି। ତେଣୁ ତା'ର ସୁରକ୍ଷା ପାଇଁ ଆମ ଚତୁଃପାର୍ଶ୍ୱ ପରିବେଶକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବାକୁ ପଡ଼ିବ। ଏଥିସହ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟାପ୍ତ ପରିମାଣର ଅଳିଆ କୁଣ୍ଡ ରଖିବାକୁ ସରକାର ଓ ପ୍ରଶାସନକୁ ବାପି ନିବେଦନ କରିଛନ୍ତି।


ବାପି ଗୋଚ୍ଛାୟତ

# ଅସ୍ଥିର ଦକ୍ଷିଣ କୋରିଆ

ଗତ ସପ୍ତାହରେ ସିରିଆ ରାଷ୍ଟ୍ରପତି ବଶର ଅଲ୍-ଅସାଦ ନିଜ ଦେଶ ଭିତରେ ଘୋର ବିରୋଧର ସମ୍ମୁଖୀନ ହେବା ପରେ ବାଧହୋଇ ରୁଷିଆକୁ ପଳାଇଲେ । ବିଦ୍ରୋହୀମାନେ ଯେଭଳି ଆକ୍ରମଣାତ୍ମକ ହୋଇଉଠିଥିଲେ ସେଥିରୁ ସେ ବୁଝିଯାଇଥିଲେ ବେଶି ସମୟ ଦେଶ ଭିତରେ ରହିଲେ ଜୀବନ ପ୍ରତି ବିପଦ ଘନେଇ ଆସିବ । ସିରିଆ ଛାଡ଼ିବା ପରେ ପୁରୁଣା ଶୈଳୀର ଏକଚ୍ଛତ୍ରବାଦ ଅନୁସରଣ କରିଆସୁଥିବା ବଶର ଅଲ୍-ଅସାଦଙ୍କ ଶାସନର ପତନ ଘଟିଲା । ତେଣୁ ସିରିଆ ଅସ୍ଥିରତା ଭିତରକୁ ଠେଲି ହୋଇଯାଇଛି । ଏବେ ବିଶ୍ୱର ଅନ୍ୟତମ ଗଣତାନ୍ତ୍ରିକ ରାଷ୍ଟ୍ର ଦକ୍ଷିଣ କୋରିଆରେ ରାଜନୈତିକ ଅରାଜକତା ଦେଖାଦେଇଛି । ୩ ଡିସେମ୍ବରରେ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ ସାମରିକ ଆଇନ ଲାଗୁ କରିବାରୁ ଦେଶରେ ଅସ୍ୱାଭାବିକ ସ୍ଥିତି ଉପୁଜିଥିଲା । ବିରୋଧୀ ଦଳ ସମେତ ଦେଶବାସୀ ପ୍ରତିବାଦ କରିବାରୁ ସେହି ଆଇନକୁ ମାତ୍ର ୬ ଘଣ୍ଟା ପରେ ପ୍ରତ୍ୟାହାର କରି ନିଆଯାଇଥିଲା । ହେଲେ ରାଷ୍ଟ୍ରପତିଙ୍କ ଏଭଳି ଆଚରଣରେ କ୍ଷୁବ୍ଧ ହୋଇ ଆଇନ ପ୍ରଣେତାମାନେ ତାଙ୍କ ବିରୋଧରେ ପ୍ରଥମେ ଡିସେମ୍ବର ୭ ଓ ପରେ ୧୨ ତାରିଖରେ ମହାଭିଯୋଗ ଆଣିଥିଲେ । ପାର୍ଲାମେଣ୍ଟରେ ଡିସେମ୍ବର ୧୪ରେ ମହାଭିଯୋଗ ଗୃହୀତ ହେବା ପରେ ୟୁନ୍ ନୂଆ ଶୈଳୀର ଏକଚ୍ଛତ୍ରବାଦ ପାଇଁ ଯେଉଁ ପାଗ ଭିଡ଼ିଥିଲେ ତାହା କାମ ଦେଲା ନାହିଁ ବୋଲି କୁହାଯାଉଛି । ଦକ୍ଷିଣ କୋରିଆର ଶାସନ ପଦ୍ଧତିକୁ ଦେଖିଲେ ୟୁନ୍‌ଙ୍କୁ ରାଷ୍ଟ୍ରପତି ପଦବୀରୁ ହଟାଯିବ କି ତାଙ୍କ କ୍ଷମତା ବଜାୟ ରହିବ, ତାହା ଉପରେ ସାମ୍ବିଧାନିକ ଅଦାଲତ ୧୮୦ ଦିନ ମଧ୍ୟରେ ନିଷ୍ପତ୍ତି ନେବ । ଯଦି ତାଙ୍କୁ ବହିଷ୍କାର କରାଯାଏ, ତେବେ ୬୦ ଦିନ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇ ପରବର୍ତ୍ତୀ ରାଷ୍ଟ୍ରପତି ଚୟନ କରାଯିବ ।

ପୂର୍ବ ଏସୀୟ ରାଷ୍ଟ୍ର ଦକ୍ଷିଣ କୋରିଆ ବିଶ୍ୱରେ ପ୍ରଯୁକ୍ତି କ୍ଷେତ୍ରରେ ଅନ୍ୟତମ ଅଗ୍ରଣୀ ଦେଶ ରହିଆସିଛି । ସେଠାକାର ସମ୍‌ସଙ୍ଗ, ଏଲ୍‌ଜି ଓ ପୋସ୍କୋ ଭଳି କମ୍ପାନୀ ବିଶ୍ୱବ୍ୟାପୀ ପରିଚିତ । ଏହାର ପୁରୁଷ ସଙ୍ଗୀତ ବ୍ୟାଣ୍ଡ୍ ବାଙ୍ଗତାନ୍ ସୋନିଓନ୍ଦନ (ବିଟିଏସ୍) ପୃଥିବୀବିଖ୍ୟାତ । ଏଥିସହିତ ସେଠାକାର ମନୋରଞ୍ଜନ ଏବଂ ସ୍ୱାସ୍ଥ୍ୟ-ସୌନ୍ଦର୍ଯ୍ୟ ଶିଳ୍ପର ଚାରିଆଡ଼େ ବଡ଼ ଚାହିଦା ରହିଛି । ଚଳିତ ବର୍ଷ ସେଠାକାର ଲେଖିକା ହାନ୍ କାଙ୍ଗ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପାଇବା ପରେ ଦକ୍ଷିଣ କୋରିଆ ମଧ୍ୟ ବେଶ୍ ଚର୍ଚ୍ଚାକୁ ଆସିଥିଲା । ତେବେ ଏହାର ପଡ଼ୋଶୀ ଉତ୍ତର କୋରିଆରେ ଏକଚ୍ଛତ୍ରବାଦ ଚାଲିଥିବା ବେଳେ ଦକ୍ଷିଣ କୋରିଆର ନାଗରିକମାନେ ମୁକ୍ତ ଜୀବନ ବିତାଇଥାଆନ୍ତି । ଏହି ପରିପ୍ରେକ୍ଷୀରେ ଦେଖିଲେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଅଚାନକ ସାମରିକ ଆଇନ କାହିଁକି ଲାଗୁ କଲେ ତାହା ଉପରେ ସେ ସଫେଇ ଦେଇଛନ୍ତି । ବିରୋଧୀ ଦଳର କେତେକ ନେତା ଉତ୍ତର କୋରିଆ ସହ ସମ୍ପର୍କ ରଖି ଦେଶରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିବାକୁ ଚାହୁଁଥିବା ଜାଣିବା ପରେ ସେ ସାମରିକ ଆଇନ ଲାଗୁ କରିଥିଲେ ବୋଲି ୟୁନ୍ କହିଛନ୍ତି । ହେଲେ ତାଙ୍କ ସ୍ପଷ୍ଟୀକରଣକୁ ସହଜରେ ଗ୍ରହଣ କରାଯାଇପାରି ନାହିଁ । ଦେଶ ଭିତରେ ଆଭ୍ୟନ୍ତରୀଣ ସମସ୍ୟା ଦେଖାଦେଲେ ତାହାକୁ ସମାଧାନ କରିବା ଲାଗି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ମଜଭୁତ କରିବାର ଆବଶ୍ୟକତା ଥାଏ । କିନ୍ତୁ ଶତ୍ରୁ ଦମନ କରିବାକୁ ଯାଇ ‘ମଶା ମାରିବା ପାଇଁ ଘରପୋଡ଼ି ଦେବା’ ଭଳି କାର୍ଯ୍ୟ କରିବା ଅପରିପକ୍ୱତାର ପରିଚୟ ଦିଏ । ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକଙ୍କ ଉପରେ ସାମରିକ ଆଇନ ଲାଗୁ କରିବା ଅର୍ଥ ନିଜ ଦେଶବାସୀଙ୍କୁ ଦମନ କରିବା ବୋଲି ଧରାଯିବ । ଦକ୍ଷିଣ କୋରିଆ ନାଗରିକଙ୍କ ମନୋଭାବ ଗଣତନ୍ତ୍ର ପ୍ରତି ସକାରାତ୍ମକ ଥିବାରୁ ଶାସକ ଦଳର କେତେ ଜଣ ଆଇନ ପ୍ରଣେତା ରାଷ୍ଟ୍ରପତିଙ୍କ ବିରୋଧରେ ଅଣାଯାଇଥିବା ମହାଭିଯୋଗକୁ ମଧ୍ୟ ସମର୍ଥନ କରିଛନ୍ତି ।

> **ଆଗାମୀ ଦିନରେ ଦୀର୍ଘକାଳ ଶାସନ ଜାବୁଡ଼ି ରଖିବାର ଅଭୀପ୍ସା ରଖୁଥିବା ନେତାଙ୍କୁ ନାଗରିକମାନେ ଗଣତାନ୍ତ୍ରିକ ଉପାୟରେ ଉଚିତ ଜବାବ ନ ଦେଲେ ଏକଚ୍ଛତ୍ରବାଦୀଙ୍କ ହାତ ଟାଣହେବା ଥୟ । ଦକ୍ଷିଣ କୋରିଆ, ଜର୍ଜିଆ, ବାଂଲାଦେଶ ଭଳି ଦେଶର ସାମ୍ପ୍ରତିକ ସ୍ଥିତି ଦେଖିଲେ ସେଗୁଡ଼ିକର ଭବିଷ୍ୟତ ଅନିଶ୍ଚିତତା ଆଡ଼କୁ ଗତି କରୁଥିବା ମନେହେଉଛି ।**

ଦେଖିବାକୁ ଗଲେ ଏବେ ପୃଥିବୀର କେତେକ ଗଣତାନ୍ତ୍ରିକ ଦେଶରେ ଶାସକମାନେ ଦୀର୍ଘଦିନ ଗାଦିନସୀନ ହେବା ଲୋଭ ରଖିବା ଯୋଗୁ ଏକଚ୍ଛତ୍ରବାଦର ଆଭିମୁଖ୍ୟ ପ୍ରୋତ୍ସାହିତ ହେଉଛି । ସମୟକ୍ରମେ ତାହା ଦୃଢ଼ୀଭୂତ ହେଉଥିବାରୁ ଦେଶବାସୀଙ୍କୁ ଗଣତନ୍ତ୍ରଠାରୁ ଦୂରେଇ ଦିଆଯାଉଛି । ସଦ୍ୟ ଦୃଷ୍ଟାନ୍ତ ଭାବେ ବାଂଲାଦେଶକୁ ଦେଖାଯାଇପାରେ । ସେହିଭଳି ଜର୍ଜିଆରେ ଗୋଟିଏ ରାଜନୈତିକ ଦଳ କ୍ଷମତାରେ ରହି ଏକଚ୍ଛତ୍ରବାଦୀ ରାଷ୍ଟ୍ରପତି ବାଛିବା ସହିତ ଅନ୍ୟ କୌଣସି ଦଳକୁ ରହିବାକୁ ଦେଉନାହିଁ । ସେଥିରେ ଉପୁଜୁଥିବା ଏକଚ୍ଛତ୍ରବାଦ ଜର୍ଜିଆର ଭବିଷ୍ୟତକୁ ଅଗଣତାନ୍ତ୍ରିକ କରିଦେଉଛି । ସେଠାରେ ଜନସାଧାରଣ ଏହି ଘଟଣାକୁ କେବେ ପସନ୍ଦ କରୁ ନାହାନ୍ତି ଏବଂ ଭବିଷ୍ୟତରେ ତାହାର କୁଫଳ ସେଠାକାର ରାଜନୈତିକ ପରିସ୍ଥିତି ଉପରେ ନିଶ୍ଚୟ ପଡ଼ିବ । ସେହିଭଳି ଫ୍ରାନ୍ସରେ ମଧ୍ୟ ପରିସ୍ଥିତି ବଦଳୁଥିବା ଦେଖିବାକୁ ମିଳିଲାଣି । ଆଗାମୀ ଦିନରେ ଦୀର୍ଘକାଳ ଶାସନ ଜାବୁଡ଼ି ରଖିବାର ଅଭୀପ୍ସା ରଖୁଥିବା ନେତାଙ୍କୁ ନାଗରିକମାନେ ଗଣତାନ୍ତ୍ରିକ ଉପାୟରେ ଉଚିତ ଜବାବ ନ ଦେଲେ ଏକଚ୍ଛତ୍ରବାଦୀଙ୍କ ହାତ ଟାଣ ହେବା ଥୟ । ଦକ୍ଷିଣ କୋରିଆ, ଜର୍ଜିଆ, ବାଂଲାଦେଶ ଭଳି ଦେଶର ସାମ୍ପ୍ରତିକ ସ୍ଥିତି ଦେଖିଲେ ସେଗୁଡ଼ିକର ଭବିଷ୍ୟତ ଅନିଶ୍ଚିତତା ଆଡ଼କୁ ଗତି କରୁଥିବା ମନେହେଉଛି ।

# ଓଡ଼ିଆର ବାଣିଜ୍ୟ ବିସ୍ତାର



ଡ. ପ୍ରମୋଦ କୁମାର ପଣ୍ଡା

ପ୍ରସଙ୍ଗଟି ଅନେକଙ୍କୁ ଆଶ୍ଚର୍ଯ୍ୟ କରିବ । ତଅପୋଇର ଛେଳିଚରା ସହିତ ଓଡ଼ିଆର ବାଣିଜ୍ୟ ବିସ୍ତାରର କ’ଣ ସମ୍ପର୍କ ଅଛି ? ହଁ ସମ୍ପର୍କ ଅଛି ପାଠକ ବନ୍ଧୁ ! ଅତି ଗଭୀର ସମ୍ପର୍କ । ଆମେ ତାକୁ କେବେ ଆବିଷ୍କାର କରିବାକୁ ପ୍ରୟାସ କରିନାହାନ୍ତି । ଯଦିଓ ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ, ମାତ୍ର ଆର୍ଥିକ ପ୍ରଗତିରେ ଆମେ ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ସେତେଟା ବିକାଶ କରି ନ ପାରି ବର୍ତ୍ତମାନ ଅଷ୍ଟାଦଶ ସ୍ଥାନରେ ଅଛନ୍ତି । ଓଡ଼ିଶାର ସମସ୍ତ ପ୍ରକାର ସମ୍ବଳ ଥିବା ସତ୍ତ୍ୱେ ଆମର ଆର୍ଥିକ ପ୍ରଗତି ହୋଇ ପାରୁନାହିଁ । ଇତିହାସ କହେ, ପ୍ରାଚୀନ ଓ ମଧ୍ୟ ଯୁଗରେ ଉଭୟ କଳିଙ୍ଗ ଏବଂ ଉତ୍କଳ ପ୍ରଗତିର ଶୀର୍ଷରେ ପହଞ୍ଚି ପାରିଥିଲା । ମହାଭାରତ ଯୁଦ୍ଧ ସମୟରେ କଳିଙ୍ଗ ସମୃଦ୍ଧ ରାଜ୍ୟ ଥିବାର ପ୍ରମାଣ ମିଳେ । ମୌର୍ଯ୍ୟ ସାମ୍ରାଜ୍ୟ ନେତୃବୃନ୍ଦ ଶତତ ଚେଷ୍ଟା କରି ମଧ୍ୟ କଳିଙ୍ଗକୁ ଜୟ ନ କରିପାରିବାର କାହାଣୀ ସମସ୍ତେ ଜାଣନ୍ତି । ଶେଷରେ ଅଶୋକ କଳିଙ୍ଗ ଜୟ କରି ନିଜକୁ ସମ୍ରାଟ ଆଖ୍ୟାରେ ଭୂଷିତ କରିଥିଲେ । ସେତେବେଳେ ଆମ ପୂର୍ବପୁରୁଷ ନୌବାଣିଜ୍ୟରେ ପାରଙ୍ଗମ ଥିଲେ ଏବଂ ଭାରତ ବର୍ଷର ପ୍ରଥମ ଜାତି ଯେ କି ସମୁଦ୍ରରେ କାଠ ବୋଇତରେ ବିଦେଶ ମାଟିରେ ପାଦ ଦେଇଥିଲେ । ବିଦେଶ ମାଟିରେ ସେମାନେ ଶାନ୍ତିପୂର୍ଣ୍ଣ ଭାବରେ ଉପନିବେଶ ସ୍ଥାପନ କରିଥିଲେ । ସେ ଇଣ୍ଡୋନେସିଆର କ୍ଲିଙ୍ଗ ଜାତି ହୁଅନ୍ତୁ କିମ୍ବା କମ୍ବୋଡିଆର ପ୍ରଥମ ସମ୍ରାଟ କୌଣ୍ଡିନ୍ୟ, ସମସ୍ତେ ଓଡ଼ିଆ ବଂଶଧର । ଖାରବେଳଙ୍କର ଗଙ୍ଗାଠାରୁ ଗୋଦାବରୀ ସାମ୍ରାଜ୍ୟ ହେଉ କିମ୍ବା ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସବୁ ଆମ ପ୍ରଗତିର ପ୍ରମାଣ । ଗଜପତିଙ୍କ ସମୟରେ ଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର ଓ ଦ୍ୱାଦଶ ଶତାବ୍ଦୀରେ ବିଶାଳକାୟ ଜଙ୍କ ବିହୀନ ଲୁହାବିମ୍ବର ଉଦ୍ଭାବନ ସେ ସମୟରେ ସମଗ୍ର ବିଶ୍ୱରେ ବିରଳ ଥିଲା । ଏ ସବୁ ସମ୍ଭବ ଥିଲା କେବଳ ଆମ ବ୍ୟବସାୟ ବାଣିଜ୍ୟ ପାଇଁ ।

ଆମର ସାଧବ ପୁଅ ବିଶ୍ୱର ବିଭିନ୍ନ ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ । ଷୋଡ଼ଶ ଶତାବ୍ଦୀଠାରୁ ଯେତେବେଳେ ଆମେ ପରାଧୀନ ହୋଇଗଲୁ ଓ ଆମର ବହିର୍ବାଣିଜ୍ୟ କମିଗଲା କିମ୍ବା ବନ୍ଦ ହୋଇଗଲା, ସେତେବେଳେ ଆମେ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଗଲୁ । ବର୍ତ୍ତମାନ ଅବସ୍ଥା ଏଇୟା ଯେ ଓଡ଼ିଆ ଚାଷୀ ରସୁଣ ଚାଷ ଛାଡି କିଲୋପିଛା ୪୦୦ ଟଙ୍କା ଦେଇ ଗୁଜରାଟ ଓ ରାଜସ୍ଥାନରୁ ରସୁଣ ଆମଦାନୀ କରି ବଞ୍ଚୁଛି । ସେ ଗରିବ ହେବନି ତ କ’ଣ ଧନୀ ହେବ ? ଓଡ଼ିଆ ସେତେବେଳେ ଆର୍ଥିକ ପ୍ରଗତି କରିବ, ଯେତେବେଳେ ରପ୍ତାନି ଅଧିକ କରିବ ଆଉ ଆମଦାନୀ କମ୍ କରିବ । ମାତ୍ର ଆମର ବର୍ତ୍ତମାନ ସ୍ଥିତି ସବୁବେଳେ ଓଲଟା । ଆମର ବହୁ ପଛରେ ମାରୱାଡ଼ି, ପଞ୍ଜାବୀ ଓ ଗୁଜରାଟୀ ବ୍ୟବସାୟ ଆରମ୍ଭ କଲେ । ଦେଶ ବିଦେଶରେ ବିଭିନ୍ନ କୋଣକୁ ମାଡିଗଲେ, ପ୍ରଗତି ଶୀର୍ଷରେ ପହଞ୍ଚିଲେ । ଗୁଜରାଟ ଓ ପଞ୍ଜାବରେ ଏମିତି ଗ୍ରାମ ମିଳିବ ନାହିଁ, ଯେଉଁଠି କୋଟିପତି ନାହାନ୍ତି । ମାତ୍ର ଆମେ ଓଡ଼ିଆ ଅନ୍ୟ ଜିଲାରେ ବ୍ୟବସାୟ କରିବାକୁ ଡରିଲୁ । ବର୍ତ୍ତମାନ ଭୟଙ୍କର ସ୍ଥିତି ସୃଷ୍ଟି ହେଲାଣି । ଛାତ୍ରୀଛାତ୍ର ଜିଲା ବାହାରକୁ ଯିବେନି ଶିକ୍ଷକ ହେବାକୁ କିମ୍ବା ବାହାର ଜିଲାର ଶିକ୍ଷକକୁ ନିଜ ଜିଲାକୁ ଛାଡିବେନି ? ଏକବିଂଶ ଶତାବ୍ଦୀରେ କୂପମଣ୍ଡୁକ ହେବା ପାଇଁ କି ବ୍ୟଗ୍ରତା ? ଆସନ୍ତୁ ଫେରିବା ତଅପୋଇ ଛେଳି ଚରାଇବା ପ୍ରସଙ୍ଗକୁ । ଓଡ଼ିଶାରେ ଗରିବ ଶ୍ରେଣୀର ଲୋକ ମୁଖ୍ୟତଃ ଛେଳି ପାଳନ କରିଥାନ୍ତି । ତଅପୋଇ ଛେଳି ଚରାଉଥିଲେ । ଏକଥା ଆମ ପିଲାମାନେ ଖୁଦୁରୁକୁଣୀ ଓଷା କରିବା ସମୟରେ ପଢ଼ନ୍ତି । ତେଣୁ ତଅପୋଇଙ୍କ ପରିବାର ଏକ ଗରିବ ପରିବାର ଥିଲା ଏକଥା ନିଃସନ୍ଦେହରେ କୁହାଯାଇପାରେ । ତଅପୋଇର ଭାଇମାନେ ସେମାନଙ୍କ ଆର୍ଥିକ ସ୍ଥିତି ସୁଧାରିବା ପାଇଁ ନିଶ୍ଚୟ ବିଦେଶକୁ ବାଣିଜ୍ୟ କରିବାକୁ ଯାଉଥିବେ ବୋଇତ ନେଇ । ତାଙ୍କର ସାତ ଭାଇ ଥିଲେ । ଅନ୍ୟ ଅର୍ଥରେ କହିବାକୁ ଗଲେ ସେତେବେଳେ ଓଡ଼ିଶାରୁ ସାଧାରଣ ଘରର ଗରିବ ଲୋକ ମଧ୍ୟ ବିଦେଶକୁ ଯାଉଥିଲା ବେପାର କରି ଧନ ରତ୍ନ ବୋହିଆଣିବାକୁ । ଅନେକ ଗରିବ ଲୋକ ସେ ସମୟରେ ବିଦେଶ ଯାଉଥିବେ, ନ ହେଲେ ତଅପୋଇଙ୍କ ଭାଇମାନେ କାହିଁକି ଯାଇଥାନ୍ତେ ? ଯଦି ସେମାନେ ଧନୀ କିମ୍ବା ସମ୍ଭ୍ରାନ୍ତ ଘରର ଲୋକ ହୋଇଥାନ୍ତେ, କେବେ ବି ତଅପୋଇ ଛେଳି ଚରାଇ ନ ଥାନ୍ତା । କାରଣ କୌଣସି ରାଜା, ଜମିଦାର କିମ୍ବା ଧନୀ ବ୍ୟକ୍ତିର ଝିଅକୁ ଭାଉଜମାନେ ଛେଳି ଚରାଇବାକୁ ପଠାଇପାରିବେକି କୌଣସି ସମାଜରେ ? କହିବାର ତାତ୍ପର୍ଯ୍ୟ ହେଲା ଆଜକୁ ଶହ ଶହ ବର୍ଷ ପୂର୍ବରୁ ଯେଉଁ ଜାତିର ସାଧାରଣ ଗରିବ ଲୋକ ସାତ ଦରିଆ ପାର ହୋଇ ବେପାର ବଣିଜ କରିପାରୁଥିଲା, ସେହି ଜାତିର ପାଠ ପଢୁଆ ଯୁବା ଏକ ବିଂଶ ଶତାବ୍ଦୀରେ ପଡ଼ୋଶୀ ରାଜ୍ୟରେ ବେପାର କରିବାକୁ ସାହସ ଜୁଟାଇ ପାରୁନାହାନ୍ତି ? ଆଜି ବିପଦସଙ୍କୁଳ ଅବସ୍ଥାରେ ବୋଇତରେ ଯିବାକୁ ପଡୁନି ମାସ ମାସ ଧରି । କେଇ ଘଣ୍ଟା ଭିତରେ ବିଦେଶରେ ପହଞ୍ଚି ପାରୁଛୁ ଓ ଆସି ମଧ୍ୟ ପାରୁଛୁ । ବିଦେଶରୁ ଟଙ୍କା ନେଣ ଦେଣ ମଧ୍ୟ ସହଜ ହୋଇଛି । ପ୍ରତିବର୍ଷ ଖୁଦୁରୁକୁଣୀ ଓଷା କରିବୁ, ପଢିବୁ ତଅପୋଇ ଛେଳି ଚରାଉଥିଲେ । ସମ୍ମାନହାନି ହୋଇଯିବ ବୋଲି କେହି ଛେଳି ପାଳିବୁନି । କେବଳ ଅତି ଗରିବ ଶ୍ରେଣୀର ଲୋକେ ଛେଳି ପାଳିବେ । ଆମେ କିନ୍ତୁ ଛେଳି ମାଂସ ଖାଇବାକୁ ପସନ୍ଦ କରିବୁ । ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶରୁ ଛେଳି ଆମଦାନୀ କରି ଖାଇବୁ । ବଡ ବିଚିତ୍ର ସ୍ଥିତି ?



ଆସନ୍ତୁ ଦେଖିବା ପ୍ରବାସୀ ଭାରତୀୟଙ୍କ ତୁଳନାରେ ପ୍ରବାସୀ ଓଡ଼ିଆଙ୍କ ସ୍ଥିତି କ’ଣ । ଆର୍‌ବିଆଇ ପରିସଂଖ୍ୟାନକୁ ତର୍ଜମା କଲେ ଜଣାଯିବ ଯେ, ପ୍ରତିବର୍ଷ ଦେଶକୁ ୬.୬ ଲକ୍ଷ କୋଟି ଟଙ୍କା ବିଦେଶରୁ ଆସିଥାଏ ପ୍ରବାସୀ ଭାରତୀୟଙ୍କଠାରୁ କାମ ଧନ୍ଦାରୁ । ଏହାର ସିଂହଭାଗ ଅର୍ଥାତ୍ ୧୯ ପ୍ରତିଶତ କେରଳକୁ ଆସିଥିବା ବେଳେ, ୧୬.୭ ପ୍ରତିଶତ ମହାରାଷ୍ଟ୍ରକୁ, ୧୫ ପ୍ରତିଶତ କର୍ଣ୍ଣାଟକ ଓ ୮ ପ୍ରତିଶତ ତାମିଲନାଡୁକୁ ଆସିଥାଏ । ଏଥିରେ ଓଡ଼ିଶାର ଭାଗୀଦାରି ମାତ୍ର ୦.୪ ପ୍ରତିଶତ । ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଦେଶର ୪.୦ ପ୍ରତିଶତ ରୋଜଗାର ଆସୁଥିବାବେଳେ ପଶ୍ଚିମବଙ୍ଗକୁ ୨.୫ ପ୍ରତିଶତ ଓ ବିହାରକୁ ୧.୩ ପ୍ରତିଶତ ବିଦେଶୀ ରୋଜଗାର ଆସେ । ବଡ଼ ଦୁଃଖ ଲାଗେ ଆମର ଏ ଦୟନୀୟ ସ୍ଥିତି ଦେଖି । ବାହାରୁ ମୋଟା ଅଙ୍କର ରୋଜଗାର ଆସିଲେ ରାଜ୍ୟର ପ୍ରଗତି ହେବା ସୁନିଶ୍ଚିତ । ଆସନ୍ତୁ ଆମ ଶିକ୍ଷିତ ଯୁବା କିପରି ବିନା ଦ୍ୱିଧାରେ ଦେଶର ବିଭିନ୍ନ ସହର ଏବଂ ବିଦେଶ ମାଟିରେ ବେପାର ବଣିଜ ଓ ଚାକିରି ଧନ୍ଦା କରିପାରିବ, ତା’ର ବାତାବରଣ ସୃଷ୍ଟି କରିବା । ପଞ୍ଜାବ ରାଜ୍ୟ ସରକାରରେ ଏକ ଏନ୍‌ଆର୍‌ଆଇ ବିଭାଗ ଅଛି, ତାଙ୍କ ନାଗରିକଙ୍କୁ ସାହାଯ୍ୟ କରିବା ପାଇଁ । ଯେଉଁ ଓଡ଼ିଆ ଭାଇଭଉଣୀ ବିଦେଶରେ ଅଛନ୍ତି, ସେମାନେ ସର୍ବଦା ଚେଷ୍ଟା କରିବା ଉଚିତ ଯେ, କିପରି ଅଧିକରୁ ଅଧିକ ଓଡ଼ିଆ ବିଦେଶ ଯିବେ, ସେଠାରେ ହୋଟେଲ ଓ ଦୋକାନ ଖୋଲିବେ, ମନ୍ଦିର ଗଢିବେ, ଚାକିରି ଧନ୍ଦା କରିବେ ଇତ୍ୟାଦି ଇତ୍ୟାଦି । ଏହି ଭାବନା ଯୋଗୁ କେରଳୀ, ଗୁଜରାଟୀ ଓ ପଞ୍ଜାବୀ ବିଶ୍ୱର ବିଭିନ୍ନ କୋଣରେ ଭରିଯାଇଛନ୍ତି ଓ ନିଜ ରାଜ୍ୟର ପ୍ରଗତି କରିଛନ୍ତି । ଆମକୁ ବି ସେପରି କରିବାକୁ ପଡ଼ିବ । ଆମ ପୂର୍ବପୁରୁଷ ପରା କହିଯାଇଛନ୍ତି ‘‘ଟଙ୍କାକ ପଛେ ବାରଣା ହେଉ ଯାଇ ଆସି ପୁଅ ସିଆଣିଆ ହେଉ’’ । ଆସନ୍ତୁ ସମସ୍ତେ ମିଶି ଓଡ଼ିଆ ଯୁବା କିପରି ଅନ୍ୟ ରାଜ୍ୟ ଓ ବିଦେଶରେ ବାଣିଜ୍ୟ ବେପାର ଓ ଚାକିରି ଧନ୍ଦା କରିପାରିବେ, ସେଥିପାଇଁ ଚେଷ୍ଟା କରିବା ।

ମୋ: ୮୯୧୭୪୨୬୪୪୦

# ରିଲ୍‌ରେ ଜୀବନ



ଡ. ଦ୍ୱିତୀଚନ୍ଦ୍ର ସାହୁ

ପୁଅ କହିଲା- ‘ବାପା ! ଏତେ ଲେଖାଲେଖି କରୁଛ । ତାକୁ ଛୋଟ ଛୋଟ କ୍ଲିପ କରି ରିଲ୍ କରୁନ । ଭାରି ବଢ଼ିଆ ହେବ ।’ ଲ୍ୟାପ୍‌ଟପରୁ ଧ୍ୟାନ ହଟେଇ ତାକୁ ଟିକେ ଦେଖିଲି । ସେ ମୋ ଆଡ଼କୁ ଚାହିଁଥିଲା । ମୁଁ ହସିଲି ଏବଂ କହିଲି-‘ବାବୁ! ସାହିତ୍ୟ ରିଲ୍ କରିବାର ବସ୍ତୁ ନୁହେଁ । ଏକ ସାଧନା । ସେମିତି କରାଯାଏନି ।’ ପୁଅ କହିଲା- ‘ବାପା ! କିଛି ତ ନୂଆ କର । ରିଲ୍ କରିବା କ’ଣ ସହଜ କଥା ଭାବୁଛ କି ? ଏଥିରେ ଟେକ୍‌ନିକ୍ ଲୋଡ଼ା । ମୁଁ ହେଲ୍‌ପ କରିବି । ଫଲୋର୍ସ ବଢ଼ିବେ ।’ ମୁଁ କଥାକୁ ନ ବଢ଼ାଇବା ପାଇଁ କହିଲି- ‘ହଉ ଦେଖିବା ଓ କରିବା ।’ ପୁଅକୁ କଥା ପ୍ରସଂଗରୁ ଧ୍ୟାନ ହଟେଇବା ପାଇଁ ସିନା କହିଦେଲି, ଏଥର ଭାବିଲି ଓ ସମାଜକୁ ଦେଖିବା ଆରମ୍ଭ କଲି । ଓଃ ! କି ଅବସ୍ଥା ! ସମସ୍ତଙ୍କୁ ରିଲ୍‌ର ନିଶା । ନିତିଦିନ କେମିତି ରିଲ୍ ତିଆରି ହେବ ଏବଂ ତାକୁ ଅପ୍‌ଲୋଡ ହେବ ସେଇଚିନ୍ତାରେ ଦିନ ବିତୁଛି । ପିଲାଠାରୁ ବୁଢ଼ା ଏବଂ କୁନିଝିଅଠାରୁ ବୟସ୍କା ମହିଳା ରିଲ୍ ମୋହରେ ପାଗଳପ୍ରାୟ । ବାପପୁଅ, ମାଆଝିଅ, ଶାଶୁବୋହୂ, ଅଜାନାତିଆ, ପ୍ରେମିକପ୍ରେମିକା, ବୁଢ଼ାବୁଢ଼ୀ ସମସ୍ତେ ଏବେ ରିଲ୍‌ର ଜୀବନ ଜିଉଛନ୍ତି । କିଏ ଭାଇନା, କିଏ ଭାଉଜ ହେଉଛି ତ ପୁଣି କିଏ ମଉସା ମାଉସୀ, ଦିଦି, ଦାଦା, ନନା, ନାନୀ ଭଳି ସମ୍ପର୍କ ନାମରେ ରିଲ୍‌ରେ ଦୃଶ୍ୟମାନ । ସକାଳୁ ଉଠୁ ଉଠୁ ମୋବାଇଲରେ ମୁହଁ ପଖାଳିବା ଆରମ୍ଭ । ହାତ ଆପେ ଆପେ ରିଲ୍‌କୁ ଯିବ । ଗୋଟେ ପରେ ଗୋଟେ ରିଲ୍ ଦେଖାଚାଲିବ । ଦେଖୁ ଦେଖୁ ହସୁଥିବେ ତ କେତେବେଳେ ବିସ୍ମୟ ହେଉଥିବେ । ମଝିରେ ମଝିରେ ମନ ପାଇବା ରିଲ୍‌କୁ ସକାଳୁ ସକାଳୁ ନିଜ ମନପସନ୍ଦର ମଣିଷଙ୍କ ନିକଟକୁ ପଠେଇବାକୁ ବି ଭୁଲିବେନି । ଶେଯରେ ରିଲ୍ ଦେଖୁ ଦେଖୁ କେତେବେଳେ ସମୟ ଗଡ଼ିଯାଇଥିବ ଦେଖିବା ଲୋକ ଜାଣିପାରିବେନି । ସକାଳୁ ସ୍କୁଲକୁ ଯିବାକୁ ପୁଅ ଆସି ମାଆକୁ କହିବ- ‘ମାଆ ! ମୋତେ ସ୍କୁଲରେଡି କରିବୁନି କି ?’ ଏଥର ମାଆ ତରବର ହୋଇ ପୁଅର ସ୍କୁଲ ପାଇଁ ପ୍ରସ୍ତୁତିରେ ଲାଗିବେ । ସେଥିରେ ବି ନିସ୍ତାର ନାହିଁ । ରୋଷେଇଶାଳରେ ମୋବାଇଲ୍‌ରେ ରିଲ୍ ଚାଲିଥିବ । ଏପଟେ ରୋଷେଇ କାମ । ସ୍କୁଲ ଯାଉଥିବା ପିଲା ବି କିଛି କମ୍ ନୁହଁ । ମାଆ ପାଟିରେ ଖାଦ୍ୟ ଦେଉଥିବ । ପିଲାଟି ନିଜେ ମୋବାଇଲରେ ରିଲ୍ ଦେଖି ଦେଖି ଖାଇବ, ସୁ ପିନ୍ଧିବ ଏବଂ ଗାଡ଼ି ଆସିବାଯାଏ ମୁହଁ ମାରି ବସିବ । ସକାଳ ବୁଲାବେଳେ ଲୋକେ କେଉଁଠି ଟିକେ ବସି ରିଲ୍ ଭିତରେ ପଶି ଯାଇଥିବେ । ଘରକୁ ଫେରି ତରବର ହୋଇ ଅଫିସ୍ ଯିବେ । ଅଫିସ୍‌ରେ କାମ ସହ ମଝିରେ ମଝିରେ ରିଲ୍ ଦେଖା । ଟେବୁଲ ପାଖକୁ ଗ୍ରାହକ ଆସିଲେ ବି ଅଫିସ ଚେୟାରରେ ବସିଥିବା ବାବୁ ଜଣକ ମୁହଁ ହଟେଇବେନି । କିଛି ସମୟ ପରେ ହସି ହସି ମୁହଁ ଉଠେଇ ଆସିବାର ଅଭିପ୍ରାୟ ପଚାରିବେ ଏବଂ କାରଣ ଜାଣିବା ପରେ ଉତ୍ତେଜିତ ହୋଇ ଯାଉସ୍ୟାଉ ବକିବେ । ପୁଣି ସେଇ ମୋବାଇଲ ଭିତରେ ମୁହଁ ମାରିବେ ଯେ ଆଉ ଯେତେ ପଚାରିଲେ ପ୍ରତ୍ୟୁତ୍ତର ଆସିବନି । ବିଚରା ଲୋକଟି ଜଗିବ, ଶେଷରେ ଫେରିବ ।

ରିଲ୍ ନିଶାରେ ଆମ ଜୀବନଶୈଳୀ ବଦଳିଯାଇଛି । ବୋଲ ମାନୁନି ମନ । ତୁହାକୁ ତୁହା ସେଇ ଭିତରକୁ ଟାଣି ହୋଇ ଯାଉଛି । ଗୁରୁତ୍ୱପୂର୍ଣ୍ଣ ବୈଠକ, ସଭାସମିତି, ଖାଦ୍ୟ ପ୍ରସ୍ତୁତି ଓ ଖାଦ୍ୟ ଗ୍ରହଣ ବେଳେ, ଗାଡ଼ିମୋଟର ଚଳାଇବାବେଳେ, ଫୁରୁସତ ସମୟରେ, ନିଜ ନିଜ କର୍ମରେ ନିୟୋଜନ ବେଳେ ଅତ୍ରତତ୍ର ସର୍ବତ୍ର ରିଲ୍‌ର ମାୟା । ଗେଟ୍ ଜଗିଥିବା ସିକ୍ୟୁରିଟିଠାରୁ ଏକ୍‌ଜିକ୍ୟୁଟିଭ, ହୋଟେଲ ବୟଠାରୁ ବଡ଼ ବଡ଼ ବ୍ୟବସାୟୀ, ପିଅନଠାରୁ ଅଫିସର, ଗୃହିଣୀଠାରୁ କର୍ମଜୀବୀ, କୁନି ପିଲାଠାରୁ ଯୁବକଯୁବତୀ, ବୟସ୍କ ବୟସ୍କା ସମସ୍ତେ ରିଲ୍‌ର ନିଶାରେ ନିଶାଗ୍ରସ୍ତ । ତେବେ ରିଲ୍‌ରେ ଅଛି କ’ଣ ? ଏହାର ଯଦି ସଠିକ୍ ଉତ୍ତର କୁହାଯିବ - ତେବେ ରିଲ୍‌ରେ ନାହିଁ କ’ଣ ! ସବୁ ପାଇବେ । ରନ୍ଧାବଢ଼ା, ସ୍ୱାସ୍ଥ୍ୟ ଉପଚାର, ପୂଜାକର୍ମାଣି, ବାସ୍ତୁବିଚାର, ନିୟୋଜନ ଖବର, ପାଣିପାଗ, ବ୍ୟାୟାମ ଓ ଆସନ, ମଜାଳିଆ କଥା, ନାଟକ ଅଭିନୟ, ବ୍ୟଙ୍ଗକଟାକ୍ଷ, ରାଜନୀତି, ନୃତ୍ୟ ସଙ୍ଗୀତ, ପ୍ରେମ ଫର୍ମୁଲା, ବେପାରବଣିଜ, ନୂଆ ନୂଆ ଦ୍ରବ୍ୟର ବିପଣୀ, ପୀଠ ପର୍ଯ୍ୟଟନ, ହସ୍ତକର୍ମ, ଶିକ୍ଷା, ଦେହ ଓ ଦାହ, ଅଶ୍ଳୀଳ କଥା ବସ୍ତୁଠାରୁ ନ ଦେଖିପାରିବା, ଆପତ୍ତିଜନକ ଦୃଶ୍ୟକୁ ବି ସହଜରେ ପାଇବେ । ଏକଥା ସତ ଯେ, ବହୁ ଉପାଦେୟ ତଥ୍ୟ ସବୁ ଆପଣ ପାଇବେ ରିଲ୍‌ରୁ । କିନ୍ତୁ ତୁଣ୍ଡରେ ଧରି ନ ପାରିବା ଶବ୍ଦ, ସାଧାରଣରେ ଦେଖି ନ ପାରିବା ଦୃଶ୍ୟଗୁଡ଼ିକ ବି ଅତି ସହଜରେ ପିଲାଙ୍କ ସାମ୍ନାକୁ ଆସିଯାଏ । ଆଉ ଏହା ଅଚିରେ ପିଲାଏ ବିଗିଡ଼ିବାର ଅନ୍ୟତମ କାରଣ ।

ରିଲ୍ କରିବା ଆଉ ଏକ ନିଶା । ଘରେ ବାହାରେ, ମଝି ରାସ୍ତାରେ, ରେଳ ଟ୍ରାକରେ, ପର୍ବତ ଶିଖରରେ, ନଦୀକୂଳେ ଓ ନଦୀ ଭିତରେ, ଶୂନ୍‌ଶାନ ଜାଗାରେ, ଗହଳି ଭିତରେ, ଦୁଃଖରେ ସୁଖରେ, ସୁରକ୍ଷିତ ସ୍ଥାନରେ, ବିପଦସଙ୍କୁଳ ପରିସ୍ଥିତିରେ ରିଲ୍ କରିବାର ପ୍ରବଣତା । ଏଇ ଆବେଗ ଅନେକ ସମୟରେ ବିପଦକୁ ଡାକି ଆଣେ । ମୃତ୍ୟୁକୁ ଆମନ୍ତ୍ରଣ କରେ । ପଲକରେ ଜୀବନ ଚାଲିଯାଏ । ଏକ ସର୍ବେକ୍ଷଣ ମୁତାବକ ପୃଥିବୀରେ ଭାରତରେ ସର୍ବାଧିକ ସେଲ୍‌ଫିଜନିତ ମୃତ୍ୟୁ ଅଧିକ । ପଛକୁ ରହିଛି ରୁଷିଆ, ଆମେରିକା ଓ ପାକିସ୍ତାନ । ପୁଅ ଓ ଝିଅର ମୃତ୍ୟୁ ଅନୁପାତ ୩:୨ । ମୃତ୍ୟୁର ହାରାହାରି ବୟସ ୨୩ ବର୍ଷ । ଏହା ନିଶ୍ଚିତ ଉଦ୍‌ବେଗର ବିଷୟ । କେବଳ ସେତିକି ନୁହେଁ, ମଣିଷ ଭିତରେ ରାଗ, ଚିଡ଼ିଚିଡ଼ାପଣ, ବିରକ୍ତି, କଟୁବଚନ ଭଳି ଅସ୍ୱାଭାବିକ ଆଚରଣ ଅଭିବୃଦ୍ଧିର ଅନ୍ୟତମ କାରଣ ଏଇ ରିଲ୍‌ଜୀବନ । ରିଲ୍‌ର ଅନେକ ତଥ୍ୟକୁ ଜୀବନରେ ପ୍ରୟୋଗଜନିତ ଆକୁଳତା, ସୁନ୍ଦର ସରସ ସଂସାରକୁ ବି ଛାରଖାର କରୁଛି । ଘରେଘରେ ଅଶାନ୍ତିକର ବାତାବରଣ ସୃଷ୍ଟି କରୁଛି । ସାମାଜିକ ସ୍ଥିତି ଏବେ ବିପନ୍ନ ।



ରିଲ୍‌ର ଜୀବନ ଏକଦା ମିଥ୍ୟା ଓ ପ୍ରହେଳିକା ବୋଲି କୁହାଯାଉଥିଲା । ବାସ୍ତବତାଠାରୁ ବହୁ ଦୂରରେ । ରିଏଲଠାରୁ ରିଲ୍‌ର ଜୀବନ ଅଲଗା । ଏଥିରେ ବାରମ୍ବାର ରିଟେକ୍‌ର ସୁବିଧା ଥାଏ। କିନ୍ତୁ ରିଏଲରେ ସେ ସୁବିଧା ନ ଥାଏ । ରିଲ୍‌ରେ ଆବଦ୍ଧ ଦୃଶ୍ୟ ଯୁଗ ଯୁଗ ଧରି ସାଇତି ହୋଇ ରହେ । ବ୍ୟକ୍ତିର ଅବର୍ତ୍ତମାନରେ ବି ତାକୁ ଜୀବନ୍ତ କରି ଆମ ନିକଟରେ ଉଭା କରାଏ । ସ୍ମୃତିକୁ ସଜଳ କରାଏ । ଏବେ କିନ୍ତୁ ରିଏଲ ଲାଇଫ୍‌ଟି ରିଲ୍ ଲାଇଫ୍‌ରେ ପରିଣତ ହୋଇଛି । ଆଉ ରିଲ୍ କରିବା ରିଏଲ ବୋଲି ବିବେଚନା କରାଯାଉଛି ।

**ଇନ୍ଦିରା ନଗର, ଚତୁର୍ଥ ଗଳି,**
**ରାୟଗଡ଼ା,ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ରାସ୍ତାରେ କେହି ଓଲଟା ଚାଲିବା ଦେଖିଲେ ଲୋକେ ସେମାନଙ୍କୁ ପାଗଳ ଅଥବା ଖିଆଲି ମଣିଷ ବୋଲି କୁହନ୍ତି । ହେଲେ ଜନସଂଖ୍ୟା ନିୟନ୍ତ୍ରଣ ନେଇ ଲୋକଙ୍କୁ ସଚେତନ କରିବା ପାଇଁ ୩୨ ବର୍ଷ ହେଲାଣି ଓଲଟା ଚାଲୁଛନ୍ତି ଉତ୍ତରପ୍ରଦେଶ ମୀରଟର ଦମ୍ପତି ଦିନେଶ ତଲୱାର ଓ ଦିଶା ତଲୱାର । ବିଭିନ୍ନ ସହରକୁ ଯାଇ ଓଲଟା ଚାଲି ହାତରେ ଜନସଂଖ୍ୟା ନିୟନ୍ତ୍ରଣର ପ୍ଲାକାର୍ଡ ଧରି ସଚେତନ କରାଉଛନ୍ତି । ଏଭଳି ଅଭିନବ ଢଙ୍ଗରେ ପଦଯାତ୍ରା କରି ସେମାନେ ସମସ୍ତଙ୍କୁ ଦୁଇଟି ସନ୍ତାନ ଯଥେଷ୍ଟ ବୋଲି ବାର୍ତ୍ତା ଦେଉଛନ୍ତି । ଏବେ ସୁଦ୍ଧା ୪୦୦ ସହର ବୁଲି ସେ ଏଭଳି ପଦଯାତ୍ରା କରି ସାରିଲେଣି । ଏହି ଦମ୍ପତିଙ୍କ କହିବା ଅନୁସାରେ ବର୍ତ୍ତମାନ ସମୟରେ ପରିବେଶ ସନ୍ତୁଳନ ଠିକ୍ ରଖିବାକୁ ହେଲେ ଜନସଂଖ୍ୟା ନିୟନ୍ତ୍ରଣ କରିବା ନିହାତି ଆବଶ୍ୟକ । ଏଥିପାଇଁ ସେମାନେ ଲୋକଙ୍କୁ ସଚେତନ କରାଉଛନ୍ତି ଓ ସରକାର ମଧ୍ୟ ଏନେଇ କଠୋର ଆଇନ ଆଣିବା ଦରକାର ବୋଲି ପ୍ରସ୍ତାବ ଦେଇଛନ୍ତି । କୌଣସି ମହତ ଉଦ୍ଦେଶ୍ୟ ପୂରା କରିବାକୁ ହେଲେ ବାଧାବିଘ୍ନ ତ ନିଶ୍ଚୟ ଆସିଥାଏ । ସେହିଭଳି ପଦଯାତ୍ରା ସମୟରେ ସେମାନଙ୍କୁ ମଧ୍ୟ ବିଭିନ୍ନ ସ୍ଥାନରେ ଲୋକେ ତାଚ୍ଛଲ୍ୟ କରିଥାନ୍ତି । କିନ୍ତୁ ତଲୱାର ଦମ୍ପତି ଲୋକଙ୍କୁ ସଚେତନ କରିବାରୁ ଓହରି ନାହାନ୍ତି । ପରିବେଶ ସୁରକ୍ଷା ଓ ଦେଶର ସମୃଦ୍ଧି ପାଇଁ ସମସ୍ତେ ସେମାନଙ୍କ ଉଦ୍ଦେଶ୍ୟକୁ ବୁଝିବା ଦରକାର ବୋଲି ଉଭୟେ କହିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୧୬ ଡିସେମ୍ବର ୧୯୭୫**

- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ରଘୁନାଥ ପ୍ରସାଦ ପାଢ଼ୀଙ୍କ ୬୪ ବର୍ଷ ବୟସରେ ପରଲୋକ ।
- ଏସ୍.ଏଲ୍. ଚୋପ୍ରାଙ୍କ କେନ୍ଦ୍ର ସମାଜ ମଙ୍ଗଳ ବିଭାଗର ସେକ୍ରେଟାରୀ ରୂପେ ଦାୟିତ୍ୱ ଗ୍ରହଣ ।
- ଫ୍ରାନ୍ସ ଓ ତୈଳ ସମୃଦ୍ଧ ଆରବ ଦେଶଗୁଡ଼ିକ ସହାୟତାରେ ମିଶରରେ ଏକ ଅସ୍ତ୍ରଶସ୍ତ୍ର ଉତ୍ପାଦନ କାରଖାନା ସ୍ଥାପନ କରାଯିବା ନେଇ ଫ୍ରାନ୍ସ ଓ ମିଶର ରାଷ୍ଟ୍ରପତି ଏକ ବନ୍ଧୁତା ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | 9 | | | | 8 | |
| 1 | 9 | | | | | | | |
| | 6 | 8 | | | | 4 | | |
| | | | 3 | | 6 | | | 1 |
| | | | | | 1 | | 6 | 3 |
| | | | | | 5 | 9 | | |
| | | 5 | | | | 7 | | |
| | | | 4 | | 7 | | 1 | |
| | | 4 | | | | 2 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 6 | 7 | 9 | 4 | 8 | 2 | 1 |
| 4 | 2 | 7 | 1 | 8 | 6 | 9 | 5 | 3 |
| 9 | 1 | 8 | 2 | 3 | 5 | 7 | 4 | 6 |
| 3 | 7 | 1 | 8 | 4 | 2 | 5 | 6 | 9 |
| 2 | 9 | 4 | 5 | 6 | 7 | 3 | 1 | 8 |
| 8 | 6 | 5 | 3 | 1 | 9 | 4 | 7 | 2 |
| 6 | 4 | 3 | 9 | 7 | 1 | 2 | 8 | 5 |
| 1 | 8 | 2 | 4 | 5 | 3 | 6 | 9 | 7 |
| 7 | 5 | 9 | 6 | 2 | 8 | 1 | 3 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଠକ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ମହାଶୟ,
ବର୍ତ୍ତମାନ ଭାରତରେ ୱାଟର ପ୍ୟୁରିଫାୟର ମେଶିନ, ୩/୪ଟି ବର୍ନରଯୁକ୍ତ ଗ୍ୟାସ୍ ଷ୍ଟୋଭ୍, ଧୂମ ନିର୍ଗମନ ଚିମିନି, ଫ୍ରିଜ୍ ଇତ୍ୟାଦି ବହୁଳ ଭାବରେ ବ୍ୟବହାର କରାଯାଉଛି । ଏସବୁ ଉତ୍ପାଦ ସ୍ଥାନୀୟ ଡିଲରମାନେ ସତମିଛ ପ୍ରତିଶ୍ରୁତି ଦେଇ ବିକ୍ରି କରୁଛନ୍ତି । ହେଲେ ଦୁଃଖର ବିଷୟ, ଅଳ୍ପ କିଛିଦିନ ବ୍ୟବହାର ପରେ ଏସବୁ ଖରାପ ହୋଇଯାଉଛି । କମ୍ପାନୀ ତରଫରୁ ଠିକ୍ ସର୍ଭିସ ଯୋଗାଇ ଦିଆଯାଉନାହିଁ କିମ୍ବା ରିପ୍ଲେସ୍‌ମେଣ୍ଟ ମଧ୍ୟ କରାଯାଉନାହିଁ । କମ୍ପାନୀ ମାଲିକ ଓ ସ୍ଥାନୀୟ ଠକ ବିକ୍ରେତାଗଣ ମାଲାମାଲ ହେଉଥିବା ବେଳେ ଏହାକୁ କିଣୁଥିବା ଲୋକେ ହୀନସ୍ତା ହେଉଛନ୍ତି । ସ୍ଥାନୀୟ ବିକ୍ରେତା ଖାଉଟିଙ୍କୁ ଭୁଆଁ ବୁଲାଉଛନ୍ତି । ସେମାନଙ୍କୁ ଦଣ୍ଡ ଓ ଜରିମାନା ସହ ସରକାର ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ**

## ଚିରନ୍ତନୀ

ମନ-ମନ୍ଦିରେ ବାଜିଲା ଘଣ୍ଟା ମହୁରି
କାହା ପାଇଁ
ଆଖି କୋଣେ କିପାଁ ଲାଗିଲା ମୁଗ୍ଧ କାଉଁରୀ
ମନେ ନାହିଁ ।

-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଖପ୍ରାଖୋଲ ସଦର ମହକୁମାରେ ହାତୀ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ଖପ୍ରାଖୋଲ ବ୍ଲକ ସଦର ମହକୁମାରେ ରବିବାର ଏକ ହାତୀ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି । ଏହା ଜଣାପଡିବା ପରେ ବନବିଭାଗ ଓ ବିଦ୍ୟୁତ ବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ ନଜର ରଖାଯାଇଛି। ଶନିବାର ହରିଶଙ୍କର ରେଞ୍ଜ ଅଧୀନ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଛଞାଣ ବାହାଲି ଗାଁ ପାଖରେ ଉକ୍ତ ହାତୀ ଦେଖିବାକୁ ମିଳିଥିଲା।

# ଜଙ୍ଗଲ ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ

**ଓଡ଼ିଶା ଅଣଗେଜେଟେଡ ବନସେବା ସଂଘ ସମ୍ବଲପୁର ଜୋନ ସାଧାରଣ ପରିଷଦ ବୈଠକ**

ସମ୍ବଲପୁର,୧୫।୧୨(ଭବାନୀ ଶଙ୍କର ଭୋଇ)

ଜଙ୍ଗଲ ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ। ଜଙ୍ଗଲରୁ ହିଁ ଦେଶ ସ୍ୱାଧୀନତାର ନେତୃତ୍ୱ ବିକଶିତ ହୋଇଛି। ଜଙ୍ଗଲ ଆମକୁ ସନ୍ତୁଳିତ ଜୀବନ ପ୍ରଦାନ କରେ। ଫରେଷ୍ଟ କଭରେଜ କ୍ଷେତ୍ରରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟର ସର୍ବାଧିକ ଜଙ୍ଗଲ ସମ୍ପଦ ରହିଥିବା ଅଞ୍ଚଳଗୁଡ଼ିକ ମଧ୍ୟରେ ସମ୍ବଲପୁର ଅନ୍ୟତମ। ୨୦୨୫ରୁ ୨୦୭୦, ଅର୍ଥାତ ଆସନ୍ତା ୪୫ବର୍ଷ ମଧ୍ୟରେ ଆମର ଜଙ୍ଗଲ ପରିସୀମାକୁ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ରବିବାର ସମ୍ବଲପୁର ଏମ୍‌ସିଏଲ ପ୍ରେକ୍ଷାଳୟରେ ଅନୁଷ୍ଠିତ ଓଡ଼ିଶା ଅଣଗେଜେଟେଡ ବନ ସେବା ସଂଘ ସମ୍ବଲପୁର ଜୋନର ସାଧାରଣ ପରିଷଦ ବୈଠକରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଜଙ୍ଗଲ ସୁରକ୍ଷା ଏବଂ ଓଡ଼ିଶାରେ ବର୍ତ୍ତମାନର ବ୍ୟବସ୍ଥା ଶୀର୍ଷକ ଆଲୋଚନାଚକ୍ରରେ ବକ୍ତବ୍ୟ ରଖି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ୧୯ଟି ଅଭୟାରଣ୍ୟ ମଧ୍ୟରୁ ୪ଟି ରହିଛି ସମ୍ବଲପୁର ଅଞ୍ଚଳରେ । ତେଣୁ ଏ ଅଞ୍ଚଳର ଜନଜୀବନ, ବନ୍ୟଜନ୍ତୁ, ବନଜାତ ଦ୍ରବ୍ୟ, ଅର୍ଥନୀତି ଓ ସମାଜ, ଏସବୁ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସନ୍ତୁଳିତ ବ୍ୟବସ୍ଥାର ବିକାଶ କରାଯିବା ଆବଶ୍ୟକ। ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି ପରିବେଶ ସୁରକ୍ଷା ସହିତ ରୋଜଗାରର ଏକ ବଡ଼ ମାଧ୍ୟମ । ଜଙ୍ଗଲ ଓ ଜୀବଜନ୍ତୁ ସୁରକ୍ଷିତ ରଖି ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ସୁଦୃଢ଼ କରାଯାଇପାରିବ। ଜଙ୍ଗଲ ଭିତରେ ରହିଥିବା ଜଳାଶୟ ଗୁଡ଼ିକର ବିକାଶ, ଜଙ୍ଗଲ ଜମି ଅଧିକାର, ପେସା ଆଇନ ଠିକ୍ ଭାବେ କାର୍ଯ୍ୟକାରୀ କରିବା, ବନ୍ୟଜନ୍ତୁ ଓ ମଣିଷ ଭିତରେ ସଂଘର୍ଷକୁ ହ୍ରାସ କରିବା ପାଇଁ ସରକାରଙ୍କ ଉଦ୍ୟମ ଅବ୍ୟାହତ ରହିବ। ସେହିପରି ପରିବର୍ତ୍ତିତ ବିଶ୍ୱରେ ନୂତନ ଟେକ୍ନୋଲଜି ସହାୟତାରେ ଜଙ୍ଗଲ ସମ୍ପଦର ବିକାଶ ଓ ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନିଆଯିବ। ଓଡ଼ିଶାର ୮ହଜାରରୁ ଅଧିକ ନନ ଗେଜେଟେଡ ବନ ଅଧିକାରୀ ଓ କର୍ମଚାରୀ ଅଛନ୍ତି। ସେମାନଙ୍କର ନିଷ୍ଠା ଓ କର୍ତ୍ତବ୍ୟବୋଧ ପାଇଁ ଓଡ଼ିଶାର ଜୈବ-ବିବିଧତା ସନ୍ତୁଳିତ ହୋଇ ରହିଛି। ସେମାନଙ୍କର ନିଯୁକ୍ତି, ବେତନ ଓ ସ୍ୱୀକୃତି ଆଦି ପ୍ରସଙ୍ଗ ବିଷୟରେ ସରକାର ଅବଗତ ଅଛନ୍ତି। କେବଳ ରାଜଧାନୀ ଭୁବନେଶ୍ୱରରେ ବିକାଶ କଲେ ଓଡ଼ିଶାର ବିକାଶ ହେବନାହିଁ। ବିକାଶର ସୁଫଳ ରାଜ୍ୟର ସମସ୍ତ ଅଞ୍ଚଳରେ ପହଞ୍ଚିବା ଦରକାର। ନୂଆ ଟେକ୍ନୋଲଜିର ବ୍ୟବହାର ତଥା ଆମ ବନ କର୍ମଚାରୀଙ୍କୁ ସଶକ୍ତ କରି ଓଡ଼ିଶାକୁ ଦେଶର ଏକ ନମ୍ବର ଫରେଷ୍ଟ ଫୋର୍ସ ଭାବେ ପ୍ରସ୍ତୁତ କରିପାରିବା ବୋଲି ପ୍ରଧାନ କହିଥିଲେ। ବୈଠକରେ ରାଜ୍ୟ ପଞ୍ଚାୟତିରାଜ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ରବିନାରାୟଣ ନାଏକ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ବୈଠକରେ ଜୋନ ସଭାପତି ଯଶୋବନ୍ତ ରଣବିଡା ସଭାପତିତ୍ୱ କରିଥିଲେ। ପିସିସିଏଫ ଦେବୀଦତ୍ତ ବିଶ୍ୱାଳ ମୁଖ୍ୟବକ୍ତା ରହିଥିବା ବେଳେ ଆରସିସିଏଫ ଟି. ଅଶୋକ କୁମାର, ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର ମଞ୍ଚାସୀନ ଥିଲେ।



ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମଞ୍ଚାସୀନ ଅନ୍ୟ ଅତିଥି।

# ସଙ୍କୁଳସ୍ତରୀୟ କ୍ରୀଡ଼ା ସମାରୋହ ଉଦ୍‌ଯାପିତ


ପୁରସ୍କୃତ ପ୍ରତିଯୋଗୀ ।

ଲୋଇସିଂହା,୧୫।୧୨(ସୁଶାନ୍ତ ବାରିକ)

ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରେ ଲୋଇସିଂହା ସଙ୍କୁଳସ୍ତରୀୟ କ୍ରୀଡ଼ା ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରମାନେ ଆସନ୍ତା ଜାନୁୟାରୀ ୧୨ ଓ ୧୩ରେ ଜିଲାର ପାଟଣାଗଡ ଜୁରିଆ ସରସ୍ୱତୀ ଶିଶୁ ମନ୍ଦିରରେ ହେବାକୁ ଥିବା ସମ୍ଭାଗ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାଯାଇଛି । ଲୋଇସିଂହା ସଙ୍କୁଳ ଅଧୀନ ଲୋଇସିଂହା, କୁଶଙ୍ଗ, ଭରସୁଜା, ସାଲେଭାଟା, କୁଟାସିଂହା ଓ ରୁଗୁଡିଖାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଦ୍ୟାଳୟସ୍ତରୀୟ ବାର୍ଷିକ ପ୍ରତିଯୋଗିତାରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୫୮ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ସଙ୍କୁଳ ଶାରୀରିକ ପ୍ରମୁଖଙ୍କ ନେତୃତ୍ୱରେ ୯ ଜଣ ଶାରୀରିକ ଶିକ୍ଷକ କ୍ରୀଡା ସମାରୋହକୁ ପରିଚାଳନା କରିଥିଲେ । ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ଶିବ ବାରିକ ଅଧ୍ୟକ୍ଷତା କରିଥିଲେ । ସଙ୍କୁଳ ପ୍ରମୁଖ କମଳଲୋଚନ ତ୍ରିପାଠୀ ମୁଖ୍ୟଅତିଥି, ୩ ଜଣ ପ୍ରଧାନ ଆଚାର୍ଯ୍ୟ ପରମେଶ୍ୱର ଜୁଆଡି, ପ୍ରେମେନ୍ଦ୍ର ସାହୁ ଓ ଦେବଜାନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ ।

# ମାରୱାଡି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

**୧୦୧ ୟୁନିଟ୍ ରକ୍ତ ସଂଗ୍ରହ**

ସୋନପୁର,୧୫।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ମାରୱାଡି ଯୁବାମଞ୍ଚ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ପଞ୍ଚାୟତ ସମିତି କଲେଜ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଏସଡିପିଓ ବାସୁଦେବ ଛତ୍ରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଦାନ କରି ରକ୍ତ ଅଭାବରୁ ମୃତ୍ୟୁବରଣ କରୁଥିବା ମୂଲ୍ୟବାନ ଜୀବନକୁ ରକ୍ଷା କରିବା ଉପରେ ଛତ୍ରିଆ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଲୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବୃନ୍ଦାବନ ମେହେର, ବ୍ଲକ ସରପଞ୍ଚ ସଂଘ ସମ୍ପାଦକ ଯଶୋବନ୍ତ ପଣ୍ଡା, ପୋଲିସ ଏସଆଇ ବସନ୍ତ ରଥ ଓ ବାସୁଦେବ ଭୋଇ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମୋଟ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସୁବର୍ଣ୍ଣପୁର ମାରୱାଡି ଯୁବାମଞ୍ଚ ସଭାପତି ମନୋଜ ଅଗ୍ରୱାଲ, ଉଲୁଣ୍ଡା ମାରୱାଡି ଯୁବାମଞ୍ଚ ସଭାପତି ପଲଟୁ ଅଗ୍ରୱାଲ, ସମ୍ପାଦକ ସୁଧୀର ଅଗ୍ରୱାଲ, ଆବାହକ ସୁରଜ ଅଗ୍ରୱାଲ, ଆଦର୍ଶ ଅଗ୍ରୱାଲ, ଆନନ୍ଦ କାଂଶଲ, ସମୀର ଅଗ୍ରୱାଲ, ଭରତ ଅଗ୍ରୱାଲ, ରାମ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ ଓ ଦିଲ୍ଲିପ ଅଗ୍ରୱାଲଙ୍କ ସମେତ ଯୁବାମଞ୍ଚର ସଦସ୍ୟମାନେ ଶିବିର ଆୟୋଜନରେ ସହଯୋଗ କରିଥିଲେ। ଜିଲା ରକ୍ତ ଭଣ୍ଡାରର ଡାକ୍ତର ଓ ଟେକ୍‌ନିସିଆନ ରକ୍ତ ସଂଗ୍ରହ କରିଥିଲେ।



ଅତିଥିଙ୍କ ଗହଣରେ ଜଣେ ଯୁବକ ରକ୍ତଦାନ କରୁଛନ୍ତି।

# ଓମ୍‌ପ୍ରକାଶ ସଭାପତି, ଅଭିଳାଷ ସାଧାରଣ ସମ୍ପାଦକ


ବଲାଙ୍ଗୀର ଆୟୁର୍ବେଦିକ କଲେଜର ନୂତନ ଛାତ୍ର ସଂସଦ କାର୍ଯ୍ୟକର୍ତ୍ତା ।

**ଆୟୁର୍ବେଦିକ କଲେଜ ଛାତ୍ର ସଂସଦ ନିର୍ବାଚନ**

**ଉତ୍ସବରେ ଶପଥ ନେଲେ ନୂଆ ଛାତ୍ର ସଂସଦ ସଦସ୍ୟ**

ବଲାଙ୍ଗୀର,୧୫।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନୂତନ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଛି। ନବ ନିର୍ବାଚିତ ଛାତ୍ର ସଂସଦ କାର୍ଯ୍ୟକର୍ତ୍ତାମାନେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଶପଥ ସମାରୋହରେ ଶପଥ ଗ୍ରହଣ କରିଥିଲେ। ନୂତନ ଛାତ୍ର ସଂସଦ ସଭାପତି ଭାବେ ଓମ୍ ପ୍ରକାଶ ବେହେରା, ଉପସଭାପତି ଭାବେ ବରୁଣ କୁମାର ସାହୁ, ସାଧାରଣ ସମ୍ପାଦକ ଭାବେ ଅଭିଳାଷ ପଟ୍ଟନାୟକ, ସହସାଧାରଣ ସମ୍ପାଦକ ଭାବେ ସୌମ୍ୟ ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ଭାବେ ଅଙ୍କିତ କୁମାର, ସହ ସାଂସ୍କୃତିକ ସମ୍ପାଦକ ଭାବେ ଅଭିଷେକ ରଥ ମନୋନୀତ ହୋଇଛନ୍ତି । ନାଟ୍ୟ ସଂସଦ ସମ୍ପାଦକ ଭାବେ ଶୁଭସ୍ମିତା ସାହୁ ଓ ସହକାରୀ ସମ୍ପାଦକ ଭାବେ ଅଜିତ କୁମାର ବାରିକ, ଆଥଲେଟିକ ସମ୍ପାଦକ ଭାବେ ମୁନେନ୍ଦ୍ର ବର୍ମା, ସହକାରୀ ଆଥଲେଲେଟିକ ସମ୍ପାଦକ ଭାବେ ବ୍ୟୋମକେଶ ସାହୁ ଓ ମହିଳା ପ୍ରତିନିଧି ଭାବେ ସାଗରିକା ଦାସ ମନୋନୀତ ହୋଇଛନ୍ତି। ଆୟୋଜିତ ଶପଥ ଗ୍ରହଣ ସମାରୋହରେ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ପ୍ରଫେସର ମନୋଜ କୁମାର ସାହୁ, ଡା. ଶିବ ପ୍ରସାଦ ବେହେରା, ଡା. ଉତ୍କଳିନୀ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଲାଠୋର ଆକ୍ସିସ୍ ବ୍ୟାଙ୍କର ବ୍ରାଞ୍ଚ ଉଦ୍‌ଘାଟିତ

ଲାଠୋର,୧୪।୧୨(ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ଲାଠୋର ପୋଷ୍ଟ ଅଫିସ ନିକଟରେ ଆକ୍ସିସ ବ୍ୟାଙ୍କର ଏକ ନୂଆ ବ୍ରାଞ୍ଚ ସର୍କଲ ହେଡ ଦେବେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଯୋଗଦେଇ ଫିତା କାଟି ବ୍ରାଞ୍ଚର ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର କ୍ଲଷ୍ଟର ହେଡ଼ ବିଭୂତି ଭୂଷଣ,ସେଲ ହେଡ ଆଶିଷ ଦାସ, ବ୍ରାଞ୍ଚ ପରିଚାଳକ ଦେବାଶିଷ ନାୟକ ରହିଥିଲେ । ଅଧିକାରୀମାନେ ଗ୍ରାହକ ମାନଙ୍କ ପାଇଁ କ'ଣ ସବୁ ସୁବିଧା ରହିଛି ତାହା ବୁଝାଇ ଥିଲେ । ଏହି ଅବସରରେ ଗ୍ରାମର ଘାସିରାମ ଅଗ୍ରୱାଲ, ଶଙ୍କରଲାଲ ଅଗ୍ରୱାଲ, ଲଳିତ ଭୋଇ, କିଶନ ଅଗ୍ରୱାଲ,ଶଙ୍କର ମେହେର, ଭୋଜରାଜ ମେହେର, ପୀତବାସ ମେହେର, ସଙ୍କୁଳ ଥାନପତି,ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।


ବ୍ୟାଙ୍କର ଉଦ୍‌ଘାଟନ ଅବସରରେ ଅତିଥି ବୃନ୍ଦ ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବଘିଆପଡା,୧୫।୧୨(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ ଟିକରପଡା ଗ୍ରାମ ପଞ୍ଚାୟତର ଶାସନମୁଣ୍ଡା ଗ୍ରାମ ନିକଟ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ରବିବାର ଦିନ ଜବତ ହୋଇଛି । ମିଳିଥିବା ସୂଚନା ମୁତାବକ, ଗୁନ୍ଦୁଲିଆ ପଞ୍ଚାୟତର ଉଡାମୁଡ ଅଞ୍ଚଳର ରଞ୍ଜିତ ମଲିକ ଗତ କିଛି ମାସ ହେଲା ଶାସନମୁଣ୍ଡା ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରେ ରହି ଆସୁଥିଲେ । ରବିବାର ସକାଳେ ରଞ୍ଜିତଙ୍କ ମୃତଦେହ ଗ୍ରାମ ନିକଟ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖି ବଘିଆପଡା ପୋଲିସକୁ ଖବର ଦେଇଥିଲେ । ଖବର ପାଇ ବୌଦ୍ଧ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା । ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ଜଣାପଡିନାହିଁ।

# ମନ ଜିଣିଲା ନାଟକ ରାଇ ମାନଭଞ୍ଜନ

**ଷଷ୍ଠ ଦିନରେ ବୌଦ୍ଧର ଧନୁଯାତ୍ରା**

ବୌଦ୍ଧ,୧୫।୧୨(ଅଜିତ କୁମାର ବାରିକ)

ବୌଦ୍ଧ ମଦନମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ଭୈରବୀ ପଡିଆଠାରେ ଚାଲିଥିବା ଧନୁଯାତ୍ରାର ରବିବାର ଥିଲା ଷଷ୍ଠ ସନ୍ଧ୍ୟା। ଏହି ଅବସରରେ ପରିବେଷିତ ନାଟକ 'ରାଇ ମାନଭଞ୍ଜନ' ଦର୍ଶକଙ୍କ ମନ ମୋହିଥିଲା । ନାଟକର ପ୍ରାରମ୍ଭରେ ନିର୍ବାକ ନୃତ୍ୟ ନାଟିକା ସତୀ ଆତ୍ମାହୁତି ମଞ୍ଚସ୍ଥ ହୋଇଥିଲା । ନୃତ୍ୟ ନାଟିକା ପରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାକୁ ନାଟକ ଶୈଳୀରେ ପରିବେଷିତ ହୋଇଥିଲା । ନାଟକରେ କୃଷ୍ଣଙ୍କ ସହିତ ରାଧାଙ୍କ ମନୋମାଳିନ୍ୟ, ରାଧାଙ୍କର ମାନ ଭଞ୍ଜନ କରିବା ପାଇଁ କୃଷ୍ଣ କାଚରାଣୀ ବେଶ, ମାଳିଆଣି ବେଶ, ନାପିତାଣୀ ବେଶ ସହ ଅନ୍ୟାନ୍ୟ ବେଶ ହୋଇ ରାଧାଙ୍କର ମାନଭଞ୍ଜନ କରିବା ପାଇଁ କୃଷ୍ଣ ଚେଷ୍ଟା କରି ବିଫଳ ହୁଅନ୍ତି । ଶେଷରେ ଯୋଗୀ ବେଶ ହୋଇ ରାଧାଙ୍କର ମାନ ଭିକ୍ଷାରେ ମାଗି ନିଅନ୍ତି ଓ ରାଧାଙ୍କର ମାନଭଞ୍ଜନ ହୁଏ । କଂସ ଅକ୍ରୁରଙ୍କୁ ପ୍ରେରଣ କରି କୃଷ୍ଣ ବଳରାମଙ୍କୁ ମଥୁରା ଆଣିବା, ଅକ୍ରୁର ଗୋପ ଯାଇ ଶୋକାକୁଳ ପରିବେଶରେ କୃଷ୍ଣ ବଳରାମଙ୍କୁ ରଥରେ ବସାଇ ମଥୁରା ଆଣିବା ଯିବା, ବାଟରେ ଯମୁନା ନଦୀରେ ଗାଧୋଇବା ବେଳେ ଅକ୍ରୁରଙ୍କ ଭକ୍ତି ଭାବ ଜାଗ୍ରତ ହୋଇଥିବା ବେଳେ ଜଳ ଭିତରେ, ସ୍ଥଳ ଉପରେ ଏବଂ ଶୂନ୍ୟରେ ମଧ୍ୟ କୃଷ୍ଣଙ୍କୁ ଦର୍ଶନ, ମଥୁରା ଆଣି କଂସର ମଧୁବନରେ ଆଶ୍ରୟ ଦିଅନ୍ତି ପର୍ଯ୍ୟନ୍ତ ନାଟକ ପରିବେଷିତ ହୋଇଥିଲା । ଏହି ନାଟ୍ୟୋତ୍ସବରେ ପରିବେଷିତ ହୋଇଥିବା ନାଟକଗୁଡିକ ବୌଦ୍ଧ ଜିଲାର ଜଣାଶୁଣା ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଦ୍ୱାରା ରଚିତ ହୋଇଥିବା ବେଳେ ଦେବାଙ୍ଗନ ମେହେର ନିର୍ଦ୍ଦେଶନା ଦେଇଛନ୍ତି। ଅନୁଷ୍ଠାନର ଛୋଟ ବଡ କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଦୀର୍ଘ ସମୟ ଧରି ଯାତ୍ରା ପଡିଆରେ ବାନ୍ଧି ରଖିଥିଲା । ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବାକୁ ମିନାବଜାର ଓ ବାଣିଜ୍ୟ ମେଳାର ଆୟୋଜନ କରାଯାଇଥିବା ବେଳେ ସେଠାରେ ଲୋକଙ୍କ ଗହଳି ଲାଗି ରହୁଛି । ସୋମବାର ଦିନ କଂସବଧ ନାଟକ ପରିବେଷିତ ହେବ ବୋଲି ଅନୁଷ୍ଠାନର ସଂପାଦକ ପଙ୍କଜ କୁମାର ମେହେର ସୂଚନା ଦେଇଛନ୍ତି।


ନାଟକର ଏକ ବିଶେଷ ଦୃଶ୍ୟ ।

# ବୌଦ୍ଧ ରାମେଶ୍ୱର ମନ୍ଦିରର ହୁଣ୍ଡି ବାକ୍ସ ଭାଙ୍ଗି ଚୋରି



ବୌଦ୍ଧ,୧୫।୧୨(ଅଜିତ କୁମାର ବାରିକ)

ବୌଦ୍ଧ ସହରର ମନ୍ଦିରଗୁଡିକରୁ ଚୋରି ହେବା ଏକ ନିତିଦିନିଆ ଘଟଣା ପାଲଟିଛି । କିଛି ମାସ ତଳେ ବୌଦ୍ଧ ସହରର କେତେକ ମନ୍ଦିରରୁ ଚୋରି ହୋଇଥିଲା। ପୁଣି ରବିବାର ଦିନ ବୌଦ୍ଧ ସହରର ମାଳିସାହିଠାରେ ଥିବା ପୁରାତନ ମନ୍ଦିର ରାମେଶ୍ୱର ମନ୍ଦିରର ହୁଣ୍ଡି ଭାଙ୍ଗି ଚୋରମାନେ ଟଙ୍କା ଲୁଟ୍ କରିଥିବା ଜଣାପଡିଛି । ପ୍ରକାଶ ଯେ, ସବୁଦିନ ପରି ରବିବାର ପୂଜକ ମନ୍ଦିରକୁ ପୂଜା କରିବାକୁ ସକାଳେ ଆସିଥିବା ବେଳେ ମନ୍ଦିରର ହୁଣ୍ଡି ବାକ୍ସ ଭାଙ୍ଗି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ଏନେଇ ପୋଲିସ ଖବର ପାଇ ଘଟଣାସ୍ଥଳରେ ଫିଙ୍ଗରପ୍ରିଣ୍ଟ ଏକ୍ସପଟ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ହୁଣ୍ଡିରେ ୫ ହଜାର ଟଙ୍କାରୁ ଅଧିକ ଥିବା ଅନୁମାନ କରାଯାଉଛି । ଏନେଇ ପୋଲିସ ମାମଲା ରୁଜୁ କରିଛି ।

# ରକ୍ତଦାନ ଶିବିର, ୪୩ ୟୁନିଟ ରକ୍ତ ସଂଗ୍ରହ

ଡୁଙ୍ଗୁରିପାଲି, ୧୫।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ମାରୱାଡି ଯୁବାମଞ୍ଚ ପକ୍ଷରୁ ରବିବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମା' ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଡ଼ିଓ ଦିଲୀପ କୁମାର ବାରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଡୁଙ୍ଗୁରିପାଲି ବଣିକ ସଂଘର ସଭାପତି ପ୍ରଦୀପ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ୪୩ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ବୁର୍ଲା ମେଡିକାଲ ରକ୍ତ ଭଣ୍ଡାରରୁ ଆସିଥିବା ଡା ଜୟପ୍ରକାଶ, ଲାଲୁ ବିଶ୍ୱାସ, କରୁଣାକର ସାହୁ, ଗଣେଶ ପଧାନ, ଶ୍ରୀକାନ୍ତ ସ୍ୱାଇଁ ରକ୍ତ ସଂଗ୍ରହ କରିଥିଲେ। ମାରୱାଡି ଯୁବାମଞ୍ଚ ସଭାପତି ଯୁଗେଶ ଅଗ୍ରୱାଲ, ସମ୍ପାଦକ ସଂକେତ ମିତଲ, ପିୟୁଷ ଅଗ୍ରୱାଲ, ରାଜ୍ୟ ଉପସଭାପତି ରାକେଶ ଅଗ୍ରୱାଲ, ସଂଯୋଜକ ମହେଶ ଅଗ୍ରୱାଲଙ୍କ ସହ ସମାଜର ସଦସ୍ୟମାନେ ଉପସ୍ଥିତ ଥିଲେ।

**ODISHA ELECTRICITY REGULATORY COMMISSION**
Plot No. 4, Chunukoli, Saileshree Vihar,
Chandrasekharpur, Bhubaneswar-751021
Website : www.orierc.org

**PUBLIC NOTICE**
**Case No.100/2024**

**In the matter: An application of TPSODL for approval of Open Access Charges for FY 2025-26.**

M/s. TP Southern Odisha Distribution Ltd.(TPSODL) has filed an application for approval of Open Access Charges for the Financial Year 2025-26 under Section 42 the Electricity Act, 2003read with Regulation 1.3 of OERC (Terms & Conditions for Determination of Wheeling Tariff and Retail Supply Tariff)Regulations,2022 and in accordance with paras 22 to 25 of the OERC(Terms and Conditions of Intra-State Open Access) Regulations, 2020 applicable to open access customers for use of intra-State transmission/distribution system and associated facilities for FY 2025-26.

The copy of the aforesaid application may be downloaded from the Commission's website (www.orierc.org)/ TPSODL's website www.tpsouthernodisha.com or it may be obtained from the Office of the Commission by paying photo copy charges of Rs.25/-(Rupees twenty five) only. The Commission has decided to dispose of the matter through a public hearing along with the ARR & RST application of the applicant for FY 2025-26 in Case No.99 of 2024 and the date & place of hearing which shall be communicated latter on.

Interested Persons/ Institutions/ Organizations may file their views/suggestions/ objections supported by affidavit before the Commission on or before 16.01.2025 serving copy to the applicant TPSODL. TPSODL is directed to file its rejoinder to the objection/suggestions of the Respondents by 27.01.2025 with a copy to the Respondents.

**Dated: :16.12.2024**
**By Order**
**Sd/-**
**Secretary**

**GOVT. OF ODISHA** No.O-874
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**
eMail : se_nerwkjr@rediffmail.com
**eProcurement Notice for Road Works under MMSY-CMRL & SACI**
**Bid Identification No. NCB-19 / RWCKJR / 2024-25**
No. 3663 / Date : 11.12.2024

1. Name of the work : Construction and maintenance of roads under MMSY-CMRL & SACI in the District of Keonjhar. 2. No. of work : 08 (Eight) Nos. 3. Estimated cost : As per Annexure in NIT 4. Class of contractor (Eligible) :As per Annexure in NIT 5. Period of completion : As per Annexure in NIT 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-19/ RWCKJR /2024-25 | Dt.21.12.24 at 11.00 A.M. | Dt.04.01.25 up to 5.00 P.M. | Dt.03.01.25 up to 5.00 P.M. | Dt.06.01.25 at 11.00 A.M. | Will be intimated later |

• **Further details can be seen from the website : www.tendersorissa.gov.in**

**Sd./- Chief Construction Engineer**
**R.W. Circle, Keonjhar**

**OIPR-25177/11/0023/2425**

**ଖପ୍ରାଖୋଲ ସଦର ମହକୁମାରେ ହାତୀ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ଖପ୍ରାଖୋଲ ବ୍ଲକ ସଦର ମହକୁମାରେ ରବିବାର ଏକ ହାତୀ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି । ଏହା ଜଣାପଡିବା ପରେ ବନବିଭାଗ ଓ ବିଦ୍ୟୁତ ବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ ନଜର ରଖାଯାଇଛି। ଶନିବାର ହରିଶଙ୍କର ରେଞ୍ଜ ଅଧୀନ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଛଞ୍ଚାଣ ବାହାଲି ଗାଁ ପାଖରେ ଉକ୍ତ ହାତୀ ଦେଖିବାକୁ ମିଳିଥିଲା।

# ଜଙ୍ଗଲ ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ

**ଓଡ଼ିଶା ଅଣଗେଜେଟେଡ ବନସେବା ସଂଘ ସମ୍ବଲପୁର ଜୋନ ସାଧାରଣ ପରିଷଦ ବୈଠକ**

**ସମ୍ବଲପୁର,୧୫।୧୨(ଭବାନୀ ଶଙ୍କର ଭୋଇ)**

ଜଙ୍ଗଲ ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ। ଜଙ୍ଗଲରୁ ହିଁ ଦେଶ ସ୍ୱାଧୀନତାର ନେତୃତ୍ୱ ବିକଶିତ ହୋଇଛି। ଜଙ୍ଗଲ ଆମକୁ ସନ୍ତୁଳିତ ଜୀବନ ପ୍ରଦାନ କରେ। ଫରେଷ୍ଟ କଭରେଜ କ୍ଷେତ୍ରରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟର ସର୍ବାଧିକ ଜଙ୍ଗଲ ସମ୍ପଦ ରହିଥିବା ଅଞ୍ଚଳଗୁଡ଼ିକ ମଧ୍ୟରେ ସମ୍ବଲପୁର ଅନ୍ୟତମ। ୨୦୨୫ରୁ ୨୦୭୦, ଅର୍ଥାତ ଆସନ୍ତା ୪୫ବର୍ଷ ମଧ୍ୟରେ ଆମର ଜଙ୍ଗଲ ପରିସୀମାକୁ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ରବିବାର ସମ୍ବଲପୁର ଏମ୍‌ସିଏଲ ପ୍ରେକ୍ଷାଳୟରେ ଅନୁଷ୍ଠିତ ଓଡ଼ିଶା ଅଣଗେଜେଟେଡ ବନ ସେବା ସଂଘ ସମ୍ବଲପୁର ଜୋନର ସାଧାରଣ ପରିଷଦ ବୈଠକରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଜଙ୍ଗଲ ସୁରକ୍ଷା ଏବଂ ଓଡ଼ିଶାରେ ବର୍ତ୍ତମାନର ବ୍ୟବସ୍ଥା ଶୀର୍ଷକ ଆଲୋଚନାଚକ୍ରରେ ବକ୍ତବ୍ୟ ରଖି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ୧୯ଟି ଅଭୟାରଣ୍ୟ ମଧ୍ୟରୁ ୪ଟି ରହିଛି ସମ୍ବଲପୁର ଅଞ୍ଚଳରେ । ତେଣୁ ଏ ଅଞ୍ଚଳର ଜନଜୀବନ, ବନ୍ୟଜନ୍ତୁ, ବନଜାତ ଦ୍ରବ୍ୟ, ଅର୍ଥନୀତି ଓ ସମାଜ, ଏସବୁ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସନ୍ତୁଳିତ ବ୍ୟବସ୍ଥାର ବିକାଶ କରାଯିବା ଆବଶ୍ୟକ। ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି ପରିବେଶ ସୁରକ୍ଷା ସହିତ ରୋଜଗାରର ଏକ ବଡ଼ ମାଧ୍ୟମ । ଜଙ୍ଗଲ ଓ ଜୀବଜନ୍ତୁ ସୁରକ୍ଷିତ ରଖି ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ସୁଦୃଢ଼ କରାଯାଇପାରିବ। ଜଙ୍ଗଲ ଭିତରେ ରହିଥିବା ଜଳାଶୟ ଗୁଡ଼ିକର ବିକାଶ, ଜଙ୍ଗଲ ଜମି ଅଧିକାର, ପେସା ଆଇନ ଠିକ୍ ଭାବେ କାର୍ଯ୍ୟକାରୀ କରିବା, ବନ୍ୟଜନ୍ତୁ ଓ ମଣିଷ ଭିତରେ ସଂଘର୍ଷକୁ ହ୍ରାସ କରିବା ପାଇଁ ସରକାରଙ୍କ ଉଦ୍ୟମ ଅବ୍ୟାହତ ରହିବ। ସେହିପରି ପରିବର୍ତ୍ତିତ ବିଶ୍ୱରେ ନୂତନ ଟେକ୍ନୋଲଜି ସହାୟତାରେ ଜଙ୍ଗଲ ସମ୍ପଦର ବିକାଶ ଓ ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନିଆଯିବ। ଓଡ଼ିଶାର ୮ହଜାରରୁ ଅଧିକ ନନ ଗେଜେଟେଡ ବନ ଅଧିକାରୀ ଓ କର୍ମଚାରୀ ଅଛନ୍ତି। ସେମାନଙ୍କର ନିଷ୍ଠା ଓ କର୍ତ୍ତବ୍ୟବୋଧ ପାଇଁ ଓଡ଼ିଶାର ଜୈବ-ବିବିଧତା ସନ୍ତୁଳିତ ହୋଇ ରହିଛି। ସେମାନଙ୍କର ନିଯୁକ୍ତି, ବେତନ ଓ ସ୍ୱୀକୃତି ଆଦି ପ୍ରସଙ୍ଗ ବିଷୟରେ ସରକାର ଅବଗତ ଅଛନ୍ତି। କେବଳ ରାଜଧାନୀ ଭୁବନେଶ୍ୱରରେ ବିକାଶ କଲେ ଓଡ଼ିଶାର ବିକାଶ ହେବନାହିଁ। ବିକାଶର ସୁଫଳ ରାଜ୍ୟର ସମସ୍ତ ଅଞ୍ଚଳରେ ପହଞ୍ଚିବା ଦରକାର। ନୂଆ ଟେକ୍ନୋଲଜିର ବ୍ୟବହାର ତଥା ଆମ ବନ କର୍ମଚାରୀଙ୍କୁ ସଶକ୍ତ କରି ଓଡ଼ିଶାକୁ ଦେଶର ଏକ ନମ୍ବର ଫରେଷ୍ଟ ଫୋର୍ସ ଭାବେ ପ୍ରସ୍ତୁତ କରିପାରିବା ବୋଲି ପ୍ରଧାନ କହିଥିଲେ। ବୈଠକରେ ରାଜ୍ୟ ପଞ୍ଚାୟତିରାଜ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ରବିନାରାୟଣ ନାଏକ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ବୈଠକରେ ଜୋନ ସଭାପତି ଯଶୋବନ୍ତ ରଣବିଡା ସଭାପତିତ୍ୱ କରିଥିଲେ। ପିସିସିଏଫ ଦେବୀଦତ୍ତ ବିଶ୍ୱାଳ ମୁଖ୍ୟବକ୍ତା ରହିଥିବା ବେଳେ ଆରସିସିଏଫ ଟି. ଅଶୋକ କୁମାର, ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର ମଞ୍ଚାସୀନ ଥିଲେ।




ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମଞ୍ଚାସୀନ ଅନ୍ୟ ଅତିଥି।

# ସମ୍ବଲପୁରର ୧୫ ଭିନ୍ନକ୍ଷମ ପାଇଲେ ଇ-ରିକ୍ସା

**ସମ୍ବଲପୁର,୧୫।୧୨(ପ୍ରମୋଦ ବହିଦାର)**

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସମ୍ବଲପୁର ମନ୍ଦଲିଆ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାଜ୍ୟର ୫ ଶହ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଆତ୍ମନିଯୁକ୍ତି ପାଇଁ ଇ-ରିକ୍ସା ବଣ୍ଟନ କରିଛନ୍ତି। ମହାନଦୀ କୋଇଲା ଲିମିଟେଡ୍(ଏମ୍‌ସିଏଲ୍) ସୌଜନ୍ୟରୁ ପ୍ରାୟ ୭.୫ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରଦାନ କରାଯାଇଥିବା ଇ-ରିକ୍ସା ମଧ୍ୟରୁ ପଶ୍ଚିମ ଓଡ଼ିଶାର ୧୦ଟି ଜିଲାରୁ ୧୨୯ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କ ମଧ୍ୟରୁ ସମ୍ବଲପୁର ଜିଲାର ୧୫ ଜଣ ଭିନ୍ନକ୍ଷମ ହିତାକାରୀ ଇ-ରିକ୍ସା ପାଇଛନ୍ତି। ବଲାଙ୍ଗୀରକୁ ୨୩, ବରଗଡ଼କୁ ୧୭, ବୌଦ୍ଧକୁ ୬, ଦେବଗଡ଼କୁ ୪, ଝାରସୁଗୁଡ଼ାକୁ ୮, କଳାହାଣ୍ଡିକୁ ୧୮, ନୂଆପଡ଼ାକୁ ୮, ସୁବର୍ଣ୍ଣପୁରକୁ ୮ ଓ ସୁନ୍ଦରଗଡ଼ ଜିଲାର ୨୨ ଭିନ୍ନକ୍ଷମଙ୍କୁ ଇ-ରିକ୍ସା ପ୍ରଦାନ କରାଯାଇଛି।

# ବିଭିନ୍ନ ସ୍ଥାନରେ ଗୀତା ଜୟନ୍ତୀ ପାଳିତ

**ଝାରସୁଗୁଡ଼ା,୧୫।୧୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଜିଲାର ବିଭିନ୍ନ ସ୍ଥାନରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ବିଜୁ ନଗରରେ ହୋଇଥିବା ଗୀତା ଜୟନ୍ତୀରେ ପଣ୍ଡିତ ଶକର୍ଷଣ ନାଥ ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କୁ ଗୀତା ବୁଝାଇ ସମଗ୍ର ମାନବ ସମାଜ ପାଇଁ ଏକ ପବିତ୍ର, ପୁଣ୍ୟମୟ ଜୀବନ ବଞ୍ଚିବା ସହିତ ସବୁବେଳେ ସତକର୍ମ କରିବା ପାଇଁ ପ୍ରେରଣା ଦେଇଛନ୍ତି। ଗୀତା ଯେ ଏକ ପୁସ୍ତକ ନୁହେଁ, ଏହା ହିନ୍ଦୁ ଧର୍ମ ସହିତ ସାରା ବିଶ୍ୱର ମା' ସଦୃଶ କହି ବୁଝାଇଥିଲେ। ଏହା ପରେ ବ୍ରାହ୍ମଣମାନଙ୍କ ଦ୍ୱାରା ଗୀତା ପାଠ ହୋଇଥିଲା। ତରେଇକେଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୀତା ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ଅଭିମନ୍ୟୁ ପାଣିଗ୍ରାହୀ, ଶାନ୍ତନୁ ପାଣଗ୍ରାହୀ ଓ ବିଦ୍ୟାଳୟର ସମ୍ପାଦିକା ସୁଜାତା ପାଣିଗ୍ରାହୀ, ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କଲତା ଓ ଛାତ୍ରୀଛାତ୍ରମାନେ ଯୋଗଦେଇ ଗୀତାପାଠ କରିଥିଲେ। ଏହା ସହିତ ବନ୍ଧବହାଲ, ସରବାହାଲ ଜଗନ୍ନାଥ ମନ୍ଦିରରେ ମଧ୍ୟ ଗୀତା ଜୟନ୍ତୀ ପାଳିତ ହୋଇଥିଲା।

# ତ୍ରିଦିବସୀୟ ଶିକ୍ଷଣ କର୍ମଶାଳା 'ଉନ୍ମେଷ' ଉଦ୍‌ଯାପିତ

**ଝାରସୁଗୁଡ଼ା,୧୫।୧୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ଟିଆର୍‌ଏଲ କ୍ରୋସାକି ବେଲପାହାଡ଼ର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଜୁବଲି ହଲ ଗୁମାଡେରାଠାରେ ଦ୍ୱିତୀୟ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ବିଶିଷ୍ଟ ବିଜ୍ଞାନ ଶିକ୍ଷକ ରାଜେଶ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ୩ ଦିନିଆ କର୍ମଶାଳାରେ ଛାତ୍ରୀଛାତ୍ରମାନଙ୍କୁ ଚଳିତ ଶିକ୍ଷାବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ତଥା ଗୁଣାତ୍ମକ ଶିକ୍ଷାପ୍ରାପ୍ତି ପାଇଁ ଉତ୍ସାହିତ କରିଥିଲେ। ଝାରସୁଗୁଡା ଟାଉନ୍ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅନୀଲ କୁମାର ପଟେଲ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନିରୋଜ ପଟେଲ, ଟିଆର୍‌ଏଲ୍ କ୍ରୋସାକିର ଅଧିକାରୀ ଦୀପକ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଠିନ ପରିଶ୍ରମ ଓ ଅବିଶ୍ରାନ୍ତ ଉଦ୍ୟମ ସଫଳତା ଚାବିକାଠି ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ଗିରିଧର ଲାଲ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ କୁଶ ସା ଧନ୍ୟବାଦ ଅର୍ପଣ କରିଥିଲେ। ୩ଦିନିଆ କର୍ମଶାଳା ପ୍ରାତଃକାଳରେ ଯୋଗାସନରୁ ଆରମ୍ଭ ହେଉଥିଲା। ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ପ୍ରଶ୍ନପତ୍ର ପ୍ରସ୍ତୁତ ପୂର୍ବକ ବିଷୟଭିତ୍ତିକ ମୂଲ୍ୟାୟନ କରାଯାଇ ଛାତ୍ରୀଛାତ୍ରମାନଙ୍କ ବିଷୟଭିତ୍ତିକ ଦ୍ୱନ୍ଦ ଦୂର କରାଯାଇଥିଲା। ଶେଷରେ ସେମାନଙ୍କ ମତାମତ ନିଆଯାଇ ଉତ୍ତମ ଶିକ୍ଷଣ ପାଇଁ ଟିପ୍ସ ପ୍ରଦାନ କରାଯାଇଥିଲା। ଝାରସୁଗୁଡା ଜିଲାପାଳଙ୍କ ମାର୍ଗଦର୍ଶନରେ ଜିଲା ଶିକ୍ଷା ଅଧିକାରୀ ଡ଼ା ରାଧାକାନ୍ତ ଗଡତିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଶାଳା ଆୟୋଜନ କରାଯାଉଛି। ଛାତ୍ରଛାତ୍ରୀମାନଙ୍କ ଶିକ୍ଷଣ ଆକାଂକ୍ଷାଗୁଡିକୁ ପୂରଣ କରିବା ଦିଗରେ ଆସନ୍ତା ଜାନୁୟାରୀ ତୃତୀୟ ସପ୍ତାହରେ ଆଉ ଏକ ଶିକ୍ଷଣ କର୍ମଶାଳା ଆୟୋଜନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାର ସଫଳ ରୂପାୟନ ପାଇଁ ଅଭିଜ୍ଞ ବିଷୟ ଶିକ୍ଷକ ସଚିନ୍ଦ୍ର ପଟେଲ, ରାଜେନ୍ଦ୍ର ସାହୁ, ଟୁନା ରଣା, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ଜୟଶଙ୍କର ନାଗ, ନିତ୍ୟାନନ୍ଦ ନାୟକ, ଭାରତୀ ଭୋଇ, ଦୁଃଖିଶ୍ୟାମ ବେହେରା, ଅରୁଣ ଭୋଇ ପ୍ରମୁଖଙ୍କୁ ସାଧନ କର୍ମୀ ଭାବେ ନିଯୁକ୍ତ କରାଯାଇଥିଲା।

# ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ଦେବଗଡ଼,୧୫।୧୨(ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ ସଂସ୍କୃତି ଭବନଠାରେ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦର ୩୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂସଦ ସଭାପତି ଡାକ୍ତର ଭାରତ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥି ଭାବେ ଉପଜିଲାପାଳ ପରକ୍ଷୀତ ସାହୁ, ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ଉପଦେଷ୍ଟା ଡାକ୍ତର ପଦ୍ମନାଭ ସାହୁ ଓ ବରିଷ୍ଠ ଆଇନଜୀବୀ ହୃଦାନନ୍ଦ ଶର୍ମା ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଏକ ସାରସ୍ୱତ ଅଲୋଚନାଚକ୍ର ଆୟୋଜିତ ହୋଇଥିବା ବେଳେ ଖ୍ଣ୍ଡାସ୍ଥିତ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଡାକ୍ତର ଗୌରୀଦାଶ ପ୍ରଧାନ ଓ ଧମାସ୍ଥିତ ମା' କ୍ଷୀରେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଡାକ୍ତର ସିଦ୍ଧାର୍ଥ ପଣ୍ଡା ଯୋଗଦେଇଥିଲେ। ଆଲୋଚନାଚକ୍ରରେ ସଂସଦ ସମ୍ପାଦକ ଚିତରଞ୍ଜନ ଦାସ ମଧ୍ୟ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସଂସଦ ପକ୍ଷରୁ ପ୍ରକାଶିତ ଚଳିତ ବର୍ଷର ମୁଖପତ୍ର 'ପଦରେଣୁ' ସ୍ମରଣିକା 'ନାରୀକବି ବିଶେଷାଙ୍କ-୨୦୨୪' ଓ 'ସ୍ମୃତିରେ ଦୁର୍ଗା ପ୍ରସାଦ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେହିପରି ସାରସ୍ୱତ ସାଧନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସତ୍ୟବ୍ରତ ଦିବେଦୀ, କୁଟୁରୁଚୂଆଁ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ, ପ୍ରତାପ କୁମାର ଦ୍ୱିବେଦୀ ଓ ସମୀର କୁମାର ନନ୍ଦଙ୍କୁ ବାମଣ୍ଡା ଶ୍ରୀ ସମ୍ମାନ, ନାଟ୍ୟକଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦିଲୀପ କୁମାର ଗୁରୁ, ସ୍ୱାସ୍ଥ୍ୟସେବା ନିମନ୍ତେ ମଞ୍ଜୁଲତା ଭୋଜ, କୃଷି ସେବା କ୍ଷେତ୍ରରେ ରୀତା ଦ୍ୱିବେଦୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆଦିତ୍ୟ ପ୍ରକାଶ ନାୟକ ଓ ମହେଶ୍ୱର ସ୍ୱାଇଁଙ୍କୁ ଦେବଦତ ସ୍ମୃତି ସମ୍ମାନ ଓ ଶଶୀଭୂଷଣ ମାଝିଙ୍କୁ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁରୂପ ଭାବେ ସମାଜ ସେବା ନିମନ୍ତେ ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ସାହିତ୍ୟିକ ପ୍ରଫୁଲ୍ଲ ମକୁମାର ମହାପାତ୍ର, ଫକୀର ମୋହନ ଦେହୁରୀ, ଡାକ୍ତର ସୁରେନ୍ଦ୍ର ଦାଶ, ଲୋକନାଥ ବେହେରା, ରାମଚନ୍ଦ୍ର ମହାପାତ୍ର, ଅନିରୁଦ୍ଧ ନାୟକ, ସୁମିତ୍ରା ପୁରୋହିତ ଓ ପଦ୍ମିନୀ ଦାଶ ମହାପାତ୍ରଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବୟିତ୍ରୀ ଅଞ୍ଜନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅରୁନ୍ଧତୀ ଦାଶ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ମାର୍କଣ୍ଡେଶ୍ୱର ଶତପଥି ସ୍ୱର୍ଗତ ବିରଞ୍ଚି ନାରାୟଣ ପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଟ୍ରଫି ପ୍ରଦାନ କରିବା ସହ ମନ୍ତ୍ର ପାଠ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# କିଶୋର ସମ୍ବଲପୁର ବଜରଙ୍ଗ ଦଳ ଜିଲା ସଂଯୋଜକ

**ସମ୍ବଲପୁର,୧୫।୧୨(ଭବାନୀ ଶଙ୍କର ଭୋଇ)**

ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତ ତରଫରୁ ସମ୍ବଲପୁର ଅଗ୍ରସେନ ଭବନଠାରେ ଦୁଇଦିନିଆ ୧୪/୧୫ କାର୍ଯ୍ୟକର୍ତ୍ତା ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଏହି ଅଭ୍ୟାସ ବର୍ଗରେ ପଶ୍ଚିମ ଓଡ଼ିଶାର ୨୨ଟି ସାଙ୍ଗଠନିକ ଜିଲାରୁ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ଏଥିରେ ବିଶ୍ୱହିନ୍ଦୁ ପରିଷଦ କେନ୍ଦ୍ରୀୟ ସହ ସଙ୍ଗଠନ ମହାମନ୍ତ୍ରୀ ବିନାୟକ ରାଓ ଦେଶପାଣ୍ଡେ କେନ୍ଦ୍ରୀୟ ମନ୍ତ୍ରୀ ସମ୍ପାଦକ ତଥା ଅଖିଳ ଭାରତୀୟ ସତ୍‌ସଙ୍ଗ ପ୍ରମୁଖ ଡ.ବସନ୍ତ କୁମାର ରଥ ଓ କ୍ଷେତ୍ରୀୟ ସମ୍ପାଦକ ମାର୍ଗଦର୍ଶନ କରିଥିଲେ। ବୈଠକରେ କିଶୋର ଚନ୍ଦ୍ର ପାଢ଼ୀଙ୍କୁ ସମ୍ବଲପୁର ବଜରଙ୍ଗ ଦଳ ଜିଲା ସଂଯୋଜକ, ବିଶ୍ୱହିନ୍ଦୁ ପରିଷଦ ପ୍ରଦୀପ କୁମାର ଶର୍ମା ଜିଲା ଧର୍ମ ପ୍ରସାର ପ୍ରମୁଖ, ଦୀପକ ଦୋରାଙ୍କୁ ଜିଲା ସହ ସମ୍ପାଦକ, ରାଜେଶ ମଲ୍ଲିକ ଓ ଉମାକାନ୍ତ ବାଇଙ୍କୁ ମହାନଗର ସହସମ୍ପାଦକ ଦାୟିତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାନ୍ତ କାର୍ଯ୍ୟକାରୀ ଅଧକ୍ଷ ଅଶୋକ ଗାନ୍ଧୀ, ପ୍ରାନ୍ତ ସମ୍ପାଦକ ଭକ୍ତ ଚରଣ ସାହୁ, ସହ ସମ୍ପାଦକ ରାଜୀବ ଶତପଥୀ, ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ସତ୍ୟନାରାୟଣ ଥନାପତି, ପ୍ରାନ୍ତ ବଜରଙ୍ଗ ଦଳ ସଂଯୋଜକ ରାମଚନ୍ଦ୍ର ନାଏକ ଉପସ୍ଥିତ ଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବଘିଆପଡା,୧୫।୧୨(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଥାନା ଶାସନମୁଣ୍ଡା ଗ୍ରାମ ନିକଟ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ରବିବାର ଜବତ ହୋଇଛି। ମୃତକ ଉଡାମୁଡ ଅଞ୍ଚଳର ରଞ୍ଜିତ ମଲିକ। କିଛି ମାସ ହେଲା ସେ ଶାସନମୁଣ୍ଡା ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ରଞ୍ଜିତଙ୍କ ମୃତଦେହ ଗ୍ରାମ ନିକଟ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ ।

# ତ୍ରିଭାଷୀ ଶିକ୍ଷାକ୍ଷେତ୍ରରେ ବୁର୍ଲା ଉଚ୍ଚବିଦ୍ୟାଳୟ ଏକ ଉଦାହରଣ

**ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ ଜୁବୁଲି ସମାରୋହରେ ମୁଖ୍ୟମନ୍ତ୍ରୀ**

**ସମ୍ବଲପୁର,୧୫।୧୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ରବିବାର ପାଳିତ ହୋଇଛି। ମଖ୍ୟ ଅତିଥିଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବକ୍ତବ୍ୟରେ ବୁର୍ଲା ହାଇସ୍କୁଲକୁ ଏକ ଐତିହାସିକ ବୈଭବଶାଳୀ ଅନୁଷ୍ଠାନ ଭାବରେ ବର୍ଣ୍ଣନା କରିଥିଲେ। ଏହାର ସୁନାମ ବଜାୟ ରହିବ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ତ୍ରିଭାଷୀ ଶିକ୍ଷା କ୍ଷେତ୍ରରେ ସାରା ଦେଶରେ ଉଦାହରଣ ସୃଷ୍ଟି କରିଥିବା କହିଥିଲେ। ଭାରତରେ ତ୍ରିଭାଷୀ ସୂତ୍ରରେ ଶିକ୍ଷାଦାନ ନିଷ୍ପତ୍ତି ହେବା ପୂର୍ବରୁ ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ଓଡ଼ିଆ, ଇଂଲିଶ ଓ ହିନ୍ଦୀ ଭାଷାରେ ଶିକ୍ଷାଦାନ କରିବା ଓଡ଼ିଶାର ସର୍ବପ୍ରଥମ ବିଦ୍ୟାଳୟ ହୋଇପାରିଥିଲା। ୧୯୪୯ ମସିହାରେ ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବା ଦିନଠାରୁ ମାତୃଭାଷା ଶିକ୍ଷାକୁ ଗୁରୁତ୍ୱ ଦେଇ ଆସିଥିବା କେନ୍ଦ୍ରମନ୍ତ୍ରୀ କହିଥିଲେ। ଏହି ଅବସରରେ ସମ୍ବଲପୁରରେ ଷ୍ଟାର୍ଟଅପ ଇକୋସିଷ୍ଟମ ତିଆରି କରିବା ତଥା ଇଡକୋ ମାଧ୍ୟମରେ ବୁର୍ଲାରେ ଏକ ଆଧୁନିକ ଭବନ ନିର୍ମାଣ କରିବା ପାଇଁ ପଦକ୍ଷେପ ନେବାକୁ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଗୋଶାଳାରେ ଥିବା ଓୟୁଏଟିର କ୍ୟାମ୍ପସକୁ ଏକ ପୂର୍ଣ୍ଣାଙ୍ଗ କୃଷି ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ବୋଲି ପ୍ରଧାନ କହିଥିଲେ। ବାଲ-ବାଟିକାରୁ ଦ୍ୱାଦଶ ଶ୍ରେଣୀ ଯାଏ ୧୫ ବର୍ଷ ଗୋଟିଏ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ନିରବଚ୍ଛିନ୍ନ ଶିକ୍ଷାଲାଭର ସୁଯୋଗ ଦିଆଯାଉଥିବା ବେଳେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ବୁର୍ଲା ହାଇସ୍କୁଲରେ ଯୁକ୍ତ ୨ ଶ୍ରେଣୀ ଖୋଲିବା ସପକ୍ଷରେ ମତଦେଇଥିଲେ । ଧର୍ମେନ୍ଦ୍ର ପ୍ରଧାନ ବୁର୍ଲା ସହର ବିକାଶର କେନ୍ଦ୍ର ହେବ ଓ ବୁର୍ଲା ହାଇସ୍କୁଲ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି କହିଥିଲେ । ନିରଞ୍ଜନ ପଟ୍ଟନାୟକଙ୍କ ରଚିତ ସ୍ୱାଗତ ଗୀତକୁ ରଶ୍ମିରଞ୍ଜନ ଶତପଥୀଙ୍କ ପରିଚାଳନାରେ ପୂର୍ବତନ ଛାତ୍ରୀଛାତ୍ରମାନେ ଗାଇଥିଲେ। ପୂର୍ବତନ ଛାତ୍ରଙ୍କ ଦ୍ୱାରା କରାଯାଇଥିବା ପେଣ୍ଟିଂକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ପାଠପଢାରେ ଉତ୍କର୍ଷତା ପାଇଁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟ ପ୍ରଧାନଶିକ୍ଷକ କରନ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଆଲୁମିନି ସଂଘ ସଭାପତି ନିରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଦେବାଶିଷ ନନ୍ଦ ସଭାରେ ବକ୍ତବ୍ୟ ରଖିଥିଲେ । ସୁରେନ୍ଦ୍ର ସିଂହ କାବୁଲି ଧନ୍ୟବାଦ ଅର୍ପଣ କରିଥିଲେ ।




ଜଣେ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚେକ୍ ପ୍ରଦାନ କରୁଛନ୍ତି। ପାଖରେ ଅନ୍ୟମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଅଛନ୍ତି।

**ODISHA ELECTRICITY REGULATORY COMMISSION**
Plot No. 4, Chunukoli, Saileshree Vihar,
Chandrasekharpur, Bhubaneswar-751021
Website : www.orierc.org

**PUBLIC NOTICE**
**Case No.100/2024**

**In the matter: An application of TPSODL for approval of Open Access Charges for FY 2025-26.**

M/s. TP Southern Odisha Distribution Ltd.(TPSODL) has filed an application for approval of Open Access Charges for the Financial Year 2025-26 under Section 42 the Electricity Act, 2003read with Regulation 1.3 of OERC (Terms & Conditions for Determination of Wheeling Tariff and Retail Supply Tariff)Regulations,2022 and in accordance with paras 22 to 25 of the OERC(Terms and Conditions of Intra-State Open Access) Regulations, 2020 applicable to open access customers for use of intra-State transmission/distribution system and associated facilities for FY 2025-26.

The copy of the aforesaid application may be downloaded from the Commission's website (www.orierc.org)/ TPSODL's website www.tpsouthernodisha.com or it may be obtained from the Office of the Commission by paying photo copy charges of Rs.25/-(Rupees twenty five) only. The Commission has decided to dispose of the matter through a public hearing along with the ARR & RST application of the applicant for FY 2025-26 in Case No.99 of 2024 and the date & place of hearing which shall be communicated latter on.

Interested Persons/ Institutions/ Organizations may file their views/suggestions/ objections supported by affidavit before the Commission on or before 16.01.2025 serving copy to the applicant TPSODL. TPSODL is directed to file its rejoinder to the objection/suggestions of the Respondents by 27.01.2025 with a copy to the Respondents.

**Dated: :16.12.2024**
**By Order**
**Sd/-**
**Secretary**

# ଆଧ୍ୟାତ୍ମିକତା ମଣିଷକୁ ହିଂସ୍ରତାଠାରୁ ଦୂରେଇରଖେ

**ନାଟ୍ୟୋତ୍ସବ-୨୦୨୪ ଉଦ୍‌ଯାପିତ**

**ସମ୍ବଲପୁର, ୧୪।୧୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରର ସାଂସ୍କୃତିକ ଅନୁଷ୍ଠାନ କଖଗ ପକ୍ଷରୁ ସ୍ଥାନୀୟ ଆରଣ୍ୟକ ମଞ୍ଚଠାରେ ଆୟୋଜିତ ନାଟ୍ୟୋତ୍ସବ-୨୪ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ସନ୍ଧ୍ୟାରେ ପରିବେଶିତ ଅର୍ଥାତ ନାଟକରେ ଜୀବନର ଭିନ୍ନ ଅନୁଭୂତିକୁ ପ୍ରଦର୍ଶନ କରାଯାଇଥିଲା। ବ୍ୟସ୍ତବହୁଳ କର୍ମମୟ ଜୀବନରେ, ମିଛ ଏବଂ ଦୁର୍ନୀତିର ନିରନ୍ତର ପ୍ରଭାବ ରହିଥାଏ। ଆଧ୍ୟାତ୍ମିକତାର ଦ୍ୱାହି ଦେଇ କିଛିଟା ଆନନ୍ଦ ପାଇବା ପାଇଁ, ଉଲ୍ଲସିତ ହେବା ପାଇଁ, ପାପମୁକ୍ତ ହେବା ପାଇଁ, ସତସଙ୍ଗ, ପ୍ରବଚନ, ପୂଜାପାଠ ଆଦିର ସାହାରା ନେଇଥାଏ । ସେସବୁ ପ୍ରହସନ ମାତ୍ର ଥାଏ । ତଥାପି ତାହା ସମାଜରେ ପରସ୍ପର ଭିତରେ ଏକ ଅଦ୍ଭୁତ ପ୍ରକାରର ଆତ୍ମିୟତା ଭରିଦେଇଥାଏ । ଏଇ ସବୁ କାର୍ଯ୍ୟକଳାପ ମଣିଷକୁ ନୃଶଂସତା ହିଂସ୍ରତାଠାରୁ ଦୂରେଇ ରଖି ଅସାମାଜିକ ହେବାରୁ ରୋକିପାରିଥାଏ। ଏଭଳି ଏକ ସାମାଜିକ ବିଚାରକୁ ନେଇ ନାଟକ 'ଅର୍ଥାତ' ପରିବେଷଣ ହୋଇଥିଲା। ନାଟକରେ ବିଭିନ୍ନ ଭୂମିକାରେ ମନୋଜ ବେହେରା, ସୌମେନ୍ଦ୍ର ପୂଜାରୀ, ସନ୍ତୋଷ ମିଶ୍ର, ସୁଶିଲ ଦାସ, ମହେଶ ତ୍ରିପାଠୀ, ସଞ୍ଜୟ ମିଶ୍ର, ହୃଦାନନ୍ଦ ଗଡ଼ତିଆ, ବାଳଗୋପାଳ ହୋତା, ରାଜୁ ବାଗ, ପ୍ରଭାସ ଦାସ, ବ୍ରଜେନ୍ଦ୍ର ନାୟକ, ବିଜୁ ରଞ୍ଜନ ମହାନ୍ତି, ମହମ୍ମଦ କାସିମ, କମଳ କୁମାର ରାଉତ, ସଂଯୁକ୍ତା ପଣ୍ଡା, ମୀନାକ୍ଷି ସୁପକାର, ପ୍ରୀତିନନ୍ଦା ମିଶ୍ର ଅଭିନୟ କରିଥିଲେ। ନାଟକକୁ ବ୍ରଜେନ୍ଦ୍ର ନାୟକ ରଚନା କରିବା ସହ ନିର୍ଦ୍ଦେଶନା, ସଙ୍ଗୀତ ପରିଚାଳନା ମଧ୍ୟ କରିଥିଲେ। ବ୍ରଜମୋହନ ପଣ୍ଡାଙ୍କ ରଚିତ ଗୀତଗୁଡିକୁ ସମ୍ବଲପୁର କଳା ଓ କଳାକାର ପରିବେଷଣ କରିଥିଲେ । ଏହାକୁ ଗୁରୁ ରଞ୍ଜିତ ସାହୁ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ।

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**
No.O-874
eMail : se_nerwkjr@rediffmail.com
**eProcurement Notice for Road Works under MMSY-CMRL & SACI**
**Bid Identification No. NCB-19 / RWCKJR / 2024-25**
No. 3663 / Date : 11.12.2024

1. Name of the work : Construction and maintenance of roads under MMSY-CMRL & SACI in the District of Keonjhar. 2. No. of work : 08 (Eight) Nos. 3. Estimated cost : As per Annexure in NIT 4. Class of contractor (Eligible) :As per Annexure in NIT 5. Period of completion : As per Annexure in NIT 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-19/ RWCKJR /2024-25 | Dt.21.12.24 at 11.00 A.M. | Dt.04.01.25 up to 5.00 P.M. | Dt.03.01.25 up to 5.00 P.M. | Dt.06.01.25 at 11.00 A.M. | Will be intimated later |

• **Further details can be seen from the website : www.tendersorissa.gov.in**

**Sd./- Chief Construction Engineer**
**R.W. Circle, Keonjhar**
**OIPR-25177/11/0023/2425**

# କଳାହାଣ୍ଡି ଜିଲାରେ ରହିଛନ୍ତି ୯୫ ହାତୀ

## ଜିଲାରେ ରହିଛି ୨୫୦ କିମି ହାତୀ କରିଡର

ଭବାନୀପାଟଣା,୧୫।୧୨
( ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ୨ ବନଖଣ୍ଡରେ ଗତ ୧୪ରୁ ୧୬ ତାରିଖ ୩ଦିନଧରି ହାତୀ ଗଣନା କାର୍ଯ୍ୟ ଶେଷ ହୋଇଛି। ଜିଲାର ଦକ୍ଷିଣ ବନଖଣ୍ଡ ଅଧିକାରୀ କଲାଇଭାନନ ଆରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନାଞ୍ଚଳର ବନ ସଂରକ୍ଷକଙ୍କ ସହଯୋଗରେ ବନ କର୍ମଚାରୀ ହାତୀ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ୭ଟି ବନାଞ୍ଚଳରେ ୪୦ରୁ ଅଧିକ ମଞ୍ଚା ସାହାଯ୍ୟରେ ୫୦ରୁ ଅଧିକ ଗଣନା ୟୁନିଟ ହାତୀ ଗଣନା କାର୍ଯ୍ୟ କରିଥିଲେ। ରିପୋର୍ଟ ଅନୁଯାୟୀ ଶୀତକାଳୀନ ଗଣନା ଅନୁଯାୟୀ ଜିଲାର ଏହି ବନଖଣ୍ଡରେ ୨୮ଟି ହାତୀ ଥିବା ଡିଏଫଓ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଜିଲାର ଉତ୍ତର ବନଖଣ୍ଡ ପକ୍ଷରୁ ହୋଇଥିବା ଗଣନାରେ ୬୭ଟି ହାତୀ ରହିଥିବା ଜଣାପଡିଛି। ଫଳରେ ଜିଲାର ୨ଟି ବନଖଣ୍ଡରେ ବର୍ତ୍ତମାନ


କଳାହାଣ୍ଡି ଜିଲାର ଶଗଡା ଅଞ୍ଚଳରେ ଥିବା ହାତୀ।

ପ୍ରାୟ ୯୫ଟି ହାତୀ ଥିବା କୁହାଯାଇଛି। ହାତୀ ଗଣନା କାର୍ଯ୍ୟ ଯଦିଓ ଶେଷ ହୋଇଛି କଳାହାଣ୍ଡି ବନଖଣ୍ଡରେ କେତେ ସଂଖ୍ୟକ ହାତୀ ଅଛନ୍ତି ତାହାର ଠିକ ତଥ୍ୟ ବର୍ତ୍ତମାନ କହି ହେବନାହିଁ। ଦୈନିକ ଏହା ବଦଳିଥାଏ ବୋଲି ଡିଏଫଓ କହିଛନ୍ତି। ପ୍ରତି ହାତୀ ଗଣନା ୟୁନିଟରେ ଜଣେ ଟିମ୍ ଲିଡରଙ୍କ ସମେତ ଅତିକମରେ ୨ଜଣ ସଦସ୍ୟ ଆଗଧାଡ଼ିର କ୍ଷେତ୍ର କର୍ମଚାରୀ, ଜିଆଇଏସ ଏକ୍ସପର୍ଟ, ବାୟୋଲୋଜିଷ୍ଟ, ବନାଞ୍ଚଳ ଅଧିକାରୀ ଓ ସହକାରୀ ବନ ସଂରକ୍ଷକଙ୍କ ସହାୟତାରେ ଏହି ଗଣନା କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିବା ବନ ବିଭାଗ ପକ୍ଷରୁ ଜଣାଯାଇଛି।

ପ୍ରକାଶଯୋଗ୍ୟ, କଳାହାଣ୍ଡି ଜିଲା ଦୁଇଟି ବନଖଣ୍ଡ ଅଧୀନରେ ୨୦୦କିମିରୁ ଅଧିକ ଲମ୍ବ ହାତୀ କରିଡ଼ର ରହିଛି। ଯାହାକି ଫୁଲବାଣୀ ବେଲଘରରୁ ସିଙ୍ଗାରି ଓ ବାଲିଗୁଡ଼ାରୁ ବଲାଙ୍ଗୀର ହାତୀ କରିଡ଼ର ବିସ୍ତାରିତ। ଉର୍ଲାଦାନୀ–କର୍ଲାପାଟ ହାତୀ କରିଡ଼ର ବୋଲି କୁହାଯାଉଛି। ବେଲଘରଠାରୁ ହାତୀମାନେ ଲାଞ୍ଜିଗଡ଼ ରୋଡ ପଥ ଦେଇ କଦଳୀଘାଟି ସଂରକ୍ଷିତ ଜଙ୍ଗଲ, ଜିଡିଙ୍ଗ ସଂରକ୍ଷିତ ଜଙ୍ଗଲ, ଗୋରେସ, ମେଲେଣ୍ଡା, ମାଟୁଲ, ତାଲମା, ରାହୁଲ ଜିମିରି, ହାତୀଶାଲ, ଜଳକ୍ରୀଡ଼ା, ପାହାଡ଼ପଦର, ମୋହନଗିରି, ବେଙ୍ଗଭଟା, ବିଜେପୁର, ସିଙ୍ଗାରୀ, କରଞ୍ଜ, ନିୟମଗିରି, ନାଚନିଗୁଡ଼ା, ଯୁଗସାଇପାଟଣା, ଆଲମା, ଶଗଡ଼ା, ହାତୀମୁଣ୍ଡା, କର୍ଲାପାଟ, କନାମଜ୍ଜୁର, ଖଲିଆ, ଜେରକା, ନେହେଲା, ଘନା, ପରିଆଗତ, ଗର୍ଜନ ସଂରକ୍ଷିତ ଜଙ୍ଗଲ ଦେଇ ପ୍ରାୟ ୨୦୦ କିମି ପର୍ଯ୍ୟନ୍ତ ହାତୀ କରିଡ଼ର ଲମ୍ବିଛି। ସେହିପରି ବେଲଘର ଦେଇ ବାଲିଗୁଡ଼ା ମୋହନଗିରି, ତୁପରା, ବଲାଙ୍ଗୀର ପର୍ଯ୍ୟନ୍ତ ପ୍ରାୟ ୫୦ କିମି ହାତୀ କରିଡ଼ର ଲମ୍ବିଛି। ସମୁଦାୟ ଜିଲାରେ ପ୍ରାୟ ୨୫୦ କିମି ହାତୀ କରିଡର ଲମ୍ବିଥିବା ଜଣାପଡିଛି।

# ଗଜାନନ କ୍ରିକେଟ କପ୍: ଟୁର୍ଚି ଚାମ୍ପିୟନ

କର୍ଲାମୁଣ୍ଡା, ୧୫।୧୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ଭୁଏରମୁଣ୍ଡା ଗଜାନନ ଯୁବକ ସଂଘ ପକ୍ଷରୁ ପ୍ରଥମ ଗଜାନନ କ୍ରିକେଟ କପ ୨୦୨୪ ଚଳିତ ମାସ ୮ ତାରିଖରେ ଆରମ୍ଭ ହୋଇ ଶନିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଟୁର୍ଚି ଓ ଧୂମାଭଟା ଦଳ ମଧ୍ୟରେ ହୋଇଥିଲା। ଏଥିରେ ଟୁର୍ଚି ଦଳ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ମୁଇ କଳାହାଣ୍ଡିଆ ଫର କଳାହାଣ୍ଡିର ସଙ୍ଗଠକ ଲକ୍ଷ୍ମୀ ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ରେଗଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ଦୀପ୍ତିରାଣୀ ସାହୁ, ୱାର୍ଡ ସଭ୍ୟ ଉତ୍ତ ସାହୁ, ଖୁସିରାମ ସାହୁ, ଜଗତରାମ ସାହୁ, ରୂପଚନ୍ଦ୍ର ସାହୁ, ଠାକୁର ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ସଫଳ କରିବାରେ ସମ୍ପାଦକ ଅଶୋକ ସାହୁ, ଧନସାଗର ସାହୁ, ସୀମାଞ୍ଚଳ ସାହୁ , ଜଳନ୍ଧର ସାହୁଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ଶକ୍ତି ସଂରକ୍ଷଣ ସପ୍ତାହ ପାଳନ ରାଲି



ଛାତ୍ରୀଛାତ୍ରମାନଙ୍କୁ ନେଇ ରାଲି କରାଯାଉଛି।

ପଲମ, ୧୫।୧୨ (ଭିକାରି ଗଉଡ଼ )

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧିନସ୍ଥ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ରାଲି ଅନୁଷ୍ଠିତ ହୋଇଯାଇଛି। ଗତ ୮ରୁ ୧୫ ତାରିଖ ପର୍ଯ୍ୟନ୍ତ ଶକ୍ତି ସଂରକ୍ଷଣ ସପ୍ତାହ ପାଳନ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ପରିପ୍ରେକ୍ଷୀରେ ଏହି ରାଲି ହୋଇଥିଲା। ଆୟୋଜିତ ସମାବେଶକୁ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ବେହେରା ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଶିକ୍ଷକ ଚନ୍ଦ୍ରଶେଖର ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ରାଲି ଗ୍ରାମ ପରିକ୍ରମା କରିଥିଲା। ରେଡ଼କ୍ରସ ପରାମର୍ଶଦାତା ସୁଦାମ ଚରଣ ମିଶ୍ରଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ରୁପ୍ରା ଜଗନ୍ନାଥ ମନ୍ଦିର ପରିସର ସଫେଇ କରିଥିଲେ। ଜୁନିୟର ଛାତ୍ରୀଛାତ୍ରମାନେ ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ଗ୍ରାମବାସୀଙ୍କୁ ପରିବେଶ ସଫା ରଖିବା, ପ୍ଲାଷ୍ଟିକ ପଲିଥିନ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ବିଜୟ ସାହୁ, ରାଧାକାନ୍ତ ସେନାପତି ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରିଥିଲେ।

# ମଣ୍ଡି ପରିଦର୍ଶନ କଲେ ବିଧାୟିକା


ଚାଷୀମାନଙ୍କ ସହ ବିଧାୟିକା ଓ ପ୍ରଶାସନ ଆଲୋଚନା କରୁଛନ୍ତି।

କର୍ଲାମୁଣ୍ଡା/ରିଷିଡ଼ା, ୧୫।୧୨(ପ୍ରଦୀପ କୁମାର ସାହୁ/ସୁଶାନ୍ତ କୁମାର ମଲ୍ଲିକ)

## ଦୀର୍ଘ ସମୟ ଆଲୋଚନା ପରେ ସମାଧାନର ବାଟ ଫିଟିଲା

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ କୃଷକ ସଙ୍ଗଠନ କୃଷକ ବିକାଶ ପରିଷଦ ପକ୍ଷରୁ କଟନୀଛଟନୀର ପ୍ରତିବାଦ କରି ଗୁରୁବାରଠାରୁ ଧାରଣା ଦେଇଥିଲେ। ତେବେ ପ୍ରଶାସନ ପକ୍ଷରୁ ଚାଷୀଙ୍କ ସହ ଅନେକ ଆଲୋଚନା ହେବା ପରେ ମଧ ସମାଧାନର ବାଟ ବାହାରି ନ ଥିଲା। ଏଯାବତ କୌଣସି ସମାଧାନ ହୋଇପାରି ନ ଥିବାରୁ ରବିବାର ନର୍ଲା ବିଧାୟିକା ମନୋରମା ମହାନ୍ତି କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ମଣ୍ଡି ପରିଦର୍ଶନ କରିଥିଲେ। କର୍ଲାମୁଣ୍ଡା ମଣ୍ଡିରେ ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ସିଧାସଳଖ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଚାଷୀଙ୍କ ସହିତ ଆଲୋଚନା ବେଳେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଜିଲା ଖାଉଟି ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ, କର୍ଲାମୁଣ୍ଡା ତହସିଲଦାର ଅରୁଣ ବର୍ଗେ, ଏଆରସିଏସ ମଧୁସୂଦନ ମେହେର, ଆରଏମ୍‌ସି କର୍ମଚାରୀ ଜଗନ୍ନାଥ ସୁନା ଏବଂ ଅତିରିକ୍ତ ଖାଉଟି ଯୋଗାଣ ଅଧିକାରୀ ବିଘ୍ନ ମହାପାତ୍ରଙ୍କ ସମେତ କୃଷକ ବିକାଶ ପରିଷଦର ସଦସ୍ୟ ତଥା ଚାଷୀମାନେ ଉପସ୍ଥିତ ଥିଲେ। ଶେଷରେ ବସ୍ତା ସହିତ ପାଞ୍ଚ କିଲୋ ଦୁଇଶହଗ୍ରାମ କଟନୀ ଦେବେ ବୋଲି ବିଧାୟିକାଙ୍କ ଉପସ୍ଥିତିରେ ଚାଷୀମାନେ ସମ୍ମତି ପ୍ରକାଶ କରିଥିଲେ। ଏଥିରେ ୬ଜଣ ଚାଷୀ ନନ୍ଦି କିଶୋର ଭୋଇ, ଇନ୍ଦୁମତି ଭୋଇ, ଅଜିତ ସାହୁ, କାର୍ତ୍ତିକ ସାହୁ, ଚୈତନ୍ୟ ସାହୁ, କିସନ ସାହୁ ପ୍ରମୁଖଙ୍କ ୩ ଶହ ୬୯ କୁଇଣ୍ଟାଲ ୭୭କେଜି ଧାନ କ୍ରୟ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଏମ୍‌ରାମପୁର ଥାନା ଅଧିକାରୀ ସୁଦର୍ଶନ ନାୟକଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

# ଗାଡ଼ି ଧକ୍କାରେ ଶିଶୁ ମୃତ, ବାପା ଗୁରୁତର

- ମୃତଦେହ ରଖି ରାସ୍ତା ଅବରୋଧ
- ଘଟଣାସ୍ଥଳରେ ଉତ୍ତେଜନା

କୋକସରା,୧୫।୧୨
(ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡ଼ହଗାଁ ହାଇସ୍କୁଲ ନିକଟରେ ରବିବାର ସନ୍ଧ୍ୟାରେ ଏକ ଗାଡ଼ି ଧକ୍କାରେ ବାଇକରେ ଯାଉଥିବା ବାପ ଓ ପୁଅଙ୍କ ମଧ୍ୟରୁ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ବାପା ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେବାପରେ ଆମ୍ବୁଲାନ୍ସରେ ଗୁରୁତରଙ୍କୁ କୋକସରା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଅବସ୍ଥା ଅତି ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଡାକ୍ତରଖାନାକୁ


ଦୁର୍ଘଟଣା ସ୍ଥଳରେ ଲୋକେ ରାସ୍ତାରୋକୋ କରିଛନ୍ତି।

ସ୍ଥାନାନ୍ତର କରାଯାଇଛି। ସୂଚନା ମତେ ଶାଗ ବାହିଲି ଗ୍ରାମରୁ ନିଜ ଶ୍ୱଶୁର ଘର ଡୋଙ୍ଗରିଗୁଡା ଗ୍ରାମକୁ ବାପ ପୁଅ ଏକ ବାଇକ୍‌ରେ ଆସୁଥିବାବେଳେ ଡ଼ହଗାଁ ହାଇସ୍କୁଲ ଛକ ନିକଟରେ ଏକ ଗାଡି ବାଇକକୁ ପଛ ପଟରୁ ଧକ୍କା ଦେଇ ଫେରାର ହୋଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଜାରି ରହିଛି। ଡ଼ହଗାଁ ହାଇସ୍କୁଲ ନିକଟରେ ପରିବାର ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିବାବେଳେ କୋକସରା ପୋଲିସ ପହଞ୍ଚି ବୁଝାସୁଝା ଜାରି ରଖିଛନ୍ତି। ମୃତ ଶିଶୁ ହେଲେ କ୍ଷୀରୋଧ ନାଏକ(୬) ଓ ତାଙ୍କ ବାପା ହୃଷିକେଶ ନାଏକ(୩୬) ବୋଲି ଜଣାପଡ଼ିଛି। ରାତି ପର୍ଯ୍ୟନ୍ତ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ ଜାରି ରହିଛି।

# ୨୪ରୁ କେସିଏସ୍‌ଏ କପ୍ କ୍ରିକେଟ ଟୁର୍ନାମେଣ୍ଟ

ଖଡ଼ିଆଳ,୧୫।୧୨
(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ କ୍ରିକେଟ ଏଣ୍ଡ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି ୨୧ ତମ କେସିଏସଏ କପ କ୍ରିକେଟ ଟୁର୍ନାମେଣ୍ଟ। ଏ ନେଇ କେସିଏସଏ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବିଗତ ବର୍ଷଗୁଡ଼ିକରେ ରାଜ୍ୟ ତଥା ରାଜ୍ୟ ବାହାରର ଟିମ୍‌ଗୁଡିକୁ ନେଇ ସର୍ବଭାରତୀୟ ସ୍ତରର କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହୋଇ ଆସୁଥିବା ବେଳେ ଚଳିତବର୍ଷ ସ୍ଥାନୀୟ ଅଞ୍ଚଳର କ୍ରିକେଟ ଖେଳର ବିକାଶ ପାଇଁ ରାଜ୍ୟସ୍ତରର ଟୁର୍ନାମେଣ୍ଟ ଆୟୋଜନ କରିବା ପାଇଁ ସ୍ଥିର ହୋଇଛି। ଏଥିରେ ଆୟୋଜକ ଘରୋଇ କେସିଏସ୍‌ଏ ସମେତ ରାଜ୍ୟରେ ବଛାବଛା ୮ଟି ଟିମ୍ ଅଂଶଗ୍ରହଣ କରିବେ। ସ୍ଥାନୀୟ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ୨୪ରେ ଟୁର୍ନାମେଣ୍ଟ ଆରମ୍ଭ ହୋଇ ୨୮ରେ ଉଦ୍‌ଯାପିତ ହେବ। ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଚିୟାର୍ସ ଗାର୍ଲ ବ୍ୟବସ୍ଥା କରାଯିବ ସହ ପ୍ରତ୍ୟେକ ମ୍ୟାଚ ଟି–ଟ୍ୱେଣ୍ଟି ଫର୍ମାଟ ସହ ଅନ୍ତର୍ଜାତୀୟ ନିୟମାବଳୀ ଅନୁସାରେ ଆୟୋଜନ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ କେସିଏସଏ ସଭାପତି ତଥା ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ଉପସଭାପତି ଫିରୋଜ ଖାନ୍, ବିଶ୍ୱଜିତ ପାଢ଼ୀ, ସମ୍ପାଦକ ସନ୍ତୁ ପଟ୍ଟନାୟକ, ଗୌତମ ତାଣ୍ଡିଙ୍କ ସମେତ କେସିଏସଏର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସଂକୁଳସ୍ତରୀୟ ବାର୍ଷିକ କ୍ରୀଡ଼ା


ସଂକୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୋମନା, ୧୫।୧୨(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା ସଦର ବ୍ଲକ ବେଲଟୁକୁରି ସରସ୍ୱତୀ ଶିଶୁମନ୍ଦିରରେ ନୂଆପଡ଼ା ସଂକୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା ସମିତିର ସଭାପତି ହରିହର ଚନ୍ଦ୍ରକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିନନ୍ଦନ ପଣ୍ଡା, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚନ୍ଦ୍ରଶେଖର ଚନ୍ଦ୍ରକାର, ସଂକୁଳ ସଂଯୋଜକ ବିନୋଦ ଦାସ, ଟୋପ ରାମ ଚନ୍ଦ୍ରକାର ପ୍ରମୁଖ ଯୋଗଦେଇ ସଂକୁଳ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ସେହିଭଳି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ବିଧାୟକ ପ୍ରତିନିଧି ଜୟଢୋଲକିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ପଞ୍ଚାୟତ ସମିତି ଅଧକ୍ଷ ନିଲକମଲ ଚନ୍ଦ୍ରକାର, ରାମଲାଲ ହଂସ, ସମ୍ପାଦକ ଦୁଷ୍ମନ୍ତ ଚନ୍ଦ୍ରକାର ପ୍ରମୁଖ ଯୋଗଦେଇଥିଲେ। ଶିଶୁମାନଙ୍କର ଶାରୀରିକ ବିକାଶରେ ଖେଳ ଏକ ଅପରିହାର୍ଯ୍ୟ ଅଙ୍ଗ। ତେଣୁ ପାଠପଢା ସହ ଖେଳର ନିହାତି ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପରେ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ରବୀନ୍ଦ୍ର ସାହୁ କ୍ରୀଡ଼ା ପରିଚାଳନା କରିଥିବା ବେଳେ ବେଲଟୁକୁରି ପ୍ରଧାନ ଆଚାର୍ଯ୍ୟ ପିତାମ୍ବର ଶବର ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ କୋଶଳେଶ୍ୱର ସିଂ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମନ୍ଦିର ସମସ୍ତ ଗୁରୁଜୀ, ଗୁରୁମା ପରିଚାଳନା ସମିତି ସଦସ୍ୟାସଦସ୍ୟ ସହଯୋଗ କରିଥିଲେ।

# ନବାଗତ କନିଷ୍ଠ ଶିକ୍ଷକଙ୍କ ସ୍ୱାଗତ ସମାରୋହ

ଭବାନୀପାଟଣା,୧୫।୧୨
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ପ୍ରାଥମିକ ଶିକ୍ଷକ ଭବନଠାରେ ରବିବାର ନବାଗତ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ (ଯୋଜନା ଭିତ୍ତିକ)ମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ବ୍ଲକ ଶିକ୍ଷକ ସଂଘର ସଭାପତି ମଧୁସୂଦନ ପ୍ରଧାନଙ୍କ ସଭାପତିତ୍ୱରେ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ହୋତା ନବାଗତ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଉଦ୍‌ବୋଧନ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗଦିଶ ମୁଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର ମହତ୍ତ୍ୱ ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ନୂତନ ଶିକ୍ଷକମାନଙ୍କୁ ଦିଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଅମରେନ୍ଦ୍ର ପଟ୍ଟନାୟକ, ତପନ କୁମାର ବେହେରା, ନର୍ଲା ବ୍ଲକ ସଂଘର ସମ୍ପାଦକ ଅମିତ ଶର୍ମା ଓ ଥୁଆମୂଳ ରାମପୁର ବ୍ଲକର ସଭାପତି ଅଜିତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ୫୦ରୁ ଉର୍ଦ୍ଧ୍ୱ ନବାଗତ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ।


ନବାଗତ କନିଷ୍ଠ ଶିକ୍ଷକଙ୍କ ସ୍ୱାଗତ ସମାରୋହ।

# ଛାତ୍ରଙ୍କ ଗଳିତ ମୃତଦେହ ଠାବ

ଭବାନୀପାଟଣା,୧୫।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଭଙ୍ଗାବାରି –କାମଠଣା ମଧ୍ୟରେ ଥିବା ଡ଼ମ୍ପିୟାର୍ଡ ନିକଟରେ ରବିବାର ଜଣେ ଛାତ୍ରଙ୍କ ଗଳିତ ମୃତଦେହକୁ ଠାବ କରାଯାଇଛି। ଖବରପାଇ ଘଟଣାସ୍ଥଳକୁ ଭବାନୀପାଟଣା ସଦର ଥାନା ପୋଲିସ ପହଞ୍ଚି ସେଠାରେ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ଏହି ସମୟରେ ମୃତଦେହ ନିକଟରେ ଏକ ସାଇକେଲ ଓ ସ୍କୁଲ ବ୍ୟାଗକୁ ସେମାନେ ପାଇଥିଲେ। ତେବେ ଛାତ୍ରଙ୍କ ପରିଚୟ ଜଣା ପଡି ନ ଥିବାବେଳେ ଏଠାକୁ ଛାତ୍ର ଜଣକ କେମିତି ଆସିଲେ ଓ କେଉଁ କାରଣରୁ ତାଙ୍କର ମୃତ୍ୟୁ ହୋଇଛି ତାହା ମଧ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷରେ, ସୋମବାର ଘଟଣାସ୍ଥଳକୁ ସାଇଣ୍ଟିଫିକ ଟିମ୍ ଯାଇ ତଦନ୍ତ କଲାପରେ ଛାତ୍ରଙ୍କ ମୃତ୍ୟୁର ରହସ୍ୟ ଜଣାପଡିବ। ବର୍ତ୍ତମାନ ଘଟଣାସ୍ଥଳରେ ସଦର ଥାନା ପୋଲିସ ମୁତୟନ ରହିଥିବା ସୂଚନା ମିଳିଛି।

# ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ କାମ କରି ଶ୍ରମିକ ଲକ୍ଷପତି

ନୂଆପଡ଼ା,୧୫।୧୨ (ମକାରୁ ବେମାଲ)

## ଲକ୍ଷପତି ହୋଇଥିବା ୧୦ ଶ୍ରମିକଙ୍କୁ ଜିଲାପାଳ କଲେ ସମ୍ମାନିତ

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଢୋର୍ଲାମୁଣ୍ଡା ପଞ୍ଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାର୍ଯ୍ୟକରି ଲକ୍ଷପତି ହୋଇଥିବା ୧୦ ଜଣ ଶ୍ରମିକଙ୍କୁ ଜିଲାପାଳ ସମ୍ମାନିତ କରିଛନ୍ତି। ନୂଆପଡା ଜିଲାପାଳ ମଧୁସୂଦନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରବାସୀ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମରେ ଏପିଡି ଯୋଗେଶ୍ୱର ଭୋଇ, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ବିଡିଓ ହେମନ୍ତ ପୁଟା, ଶେଖ ନସିମ, ସରପଞ୍ଚ ପଦ୍ମିନୀ ମାଝି, ସମିତି ସଭ୍ୟ ବିଶ୍ୱମ୍ଭର ମାଝି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଜନସାଧାରଣଙ୍କୁ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ପଞ୍ଚାୟତରେ ୧୦ଟି ପରିବାର ମହାତ୍ମାଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୩ ଶହ ଦିନର ଶ୍ରମଦାନ କରି ୧ ଲକ୍ଷ ୫ ହଜାର ଟଙ୍କା ଲେଖାଏଁ ପାଇ ଲକ୍ଷପତି ହୋଇଥିବାରୁ ସେମାନଙ୍କୁ ଜିଲା ପ୍ରଶାସନ ତରଫରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଚିତଲ ତାଣ୍ଡି, ଗୋପି ଦୀପ, ପୁସ୍ତମ ରାଉତ, ଡୋଳାମଣି ମାଝି, ଅଟିଏନ ମାଝି, ଅକ୍ରୁର ନାଗ, ଲୋଚନ ରାଉତ, ନୀଳାମ୍ବର ରାଉତ, ଜଦବା ମାଝି ଓ ରାଜାରାମ ମାଝି ।

ଉକ୍ତ ପଞ୍ଚାୟତରେ ୧ ହଜାର ୪୪୬ ଜଣ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ପଞ୍ଜିକୃତ ହୋଇଛନ୍ତି। ସମସ୍ତଙ୍କ ଶ୍ରମିକ କାର୍ଡ, ଆଧାରକାର୍ଡ ଲିଙ୍କ ହୋଇଛି। ଏହା ସହ ଦୁଇ ଜଣ ବ୍ୟକ୍ତି ଜଗନ୍ନାଥ ମୋହରା ଓ ଲିଙ୍ଗରାମ ମୋହରା ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ୯୦ ଦିନରୁ ଅଧିକ କାମ କରିଥିବାରୁ ନିର୍ମାଣ ଶ୍ରମିକ ଭାବରେ ପଞ୍ଜିକୃତ କରି ଲେବର କାର୍ଡ ପ୍ରଦାନ କରାଯାଇଛି। ଜିଲାପାଳ କହିଲେ, ପ୍ରତି ପରିବାରକୁ ସରକାର ୩ ଶହ ଦିନର କାମ ଯୋଗାଇ ଦେବେ। ଏଥିରେ ସେମାନଙ୍କୁ ୧ ଲକ୍ଷ ୫ ହଜାର ଟଙ୍କା ଲେଖାଏ ମିଳିବ। ଏଥିରେ ଗାଁ ପାଇଁ ବନ୍ଧ, ପୋଖରୀ, ରାସ୍ତା, ଜଳ ବିଭାଜିକା ପ୍ରକଳ୍ପ ଇତ୍ୟାଦି ସୃଷ୍ଟି ହୋଇପାରିବ। ଘର ପାଖରେ ବିଭିନ୍ନ ଶ୍ରମ ଭିତ୍ତିକ କାମ ତଥା ବ୍ୟବସାୟ ଆରମ୍ଭ କରିବା ପାଇଁ ସହଜ ଋଣ ମିଳୁଥିବାରୁ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ଲୋକଙ୍କୁ ସଚେତନ କରନ୍ତୁ ବୋଲି ଆହ୍ୱାନ କରିଥିଲେ। ଏହି ସଭାରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ.ଆଲୋକ କୁମାର ନାୟକ, ଉପ ନିର୍ଦ୍ଦେଶକ ହସ୍ତଶିଳ୍ପ ପୁଷ୍ପରଞ୍ଜନ ସାହୁ, ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ସ୍ୱାସ୍ଥ୍ୟ ଅଧିକାରୀ ବିଷ୍ଣୁପ୍ରସାଦ ଦ୍ୱାରି, ଜିଲା ଲିଡ ବ୍ୟାଙ୍କ ମେନେଜର ସିତାରାମ ମେହେର, ଉଦ୍ୟାନ କୃଷି ଅଧିକାରୀ ଆରାଧନା ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ଡୋକରୀ ଚଞ୍ଚରା ପର୍ଯ୍ୟଟନସ୍ଥଳୀ ଉନ୍ନୟନ କାର୍ଯ୍ୟର ସମୀକ୍ଷା


ବିଧାୟକ ସମୀକ୍ଷା କରୁଛନ୍ତି।

କୋକସରା,୧୫।୧୨
(ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଉତୁକାଠେଙ୍ଗା ପଞ୍ଚାୟତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରାରେ ରବିବାର ଗୁଡହାଣ୍ଡି ଉନ୍ନୟନ ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉନ୍ନୟନ କମିଟିର ସଭାପତି ଭଦ୍ରେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ ଉପସ୍ଥିତ ରହି ଜଙ୍ଗଲ ବିଭାଗ ଦ୍ୱାରା ହୋଇଥିବା ପର୍ଯ୍ୟଟନସ୍ଥଳୀର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ। ଉନ୍ନୟନ କମିଟିର କର୍ମକର୍ତ୍ତାଙ୍କ ସହ ଉନ୍ନୟନ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ ଓ ୭ ଜଣିଆ କୋର କମିଟି ଗଠନ କରିଥିଲେ। ଏହି କମିଟିରେ କାର୍ଯ୍ୟକାରୀ ସଭାପତି ଭାବେ ସ୍ଥାନୀୟ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀଙ୍କୁ ମନୋନୀତ କରାଯାଇଛି। ବିଧାୟକ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ସହ ଓଡ଼ିଶାର ଏକ ଅଗ୍ରଣୀ ପର୍ଯ୍ୟଟନ ସ୍ଥଳୀ ଭାବେ କେମିତି ଡୋକରୀଚଞ୍ଚରା ସ୍ଥାନିତ ହେବ ସେ ନେଇ ଉଦ୍ୟମ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ମାସ ୭ ତାରିଖରେ ମଣ୍ଡେଇ ଯାତ୍ରା ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଡେପୁଟି ରେଞ୍ଜ ଅଧିକାରୀ ସୁରେନ୍ଦ୍ର କୁମାର ବେହେରା, ବେହେରା ଫରେଷ୍ଟର ସୀମା ଧଙ୍ଗଡା ମାଝୀ, ଉପସଭାପତି ଘନଶ୍ୟାମ ନାଏକ, କୋଷାଧ୍ୟକ୍ଷ ସୁରେଶ ଅଗ୍ରୱାଲ, ଦେବେନ୍ଦ୍ର ପାଟଯୋଷୀ, ସାଧାରଣ ସମ୍ପାଦକ ସୁଧୀର ପାତ୍ର, ଯୁଗ୍ମ ସମ୍ପାଦକ ନିଳାମ୍ବର ନାଏକ, ବରିଷ୍ଠ ସଦସ୍ୟ ଐରିନାଶନ ଚିନ୍ଦା, ମଧୁବନ ପାତ୍ର, ଚକାଡୋଳା ପାତ୍ର, ଜାତୀନ୍ଦ୍ର ମାଝୀ, ଭୂବନାନନ୍ଦ ନାଏକ, ସହଦେବ ଦିଶାରୀ, ହିମାଞ୍ଚଳ ପାତ୍ର, ଦୁଖୀଶ୍ୟାମ ମାଝୀ, ଦୁଷ୍ମନ୍ତ ପଟ୍ଟଯୋଷୀ ପ୍ରମୁଖ ଉପସ୍ଥିତ ରହି ପର୍ଯ୍ୟଟନ ସ୍ଥଳୀ ଓ ଶ୍ରୀରାମ ମନ୍ଦିରର ଉନ୍ନୟନ କାର୍ଯ୍ୟ ଓ ଆଗାମୀ ଦିନରେ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶ ଉପରେ ଆଲୋଚନା କରିଥିଲେ। ଶେଷରେ କମିଟିର ବରିଷ୍ଠ ସଦସ୍ୟ ଐରି ନାସନ ଚିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ କାର୍ଯ୍ୟରେ ସାମିଲ ପାଇଁ ଶପଥ

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ସରଣ୍ଡା,୧୫।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଝାଲକ ହାଇସ୍କୁଲ ୧୯୯୪ ମାଟ୍ରିକ୍ ବ୍ୟାଚ୍‌ର ତୃତୀୟ ବନ୍ଧୁମିଳନ ଡେବ୍ରିଗଡ଼ ବାରପାହାଡ଼ ପାଦଦେଶରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଗଣେଶ ଦାସଙ୍କ ଅଧକ୍ଷତରେ ଅନୁଷ୍ଠିତ ବୈଠକରେ ବିଗତ ଦିନରେ ପରଲୋକ ହୋଇଥିବା ସାଥୀଙ୍କ ଅମର ଆତ୍ମାର ସଦ୍ଗତି ପାଇଁ ନିରବ ପ୍ରାର୍ଥନା କରାଯାଇ ସ୍ମୃତିଚାରଣ କରାଯାଇଥିଲା। ଅନୁଷ୍ଠାନ ସମସ୍ତ ସଦସ୍ୟ ବିଭିନ୍ନ ସାମାଜିକ କାର୍ଯ୍ୟରେ ସାମିଲ ହୋଇ ଜନମଙ୍ଗଳ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ୪୬ ଜଣ ସଦସ୍ୟ ଯୋଗଦେଇ ସ୍କୁଲ ସମୟ ଓ ବର୍ତ୍ତମାନ ପରିସ୍ଥିତି ଉପରେ ନିଜର ସ୍ମୃତି ସାରଥୀ ସାହୁଙ୍କ ସଂଯୋଜନାରେ ଉପସ୍ଥାପନ କରିଥିଲେ। ଏଥିରେ ପ୍ରଶାନ୍ତ ଦାଶ, ସ୍ୱାଧୀନ ତାଣ୍ଡି, ଗଗନ ପାତ୍ର, ଶରଣ ମହାରଣା, ଶ୍ରୀକାନ୍ତ ମହାପାତ୍ର, ଲକ୍ଷ୍ମଣ ପ୍ରଧାନ, ଜିତେନ୍ଦ୍ରିୟ ପ୍ରଧାନ, ରଞ୍ଜନ ତ୍ରିପାଠୀ, ମନୋରଞ୍ଜନ ଗୁରୁ ପ୍ରମୁଖ ଭାବ ବିନିମୟ କରିଥିଲେ।

# ବିଦ୍ୟାଳୟ ଉନ୍ନୟନମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କର

## ସଂକଳ୍ପ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ

ବରଗଡ଼,୧୫।୧୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ନବ ନିଯୁକ୍ତ ମାଧ୍ୟମିକ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଶିକ୍ଷଣ ଦକ୍ଷତା, କୌଶଳ ସମ୍ବନ୍ଧୀୟ ଜ୍ଞାନର ଅଭିବୃଦ୍ଧି ପାଇଁ ଚାଲିଥିବା ପଞ୍ଚଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ସଂକଳ୍ପ' ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ମେହେର ଯୋଗଦେଇଥିଲେ। ସାଧନକର୍ମୀ ଭାବେ ଅଭିଜ୍ଞ ଶିକ୍ଷକ ବୀରେନ୍ଦ୍ର ଦାଶ, ସଞ୍ଜୟ ଖମାରୀ, ଯତୀନ୍ଦ୍ର ମେହେର ଏବଂ ଭୀଷ୍ମଦେବ ପଧାନ ଜାତୀୟ ଶିକ୍ଷାନୀତି–୨୦୨୦, କ୍ୟାରିୟର କାଉନସେଲିଂ, ଡିଜିଟାଲ କୌଶଳ ଓ ପ୍ରଯୋଗ ଆଦି ବିଭିନ୍ନ ପ୍ରସଙ୍ଗରେ ତାଲିମ ପ୍ରଦାନ କରିଥିଲେ। ସଂକଳ୍ପ ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଅମ୍ବାଭୋନା, ଭଟଲି ଏବଂ ବରଗଡ଼ ବ୍ଲକର ନବନିଯୁକ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ତାଲିମ ନେଇଥିଲେ। ମୁଖ୍ୟଅତିଥି ସାହୁ ବିଦ୍ୟାଳୟ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବା ପାଇଁ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ସଂକଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ହାସଲ କରିଥିବା ଜ୍ଞାନ ଓ କୌଶଳକୁ ସମସ୍ତ ପ୍ରଶିକ୍ଷାର୍ଥୀ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ। ସାଧନକର୍ମୀ ଶିକ୍ଷକ ସଞ୍ଜୟ ଖମାରୀ, ବୀରେନ୍ଦ୍ର ଦାଶ ସଂକଳ୍ପ ପ୍ରଶିକ୍ଷଣର ଆବଶ୍ୟକତା ବିଷୟରେ ନିଜସ୍ ମତାମତ ପ୍ରଦାନ କରିଥିଲେ। ସାଧନକର୍ମୀ ଯତୀନ୍ଦ୍ର ମେହେର ପ୍ରଶିକ୍ଷଣ ଉପରେ ଆଧାରିତ କବିତା ପାଠ କରି ଥିବାବେଳେ ପ୍ରଶିକ୍ଷାର୍ଥୀ ସୁରେଖା ସେଠ୍ ଏବଂ ରାଜଶ୍ରୀ ପୁରୋହିତ ନିଜ ଅନୁଭୂତି ଉପସ୍ଥାପନ କରିଥିଲେ। ସମସ୍ତ ସାଧନକର୍ମୀ ଓ ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଆଦ୍ୟାଶା ନାଏକ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ପେଡାଗୋଜିକାଲ କୋଆର୍ଡିନେଟର ପୁଷ୍ପାଞ୍ଜଳି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

# ଜାତୀୟ ଗୁଣବତ୍ତା ଆଶ୍ୱାସନ ମାନକ ପ୍ରଦାନ

## ଛେତଗାଁ ଉପସ୍ୱାସ୍ଥ୍ୟ କେନ୍ଦ୍ର ଆରୋଗ୍ୟ ମନ୍ଦିର

ପାଇକମାଲ,୧୫।୧୨(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଲ ବ୍ଲକ ବୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଛେତଗାଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଉପସ୍ୱାସ୍ଥ୍ୟକେନ୍ଦ୍ର)କୁ ଜାତୀୟ ଗୁଣବତ୍ତା ଆଶ୍ୱାସନ ମାନକ ପ୍ରଦାନ କରାଯାଇଛି। ଗତ ୬ ତାରିଖରେ ଜାତୀୟ ଗୁଣାବତ୍ତା ଆସ୍ୱାସନ ମାନକ ମୂଲ୍ୟାୟନକାରୀ ଡକ୍ତର ରବୀନ୍ଦ୍ର ଅହଲାବତ ଓ ଡାକ୍ତର ଆଶିଷ ଠାକୁରଙ୍କ ଦ୍ୱାରା ଆଭାସୀ ମୂଲ୍ୟାଙ୍କନ ମାଧ୍ୟମରେ ଉପକେନ୍ଦ୍ରରେ ଦିଆଯାଇଥିବା ବିଭିନ୍ନ ସେବାମାନଙ୍କ ମୂଲ୍ୟାଙ୍କନ କରାଯାଇଥିଲା। ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିରୂପମା ଷଡ଼ଙ୍ଗୀ, ଡିପିଏମ୍ ଗିରିଜା ମିଶ୍ର, ଦୀପାଞ୍ଜଳୀ ପ୍ରଧାନ, ବିପିଏଚଓ ଡାକ୍ତର ଶୁଭ ପ୍ରକାଶ ସେନାପତିଙ୍କ ପ୍ରତ୍ୟକ୍ଷ ତ୍ତ୍ୱାବଧାନରେ ତଥା ବିପିଏମ୍ ରେବତୀ ମୋହନ ଜେନା, ବିଏଏମ ସୁବ୍ରତ ବିଶ୍ୱାଳ, ପିଏଚଇଓ ଦୀପାଞ୍ଜଳୀ ସାହୁ, ବିପିଏମ ସଞ୍ଜୀବ ମେହେର, ପରିଦର୍ଶକ ତୁଷକୁମାର ଚନ୍ଦ୍ରକର, ଆଶିଷ କୁମାର ନାୟକ, ସନୁଜ ଦାସ, ସତ୍ୟଭୂଷଣ ସାହୁ, ଆରବିଏସକେ ଦଳର ସମସ୍ତ କର୍ମଚାରୀ, ସମସ୍ତ ସିଏଚଓ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ସହଯୋଗରେ ଛେତଗାଁ ଉପକେନ୍ଦ୍ରର ସିଏଚଓ ବିନୋଦ ବାଡା, କୁମୁଦ ମଲ୍ଲିକ, ସ୍ୱାସ୍ଥ୍ୟକର୍ମୀ ମହିଳା ସୀମା ଦେବତା, ସିଏଚଓ ଚୂଡ଼ାମଣି ଭୂଏ ଓ ସମସ୍ତ ଆଶାକର୍ମୀ ପ୍ରଚେଷ୍ଟାରେ ଏହି ସଫଳତା ମିଳିଛି ବୋଲି କୁହାଯାଇଛି। ସୂଚନା ଯୋଗ୍ୟ ଓଡ଼ିଶାର ୨ଟି ଆରୋଗ୍ୟ ଉପକେନ୍ଦ୍ର ପାଇଥିବା ବେଳେ ପ୍ରଥମ ବରଗଡ଼ ଜିଲା ଛେତଗାଁ ପାଇଥିବା ବେଳେ ଅନ୍ୟଟି ଗଜପତି ଜିଲା କଣ୍ଟାଗଡ।


ଅତିଥି ଏବଂ ଛେତଗାଁ ଉପସ୍ୱାସ୍ଥ୍ୟ କେନ୍ଦ୍ରର କର୍ମୀମାନେ।

# ବ୍ଲକ ବାରିକ ସମାଜର ବୈଠକ


ବୈଠକରେ ଯୋଗ ଦେଇଥିବା ଅତିଥି।

ସରଣ୍ଡା,୧୫।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ବାରିକ ସମାଜର ବୈଠକ ରେଙ୍ଗାଲି ପାଲିଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବାରିକ ସମାଜ ସଭାପତି ହାରାଧନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ଘଟଣାକୁ ନିନ୍ଦା କରାଯାଇଥିଲା। ଅଞ୍ଚଳରେ ସମାଜର ସବୁ ବର୍ଗର ସୁବିଧା ଅସୁବିଧାରେ ମିଳି ମିଶି କାମ କରିବା ପାଇଁ ଆଲୋଚନା ହୋଇଥିଲା। ସଭାପତିଙ୍କ ମହାନତା ପାଇଁ ତାଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଡିସେମ୍ବର ୨୦ ତାରିଖରେ ହେବାକୁ ଥିବା ଜଡ଼ା ମଠ ବାର୍ଷିକ ଉତ୍ସବ ପାଇଁ ସମସ୍ତ ରାଜ୍ୟସ୍ତରୀୟ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦିଆଯାଇଥିଲା। ବୈଠକରେ ବାରିକ ସମାଜର କାର୍ଯ୍ୟକାରୀ ସଭାପତି ରଘୁନାଥ ବାରିକ, ସମ୍ପାଦକ କାର୍ତ୍ତିକ ପଶାୟତ, ସଂଘର ସଭ୍ୟ ଦେବାର୍ଚ୍ଚନ ବାରିକ, ସରୋଜ ବାରିକ, ସତ୍ୟ ପଶାୟତ, ମନ ପଶାୟତ, ଜୀବର୍ଦ୍ଧନ ପଶାୟତ, ଦେବାନନ୍ଦ ବେହେରା, ଶଙ୍କର ଭାନୁ ପଶାୟତ ପ୍ରମୁଖ ଯୋଗଦେଇଥିଲେ।

# ରାଜ୍ୟସ୍ତରୀୟ ସଂକୀର୍ତ୍ତନ ସମାରୋହ ବୈଠକ

ବରଗଡ଼,୧୫।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଅଧକ୍ଷ ଗୋପାଳ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘରେ ରବିବାର ଆସନ୍ତା ଫେବୃୟାରୀରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସଂକୀର୍ତ୍ତନ ସମାରୋହ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ସଂପ୍ରତି କୀର୍ତ୍ତନରେ ଅଶ୍ଳୀଳ ଅପସଂସ୍କୃତିକୁ ବିରୋଧ ସହିତ ସଂକୀର୍ତ୍ତନ କଳାକାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଭଟଲି ବ୍ଲକ କହେନମୁଣ୍ଡା ଭାଗବତ ଦଳଙ୍କ ଦ୍ୱାରା ଭାଗବତ ପରିବେଷଣରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଗୁରୁ ଲଳିତ ଭୋଇ ଯୋଗଦେଇ ସଂକୀର୍ତ୍ତନ ସଂସ୍କୃତିର ସୁରକ୍ଷା ଓ ଜାଗରଣ ପାଇଁ ରାଜ୍ୟ ସମାରୋହର ଗୁରୁତ୍ୱ ରହିଛି ବୋଲି ଉଲ୍ଲେଖ କରି ଆୟୋଜନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ଗୁରୁ ରାମଚନ୍ଦ୍ର ସାହୁ, ପ୍ରମୋଦ ପ୍ରଧାନ ନିଲ ଦେବତା, ଅମ୍ବାଭୋନା ବ୍ଲକ ସଂଯୋଜକ ଶିବ ନାରାୟଣ ଭୋଇ, ସୋହେଲା ବ୍ଲକ ସଂଯୋଜକ ଗୋରାଚାନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଫେବୃୟାରୀରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସମାରୋହ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ଗୁରୁ ନିଲ ଦେବତାଙ୍କ ସଂକୀର୍ତ୍ତନ ଓ ସୋହେଲା ବ୍ଲକ ତାମ୍ପିମୁଣ୍ଡାର ସଂକୀର୍ତ୍ତନ ଦଳ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିବା ବେଳେ ଭାଗବତ ଦଳ ଓ ତାମ୍ପି ମୁଣ୍ଡା ସଂକୀର୍ତ୍ତନ ଦଳକୁ ଜିଲା ସଂକୀର୍ତ୍ତନ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବୈଠକରେ ଉପସ୍ଥିତ ପରିଷଦର ସଭ୍ୟବୃନ୍ଦ।

# ପାଇକମାଲରେ ଚକ୍ଷୁ ପରୀକ୍ଷା ଶିବିର

ପାଇକମାଲ,୧୫।୧୨ (ବଡ ଶତପଥୀ)

ବରଗଡ଼ ଜିଲା ପାଇକମାଲ ଲାୟନ୍ସ କ୍ଲବ ଓ ନୃସିଂହ ମେଡିକାଲ ଷ୍ଟୋର ଦ୍ୱାରା ସ୍ଥାନୀୟ ନୃସିଂହନାଥ ଧର୍ମଶାଳାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୫ଜଣ ଚକ୍ଷୁ ପରୀକ୍ଷା କରାଇଥିବା ବେଳେ ୩୫ଜଣ ରୋଗୀଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ରାୟପୁର ଶ୍ରୀଗଣେଶ ବିନାୟକ ଚକ୍ଷୁ ଚିକିତ୍ସା କେନ୍ଦ୍ରକୁ ନିଆଯାଇଛି। ଡା ଚାରୁଦତ୍ତ କଲମକର, ଡା ଶ୍ରୀଧର ପ୍ରଧାନ, ଲାୟନ୍ସ କ୍ଲବ ସଭାପତି ଗୋବର୍ଦ୍ଧନ ଅଗ୍ରୱାଲ, ସମ୍ପାଦକ ନନ୍ଦଲାଲ ନାୟକ, ଜିଲା କେବିନେଟ ମେମ୍ବର ଜନାର୍ଦ୍ଦନ ପଣ୍ଡା, ପଦ୍ମପୁର ଲାୟନ୍ସ କ୍ଲବ ସଭାପତି ପ୍ରୀତମ ମେହେର, ଚିତ୍ତରଞ୍ଜନ ଦାସ, ବିନୋଦ ବିହାରୀ ମିଶ୍ର ଅତିଥି ଭାବରେ ଯୋଗଦାନ କରି ଶିବିର ଉଦ୍‌ଘାଟନ କରିଥିଲେ। ଲାୟନ୍ସ କ୍ଲବ ତରଫରୁ ୧୦ଜଣ ବୃଦ୍ଧବୃଦ୍ଧାଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା। ଚକ୍ଷୁ ଚିକିତ୍ସା କେନ୍ଦ୍ରର ଅଭିଷେକ ପଟେଲ ଓ ଶେଖର ବାରିକ ଚକ୍ଷୁ ପରୀକ୍ଷା କରିଥିଲେ। ଲାୟନ୍ସ ଆନନ୍ଦ ଅଗ୍ରୱାଲ, ଶ୍ୟାମଲାଲ ପ୍ରଧାନ, କିଶୋର ବାରିକ, କୀର୍ତ୍ତନ ସୋନି, କିଶୋର ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ଡା ରାଜୀବ ପଟ୍ଟନାୟକ, ସୁନ୍ଦରମଣି ନାଏକ, ଡା ଲମ୍ବୋଦର ପଣ୍ଡା, ଯୋଗେଶ୍ୱର ସାହୁ, ବ୍ୟାସଦେବ ସାହୁ, ମୀନିକେତନ ବେହେରା, ଆଲୋକ ମିଶ୍ର, ରିତଙ୍କ ବାରିକ, ନୀଲେଶ ଅଗ୍ରୱାଲ ସହଯୋଗ କରିଥିଲେ।

# ସଂସ୍କାର ସ୍କୁଲ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

ବରଗଡ଼,୧୫।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ଅବସ୍ଥିତ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ ଦ୍ୱାରା କମ୍ବଳ, ମିଠା, ବିସ୍କୁଟ, ଜୁସ ଏବଂ କଦଳୀ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱାଡିଆ ଏବଂ ଛାତ୍ରୀଛାତ୍ରମାନେ ଆୟୋଜନ କରିଥିଲେ। ଡାକ୍ତରଖାନାର ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ଦୁର୍ଯ୍ୟୋଧନ କୁମାର ଦତ୍ତା, ଡା. ପ୍ରଶାନ୍ତ କୁମାର ଦାଶ, ଡାକ୍ତରଖାନା ପରିଚାଳକ ଏସ. ପି. ଦାଶ ଏହି ବଣ୍ଟନ କାର୍ଯ୍ୟରେ ମିଳିତ ଭାବରେ ସହଯୋଗ କରିଥିଲେ। ସେମାନଙ୍କ ସହଶିକ୍ଷକ ବିରଜୁପ୍ରସାଦ, ଦୁଷ୍ମନ୍ତ ସାହୁ, ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦାସ, ଶ୍ରୁତି ବାରାଇ ଏବଂ ଆଡମିନିଷ୍ଟ୍ରେସନ ବିଭାଗର ରାଜେଶ ମହାପାତ୍ର, ହେଡ୍ ବିଏ ଭବିଷ୍ୟ ଅଗ୍ରୱାଲ, ହେଡ୍ ଗର୍ଲ ଅଦୀତି ଅଗ୍ରୱାଲ ମଧ୍ୟ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଏହି ସାମାଜିକ କାର୍ଯ୍ୟ ପାଇଁ ଉତ୍ସାହିତ କରିଥିଲେ।

# ନବରସ କଳା ପରିଷଦର ବାର୍ଷିକ ବୈଠକ

ବରଗଡ଼,୧୫।୧୨(ପ୍ରେମାନନ୍ଦ ଖମାରୀ)

ବରଗଡସ୍ଥିତ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ନବରସ କଳା ପରିଷଦର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦ ଉପସଭାପତି ଦେବାନନ୍ଦ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଆଗାମୀ ଦିନରେ ସଂଘର ନୂତନ କଳେବର ସହିତ ବିଭିନ୍ନ ସମସ୍ୟା ସମାଧାନ, ନାଟ୍ୟ ପ୍ରଦର୍ଶନ, ନୂତନ ସଦସ୍ୟ ପଞ୍ଜୀକରଣ ତଥା ସଂଘର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ବରିଷ୍ଠ ଉପଦେଷ୍ଟା ତଥା ଉଦ୍ୟୋକ୍ତା ସୁରେନ୍ଦ୍ର ହୋତା ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ପ୍ରଦୀପ ପଣ୍ଡା, ଡୋଲାମଣି ସିଂ, ହେମସାଗର ମହାପାତ୍ର, କ୍ରିଷ୍ଣା, କନକ ଡନସନା, ସୁଶୀଳା ନାୟାର, ମନୋରଞ୍ଜନ ମିଶ୍ର,ସୁଜିତ ବେହେରା, ରତନ ଗୁରୁ, ସଞ୍ଜୀବ ଚିନ୍ତାମଣି, ରାଜା ଦାଶ, ପରିତୋଷ ବେହେରା, ଅଞ୍ଜଳୀ ସିଂ, ଗଙ୍ଗା ଭୁଏ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବରପାଲି ଶୀତଳ ଷଷ୍ଠୀ ଯାତ୍ରା ପାଇଁ ନୂତନ କର୍ମକର୍ତ୍ତା


ବୈଠକରେ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ବରପାଲି,୧୫।୧୨(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ୧୪୯ତମ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ନୂତନ କମିଟି ଚୟନ କରାଯାଇଛି। ରବିବାର ଅପରାହ୍ନରେ ସ୍ଥାନୀୟ ନୂପରଜ୍ କ୍ଲବ ପରିସରରେ ଯାତ୍ରା କମିଟି ସଭାପତି ଆନନ୍ଦ ବାବୁଙ୍କ ଅଧକ୍ଷତାରେ ସାଧାରଣ ବୈଠକରେ ଚଳିତ ୧୪୯ତମ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏହା ପୂର୍ବରୁ ଗତବର୍ଷ ଯାତ୍ରା ଆୟବ୍ୟୟ ସମ୍ପାଦକ ଜୟନ୍ତ କୁମାର ତ୍ରିପାଠୀ ପାଠ କରିଥିଲେ। ଗତବର୍ଷ ଆୟ ୪୦ଲକ୍ଷ ୩୪ ହଜାର ୩୦୩ ଟଙ୍କା ହୋଇଥିବା ବେଳେ ବ୍ୟୟ ୪୨ ଲକ୍ଷ ୮୯ ହଜାର ୬୭୫ ଟଙ୍କା ହୋଇଥିଲା। ଏହାପରେ ଚଳିତବର୍ଷ ପାଇଁ ଗତ ବର୍ଷର କମିଟି ପୁନଃ କାର୍ଯ୍ୟ କରିବେ। ସଭାପତି ଆନନ୍ଦ ବାବୁ ତଥା ସମ୍ପାଦକ ଜୟନ୍ତ କୁମାର ତ୍ରିପାଠୀଙ୍କ ସହ ପୁରୁଣା କର୍ମକର୍ତ୍ତା ଓ ତାଙ୍କୁ ସହାୟତା କରିବାକୁ ୧୩ ଜଣିଆ କମିଟି ଗଠିତ ହୋଇଛି। ୧୩ ଜଣିଆ କମିଟିରେ ନରେନ୍ଦ୍ର କୁମାର ହୋତା, ଅଶୋକ କୁମାର ଦାଶ, ବିଜୟ କୁମାର ମିଶ୍ର, ଚିତ୍ତରଞ୍ଜନ ସାହୁ, ଧର୍ମରାଜ ସିଂ ବରିହା, ସୁବାସ ମିଶ୍ର, ଆଶିଷ ପଟ୍ଟନାୟକ, ଧିରେନ୍ଦ୍ର ପତି, ପ୍ରସନ୍ନ ମେହେର, ଜୟ କୁମାର ମିଶ୍ର, ସଞ୍ଜୀବ ନାୟକ, ଯୋଗାନନ୍ଦ ବିଶି ଯଦୁମଣି ତ୍ରିପାଠୀ, ଆସନ୍ତା ବର୍ଷ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବାକୁ କମିଟି ଉଦ୍ୟମ କରିବ ବୋଲି ସଭାପତି ପ୍ରକାଶ କରିବା ସହ ବରପାଲିବାସୀଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଛନ୍ତି।

# ରିଅନ ସ୍ମାରକୀ ଫୁଟ୍‌ବଲ: ଆମ୍ବେଡକର କ୍ଲବ ଚାମ୍ପିୟନ


ପ୍ରତିଯୋଗିତାରେ ଅତିଥି ଓ ଆୟୋଜକବୃନ୍ଦ।

ବରଗଡ଼,୧୫।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବରାହାଗୋଡା ଖେଳ ପଡିଆରେ ରିଅନ୍ ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି ଦଳ କଳାପାଣି, ତାଲଶ୍ରିଗିଡା, ବରଗାଁ ଏବଂ ସ୍ଥାନୀୟ ଆମ୍ବେଡକର କ୍ଲବ ଅଂଶଗ୍ରହଣ କରିଥିଲେ। ଆମ୍ବେଡକର କ୍ଲବ ଓ ବରଗାଁ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଆମ୍ବେଡକର କ୍ଲବ ୨–୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଆମ୍ବେଡକର କ୍ଲବ ଦଳର ବିଜୁ ମ୍ୟାନ ଅଫ ଦ ମ୍ୟାଚ୍ ଏବଂ ଅତୀବ ମ୍ୟାନ୍ ଅଫ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଦିଲୀପ ସେଠ୍, ଯୋଗେଶ୍ୱର୍ ପଧାନ, ଦୀପକ ମେହେର, ମଧୁ ବାରିକ, ଭୋଜାରାଜ ଭୋଇ, ନଥୁ ସାହୁ, ସଚିଦା ସାହୁ, ମଙ୍ଗଳ ସରାଫ, ନେପାଲ ପଧାନ, ବୀରେନ ସାହୁ, ଅନନ୍ତ ମେହେର ଅତିଥି ଭାବେ ଯୋଗଦାନ କରିଥିଲେ। ଲିଟନ ସାହୁ, ବିମଳ ପଟେଲ, ଯାଦବ ସାହୁ, ଅନିଲ ପଧାନ, ରୁଦ୍ରମଣି ସାହୁ ଉପସ୍ଥିତ ଥିଲେ। ମଣ୍ଟୁ, ବଣ୍ଟି, ଶଙ୍କର ମ୍ୟାଚ୍ ପରିଚାଳନା ଏବଂ ସୁଦାମ ପ୍ରଧାନ ମ୍ୟାଚ୍ ବିବରଣୀ ସୁଦାମ ପ୍ରଧାନ ମ୍ୟାଚ୍ ବିବରଣୀ ଦେଇଥିଲେ।

# ନିଶା ନିବାରଣ ପାଇଁ ଗଣଦୌଡ଼



ଗଣଦୌଡ଼ରେ ସାମିଲ ଛାତ୍ର ଏବଂ ଅତିଥି।

ବରପାଲି,୧୫।୧୨(ଚିତ୍ତରଞ୍ଜନ ସାହୁ)

ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ଉଦ୍ଦେଶ୍ୟରେ ଏକ ଗଣଦୌଡ ଅନୁଷ୍ଠିତ ହୋଇଛି। ବରଗଡ଼ ଫିଜିକାଲ ଏକାଡେମୀ ପକ୍ଷରୁ ଏକ ଗଣଦୌଡ ସୁରେଶ କୁମାର ଦାଶଙ୍କ ନେତୃତ୍ୱରେ ବରଗଡ଼ରୁ ଆରମ୍ଭ ହୋଇ ବରପାଲି ହାଇସ୍କୁଲ ପଡିଆଠାରେ ପହଞ୍ଚିଥିଲା। ବରପାଲି କ୍ରୀଡା ସଂସଦ ପକ୍ଷରୁ ଏହି ଦଳକୁ ବରପାଲି ପଡିଆରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଗଣ ଦୌଡରେ ଶତାଧିକ ସଭ୍ୟ ଯୋଗଦେଇଥିଲେ।

# ଠାକୁରାଣୀ ମା' ଦୁର୍ଗେଇ ଦେବୀଙ୍କ ଯାତ୍ରା ଉଦ୍‌ଯାପିତ

ପାଇକମାଲ,୧୫।୧୨(ବଡ ଶତପଥୀ)

ବରଗଡ ଜିଲା ଗନ୍ଧମାର୍ଦ୍ଦନ ପର୍ବତମାଳାରେ ପୂଜା ପାଉଥିବା ପ୍ରତ୍ୟକ୍ଷ ଠାକୁରାଣୀ ମା' ଦୁର୍ଗେଇ ଦେବୀଙ୍କ ୨ଦିନ ଧରି ଚାଲି ଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି। ତ୍ରୟୋଦଶ ଶତାବ୍ଦୀରୁ ମା' ଦୁର୍ଗେଇ ଦେବୀ ଭାବେ ପୂଜାପାଇ ଆସୁଛନ୍ତି। ମନଭଙ୍ଗ ଗାଁ ଗୌନ୍ତିଆଙ୍କୁ ଦେବୀ ସ୍ୱପ୍ନାଦେଶ ହୋଇଥିଲା। ତେଣୁ ପାଞ୍ଚପାଲି ମୌଜା ଅଞ୍ଚଳକୁ ନେଇ ବେଶ ପୂଜାର୍ଚ୍ଚନା କରାଯାଇ ଯାତ୍ରା ହୋଇ ଆସୁଛି। ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପର୍ବତମାଳାର ଗୋଟିଏ ପାର୍ଶ୍ୱରେ ପ୍ରଭୁ ନୃସିଂହନାଥ ଠାକୁର ଓ ଅନ୍ୟ ପାର୍ଶ୍ୱରେ ବାବା ହରିଶଙ୍କର ରହିଛନ୍ତି। ଗନ୍ଧମାର୍ଦ୍ଦନ ପାଦଦେଶରେ ଶ୍ରେଷ୍ଠ ଦେବୀ ମା' ଦୁର୍ଗା ଭକ୍ତମାନଙ୍କୁ ସୁରକ୍ଷା ଦେଇ ଆସୁଛନ୍ତି। ବିପଦ ସମୟରେ ଅଧିଆ ପଡ଼ିଥିବା ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ କରିବା ପରେ ଭକ୍ତମାନେ ମା'ଙ୍କୁ ବଳି ଭୋଗ ଦେଇଥାନ୍ତି। ଏହି ପରମ୍ପରା ବହୁ ପୁରାତନ କାଳରୁ ଚାଲି ଆସୁଛି। ଦୁର୍ଗେଇ ଖୋଲ ପର୍ବତମାଳା ପାଇକମାଲ ବ୍ଲକ ମିଠାପାଲ ପଞ୍ଚାୟତ ମନଭଙ୍ଗ ଗାଁରୁ ମା'ଙ୍କୁ ପୀଠ ଆସିବାକୁ ପ୍ରାୟ ୩କି.ମି. ବଣପାହାଡ ଘେରା ଦୁର୍ଗମ ରାସ୍ତା ଅତିକ୍ରମ କରି ଦୁର୍ଗେଇ ଦେବୀଙ୍କ ପୀଠକୁ ଶ୍ରଦ୍ଧାଳୁ ଭକ୍ତମାନେ ଆସିଥାନ୍ତି। ମାର୍ଗଶିର ମାସ ପୂର୍ଣ୍ଣମୀ ତିଥିରେ ଦେବୀଙ୍କ ପୂଜା ପାଇଁ ଝାଙ୍କର ଘରୁ ମା'ଙ୍କ ପୂଜା ସାମଗ୍ରୀ, ଅଳଙ୍କାର ଝାମ୍ପିରେ ଅଣାଯାଇ ଦୁର୍ଗେଇ ଦେବୀଙ୍କୁ ଅର୍ପଣ କରାଯାଏ। ସକାଳରୁ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇ ରାତ୍ରି ପ୍ରାୟ ୧୨ଟାରେ ବଳି ଭୋଗ ପ୍ରଦାନ କରାଯାଇଥାଏ। ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥିବାରୁ ଅଞ୍ଚଳର ଲୋକ ମାନଙ୍କ ସହିତ ବରଗଡ, ସମ୍ବଲପୁର, ନୁଆପଡା, ବଲାଙ୍ଗୀର, ପାଟଣାଗଡ, ସୋନପୁର,



ପଦ୍ମପୁର, ପାଇକମାଲ, ଖାରସଡ ସମେତ ଛତିଶଗଡ ରାଜ୍ୟର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତମାନଙ୍କ ମନୋରଞ୍ଜନ ସକାଶେ କେଶଲୀ କବି ସମ୍ମିଳନୀ ଓ ସମ୍ବଲପୁରୀ ମା' କାମନୀ ଦଣ୍ଡ ନୃତ୍ୟ ଅନୁଷ୍ଠିତ ହୋଇଥିଲା । ଏହି ପୂଜା ପରିଚାଳନା ପାଇଁ ମା' ଦୁର୍ଗେଇ ଦେବୀଙ୍କ ପୂଜା ପରିଚାଳନା କମିଟି ସଭାପତି ମଧୁସୂଦନ ପାଣ୍ଡେ, ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସମ୍ପାଦକ ବେଣୁଧର ମଲ୍ଲିକ, ସହ ସମ୍ପାଦକ ତ୍ରିନାଥ ମଲ୍ଲିକ, କୋଷାଧ୍ୟକ୍ଷ ହିରଣ୍ୟ ମଲ୍ଲିକ, ମୁଖ୍ୟ ପୂଜକ ସୁବାଷ ମଲ୍ଲିକ, ପୂଜକ ସଚ୍ଚିଦାନନ୍ଦ ମଲ୍ଲିକ, ତ୍ରିନାଥ ମଲ୍ଲିକ, ମହେନ୍ଦ୍ର ମଲ୍ଲିକ, ପ୍ରଦୀପ ମଲ୍ଲିକ, ମୁଖ୍ୟ ଦେହୁରୀ ରଣଜିତ ମଲ୍ଲିକ, ମୁଖ୍ୟ ଭୂମିକା ମନଭଙ୍ଗ ଗୌନ୍ତିଆ, ଅନନ୍ତ ରାମ ମଲ୍ଲିକ, ନାରାୟଣ ମଲ୍ଲିକ, ବାବୁଲାଲ ମଲ୍ଲିକ, ପାନାଲାଲ ସେଠଙ୍କ ସମେତ ସ୍ୱେଚ୍ଛାସେବୀଙ୍କ ପରିଶ୍ରମ ଫଳରେ ମା' ଦୁର୍ଗେଇ ଦେବୀଙ୍କ ପୀଠ ଯାତ୍ରା ସୂଚାରୁ ରୂପେ ସମ୍ପାଦନ ହୋଇଥାଏ।

**ସଂକ୍ଷେପରେ**

## ରାଉରକେଲା ଖେଳାଳିଙ୍କ ବିଦେଶ ଯାତ୍ରା

**ରାଉରକେଲା,୧୫।୧୨(ସଙ୍ଗୀତା ଜେନା)**

ଚଳିତ ମାସ ୧୮ରୁ୨୨ ତାରିଖ ପର୍ଯ୍ୟନ୍ତ ୫ ଦିବସୀୟ ୨୦ତମ ପଞ୍ଚେକ ସିଲଟ୍ ଚାମ୍ପିୟନଶିପ ୨୦୨୪ ଏଡିନେଇସି ଆବୁଧାବି ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାର ୬ ଜଣ ଖେଳାଳି ଅଂଶଗ୍ରହଣ କରିବେ। ସେଥିମଧ୍ୟରୁ ସୁନ୍ଦରଗଡ଼ ଜିଲାର ରାଉରକେଲା ସେକ୍ଟର-୭ ଅଞ୍ଚଳର ମୁଖ୍ୟ ପ୍ରଶିକ୍ଷକ ଶରତ ଦାସ (ମାଷ୍ଟର ବର୍ଗ) ମନୋନୀତ ହୋଇଥିବା ବେଳେ ସିଭିଲଟାଉନସିପ୍‌ର ସବ୍‌ଜୁନିଅର ବର୍ଗରେ ବିଦିତ ଗୁପ୍ତା ଟେଣ୍ଡିଙ୍ଗରେ ଅଂଶଗ୍ରହଣ କରିବେ। ଏ ନେଇ ରବିବାର ସନ୍ଧ୍ୟାରେ ଉଭୟ ରାଉରକେଲା ଷ୍ଟେସନରୁ ପ୍ରସ୍ଥାନ କରିଛନ୍ତି। ଉକ୍ତ ପ୍ରତିଯୋଗୀମାନଙ୍କୁ ସୁନ୍ଦରଗଡ଼ ଜିଲ ପେଞ୍ଚେକ ସିଲଟ୍ ସଙ୍ଗଠନର ସଭାପତି ହରମନ ଲାକ୍ରା, ଉପସଭାପତି ସୁଶାନ୍ତି ଷଡଙ୍ଗୀ, ରାକେଶ ବେହେରା, ନିକିକୁମାରୀ, ସଞ୍ଚିତା ଶ୍ରୀୟା, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର କୁମାର ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଶ୍ରମିକ ନେତାଙ୍କ ବିୟୋଗରେ ଶୋକସଭା

**ରାଉରକେଲା,୧୫।୧୨(ସଙ୍ଗୀତା ଜେନା)**

ବିଏସ୍‌ଏନ୍‌ଏଲ୍‌ର ଶ୍ରମିକ ନେତା, ଜଗଦା ସାଂସ୍କୃତିକ ପରିଷଦର ସଦସ୍ୟ, ଉତ୍କଳ ନବଜୀବନ ସଂଘ, ଡା.ଏସ୍.ଏସ୍ ଦାସ ମେମୋରିଆଲ୍ ଟ୍ରଷ୍ଟ, ଗାନ୍ଧୀ ପିସ୍ ଫାଉଣ୍ଡେସନ୍ ତଥା ସମାଜସେବୀ ପିତାମ୍ବର ନାୟକଙ୍କ ଅକାଳ ବିୟୋଗରେ ଶନିବାର ସନ୍ଧ୍ୟାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଶ୍ରମିକ ନେତା ସଞ୍ଜୀବ ମହାନ୍ତିଙ୍କ ସଂଯୋଜନାରେ ପିତାମ୍ବର ଲେଙ୍କା, ଆଇନଜୀବୀ ଗିରିଶ ମହାପାତ୍ର, କୈଳାସ ପ୍ରଧାନ, ରାଜକିଶୋର ପ୍ରଧାନ, ଶ୍ରମିକ ନେତା ବୈଦ୍ୟନାଥ ଦାସ, ବସନ୍ତ ନାୟକ, ସୁରେନ୍ଦ୍ର ଦାଶ, ଭାଜପା ପ୍ରବକ୍ତା ଧୀରେନ ସେନାପତି, ସଭାନେତ୍ରୀ ଲତିକା ପଟ୍ଟନାୟକ, ଅକ୍ଷୟ ଦାସ, ମନୋଜ ସାମଲ, ନିଳମଣୀ ପ୍ରଧାନ, ଡ. କେସି ବାରିକ, ପ୍ରଭାତ ମହାନ୍ତି, ମଧୁସୂଦନ ମହାପାତ୍ର, ଲକ୍ଷ୍ମୀଧର ନାୟକ, ଏଚ୍‌ଏନ୍ ନାୟକ, କେସି ତ୍ରିପାଠୀ, କୀର୍ତ୍ତିଲତା ନନ୍ଦ, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ଇଡି ୱାର୍କସ ଦକ୍ଷତା ଉତ୍କର୍ଷତା ପୁରସ୍କାର ପାଇଁ ପ୍ରତିଯୋଗିତା

**ରାଉରକେଲା,୧୫।୧୨(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିରେ ଇଡି (ୱାର୍କସ) ସ୍କିଲ ଏକ୍ସଲେନ୍ସ ପୁରସ୍କାର ପାଇଁ ଆୟୋଜିତ ହୋଇଥିବା ଦକ୍ଷତା ପ୍ରତିଯୋଗିତାରେ ଆରଏସପିର ବିଭିନ୍ନ ୟୁନିଟରେ ବହୁସଂଖ୍ୟକ କର୍ମଚାରୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଛି। କର୍ମଚାରୀଙ୍କ ଦକ୍ଷତାର ପରିମାପ ଏବଂ ସେମାନଙ୍କ ଜ୍ଞାନ ଆଧାରକୁ ସମୃଦ୍ଧ କରିବା ପାଇଁ ଏକ ସୁସ୍ଥ ପ୍ରତିଯୋଗିତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ଏହା ଆୟୋଜିତ ହୋଇଥିଲା।

# ରାଉରକେଲା ଫିଲ୍ମ ଫେଷ୍ଟିଭାଲ ଉଦ୍‌ଘାଟିତ




ଫିଲ୍ମ ଫେଷ୍ଟିଭାଲ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରାଯାଉଛି।

**ରାଉରକେଲା,୧୫।୧୨(ଦିନେଶ ମିଶ୍ର)**

### ଚଳଚ୍ଚିତ୍ର ସମାଜରୁ କୁସଂସ୍କାର ଦୂର ଓ ସୁବାର୍ତ୍ତା ଦେବା ପାଇଁ ନିର୍ମିତ ହୋଇଥାଏ

ସେକ୍ଟର- ୪ସ୍ଥିତ କମ୍ୟୁନିଟି ସେଣ୍ଟର ପରିସରରେ ରାଉରକେଲା ଫିଲ୍ମ କ୍ଲବ ପକ୍ଷରୁ ୭ତମ ରାଉରକେଲା ଫିଲ୍ମ ଫେଷ୍ଟିଭାଲ କାର୍ଯ୍ୟକ୍ରମ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚଳଚ୍ଚିତ୍ର ସର୍ବଦା ସମାଜରୁ କୁସଂସ୍କାର ଦୂର ଓ ସୁବାର୍ତ୍ତା ଦେବା ପାଇଁ ନିର୍ମାଣ ହେବା ଜରୁରୀ। ରାଉରକେଲା ଫିଲ୍ମ କ୍ଲବ ପକ୍ଷରୁ ଓଡିଆ ସଂସ୍କାର ଓ ଫିଲ୍ମ ଜଗତକୁ ବଞ୍ଚାଇ ରଖିବା ପାଇଁ ଯେଉଁ ଉଦ୍ୟମ ଜାରି ରଖିଛି ତାହା ପ୍ରଶଂସନୀୟ ବୋଲି ମୁଖ୍ୟ ଅତିଥି ନାୟକ ତାଙ୍କ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା ଏସ୍‌ପି ନିତେଶ ୱାଧୱାନି, କମଲ ଅଗ୍ରୱାଲ, ପ୍ରଫୁଲ୍ଲ ସୁନାନି, ସୁଶାନ୍ତ ରାଉତ, ସମରେନ୍ଦ୍ର ନାୟକ, ସୁନୀଲ କୟାଲ, ଦୁଷ୍ମନ୍ତ ରାଉତରାୟ, ଜ୍ୟୋତ୍ସ୍ନା ନାୟକ, ନିହାରିକା ବସ୍ତିଆ, ନନ୍ଦିନୀ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଫିଲ୍ମ ଫେଷ୍ଟିଭାଲରେ ମୋଟ ୬୪ଟି ସିନେମା ଅଂଶଗ୍ରହଣ କରିଥିବାବେଳେ ସେଥିରୁ ମାତ୍ର ୧୫ଟି ସିନେମା ପୁରସ୍କାର ପାଇଁ ଚୟନ କରାଯାଇଥିଲା। ସେଥିମଧ୍ୟରୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ଫୁଲଫୁଟି ମହକିଲାକୁ ପୁରସ୍କୃତ କରାଯାଇଥିବାବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସୌମ୍ୟରଞ୍ଜନ ବଳଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ଶ୍ରେଷ୍ଠ ସ୍କ୍ରିପଟ୍ ରାଇଟର ଭାବେ ପବିତ୍ର ବନ୍ଦନ ପିଲ୍ଲର ନିବେଦନଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଅଭିନେତା ଭାବେ ଗର୍ଜନ ଚଳଚ୍ଚିତ୍ରର ବିଶ୍ୱଜିତ ଦାସ, ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସଞ୍ଜନା ପତିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ନେଗେଟିଭ୍ କଳାକାର ଭାବେ ଦେବାଶିଷ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ କୋରିଓଗ୍ରାଫର ଭାବେ ପିଆର ବାଲା ମହୁରୀ ଆଲ୍‌ବମ୍‌କୁ ପ୍ରଦନ କରାଯାଇଥିବାବେଳେ ଶ୍ରେଷ୍ଠ ମ୍ୟୁଜିକ ଭିଡିଓ ଭାବେ ଆଉ କେତେ ଦିନକୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ଚଳଚ୍ଚିତ୍ର ଶବ୍ଦ ଭାବେ ନିରୁପମା ଓ ଶ୍ରେଷ୍ଠ ଏଡିଟର ଭାବେ ଚିନ୍ମୟ ସାମଲ ଓ ଶ୍ରେଷ୍ଠ ଡଓପି କଳାକାର ଭାବେ ସତିଶ ପତିଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅମିତ୍ ଏକାଡମୀ ପକ୍ଷରୁ ଡ୍ୟାନ୍ସ ପରିବେଷଣ କରାଯାଇଥିଲା। ସାଇନିଙ୍ଗ ରକର୍ସର କଳାକାରମାନଙ୍କ ଦ୍ୱାରା ମଡେଲିଂ ଓ ଅଭୁଲା ଦୀପ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିରେ ଯଶୋବନ୍ତ ମହାନ୍ତି ଓ ଅଭିନାଶ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସଦସ୍ୟ ପ୍ରଭାତ ସାମଲ, ଲିନା ବିଶ୍ୱାଳ, ମୋହନ ସାହୁ, ଜନ୍ମେଜୟ ମହାନ୍ତି, ଦେବାଶିଷ ମହାପାତ୍ର, ସଞ୍ଜନା ପତି, ବିଶ୍ୱଜିତ ଘୋଷ, ସ୍ୱାଗତିକା ସାହୁ, ଅଭିଳାସ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରଭାତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## କାନ୍ତକବିଙ୍କ ୧୩୭ତମ ଜୟନ୍ତୀ ପାଳିତ



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀରେ ଉପସ୍ଥିତ ଅତିଥି।

**ରାଉରକେଲା,୧୫।୧୨(ଦିନେଶ ମିଶ୍ର)**

ଛେଣ୍ଡସ୍ଥିତ ଧାମରା ସଂଘ ପରିସରରେ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୩୭ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ପ୍ରଭାତ କୁମାର ପାଢୀ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡକ୍ଟର ସୋମା ଚାନ୍ଦ କାନ୍ତକବିଙ୍କ ସାମଗ୍ରୀକ ଜୀବନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବହୁମୁଖୀ ପ୍ରତିଭାର ଅଧିକାରୀ କାନ୍ତକବିଙ୍କ ସାହିତ୍ୟକୃତି ଆଲୋଚନାବେଳେ ତାଙ୍କ ରଚିତ ଅନେକ ପଦ୍ୟାଂଶ ଉପରେ ବିସ୍ତୃତ ବାଖ୍ୟା ଏହି ସଭାରେ ଅତିଥିଗଣ କରିଥିଲେ। ସମ୍ମାନିତ ଅତିଥି ଭାବେ କାନ୍ତକବିଙ୍କ ନାତି ବାଣିକଲ୍ୟାଣ ମହାପାତ୍ର ଯୋଗଦେଇ ବ୍ୟାଧିଗ୍ରସ୍ତ କାନ୍ତକବି ଓ ତାଙ୍କ ପାରିବାରିକ କେତେକ ଅଜଣାକଥା ସ୍ମୃତି ରୋମନ୍ଥନ କରିଥିଲେ। ସଭା ଆରମ୍ଭରେ ସାଧାରଣ ସମ୍ପାଦକ ଭଗବାନ ରାଉତ ସମସ୍ତଙ୍କୁ ସ୍ୱାଗତ କରିବା ସହ କାନ୍ତକବି ଜୟନ୍ତୀ ପାଳନ କରିବାର ଧାମରା ସଂଘର ୨୬ ବର୍ଷର ଯାତ୍ରା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସହ ସାଧାରଣ ସମ୍ପାଦକ ଅକ୍ଷୟ ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ମଞ୍ଚପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଧାମରା ସଂଘର ପୂର୍ବତନ ସଭାପତି ରଘୁବର ଧଳଙ୍କ ପତ୍ନୀ ବିୟୋଗରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସାହିତ୍ୟ ସମ୍ପାଦିକା ନିରୁପମା ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଉରକେଲା ଦି ହ୍ୟୁମାନିଟି ଫାଉଣ୍ଡେଶନର ପ୍ରଥମ ବାର୍ଷିକ ଉତ୍ସବ

**ରାଉରକେଲା,୧୫।୧୨(ବିପ୍ଳବ ରଞ୍ଜନ ଦାଶ)**

ସହରର ଅନ୍ୟତମ ସାମାଜିକ ଅନୁଷ୍ଠାନ ଦି ହ୍ୟୁମାନିଟି ଫାଉଣ୍ଡେସନର ପ୍ରଥମ ବାର୍ଷିକ ଉତ୍ସବ ଭଞ୍ଜଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଅନିଲ ମଲ୍ଲିକ ଓ ମୋନାଲିସା ସାହୁଙ୍କର ସଂଯୋଜନା ତଥା ଅନୁଷ୍ଠାନର ପ୍ରତିଷ୍ଠାତା ବିଜୟ ସୁନ୍ଦରରାୟ, ସଭାପତି ଦିପ୍ତୀମୟୀ ସୁନ୍ଦରରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବ ସଭାରେ ଅତିଥି ଭାବେ ସମାଜସେବୀ ପ୍ରଦୀପ କୁମାର ଦାସ, ସୁନୀଲ କାୟଲ, ଅନିତା ଅଗ୍ରୱାଲ, ସୋନା ଚକ୍ରବର୍ତ୍ତୀ, ଗୋଲକ ବିହାରୀ ମଙ୍ଗରାଜ, ସୁରେଶ ଶର୍ମା, ବାଳସୁଧାର ଗୃହର ମୁଖ୍ୟ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ରାଉରକେଲା ମୁଖ୍ୟ କାରାଗାରର ସୁପରିଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା, ବୁଲୁ ପୁହାଣ, ଅଭିନେତା ମିଟୁ ମିଥୁନ, ବାବୁ କାକା, ବେଣୁଧର କୁମ୍ଭାର, ପ୍ରବୋଧ କୁମାର ଦଳେଇ ପ୍ରମୁଖ ସମ୍ମିଳିତ ହୋଇଥିଲେ। ଏନେଇ ଅତିଥିଗଣ ସାମାଜିକ କ୍ଷେତ୍ରରେ ହେଉଥିବା ଅନୁଷ୍ଠାନର ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସମ୍ପାଦିକା ଲୀନା ତ୍ରିପାଠୀ ସ୍ୱାଗତ ଭାଷଣ, ପ୍ରତିଷ୍ଠାତା ବିଜୟ ସୁନ୍ଦରରାୟ କାର୍ଯ୍ୟକ୍ରମ ସମ୍ପର୍କରେ, ସଭାପତି ଦିପ୍ତୀ ସୁନ୍ଦରରାୟ ଅନୁଷ୍ଠାନର ଆଭିମୁଖ୍ୟ ଉପରେ, ଉପଦେଷ୍ଟା ଗ୍ରେସି ଡେଭିଡ ବିଭିନ୍ନ କାର୍ଯ୍ୟକ୍ରମ ତଥା ଆଗାମୀ ଦିନରେ ଅନୁଷ୍ଠାନ ପକ୍ଷରୁ ହେବାକୁ ଥିବା କାର୍ଯ୍ୟକ୍ରମ ନେଇ ବିଷଦ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଉପସଭାପତି କାର୍ତ୍ତିକ ରାଉତଙ୍କ ପ୍ରଦତ୍ତ ଟ୍ରାଇ-ସାଇକେଲ ବଣ୍ଟନ ହୋଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ସମାଜସେବୀ, ଡାକ୍ତର, ସାହିତ୍ୟିକ, ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗରିମା ପତ୍ରି, ଅଳି ବିଶ୍ୱାଳ, ରଶ୍ମିତା ମଲ୍ଲିକ, ତାରାକ୍ରୀଷ୍ଟ ମୂର୍ତ୍ତି, କମଳିନୀ ମହାପାତ୍ର, ସରସ୍ୱତୀ ପାତ୍ର, ସସ୍ମିତା ପାତ୍ର, ରଶ୍ମିତା ବିଶୋଇ, ଅଶ୍ୱିନୀ କୁମାର କିଷାନ, ରୁନୁ ରାଉତ, ଶୁଭଲକ୍ଷ୍ମୀ ପାତ୍ର, ଶଶିଲତା ହୋତା, ଅନୁପମା ଆଚାର୍ଯ୍ୟ, ଶାଶ୍ୱତ ରାୟ, ଟିଟିବୀ ବୁଢେକ, ପ୍ରୀୟଙ୍କା ପାଣି ଏବଂ ରାଜାରାଣୀ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଟ୍ରାଇ ସାଇକେଲ ବଣ୍ଟନ ହେଉଛି।

# ଆର୍‌ଏସ୍‌ପିର ମନ୍ଦିରା ଡ୍ୟାମ୍ କମ୍ପ୍ଲେକ୍ସରେ ୧୮୦ କର୍ମଚାରୀଙ୍କୁ ପ୍ରଶିକ୍ଷଣ




ଡିସେମ୍ବରରେ ପ୍ରଶିକ୍ଷଣ ନେଇଥିବା କର୍ମଚାରୀ।

**ରାଉରକେଲା,୧୫।୧୨**
**(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିରେ ଆଉଟବାଉଣ୍ଡ ଶିକ୍ଷଣ କାର୍ଯ୍ୟକ୍ରମ ଜୋଶ ଅଧୀନରେ ଗତ ନଭେମ୍ବର ମାସରେ ୪ଟି ବ୍ୟାଚ୍‌ରେ ଅଧିକାରୀମାନଙ୍କ ସମେତ ୧୦୪ଜଣ କର୍ମଚାରୀ ଓ ଡିସେମ୍ବର ମାସରେ ୭୫ଜଣ କର୍ମଚାରୀ ବ୍ୟାଚ ତାଲିମ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବୃତିଗତ ଅଭିବୃଦ୍ଧି ଏବଂ ଦଳ ଗତିଶୀଳତା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ପ୍ରତି ବ୍ୟାଚର ଶିକ୍ଷଣ ଅବଧି ୨ଦିନ ଥିଲା। ଟାଟାଷ୍ଟିଲ ଆଡଭେଞ୍ଚର ଫାଉଣ୍ଡେସନ (ଟିଏସଏଏଫ) ପ୍ରଶିକ୍ଷଣ ପ୍ରଦାନ ପାଇଁ ଆବଶ୍ୟକୀୟ ବିଶେଷଜ୍ଞ ସହାୟତା ପ୍ରଦାନ କରିଥିଲେ। ସମସ୍ତ ୪ଟି କାର୍ଯ୍ୟକ୍ରମ ସମସ୍ତ ସୁରକ୍ଷା ସତର୍କତା ସହିତ ମନ୍ଦିରା ଡ୍ୟାମ ପରିସର ଉମଙ୍ଗ ଠାରେ ସଫଳତାର ସହିତ ସମ୍ପାଦିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ନେତୃତ୍ୱ ଯୋଗାଯୋଗ ଦକ୍ଷତା, କାର୍ଯ୍ୟଦକ୍ଷତା, ଯୋଜନା, ପରିବର୍ତ୍ତନ ପରିଚାଳନା, ଦଳଗତ କାର୍ଯ୍ୟ ଏବଂ ପ୍ରେରଣାକୁ ଉନ୍ନତ କରିବା ପାଇଁ ଆଉଟ ବାଉଣ୍ଡ ତାଲିମ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଅଂଶଗ୍ରହଣକାରୀମାନଙ୍କ ବୃତିଗତ ଦକ୍ଷତା ସାରଣୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଏବଂ ଏକ ସହଯୋଗୀ କାର୍ଯ୍ୟ ପରିବେଶକୁ ପ୍ରତିପାଦିତ କରିବା ନିମନ୍ତେ ପ୍ରସ୍ତୁତ ପାଠ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ଏକ ୪୦ଫୁଟ ଉଚ୍ଚତା ବିଶିଷ୍ଟ ରାପଲିଙ୍ଗ ଟାୱାର୍, ଅଷ୍ଟ୍ରେଲିଆନ ୱାକ ପାଇଁ କାଠ ପ୍ରସ୍ତୁତ ସ୍ୱତନ୍ତ୍ର ଉପକରଣ, ଗୁରୁଣ୍ଡିବା ପାଇଁ ଟନେଲ, ସମାନ୍ତରାଳ ଦଉଡି, ମଙ୍କି ଜମ୍ପିଙ୍ଗ ଏବଂ ଦଳ ସୃଷ୍ଟି ଉଦ୍ଦିଷ୍ଟ ବିଭିନ୍ନ ଖେଳ ପରିଚାଳନା ପାଇଁ ଅନନ୍ୟ ସୁବିଧା ଏହି କେନ୍ଦ୍ରର ବୈଶିଷ୍ଟ୍ୟ ରହିଛି। ନଭେମ୍ବର ମାସର ଉଦଯାପନୀ ଅଧିବେଶନରେ ସିଜିଏମ (ପ୍ଲେଟ ମିଲ) ଏଡୁଆ ଓରାମ, ସିଜିଏମ(ଇଲେକ୍ଟ୍ରିକାଲ) ଆର.କେ ମୁଦୁଲୀ, ସିଜିଏମ ଭିଜିଲାନ୍ସ ଏବଂ ଏସିଭିଓ ଏସ୍.ପ୍ରହରାଜ ଏବଂ ସିଜିଏମ ଆଇଏଣ୍ଡଏ ଏସ.ସି ପାତ୍ର ଉପସ୍ଥିତ ରହିଥିଲେ। ସେହିଭଳି ଡିସେମ୍ବର ମାସ ଉଦଯାପନୀ ଅଧିବେଶନରେ ଏସଏମଏସ-୧ର ସିଜିଏମ ପିନାକୀ ଚୌଧୁରୀ,ସୁରକ୍ଷା ଓ ଅଗ୍ନି ବିଭାଗର ସିଜିଏମ ଆଶା କାର୍ଥା ଓ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ସିଜିଏମ ସୁମିତ କୁମାର ଅଧ୍ୟକ୍ଷତା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ଏଚଆର ଏଲଆଣ୍ଡଡି ବିଭାଗ ସିନିୟର ମ୍ୟାନେଜର ହିମାଂଶୁ ମିଶ୍ର ଓ ଡେପୁଟି ମ୍ୟାନେଜର ଏସ.କେ ଶୁକ୍ଳାଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା।

# ବୟନ ଶିଳ୍ପରେ ଅଧିକ ଉପଯୋଗୀ ହୋଇପାରିବ ଖାଦ୍ୟ ବର୍ଜ୍ୟବସ୍ତୁ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ରାଉରକେଲା,୧୫।୧୨**
**(ସଙ୍ଗୀତା ଜେନା)**

### ଟେକ୍ସଟାଇଲ୍ ମେଶିନାରୀ ଓ ଯନ୍ତ୍ରପାତି ଡିଜାଇନ୍ ସମ୍ପର୍କିତ ସମ୍ମିଳନୀ

ଆମେ ଦୈନନ୍ଦିନ ଗ୍ରହଣ କରୁଥିବା ଖାଦ୍ୟ ପଦାର୍ଥ ଯଥା ଫଳମୂଳ ଓ ଅନ୍ୟ ସାମଗ୍ରୀରୁ ପୋଷାକ ତନ୍ତୁ ନିର୍ମାଣ କରାଯାଇପାରିବ। ଯାହାଦ୍ୱାରା ସୁନ୍ଦର ଓ ବିକଶିତ ପୋଷାକ ପ୍ରସ୍ତୁତ କରାଯାଇ ପାରିବ। ଉଦାହରଣ ସ୍ୱରୂପ ସପୁରୀ ଫଳର ଚୋପାରେ ସୁନ୍ଦର ପର୍ସ, ବ୍ୟାଗ, ଜୋତା ଆଦି ତିଆରି ହୋଇପାରିବ। ଚମଡ଼ାର ବିକଳ୍ପ ହୋଇପାରିବ। ସାଧାରଣତଃ ଜୋତା, ବ୍ୟାଗ ଓ ବେଲ୍ଟ ଆଦି ତିଆରି କରିବାକୁ ଚମଡ଼ା ବ୍ୟବହୃତ ହୋଇଥାଏ। ତାହାପାଇଁ ଲକ୍ଷ ଲକ୍ଷ ପଶୁଙ୍କୁ ମାରି ସେମାନଙ୍କ ଚମଡ଼ା ସଂଗ୍ରହ କରାଯାଇଥାଏ। ଅଯଥା ପଶୁପକ୍ଷୀଙ୍କ ବଧ ନ କରି ଖାଦ୍ୟ ବର୍ଜ୍ୟବସ୍ତୁରୁ ଏପରି ସାମଗ୍ରୀ ତିଆରି କରାଯାଇପାରିବ। କଦଳୀ ଗଛର ଏହାର ଅନ୍ୟତମ ଉଦାହରଣ ଅଟେ। ଏଥିରୁ ମଧ୍ୟ ତନ୍ତୁ ନିର୍ମାଣ କରାଯାଇପାରିବ। ପୋଷାକ କପଡ଼ା ଆଦି ଏଥିରୁ ସହଜରେ ପ୍ରସ୍ତୁତ ହୋଇପାରିବ। ଯାହାକି ଇକ୍ରୋ ଫ୍ରେଣ୍ଡଲି ମଧ୍ୟ ଅଟେ। ବୟନ ଶିଳ୍ପରେ ଅଧିକ ଉପଯୋଗୀ ଖାଦ୍ୟବର୍ଜ୍ୟବସ୍ତୁ ହୋଇପାରିବ ବୋଲି ସମ୍ମିଳନୀରେ ଅତିଥି ମତବ୍ୟକ୍ତ କରିଥିଲେ। ରବିବାର ପୂର୍ବାହ୍ନରେ ଏନ୍‌ଆଇଟି ପରିସରରେ ଥିବା ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ( ଭାରତ) ରାଉରକେଲା ଶାଖା ପକ୍ଷରୁ ଏଏନ୍ ପଟେଲ ମେମୋରିଆଲ୍ ସେମିନାର ହଲ୍‌ରେ ଟେକ୍ସଟାଇଲ୍ ମେସିନାରୀ ଏବଂ ଯନ୍ତ୍ରପାତି ଡିଜାଇନ୍ ସମ୍ପର୍କିତ ଏକ ଦିବସୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିକଟରେ ବ୍ରିକ୍ସ ସମ୍ମିଳନୀରେ ଯୋଗଦେଇଥିବା ଏନ୍‌ଆଇଟି ଯୁବ ବୈଜ୍ଞାନିକ ତଥା ଏନ୍‌ଆଇଟି ରାଉରକେଲା ଫୁଡ୍ ପ୍ରୋସେସ୍ ଇଞ୍ଜିନିୟରିଂର ଆସୋସିଏଟ୍ ପ୍ରଫେସର ମଧୁରେଶ ଦ୍ୱିବେଦୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏପରି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଇଂ.ସନ୍ତୋଷ ପୋଲାକି ସ୍ୱାଗତ ଭାଷଣ ପ୍ରଦାନ କରି ବୟନ ଶିଳ୍ପରେ ବ୍ୟବହୃତ ମେଶିନ୍‌ଗୁଡ଼ିକର ଉଦ୍ଭାବନ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାର ସଚିବ ଡ. ଅଜିତ ବେହେରା ଉନ୍ନତ ବୟନ ଶିଳ୍ପରେ ଜ୍ଞାନକୌଶଳର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୫ଟି ଟେକ୍ନିକାଲ ପେପର ଉପସ୍ଥାପନ ହୋଇଥିଲା। ଉକ୍ତ ବୈଷୟିକ ଅଧିବେଶନରେ ସମ୍ପୃକ୍ତ କ୍ଷେତ୍ରର ବିଶେଷଜ୍ଞମାନେ ପେପର ଗୁଡ଼ିକର ମୂଲ୍ୟାୟନ କରିଥିଲେ। ଶେଷରେ ଥିମ୍ ସମ୍ପର୍କିତ ବହୁ ସୁପାରିଶ ଏବଂ ପ୍ରସ୍ତାବ ଉପସ୍ଥିତ ଅତିଥିମାନେ ଦେଇଥିଲେ।

# ନବବିବାହିତାଙ୍କ ଝୁଲନ୍ତା ମୃତଦେହ ଜବତ

**ବନ୍ଧମୁଣ୍ଡା/ରାଉରକେଲା, ୧୫।୧୨**
**(ସୁବ୍ରତ ଦେ/ ସଙ୍ଗୀତା ଜେନା)**

### ହତ୍ୟା ଅଭିଯୋଗ ଆଣିଲେ କନ୍ୟା ପରିବାର

ବନ୍ଧମୁଣ୍ଡା ଡି ସେକ୍ଟର କ୍ୱାର୍ଟର୍ସ ନଂ.୨୯୨ରେ ଜଣେ ନବବିବାହିତାଙ୍କ ଝୁଲନ୍ତା ମୃତଦେହ ଶନିବାର ବିଳମ୍ବିତ ରାତିରେ ଜବତ କରାଯାଇଛି। ସେ ହେଉଛନ୍ତି ଶୁଭଶ୍ରୀ ଶତପଥୀ। ସେ ରେଳବାଇ କର୍ମଚାରୀଙ୍କ ସ୍ତ୍ରୀ ଅଟନ୍ତି। ଗତ ବର୍ଷ ଡିସେମ୍ବର ୧୦ରେ ଶୁଭଶ୍ରୀଙ୍କ ବିବାହ ହୋଇଥିଲା। ଶନିବାର ରାତି ପ୍ରାୟ ସାଢ଼େ ୧୦ଟାରେ ସେ ନିଜ ଶୋଇବା ଘର ପଙ୍ଖାରେ ଝୁଲୁଥିବା ଦେଖାଯାଇଥିଲା। ଘଟଣାସ୍ଥଳରେ ବନ୍ଧମୁଣ୍ଡା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଅପରପକ୍ଷରେ ମୃତାଙ୍କ ଭାଇ ଅମିତ ଶତପଥୀ ଥାନାରେ ଭଉଣୀଙ୍କୁ ଯୌତୁକ ପାଇଁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୨୬୧/୨୪) ରୁଜୁ କରି ମୃତାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଗତବର୍ଷ ଶୁଭଶ୍ରୀ ବନ୍ଧମୁଣ୍ଡାରେ ରହୁଥିବା ରେଳକର୍ମଚାରୀ ଆଶିଷ ପାଣିଗ୍ରାହୀଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ମୃତାଙ୍କ ଭାଇଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ଆଶିଷ ଏବଂ ସାନଭାଇ ଚନ୍ଦନ ପାଣିଗ୍ରାହୀ ବିବାହର କିଛି ଦିନ ପରଠାରୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଯୌତୁକ ପାଇଁ ଆଶିଷ ମାନସିକ, ଶାରୀରିକ ନିର୍ଯାତନା ଦେବା ସହ ହତ୍ୟା ଧମକ ମଧ୍ୟ ଦେଉଥିଲେ। ସେହିପରି ଆଶିଷଙ୍କ ବିବାହ ପୂର୍ବରୁ ଜଣେ ମହିଳାଙ୍କ ସହ ସମ୍ପର୍କ ଥିଲା। ବିବାହ ପରେ ତାହା ଜାରି ରହିଥିଲା। ଏହାକୁ କେନ୍ଦ୍ରକରି ମଧ୍ୟ ପତିପତ୍ନୀଙ୍କ ମଧ୍ୟରେ କଳହ ହେଉଥିଲା। ବାରମ୍ବାର ଏପରି ହେଉଥିବା ବେଳେ ଉଭୟ ପରିବାରବର୍ଗ ସ୍ୱାମୀସ୍ତ୍ରୀଙ୍କୁ ଭଲରେ ସଂସାର ଚଳାଇବା ଲାଗି ପରାମର୍ଶ ଦେଇଆସୁଥିଲେ। ହେଲେ ଶନିବାର ରାତିରେ ଶୁଭଶ୍ରୀଙ୍କ ଶୋଇବା ଘରୁ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା ବୋଲି ଏତଲାରେ ଉଲ୍ଲେଖ ହୋଇଛି। ଏତଲାକୁ ଆଧାର କରି ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ମାମଲାର ଅନୁସନ୍ଧାନ କରୁଛି। ରବିବାର ସକାଳେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶୁଭଶ୍ରୀଙ୍କ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସୂଚନାଯୋଗ୍ୟ, ଏହି ଘଟଣାକୁ ନେଇ କିଛି ସ୍ଥାନୀୟ ଲୋକ ଆତ୍ମହତ୍ୟା କହୁଥିବା ବେଳେ କିଛି ଏହାକୁ ହତ୍ୟା ବୋଲି ଚର୍ଚ୍ଚା କରୁଛନ୍ତି।



ବନ୍ଧମୁଣ୍ଡା ପୋଲିସ ତଦନ୍ତ କରୁଛି।

## ସଂକ୍ଷେପରେ

### ବାଲି ବୋଝେଇ ୨ ହାଇୱାକୁ ଅଟକାଇଲେ ଗ୍ରାମବାସୀ ୫୦ ହଜାର ଜରିମାନା

କୋଲାବିରା,୧୫।୧୨(ଚିନ୍ମୟ କୁମାର ବହିଦାର):ଝାରସୁଗୁଡ଼ା ଜିଲା କୋଲାବିରା ତହସିଲ ଅନ୍ତର୍ଗତ ସୋଢାମାଲ ନିକଟ ଭେଡେନ ନଦୀରୁ ବେଆଇନ ଭାବେ ବାଲି ଉଠଉଥିବା ସନ୍ଦେହରେ ୨ ହାଇୱା ଗାଡ଼ି (ନଂ.ଓଡି୧୫ଜି-୮୨୭୯ ଏବଂ ଓଡି୧୫କେ-୨୨୭୯)କୁ ଗ୍ରାମବାସୀ ଅଟକ ରଖିଥିଲେ। ସେମାନଙ୍କ ପାଖରେ ବାଲି ପରିବହନ କରିବାର କୌଣସି ବୈଧ କାଗଜପତ୍ର ନ ଥିବା ଜଣାପଡିଥିଲା। ଏ ସଂକ୍ରାନ୍ତରେ କୋଲାବିରା ଥାନା ଏବଂ ଖଣି ବିଭଗକୁ ସୂଚନା ଦେବା ପରେ ଉଭୟେ ଘଟଣାସ୍ଥଳରେ ପହଞ୍ଚ ଥିଲେ। ପରେ ଖଣି ବିଭାଗ ଦ୍ୱାରା ଉଭୟ ଗାଡିରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଭେଡେନ ନଦୀରୁ ନିୟମିତ ଭାବେ ସମ୍ବଲପୁର ଅଞ୍ଚଳକୁ ବାଲି ଚୋରାଚାଲାଣ ହେଉଥିବା ନେଇ ସାମାଜିକ କର୍ମୀ ପ୍ରେମସାଗର ଧୁରୁଆଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୧୫।୧୨(ଶଶାଙ୍କ ଶେଖର ଝାଙ୍କର):ଦେବଗଡ଼ ଜିଲା ରିଆମାଳ ଲକ୍ଷ୍ମୀ ପୂଜା ମଣ୍ଡପରେ ରବିବାର ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଉପସ୍ଥିତ ରହି ୨୭ଟି ଅଭିଯୋଗ ଗ୍ରହଣ କରିବା ସହିତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବିଭାଗୀୟ ଅଧିକାରୀଙ୍କ ସହିତ କଥା ହୋଇ କିଛି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ଜଣାପଡିଛି। ବିଶେଷ କରି ରାସ୍ତା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ଆବାସ ଯୋଜନା, ଭୂମିହୀନ ପରିବଙ୍କୁ ଜମି ପଟ୍ଟା ପ୍ରଦାନ ଆଦି ଅଭିଯୋଗ ହୋଇଥିଲା। ସରକାରୀ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ ସମସ୍ୟା ସମାଧାନ ହେଉ ନ ଥିବାରୁ ବିଧାୟକଙ୍କଠାରେ ଜନସାଧାରଣ ଦାବି କରିଥିଲେ। ଶୁଣାଣି ଶିବିରରେ ବିଧାୟକଙ୍କ ସମେତ ଜିଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ ମଧ ଉପସ୍ଥିତ ରହିଥିଲେ।

### ପୂର୍ଣ୍ଣିମା, ସଂକ୍ରାନ୍ତି ଉପଲକ୍ଷେ ଭାଗବତ ଗୀତା ପାଠ, ପ୍ରବଚନ

ଝାରସୁଗୁଡ଼ା,୧୫।୧୨(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ବୃନ୍ଦାମାଲ ଶିବ ମନ୍ଦିରରେ ପୂର୍ଣ୍ଣିମା ଓ ସଂକ୍ରାନ୍ତି ଉପଲକ୍ଷେ ଭାଗବତ ଗୀତା ପାଠ ଓ ପ୍ରବଚନ ରବିବାର ଅନୁଷ୍ଠିତ ହୋଇଥିଲା। ପୂଜକ ଧରଣୀଧର ମହାପାତ୍ର ଓ ଭକ୍ତମାନେ ମିଶି ବାବା ନୀଳକଣ୍ଠ ଓ ଭାଗବତ ଗ୍ରନ୍ଥର ପୂଜା ଆଳତି କରିବା ପରେ ବୃନ୍ଦାମାଲ ଓ ସ୍ଥାନୀୟ ଭକ୍ତମାନେ ମିଶି କୀର୍ତ୍ତନ୍ୟ ପରିବେଷଣ କରିଥିଲେ। ପ୍ରବଚକ ସିତାରାମ ବିରଡିଆ ଓ ପ୍ରବଚକ ଅନନ୍ତରାମ ସାହୁ ପ୍ରବଚନ ଦେଇଥିଲେ। ପୂଜା କାର୍ଯ୍ୟରେ ହୃଷୀକେଶ ଥନାପତି, ପ୍ରସନ୍ନ ପାତ୍ର, ଝସକେତନ ପାତ୍ର, ରାମକୁମାର ତିୱାରୀ, ଦିଲୀପ ସାହୁ, ଶ୍ରୀବସ୍ତ ସାହୁ, ସୁରୁ ପଧାନ, ସାନନ୍ଦ ପଧାନ ସହଯୋଗ କରିଥିଲେ।

# ଯୁବ ଉତ୍ସବ ମାଧ୍ୟମରେ ପ୍ରତିଭା ବିକଶିତ ହେବ

## ଜିଲାସ୍ତରୀୟ ଯୁବ ଉତ୍ସବ

ଦେବଗଡ଼,୧୫।୧୨(ଶଶାଙ୍କ ଶେଖର ଝାଙ୍କର)



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

ଜିଲା ପ୍ରଶାସନ ଓ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହରୁ ଯୁବ କେନ୍ଦ୍ର, ମୋ ଯୁବା ଭାରତ ଦେବଗଡ଼ ପକ୍ଷରୁ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ରବିବାର ଜିଲାସ୍ତରୀୟ ଯୁବ ଉତ୍ସବ ପାଳିତ ହୋଇଯାଇଛି। ନେହରୁ ଯୁବ କେନ୍ଦ୍ର ଜିଲା ଯୁବ ଅଧିକାରିଣୀ ବସୁନ୍ଧରା ସାହୁଙ୍କ ସଭାପତିତ୍ୱରେ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲା ଦକ୍ଷତା ବିକାଶ ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ଅତିରିକ୍ତ ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ବରିଷ୍ଠ ଆଇନଜୀବୀ ଅତୁଲ୍ୟ ପୂଜାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ବିଲୁଙ୍ଗ ଯୁବତୀଯୁବକମାନଙ୍କ ଦକ୍ଷତା ବଢ଼େଇବା ସହିତ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ଉଜ୍ଜୀବିତ କରାଇ ସେମାନଙ୍କ ଗୁଣାବଳିକୁ ପାଇଁ ମୁଖ୍ୟ ସ୍ରୋତର ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଗୁଣାବଳୀକୁ ପରିପ୍ରକାଶ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୧୫ରୁ ୨୯ ବର୍ଷ ବୟସର ୨୫୦ରୁ ଉର୍ଦ୍ଧ୍ୱ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ଏଥିରେ ଦଳଗତ ଲୋକନୃତ୍ୟ, ଦଳଗତ ଲୋକ ସଙ୍ଗୀତ, ଏକକ ଲୋକ ନୃତ୍ୟ, ଏକକ ଲୋକ ସଙ୍ଗୀତ, ପଦ୍ୟ ଲିଖନ, ଗଳ୍ପ ଲିଖନ, ଚିତ୍ରକଳା, ବକ୍ତୃତା, ଏକକ ବିଜ୍ଞାନ ମେଳା, ଦଳଗତ ବିଜ୍ଞାନ ମେଳା, ଯୁବ ପଦ୍ୟ ଲିଖନ, ଯୁବ ଚିତ୍ରକାର ପ୍ରତିଯୋଗିତା, ଫୋଟୋଗ୍ରାଫି ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଜିଲା ଯୁବ ଅଧିକାରିଣୀ ବସୁନ୍ଧରା ସାହୁ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଉପ ଜିଲାପାଳ ପରିକ୍ଷିତ ସାହୁ, ଜିଲା ଦକ୍ଷତା ବିକାଶ ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ଅତିରିକ୍ତ ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲା କ୍ରୀଡା ସଂସଦର ସଧାରଣ ସମ୍ପାଦକ ଧୀରେନ୍ଦ୍ର ନାୟକ, ଅଧ୍ୟାପକ ସୁକାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଯୁବ ଉତ୍ସବ ମାଧ୍ୟମରେ ଯୁବତୀଯୁବକମାନଙ୍କ ପ୍ରତିଭା ଓ ବିକଶିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲାରୁ ମନୋନୀତ ହୋଇଥିବା ପ୍ରଥମ ପ୍ରତିଯୋଗୀ ରାଜ୍ୟସ୍ତରରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟ ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା, ଦେବଗଡ଼ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାସ ଓ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନେହରୁ ଯୁବ କେନ୍ଦ୍ର ପ୍ରଦୀପ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନାଟକ 'ମାଗୁଣିର ଶଗଡ଼', 'ଉଲପି' ମଞ୍ଚସ୍ଥ

## ବହୁଭାଷୀ ନାଟକ ମହୋତ୍ସବର ପଞ୍ଚମ ସନ୍ଧ୍ୟା

ଦେବଗଡ଼,୧୫।୧୨ (ଶଶାଙ୍କ ଶେଖର ଝାଙ୍କର)

ସାଂସ୍କୃତିକ ଅନୁଷ୍ଠାନ 'ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ' ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲଠାରେ ବୁଧବାରଠାରୁ ଆରମ୍ଭ ହୋଇଥିବା ବିଂଶତମ ସର୍ବଭାରତୀୟ ବହୁଭାଷୀ ନାଟକ ମହୋତ୍ସବର ରବିବାର ପଞ୍ଚମ ସନ୍ଧ୍ୟାରେ ଓଡ଼ିଆ ନାଟକ 'ମାଗୁଣିର ଶଗଡ' ଓ ସମ୍ବଲପୁରୀ ନାଟକ 'ଉଲପି'ମଞ୍ଚସ୍ଥ ହୋଇଯାଇଛି। ସନ୍ଧ୍ୟାର ପ୍ରଥମ ନାଟକ ଭାବେ ଭରବଙ୍କନଶ୍ୱରସ୍ଥିତ ବିଦ୍ୟାକନକ ସୃଜନ ଅନୁଷ୍ଠାନ ଦ୍ୱାରା ଗୋଦାବରୀଶ ମହାପାତ୍ରଙ୍କ ରଚିତ ତଥା ନବୀନ ପରିଡାଙ୍କ ଦ୍ୱାରା ରୂପାନ୍ତରିତ ଓ ଜଗଦୀଶ ମହାରଣାଙ୍କ ନିର୍ଦ୍ଦେଶିତ ଓଡିଆ ନାଟକ 'ମାଗୁଣିର ଶଗଡ଼' ପରିବେଷିତ ହୋଇଥିଲା। ସେହିପରି ଦ୍ୱିତୀୟ ନାଟକ ଭାବେ ବେଲପାହାଡର ମିରର ଥିଏଟର ଅନୁଷ୍ଠାନ ଦ୍ୱାରା ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ଉଲପି' ପରିବେଷିତ ହୋଇଥିଲା। ଉଭୟ ନାଟକରେ କଳାକାରମାନେ ନିଖୁଣ ଅଭିନୟ କରି ଦର୍ଶକମାନଙ୍କ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସଫଳ ହୋଇଥିଲେ। ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ପଞ୍ଚମ ସନ୍ଧ୍ୟାର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମହୋତ୍ସବ ଆୟୋଜନରେ ଆୟୋଜକ 'ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ'ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟା ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।


ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

# ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଦେବଗଡ଼,୧୫।୧୨ (ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଦେବଗଡ଼ ଜିଲା ଶାଖା ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ ଗୃହରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ଦେବଗଡ଼ ଜିଲା ଶାଖା କାର୍ଯ୍ୟକାରୀ ସଭାପତି ସୁକାନ୍ତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁରଥ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଗୋପବନ୍ଧୁ ପ୍ରଧାନ, ସତ୍ୟ ନାରାୟଣ ସାହୁ, ଉଦୟ ନାଥ ପ୍ରଧାନ, କୁମୁଦ ବନ୍ଧୁ ପୃଷ୍ଟି, ସଞ୍ଜୟ କୁମାର ବ୍ରହ୍ମା ଓ ସୁଦର୍ଶନ ପାଣି ଯୋଗଦେଇ ମହୋତ୍ସବ ଶୁଭାରମ୍ଭ କରିବା ସହ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମ ଓଷ୍ଟା ଦେବଗଡ଼ ଜିଲା ଶାଖା ସମ୍ପାଦକ ରଞ୍ଜନ କୁମାର ବ୍ରହ୍ମା ପରିଚଳନା କରିଥିବା ବେଳେ ଓଷ୍ଟା ତିଲେଇବଣି ବ୍ଲକ ସମ୍ପାଦକ ଆଲୋକ ରଞ୍ଜନ ପ୍ରଧାନ, ଶିକ୍ଷକ ନିରଞ୍ଜନ ଦୀପ, ଶିକ୍ଷୟିତ୍ରୀ ଲୋପାମୁଦ୍ରା ଶତପଥି, ମଳୟା ସାହୁ, ଦମୟନ୍ତୀ ଦାଶ ଓ ଯାମିନୀ ଧଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଏହି ଅବସରରେ ତର୍କ, କଣ୍ଠ ସଙ୍ଗୀତ, ସାଧାରଣ ଜ୍ଞାନ, ଗଳ୍ପ ଲିଖନ, କବିତା ରଚନା, କବିତା ଆବୃତି, ଚିତ୍ରାଙ୍କନ, ଜଣାଅଜଣା, ଏକକ ଅଭିନୟ ଓ ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ କୁମୁଦ ଚନ୍ଦ୍ର ଶତପଥି, ପ୍ରଦୀପ କୁମାର ପାତ୍ର ଓ ଶିବାଶିଷ ଝାଙ୍କର ଯୋଗଦେଇଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ଆଗାମୀ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ କଟକଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ଅଂଶଗ୍ରହଣ କରିବେ ବୋଲି ଓଷ୍ଟା ପକ୍ଷରୁ ସୂଚନା ମିଳିଛି।

## ଚକ୍ଷୁ ପରୀକ୍ଷା, ଚିକିତ୍ସା ଶିବିର

ଦେବଗଡ଼,୧୫।୧୨(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଜିଲା ବାରକୋଟ ଲାୟନ୍ସ କ୍ଲବ ଓ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ବାରକୋଟସ୍ଥିତ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପଠାରେ ମାଗଣା ଚକ୍ଷୁ ପରୀକ୍ଷା ଏବଂ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବାରକୋଟ ଲାୟନ୍ସ କ୍ଲବ ସଭାପତି ସମ୍ବିତ କୁମାର ସାହୁଙ୍କ ଅଧକ୍ଷତାରେ ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୮୨ଜଣ ରୋଗୀ ଉପସ୍ଥିତ ରହି ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ନିଜର ଚକ୍ଷୁ ପରୀକ୍ଷା ଏବଂ ଚିକିତ୍ସା କରାଇଥିଲେ। ସେମାନଙ୍କ ମଧ୍ୟରୁ ୨୦ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇ ମାଗଣାରେ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟକୁ ନିଆଯାଇଛି। ସେହିପରି ୪୦ଜଣ ରୋଗୀଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ରୋଗୀମାନଙ୍କୁ ଔଷଧ ପ୍ରଦାନ କରାଯାଇଛି। ଶିବିର ଆୟୋଜନ ଓ ପରିଚାଳନାରେ ବାରକୋଟ ଲାୟନ୍ସ କ୍ଲବ ସମ୍ପାଦକ ବିବେକାନନ୍ଦ ସାହୁ, କୋଷାଧ୍ୟକ୍ଷ ଅଜୟ କୁମାର ସାହୁ, ଡମ୍ବରୁଧର ସାହୁ, ଦୀପକ କୁମାର ସାହୁ, ଋତୁରାଜ ନାୟକ ଓ ବାପୁନ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# କତ୍ରାପାଲି ଫୁଟ୍‌ବଲ ଦଳ ବିଜୟୀ

## ତ୍ରିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଦେବଗଡ଼,୧୫।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଲା ଗ୍ରାମପଞ୍ଚାୟତ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମଠାରେ କଲା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ତ୍ରିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କଲା ଫୁଟ୍‌ବଲ ଆସୋସିଏଶନ ସଭାପତି ରଞ୍ଜନ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସୁରେଶ ଚନ୍ଦ୍ର ପ୍ରଧାନ, ଡାକ୍ତର ରତନ କୁମାର ଦଳବେହେରା, ପ୍ରଫୁଲ୍ଲ କୁମାର ସାହୁ, ଫକୀର ମୋହନ ଦଳବେହେରା, ସନ୍ତୋଷ କୁମାର ଦଳବେହେରା ଓ ନୃସିଂହ ଦଳବେହେରା ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ସୁନ୍ଦରଗଡ ଜିଲା ବଣାଇ ଫୁଟବଲ ଦଳକୁ ୪–୦ ଗୋଲରେ ପରାସ୍ତ କରି ଦେବଗଡ଼ ଜିଲା କତ୍ରାପାଲି ଫୁଟ୍‌ବଲ ଦଳ ବିଜୟୀ ହୋଇଥିଲା। ମ୍ୟାଚରେ ରେଫରୀ ଭାବେ ସରୋଜ କୁମାର ଗଡନାୟକ, ସିପୁନ ସାହୁ ଓ ସରୋଜ ପ୍ରଧାନ ପରିଚାଳନା କରିଥିଲେ। ପ୍ରତିଯୋଗିତା ଆୟୋଜନରେ କଲା ଫୁଟ୍‌ବଲ ଆସୋସିଏଶନ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରୁଥିବା ଜଣାପଡିଛି।

# ଝାରସୁଗୁଡ଼ା ସହରର ୪ ଖେଳାଳିଙ୍କ ଆବୁଧାବି ଗସ୍ତ

## ୫ମ ଜୁନିୟର ପେଞ୍ଚକ ସିଲେଟ ବିଶ୍ୱ ପ୍ରତିଯୋଗିତା


ଖେଳାଳିମାନଙ୍କୁ ଜିଲାପାଳ ଓ ଅନ୍ୟମାନେ ଶୁଭେଚ୍ଛା ଜଣାଉଛନ୍ତି।

ଝାରସୁଗୁଡ଼ା,୧୫।୧୨(ଆଶିଷ ରଞ୍ଜନ ଦାଶ) ଜାତୀୟସ୍ତରରେ ମନୋନୀତ ହୋଇ ଝାରସୁଗୁଡା ସହରର ୪ଜଣ ଜୁନିୟର ପ୍ରତିଯୋଗୀ ୫ମ ଜୁନିୟର ପେଞ୍ଚକ ସିଲଟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ରବିବାର ସକାଳ ୧୦ଟାରେ ଆବୁଧାବି ଗସ୍ତ କରିଛନ୍ତି। ଦେଶ ପାଇଁ ପ୍ରତିନିଧିତ୍ୱ କରୁଥିବା ଅଂଶୁମାନ ଭୌମିକ, ଅବଦୁଲ ସୋଫିଆନ, ଦିପଂଶୁ ବାମେଲ, ଅନିଶ ଶର୍ମାଙ୍କୁ ଏହି ଗସ୍ତ ପାଇଁ ଜିଲାପାଳ ଆବୋଲି ସୁନୀଲ ନରୱଣେ ଶୁଭେଚ୍ଛା ଜଣାଇଥିଲେ। ଏହି ସମୟରେ ୟଙ୍ଗ ଷ୍ଟାର ଚାରିଟେବୁଲ ଟ୍ରଷ୍ଟ, ଭିଏସ୍‌ଏସ୍ ଟେକ୍ୱି ଆସୋସିଏଶନ, ଗୁରୁ ପ୍ରେମ ସିଂ ଥପା, ତାପସ ରାୟ ଚୌଧୁରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ସହରରେ ଟ୍ରାଫିକ୍ ସମସ୍ୟା ବୃଦ୍ଧି, ପୌର ପରିଷଦର ଚଢ଼ାଉ

ଝାରସୁଗୁଡ଼ା,୧୫।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ସହରର ମୁଖ୍ୟ ରାସ୍ତାରେ ଥିବା ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଉଠା ଦୋକାନୀମାନେ ଦୋକାନ ସମ୍ମୁଖରେ ବୋର୍ଡ, ବିଭିନ୍ନ ସାମଗ୍ରୀ ରଖାଯିବା ଯୋଗୁ ରାସ୍ତା ଅବରୋଧ ହୋଇଯାଉଛି। ଏହାର ନିୟନ୍ତ୍ରଣ ପାଇଁ ରବିବାର ପୂର୍ବାହ୍ନ ୧୦ଟାରେ ପୌର ପରିଷଦ ପକ୍ଷରୁ ସହରର ଦୋକାନ ଓ ଉଠା ଦୋକାନରେ ଚଢ଼ାଉ କରାଯାଇଥିଲା। ଗତ ଏପ୍ରିଲ ୧୬ ତାରିଖରେ ତତ୍କାଳୀନ ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ଦୋକାନୀମାନଙ୍କୁ ଅନୁରୋଧ କରିଥିଲେ। ହେଲେ କିଛି ଦିନ ପରେ ପୁଣି ଦୋକାନ ସମ୍ମୁଖରେ ବୋର୍ଡ, ସାମଗ୍ରୀ ରଖିଥିଲେ। ତେଣୁ ରବିବାର ପୁଣି ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ତହସିଲଦାର ସୁଧାକର କୁମ୍ଭାର, ଟାଉନ ଥାନା ପୋଲିସ ଅଧିକାରୀମାନେ ମିଶି ସମସ୍ତ ଦୋକାନୀ, ଉଠା ବେପାରୀଙ୍କୁ ରାସ୍ତାରୁ ତାଙ୍କ ସମସ୍ତ ସାମଗ୍ରୀ ଉଠାଇ ରାସ୍ତାରେ ଟ୍ରାଫିକ ଜାମ ନ କରିବା ପାଇଁ ଗୋଟିଏ ଦିନ ସମୟ ଦେଇଛନ୍ତି ଏବଂ ନ ହେଲେ ଆଗକୁ ପ୍ରଶାସନ ଦାୟୀ ରହିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

# ଝାରସୁଗୁଡ଼ା ସାଇନିଙ୍ଗ କ୍ରିକେଟ ଏକାଡେମୀ ବିଜୟୀ

## ଆନ୍ତଃ ଜିଲା କ୍ଲବ କ୍ରିକେଟ ଲିଗ୍

ଝାରସୁଗୁଡ଼ା,୧୫।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହରସ୍ଥିତ ସରବାହାଲ ଖେଳ ପଡ଼ିଆଠାରେ ରବିବାର ପୂର୍ବାହ୍ନ ୯ ଟାରେ ଝାରସୁଗୁଡା ସାଇନିଙ୍ଗ କ୍ରିକେଟ ଏକାଡେମୀ ଓ ବେଲପାହାଡ ପାନ୍ଥର କ୍ରିକେଟ କ୍ଲବ ମଧରେ ଅନୁଷ୍ଠିତ ମ୍ୟାଚ୍‌ରେ ଝାରସୁଗୁଡ଼ା ସାଇନିଙ୍ଗ କ୍ରିକେଟ ଏକାଡେମୀ ବିଜୟୀ ହୋଇଛି। ଟସ ଜିତି ପାନ୍ଥର କ୍ରିକେଟ କ୍ଲବ ପ୍ରଥମେ ବୋଲିଂ କରିବା ପାଇଁ ନିଷ୍ପତି ନେଇଥିଲା। ସାଇନିଙ୍ଗ କ୍ରିକେଟ ଏକାଡେମି ଚମତ୍କାର ବ୍ୟାଟିଂ କରିଥିଲା। ଦଳର କରନ ସୋନି ୯୦ ବଲରେ ୧୫୦ ରନ, ସଚିନ ଶ୍ରେଷ୍ଠ ୮୮ବଲରେ ୧୩୦ ରନ କରି ପାନ୍ଥର କ୍ରିକେଟ କ୍ଲବ ଆଗରେ ୪୨ ଓଭରରେ ୮ଉଇକେଟ ହରାଇ ୪୦୬ ରନର ଏକ ମଜଭୁତ ରନ ସ୍କୋର ଚାଲେଞ୍ଜ ଦେଇଥିଲା। ପାନ୍ଥର କ୍ରିକେଟ କ୍ଲବ ପକ୍ଷରୁ କେବଳ ଅଭୟ ରାୟ ୪୦ ରନ କରିବାରେ ସମର୍ଥ ହୋଇଥିବା ବେଳେ ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନ ଦୟନୀୟ ଖେଳ ପ୍ରଦର୍ଶନ କରି ମାତ୍ର ୨୭ ଓଭରରେ ୯୨ ରନ କରି ଅଲଆଉଟ ହୋଇ ଯାଇଥିଲେ। ସାଇନିଙ୍ଗ କ୍ରିକେଟ ଏକାଡେମୀ ପକ୍ଷରୁ ରିସଭ ସିଂ ୫ ଓଭର ବୋଲିଂ କରି ମାତ୍ର ୧୧ ରନ ଦେଇ ୬ଟି ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ପ୍ରଶାନ୍ତ ଜେନା ଓ ରତ୍ନାକର ବେହେରା ଯୋଗଦେଇଥିବା ବେଳେ ମୁକେଶ ଦଳାଇ ଓ ପ୍ରଭାଞ୍ଜନ ବଳ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ।


ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

# କୁଚିଣ୍ଡା ନାୟକ ବ୍ରଦର୍ସ ଫୁଟ୍‌ବଲ କ୍ଲବ ଚାମ୍ପିୟନ

## ଦ୍ୱି ଦିବସୀୟ ରାଜ୍ୟସ୍ତରୀୟ ଫୁଟ୍‌ବଲ ଉଦ୍‌ଯାପିତ

ଦେବଗଡ଼,୧୫।୧୨ (ଶଶାଙ୍କ ଶେଖର ଝାଙ୍କର)



ଚାମ୍ପିୟନ ଦଳକୁ ଅତିଥିବୃନ୍ଦ ଟ୍ରଫି ପ୍ରଦାନ କରୁଛନ୍ତି।

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡ଼ାସ୍ଥିତ ନେତାଜୀ କ୍ଲବ ଆନୁକୂଲ୍ୟରେ ସୁଗୁଡ଼ା ମିନିଷ୍ଟାଡିୟମଠାରେ ଶନିବାରଠାରୁ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଝାରସୁଗୁଡ଼ାର ବାଟାଲିୟନ ଫୁଟ୍‌ବଲ କ୍ଲବକୁ ୧–୦ ଗୋଲରେ ପରାସ୍ତ କରି ସମ୍ବଲପୁର ଜିଲା କୁଚିଣ୍ଡାର ନାୟକ ବ୍ରଦର୍ସ ଫୁଟ୍‌ବଲ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ରେଫରୀ ଭାବେ ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ ମାନ୍ୟତା ପ୍ରାପ୍ତ ଦିଲୀପ କୁମାର ରାଉତ, ସଳୀଳ ବେହେର , ଜିତେନ୍ଦ୍ରୀୟ ସେନାପତି, ଆଲୋକ ଦେହୁରୀ ଓ ସୁଜିତ ରାଜହଂସ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ପ୍ରଫୁଲ୍ଲ କୁମାର ସାହୁ ଓ ରାଜୁ ନାୟକ ମ୍ୟାଚରେ ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ନେତାଜୀ କ୍ଲବ ସଭାପତି ଧରଣୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣୀ ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ଭାବେ ତିଲେଇବଣି ବ୍ଲକ ଉପାଧକ୍ଷା ଆରତୀ ପ୍ରଧାନ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ରଞ୍ଜିତ କୁମାର ପଟେଲ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ଚନ୍ଦ୍ର ପ୍ରଧାନ, ସୁଗୁଡା ସେବା ସମବାୟ ସମିତି ସଭାପତି ସିଦ୍ଧେଶ୍ୱର ଗୁରୁ ଓ ସୁଗୁଡା ଗ୍ରାମପଞ୍ଚାୟତ ସରପଞ୍ଚ କୁନୁ ଦେହୁରୀ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ଓ ରନର ଅପ୍ ଦଳକୁ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଆୟୋଜକ ନେତାଜୀ କ୍ଲବ ସମ୍ପାଦକ ବବଲୁ ବିଶ୍ୱାଳଙ୍କ ସମେତ ସମସ୍ତ ସଦସ୍ୟ, କର୍ମକର୍ତ୍ତା ଓ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମାତୃ,ଶିଶୁ ଓ କିଶୋରୀ ପୋଷଣ ପାଇ ତାଲିମ କାର୍ଯ୍ୟକ୍ରମ

**ଗୁଡଭେଲା,୧୫।୧୨(ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ଗୁଡଭେଲାସ୍ଥିତ କଲ୍ୟାଣମଣ୍ଡପଠାରେ ଶନିବାର ମହାଶକ୍ତି ଫାଉଣ୍ଡେଶନ ଏବଂ ଆଇଡିଡିପି ଏଲଟିଆଇ ମାଇଟ୍ରି ଫାଉଣ୍ଡେଶନ ସହାୟତାରେ ମାତୃ, ଶିଶୁ ଓ କିଶୋରୀ ପୋଷଣର ଗୁରୁତ୍ୱ ଉପରେ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଗୁଡଭେଲା ସରପଞ୍ଚ ସନ୍ତୋଷିଣୀ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ତେନ୍ତୁଳିଖୁଣ୍ଟି ସରପଞ୍ଚ ଗୁରୁଦାନନ୍ଦ ମହାନନ୍ଦ ଓ ସୁଷମା ସାହୁ ଯୋଗଦାନ କରିଥିଲେ। ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରଜ୍ଞାନରାଣୀ ବାରିକ ଯୋଗଦେଇ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁଡଭେଲା ବ୍ଲକର ୫ଟି ପଞ୍ଚାୟତରୁ ମୋଟ ୭୦ ଜଣ ଗର୍ଭବତୀ , ପ୍ରସୂତି, କିଶୋରୀ, ଅଙ୍ଗନବାଡି ଓ ଆଶା କର୍ମୀମାନେ ଯୋଗ ଦେଇଥିଲେ। ପ୍ରଜ୍ଞାନରାଣୀ ଉପସ୍ଥିତ ଥିବା ଗର୍ଭବତୀ, ପ୍ରସୂତି, କିଶୋରୀମାନଙ୍କୁ ସୁଷମ ଖାଦ୍ୟ ଅଭ୍ୟାସ ଉପରେ ବିସ୍ତୃତ ଭାବରେ ବୁଝାଇ ଥିଲେ। ଏହାଛଡା ଶାରୀରିକ ଓ ମାନସିକ ବିକାଶର ଉନ୍ନତି ସକାଶେ ଶ୍ୱେତସାର, ସ୍ନେହସାର, ପୁଷ୍ଟିକର, ଭିଟାମିନ ଜାତୀୟ ଖାଦ୍ୟ ବିଷୟରେ ବୁଝାଇଥିଲେ। ଏହାର ବ୍ୟବହାର କରି ଉତ୍ତମ ପୋଷଣ ସୁସ୍ଥ ଜୀବନ ବିତାଇବା ପାଇଁ କହିଥିଲେ। ଧର୍ମ ସାଗର ପଧାନ ଧନ୍ୟବାଦ ଦେଇଥିଲେ।

### ଅଭିମନ୍ୟୁଙ୍କୁ ଶ୍ରଦ୍ଧାଞ୍ଜଳି



**ଟିଟିଲାଗଡ,୧୫।୧୨(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡସ୍ଥିତ ବୀର ହନୁମାନ ବ୍ୟାୟାମଶାଳାର ପ୍ରତିଷ୍ଠାତା ତଥା ବିଜେଡି ନେତା ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଭିମନ୍ୟୁଙ୍କ ପ୍ରତିମୂର୍ତ୍ତିରେ ବିଜେଡି ତରଫରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବ୍ୟାୟାମଶାଳା ପରିସରରେ ଅନୁଷ୍ଠିତ ଏହି ସଭାରେ ଦଳୀୟ କର୍ମୀମାନେ ଏକତ୍ରିତ ହୋଇ ତାଙ୍କର ସ୍ମୃତିଚାରଣ କରିଥିଲେ। ସଭାରେ ପୌର ପରିଷଦର ଉପାଧ୍ୟକ୍ଷ ପୁଷ୍ପମଞ୍ଜରୀ ଜାଲ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସଞ୍ଜୟ ବେହେରା, ଦିଲିପ ବାଗ, ପ୍ରେମ ଜୈନ, ଅରୁଣ ମିଶ୍ର, ଅରୁଣ ବାଗ, ଜଗଦୀଶ ମହାଲିଙ୍ଗ, ପୁଶୁ ଜୈନ, ବୁଲୁ ଆଚାର୍ଯ୍ୟ, ସନ୍ତୋଷ ସାହୁ, ଗୋବର୍ଦ୍ଧନ ନାଗ, ଦେବାଶିଷ ସଉରା, ଅଞ୍ଜଳି ବର୍ମା, ଲାଲା ବର୍ମା, ରବି ବାଗ, ଦୀପକ ବେହେରା,ବୈକୁଣ୍ଠ ନାଗ, ମାନସ ସାହୁଙ୍କ ସମେତ କାଉନସିଲର ଯୋଗ ଦେଇଥିଲେ ।

# ଓଡ଼ିଶା ଦଳରେ ବଲାଙ୍ଗୀରର ୧୪ ଖେଳାଳି



ଦିଲ୍ଲୀର ଯମୁନା କମ୍ପ୍ଲେକ୍ସ ଠାରେ ଓଡ଼ିଶା ଦଳର ଖେଳାଳିମାନେ ଅଭ୍ୟାସ କରୁଛନ୍ତି।

**ବଲାଙ୍ଗୀର,୧୫।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ଦିଲ୍ଲୀରେ ଆସନ୍ତା ଡିସେମ୍ବର ୨୫ରୁ ୨ ଜାନୁଆରୀ ମଧ୍ୟରେ ନବମ ଜାତୀୟ ସିନିୟର ଏବଂ ପଞ୍ଚମ ୨୫ ବର୍ଷରୁ କମ୍ ବୟସ୍କ ବର୍ଗର ଲନ୍ ବଲ ଚାମ୍ପିୟନଶିପ୍ ଖେଳାଯିବ। ଏହି ଟୁର୍ନାମେଣ୍ଟ ପାଇଁ ଓଡିଶା ଦଳ ଦିଲ୍ଲୀ ଯମୁନା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜୋରଦାର ପ୍ରସ୍ତୁତି ଚଳାଇଛି। ଦଳର ପ୍ରସ୍ତୁତ ଶିବିର ଆସନ୍ତା ୨୪ ତାରିଖରେ ଶେଷ ହେବ। ଓଡିଶା ସିନିୟର ଦଳରେ ଛଅ ଜଣ ମହିଳା ଏବଂ ଛଅ ଜଣ ପୁରୁଷ ଖେଳାଳି ଓ ୨୫ ବର୍ଷରୁ କମ ବର୍ଗରେ ଦୁଇ ଜଣ ମହିଳା ଏବଂ ଦୁଇ ଜଣ ପୁରୁଷ ଖେଳାଳି ଯୋଗଦେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ଖେଳାଳିମାନଙ୍କୁ ବୋଲିଂ ଫେଡ଼ରେଶନ ଅଫ୍ ଇଣ୍ଡିଆର କୋଚ୍ ନିତିନ ବାସ୍ୱାନୀ ପ୍ରଶିକ୍ଷଣ ଦେଉଛନ୍ତି। ଓଡିଶା

**ଜାତୀୟ ସିନିୟର ଲନ୍ ବଲ୍**

ଲନ୍‌ବଲ ଦଳରେ ବଲାଙ୍ଗୀରର ୧୪ଜଣ ଖେଳାଳି ରହିଛନ୍ତି। ଗତବର୍ଷ ଆସାମର ଗୌହାଟିରେ ଅନୁଷ୍ଠିତ ଚାମ୍ପିୟନଶିପ୍‌ରେ ଏହି ଖେଳାଳି ୭ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଚଳିତବର୍ଷ ମଧ୍ୟ ଭଲ ଖେଳ ପ୍ରଦର୍ଶନ କରି ଅଧିକ ପଦକ ହାସଲ କରିବେ ବୋଲି ସଂଘ ରାଜ୍ୟ ବୋଲିଂ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ଓଡିଶା ପୁରୁଷ ଦଳରେ କୈଳାଶ ମାଝି, ନରସିଂହ ରାଣା, ଲଳିତ ଶର୍ମା, ସୌରଭ ରଞ୍ଜନ ମହାରଣା, ଦିନେଶ କୁମାର ମହାନନ୍ଦ, ଅଙ୍କିତ ନାଏକ, ଆୟୁଷ୍ମାନ ବାଗ ଓ ମହିଳା ଦଳରେ ଶ୍ୱେତଲାନା ବକ୍ସି, ପଦ୍ମାସିନୀ ପୁଟେଲ, ରାଜେଶ୍ୱରୀ ସେଠ, ରୋଶନୀ ସାହୁ, ବିଷ୍ଣୁପ୍ରିୟା ବହିଦାର, ସାଇନା ନାଏକ, ସୁନେନା ବକ୍ସି ଅଛନ୍ତି।

# ରାଣୀପୁର ଝରିଆଲ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ରାଣୀପୁର ଝରିଆଲ ମହୋତ୍ସବ ପ୍ରସ୍ତୁତି ବୈଠକରେ ବିଧାୟକ ଓ ଅନ୍ୟମାନେ।

**କଣ୍ଟାବାଞ୍ଜି,୧୫।୧୨(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକର ଉପାନ୍ତ ଇଲାକାରେ ଥିବା ଐତିହାସିକ ଯୋଗିନୀ ପୀଠ ରାଣୀପୁର ଝରିଆଲ ମନ୍ଦିର ପରିସରରେ ରବିବାର ରାଣୀପୁର ଝରିଆଲ ମହୋତ୍ସବ-୨୦୨୫ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି। ପ୍ରଥମେ ସୋମେଶ୍ୱର ମହାଦେବଙ୍କଠାରେ ପୂଜାର୍ଚ୍ଚନା କରାଯିବା ପରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜୀବ ସଗରିଆଙ୍କ ଆବାହକତ୍ୱ ଓ ଶିବାଜୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇଥିଲେ। ଆସନ୍ତା ଜାନୁଆରୀ ମାସ ୧୭,୧୮ ଓ ୧୯ ତାରିଖ ତିନି ଦିନ ବ୍ୟାପି ଏହି ମହୋତ୍ସବ ଆୟୋଜିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ କଳାକାର ଯୋଗଦେଇ କଳା ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ମହାସମାରୋହରେ ଏହା ଆୟୋଜନ କରାଯିବା ପାଇଁ ଆଲୋଚନା ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ମାମରାଜ ଜୈନ, ଥବିର ଚନ୍ଦ୍ର ବାଗ, ଅର୍ଜୁନ ଯାଦବ, ମାଣିକଚାନ୍ଦ ଜୈନ, ଅନିଲ ତ୍ରିପାଠୀ, ଭରଦ୍ୱାଜ ଗହୀର, ଯୁବରାଜ ବାଗ, ଅର୍ଦ୍ଧେନ୍ଦୁ କୁମାର ଦାସ ଯାଦବ, ରାଜୁ ହାତୀ, ରାଧାମୋହନ ବେହେରା, ହୁଲେଶ୍ୱର ହଂସ, ଜଗ ମୋହନ ତ୍ରିପାଠୀ, ଧନିରାମ ଭୋଇ, ସୁଶାନ୍ତ ବେହେରା, ସନ୍ତୋଷ ତ୍ରିପାଠୀ, ଉମାଶଙ୍କର ଗହୀର, ପରମାନନ୍ଦ ଭୋଇ, ରମାକାନ୍ତ ସାହୁଙ୍କ ସମେତ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ବହୁ ଜନସାଧାରଣ ବୈଠକରେ ଯୋଗ ଦେଇଥିଲେ। ଆଗାମୀ ବୈଠକରେ କର୍ମକର୍ତ୍ତା ଚୟନ କରାଯିବ ବୋଲି ଜଣାପଡିଛି।

# ସିଏନ୍‌ସି କଲେଜରେ ଯୁବ ରେଡକ୍ରସ୍ ପ୍ରବେଶ କାର୍ଯ୍ୟକ୍ରମ



ସିଏନ୍‌ସି କଲେଜରେ ଯୁବ ରେଡକ୍ରସ୍ ପ୍ରବେଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ରେଡକ୍ରସ୍ ସ୍ୱେଚ୍ଛାସେବୀ ଓ ଅତିଥି।

**ବଲାଙ୍ଗୀର,୧୫।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଏନସି ମହାବିଦ୍ୟାଳୟରେ ଶନିବାର ଯୁବ ରେଡ଼କ୍ରସ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଏନସି ମହାବିଦ୍ୟାଳୟ ଅଧ୍ୟକ୍ଷ କହ୍ନେଇଁ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ନିର୍ଦ୍ଦେଶକ ଆଶୁତୋଷ ପୁରୋହିତ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ଯୁବ ରେଡ଼କ୍ରସର ଗୁରୁତ୍ୱ ଏବଂ ଏହାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ଯୁବ ରେଡକ୍ରସ ଜିଲା ସଂଯୋଜକ ଡ଼. ଦୈତାରୀ ପୂଜାରୀ ଯୁବ ରେଡ଼କ୍ରସର ଇତିହାସ, ଦୈନନ୍ଦିନ ଜୀବନରେ ରେଡକ୍ରସର ଭୂମିକା ଏବଂ ରେଡକ୍ରସ ସ୍ୱେଚ୍ଛାସେବୀ ଭାବେ ଛାତ୍ରୀଛାତ୍ରମାନଙ୍କ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ସିଏନସି ମହାବିଦ୍ୟାଳୟ କାଉନସେଲର ମାଧବ ଚନ୍ଦ୍ର ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ୩୦ ଜଣ ଛାତ୍ରୀଛାତ୍ରୀଙ୍କୁ ସ୍କାର୍ଫ ଏବଂ ରେଡକ୍ରସ ଟୋପି ପ୍ରଦାନ କରାଯାଇଥିଲା।

# ବଲାଙ୍ଗୀରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ବଲାଙ୍ଗୀର,୧୫।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ନ୍ୟାୟାଳୟ ସମେତ ଜିଲାରେ ଥିବା ସମସ୍ତ ତାଲୁକ ସ୍ତରରେ ଚଳିତବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତରେ ଜିଲା କୋର୍ଟ ପରିସରରେ ଜିଲା ନ୍ୟାୟାଧୀଶ ଡ. ପବିତ୍ର ମୋହନ ସାମଲଙ୍କ ସମେତ ଅନ୍ୟ କୋର୍ଟ ଜଜ୍ ଏବଂ ଜିଲା ବାର ଆସୋସିଏଶନର ଓକିଲମାନେ ଉପସ୍ଥିତ ଥିଲେ । ଜିଲାର ବିଭିନ୍ନ ରାଜସ୍ୱ ଅଧିକାରୀ, ଜାତୀୟକରଣ ବ୍ୟାଙ୍କ ଏବଂ ଅନ୍ୟ ବିଭାଗର କର୍ମଚାରୀ ଏହି ଲୋକ ଅଦାଲତରେ ଭାଗ ନେଇଥିଲେ। ପ୍ରାଧିକରଣ ଅଧ୍ୟକ୍ଷ ଡ. ସାମଲଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଡ. ନନ୍ଦ କିଶୋର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହର ସାସ୍ଥ୍ୟକେନ୍ଦ୍ର କର୍ମଚାରୀ, ଆଶା କର୍ମୀଙ୍କ ମାଧ୍ୟମରେ ପ୍ରାଧିକରଣ ପରିସରରେ ଉପସ୍ଥିତ ଥିବା ବ୍ୟକ୍ତିବିଶେଷ ମାନଙ୍କର ବିଭିନ୍ନ ସାସ୍ଥ୍ୟ ସମସ୍ୟା ପରୀକ୍ଷା କରାଯାଇଥିଲା। ଏହାସହିତ ବଲାଙ୍ଗୀର ଜିଲା କାରାଗାର ଅନ୍ତେବାସୀମାନଙ୍କର ଉତ୍ସାହ ବୃଦ୍ଧି କରିବା ପାଇଁ ସେମାନଙ୍କ ଦ୍ୱାରା ତିଆରି କରାଯାଇଥିବା ବିଭିନ୍ନ ହସ୍ତତନ୍ତ ବସ୍ତ୍ରଗୁଡିକର ଜିଲା କାରାଗାର କର୍ମଚାରୀଙ୍କ ଦ୍ୱାରା ବିକ୍ରି କରାଯାଇଥିଲା। ଏହି ଲୋକ ଅଦାଲତକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପବିତ୍ରାନନ୍ଦ ପ୍ରଧାନ ପରିଚାଳନା କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା କରିବାରେ ଜିଲା ପୋଲିସ ପ୍ରଶାସନ ସହଯୋଗ କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୩୫ଟି ଦେୱାନୀ ମକୋଦ୍ଦମା ଫଇସଲା ହୋଇଥିଲା। ୧୫ଟି ବ୍ୟାଙ୍କ ମକଦ୍ଦମାର ସମାଧାନ କରାଯାଇ ୪୩ ଲକ୍ଷ ୮୩ ହଜାର ୧୪୬ ଟଙ୍କା ଦାଖଲ ହୋଇଥିଲା। ମୋଟର ଦୁର୍ଘଟଣାଜନିତ ମାମଲାର ଫଇସଲା କରାଯାଇ ଅର୍ଥ ସହାୟତା ଦେବା ପାଇଁ ଆଦେଶ କରାଯାଇଥିଲା। ଏହି ଲୋକ ଅଦାଲତରେ ୪୫ଟି ଫୌଜଦାରୀ ଓ ୪୫୫୨ଟି ରାଜସ୍ୱ ମାମଲାର ବିଚାର କରାଯାଇଥିଲା। ୬ ଟି ପ୍ରାକ୍ ମକଦ୍ଦମାର ସମାଧାନ କରାଯାଇଥିଲା।

# ତେଲଙ୍ଗାନାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଖପ୍ରାଖୋଲ,୧୫।୧୨(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଲରମ୍ବା ଥାନା ଲୁହାସିଙ୍ଗା ପଞ୍ଚାୟତ ଟେଙ୍ଗେରାପଥର ଗାଁର ଜଣେ ଦାଦନ ଶ୍ରମିକଙ୍କ ତେଲେଙ୍ଗାନା ରାଜ୍ୟରେ ମୃତ୍ୟୁ ଘଟିଛି । ମୃତ ଶ୍ରମିକ ହେଲେ ଟେଙ୍ଗେରାପଥର ଗାଁର ବୁଟୁଲୁ ବାରିହାଙ୍କ ପୁଅ ବନମାଳୀ ବରିହା (୨୨) । ସେ ସିକନ୍ଦରାବାଦ ନିକଟ ଏକ ଇଟାଭାଟିରେ କାମ କରୁଥିଲେ। ବନମାଳୀ ତାଙ୍କ କାକା ଘର ପରିବାର ସହିତ ଇଟାଭାଟିରେ କାମ କରିବା ପାଇଁ ଜଣେ ମଧ୍ୟସ୍ଥିଙ୍କ ଜରିଆରେ ସେଠାକୁ ଯାଇଥିଲେ । ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ମୃତକଙ୍କ କାକା ଗାଁରେ ରହୁଥିବା ତାଙ୍କ ପରବାରକୁ ଫୋନ ଯୋଗେ ଜଣାଇଥିଲେ । ଏନେଇ ଲରମ୍ବା ଥାନା ଅଧିକାରୀ ବି.ପି.ଯାଦବଙ୍କୁ ପଚାରିବାରେ ପରିବାର ତରଫରୁ ଏନେଇ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି।

# ଜବାହରଲାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଜବାହରଲାଲ ହାଇସ୍କୁଲରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ବଲାଙ୍ଗୀର,୧୫।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ଜବାହାରଲାଲ ହାଇସ୍କୁଲର ବାର୍ଷିକ କ୍ରୀଡା ଶନିବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ସ୍ୱାଧୀନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସ୍ଥାନୀୟ ସରପଞ୍ଚ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଚୈତନ୍ୟ ପଣ୍ଡା ଓ ଆଲୁମ୍ନି କମିଟି ସଭାପତି ଅନନ୍ତ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ୨୮ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ କ୍ରିଷ୍ଣା ସ୍ୱାଇଁ ଓ ବାଳିକା ବିଭାଗରେ ରୀନା ସାହୁଙ୍କୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ନିରୋତ୍ତମା ବିଶ୍ୱାଳ ଖେଳ ପରିଚାଳନା କରିଥିଲେ । ଶିକ୍ଷକ ସୁଧାଂଶୁ ପ୍ରଧାନ, କାହ୍ନୁ ଚରଣ ଧରୁଆ, ପଙ୍କଜ ମେହେର, ପ୍ରଦୀପ ଦଣ୍ଡସେନା, ରଞ୍ଜିତ ମିଶ୍ର, ସଞ୍ଜୀବ ମିଶ୍ର, ସୁଜିତ ଧରୁଆ, ପ୍ରମୋଦ ବିଶ୍ୱାଳ, ଅଶ୍ୱିନୀ ମହାଲିଙ୍ଗ, ଶିକ୍ଷୟିତ୍ରୀ ସୁଷମା ମେହେର, ସୁବାସିନୀ ସେଠୀ, ସୁମିତ୍ରା ସୁତାର, ରଶ୍ମିତା ନନ୍ଦ ଓ ଶିକ୍ଷା କର୍ମଚାରୀ ଜଗନ୍ନାଥ ଯୋଶୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଆଦର୍ଶ ବିଦ୍ୟାଳୟରେ ଗ୍ରୀନ୍ କାନ୍‌ଭାସ ପ୍ରଦର୍ଶନୀ

**ଲୋଇସିଂହା,୧୫।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଓଡିଶା ଆଦର୍ଶ ବିଦ୍ୟାଳୟରେ ଶନିବାର ଗ୍ରୀନ କାନ୍‌ଭାସ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଡ଼. ଜ୍ୟୋତିର୍ମୟୀ ପଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କଳା ଓ ହସ୍ତଶିଳ୍ପ, ଉଦ୍ଭିଦ ଏବଂ ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। ଖାଦ୍ୟ ପ୍ରଦର୍ଶନୀରେ ୩୮ଟି ଷ୍ଟଲ, ୫୬ଟି ଉଦ୍ଭିଦ ଷ୍ଟଲ ଓ ୮ଟି କଳା ଓ ହସ୍ତଶିଳ୍ପ ପ୍ରଦର୍ଶିତ ହୋଇଥିଲା। ଖାଦ୍ୟ ପ୍ରଦର୍ଶନୀରେ ନିରୀକ୍ଷକ ଭାବରେ ଶିକ୍ଷକ ପ୍ରଶାନ୍ତ ଠେଲା ଓ ଶିକ୍ଷୟିତ୍ରୀ ମୀରା ସାହୁ, ଉଦ୍ଭିଦ ପ୍ରଦର୍ଶନୀରେ ଶିକ୍ଷୟିତ୍ରୀ ସସ୍ମିତା ଧରୁଆ ଓ ଶିକ୍ଷକ ରୋହିତ ରଣା, କଳା ଓ ହସ୍ତଶିଳ୍ପ ବିଭାଗରେ ଶିକ୍ଷକ ରାଜକୁମାର ଭୋଇ ଓ ସୀମାଞ୍ଚଳ ପଧାନ ନିରୀକ୍ଷକ ଭାବେ ମୂଲ୍ୟାୟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ କାହ୍ନୁଚରଣ



ପ୍ରଦର୍ଶନୀକୁ ଅତିଥି ବୁଲି ଦେଖୁଛନ୍ତି।

ଦର୍ଜୀ, ଡା. ସଞ୍ଜୀବ କୁମାର ବିଶ୍ୱାଳ, ଡୁଙ୍ଗୁରିପାଲିର ଆଦର୍ଶ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ସାଧୁଚରଣ ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଡା. ବିଶ୍ୱାଳ ଛାତ୍ରୀଛାତ୍ରଙ୍କୁ ସନ୍ତୁଳିତ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଖମାରୀ ମଣିଷ ସଭ୍ୟତାରେ ଖାଦ୍ୟର ଯୋଗଦାନ ରହିଛି ବୋଲି କହିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସମସ୍ତଙ୍କୁ ବୃକ୍ଷ ଦାନ କରିବାକୁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଭାତ କୁମାର ନନ୍ଦ ସଂଯୋଜନା କରିଥିଲେ। ସନ୍ତୋଷିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଟିଟିଲାଗଡ଼ ନକ୍ ଆଉଟ କ୍ରିକେଟ, ବଲାଙ୍ଗୀର ଚାମ୍ପିୟନ

**ଟିଟିଲାଗଡ଼,୧୫।୧୨(ସନ୍ତୋଷ ପଟ୍ଟନାୟକ)**

ସ୍ଥାନୀୟ ସିରଭଟାସ୍ଥିତ ରେଳବାଇ ଗ୍ରାଉଣ୍ଡଠାରେ ଟିଟିଲାଗଡ଼ ରାଇଡର୍ସ ପକ୍ଷରୁ ଅନୁଷ୍ଠିତ ନକ୍‌ଆଉଟ ସୀମିତ ଓଭର ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବଲାଙ୍ଗୀର ଦଳ ରାଉରକେଲାକୁ ୨ ରନରେ ପରାଜିତ କରି ଚାମ୍ପିୟନ ବିବେଚିତ ହୋଇଛି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜେତା ତଥା ଉପବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରଥମ ସେମିଫାଇନାଲ, ଫାଇନାଲର ମ୍ୟାନ ଅଫ ଦି ମ୍ୟାଚ ଏବଂ ମ୍ୟାନ ଅଫ ଦି ସିରିଜ ଭାବରେ ଭିକାରି ଶିକା, ଦ୍ୱିତୀୟ ସେମିଫାଇନାଲ ମ୍ୟାନ ଅଫ ଦି ମ୍ୟାଚ ବିକାଶ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ବିଜେଡି ନେତା ଅରୁଣ ମିଶ୍ର, ଜିଲା ପରିଷଦ ସଭ୍ୟା ଗୀତା ବିଶି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ, କାଉନସିଲର ସଞ୍ଜୁ ଗୋଏଲ, ଲାଲା ବର୍ମା, ଅଭିମନ୍ୟୁ ବାଗ, ପୂର୍ବତନ କ୍ରୀଡ଼ାବିତ ହିଫଜୁଲ ରେହମାନ ଅତିଥି ଭାବରେ ଯୋଗ ଦେଇଥିଲେ। ଖେଳରେ ଅମ୍ପାୟାର ଭାବେ ସୁମିତ ସୁନା, ବାବୁ ରଣା ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ସୁରୁ ମାଝୀ, ଅବିନାଶ ଷଡ଼ଙ୍ଗୀ, ଟିନୁ ବରର୍ଡ୍ଡି ପରିଚାଳନା କରିଥିଲେ। ଆୟୋଜକ କମିଟି ସଭାପତି ପ୍ରବୀଣ ଆଚାର୍ଯ୍ୟ, ଉପସଭାପତି ଶ୍ରବଣ ସୁନା, ସମ୍ପାଦକ ଦୁଷ୍ମନ୍ତ ନାଏକ, କୋଷାଧ୍ୟକ୍ଷ ସାହାଜତ ଖାନ, ଟିନୁ ବରର୍ଡ୍ଡି, ରବି ନାଗ, ସୁମିତ ସୁନା, ଲକି ସୁନା, ରାକେଶ ଶିକା, ତେଜା ଶିକା, କାସିମ ଖାନ, କୁଞ୍ଜ ଛତ୍ରିଆ, ବିକ୍ରାନ୍ତ ଦୀପ, କିଶୋର ଭୋଇ, ସନୁପ ସୁନା, ଅମିତ ବିଶି, ପିୟୁଷ ନାଗ, ରାହୁଲ ଦୀପ, ବିକ୍ରାନ୍ତ ଦୀପ, ସୁରଜ ଖାନ, ଅଜୟ ମହାନନ୍ଦ, ଦିଲୀପ ବେହେରା ପ୍ରମୁଖ ଖେଳ ପରିଚାଳନାରେ ସହାୟତା କରିଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ବିନା ସେଫ୍ଟି ବେଲ୍ଟରେ କାମ କରୁଛନ୍ତି ଶ୍ରମିକ

**ଲାଠୋର,୧୫।୧୨(ଭୁବନେଶ୍ୱର ବାରିକ)**

ଯେଉଁ ଶ୍ରମିକମାନେ ଅଧିକ ଉଚ୍ଚରେ ରହି କାମ କରୁଛନ୍ତି, ସେମାନଙ୍କ ସୁରକ୍ଷା ପାଇଁ ସରକାର ହେଲମେଟ ଏବଂ ସେଫ୍ଟି ବେଲ୍ଟ ବ୍ୟବହାର କରିବାକୁ କଡ଼ାକଡ଼ି ନିୟମ ରହିଛି। ହେଲେ ସରକାରୀ ନିୟମକୁ ଉଲ୍ଲଂଘନ କରି ବଲାଙ୍ଗୀର ଜିଲା ହରିଶଙ୍କର ରୋଡ଼ ରେଳଷ୍ଟେଶନରେ ଶ୍ରମିକମାନଙ୍କୁ କାମ କରାଯାଉଥିବା ଦେଖାଯାଉଛି। ନିକଟରେ ହରିଶଙ୍କର ରୋଡ଼ ରେଳ ଷ୍ଟେଶନ ଅମୃତ ଭାରତ ଷ୍ଟେଶନର ମାନ୍ୟତା ପାଇଛି। ଫଳରେ ଷ୍ଟେଶନର ଉନ୍ନତୀକରଣ କାମ ଜୋରସୋରରେ ଚାଲିଛି। ସେହି କ୍ରମରେ ପ୍ଲାଟଫର୍ମ ନଂ ୧ ଏବଂ ୨ ରେ ସେଡ୍ ନିର୍ମାଣ କାର୍ଯ୍ୟ କରାଯାଉଛି। ଶ୍ରମିକମାନେ ଉଚ୍ଚକୁ ଚଢି ସେଡ୍ ନିର୍ମାଣ କରୁଥିଲେ ମଧ୍ୟ ସେମାନେ ହେଲମେଟ ଏବଂ ସେଫ୍ଟି ବେଲ୍ଟ ବ୍ୟବହାର କରୁନାହାନ୍ତି। ଏଥିପ୍ରତି ଠିକାଦାର ଠାରୁ ଆରମ୍ଭ କରି ରେଳ ବିଭାଗ ଅଧିକାରୀ ପର୍ଯ୍ୟନ୍ତ କାହାର ନଜର ନାହିଁ । ଫଳରେ ଶ୍ରମିକଙ୍କ ଜୀବନ ପ୍ରତି ବିପଦ ରହୁଛି। କାମ କରୁଥିବା ବେଳେ ଉଚ୍ଚରୁ ଖସି ପଡ଼ି ଯଦି କିଛି ଅଘଟଣ ଘଟେ, ତାହେଲେ ଏଥିପ୍ରତି କିଏ ଦାୟୀ ରହିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏନେଇ ବିଭାଗୀୟ ଆଇଓଡ଼ବ୍ଲୁ ମାନସ ରଞ୍ଜନ ବେହେରାଙ୍କୁ ପଚାରିବାରେ ଘଟଣା ବିଷୟରେ ଜାଣିନାହିଁ। ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଶ୍ରମିକମାନଙ୍କ ସୁରକ୍ଷା ପ୍ରତି ସଚେତନ ହୋଇ ହେଲମେଟ ଏବଂ ସେଫ୍ଟି ବେଲ୍ଟ ବ୍ୟବହାର ଉପରେ ରେଳ ବିଭାଗ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।



ହରିଶଙ୍କର ରୋଡ ରେଳଷ୍ଟେଶନରେ ବିପଦପୂର୍ଣ୍ଣ ଭାବେ ଜଣେ ଶ୍ରମିକ ସେଡ୍ ନିର୍ମାଣ କାର୍ଯ୍ୟ କରୁଛନ୍ତି।

**ସରକାରୀ ନିୟମର ଖୋଲା ଉଲ୍ଲଂଘନ**

# ୯୨ ମଣ୍ଡିରେ ଧାନକିଣା ଆରମ୍ଭ ହୋଇନି

**ସୋନପୁର, ୧୫।୧୨ (ମୃତ୍ୟୁଞ୍ଜୟ ଶତପଥୀ)**



ସୁବର୍ଣ୍ଣପୁର ଜିଲା କୃଷକ ସଂଗଠନର କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

ସୁବର୍ଣ୍ଣପୁର ଜିଲାରେ ମଙ୍ଗଳବାରଠାରୁ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର ଓ ରବିବାର ଛୁଟି ଥିବାରୁ ଧାନ ସଂଗ୍ରହ ପ୍ରକ୍ରିୟା ବନ୍ଦ ରହିଛି। ତେବେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଜିଲାର ୬ ଗୋଟି ବ୍ଲକରୁ କେବଳ ବିନିକା ବ୍ଲକର ୨ଟି ମଣ୍ଡିରେ ଚାଷୀ ଧାନ ବିକ୍ରି କରିଛନ୍ତି। ବିନିକା ମଣ୍ଡିରେ ୪ ଜଣ ଓ ବିନିକା ବ୍ଲକର ସିଲାଟି ମଣ୍ଡିରେ ୨ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ଧାନ ବିକ୍ରି କରିଥିବା ସମସ୍ତ ୬ ଚାଷୀ ସରକାରଙ୍କ ନିକଟରୁ ଧାନ ବିକ୍ରି ପ୍ରାପ୍ୟ ପାଇଥିବା ଜଣାପଡିଛି। ତେବେ ଜିଲାରେ ଧାନ କିଣା ସ୍ୱାଭାବିକ ହୋଇପାରିନି। ପୂର୍ବରୁ ଚାଷୀଙ୍କ ଧାନକୁ ନନ୍ ଏଫ୍ଏକ୍ୟୁ ମାନର କହି ମିଲର୍ସ ମନଇଛା କଟ୍‌ନି ଛଟ୍‌ନି କରୁଥିଲେ। କୁଇଣ୍ଟାଲ ପ୍ରତି ୨ ରୁ ୩ କିଲୋ କଟ୍‌ନି ଛଟ୍‌ନି ହେଲେ ତାହା ଏଫ୍ଏକ୍ୟୁ ମାନର ହେଉଥିଲା ଓ ମିଲର୍ସ ଧାନ ଉଠାଉଥିଲେ। ରାଜ୍ୟ ସରକାର ଚଳିତ ବର୍ଷ ବିନା କଟ୍‌ନି ଛଟ୍‌ନିରେ ଚାଷୀଙ୍କ ନିକଟରୁ ଧାନ କ୍ରୟ ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ପ୍ରତି ମଣ୍ଡିରେ ଜଣେ ନୋଡାଲ ଅଫିସର, ୩ରୁ ୪ଟି ମଣ୍ଡି ପାଇଁ ଜଣେ ସୁପରଭାଇଜିଂ ଅଫିସର, ଜଣେ ବ୍ଲକସ୍ତରୀୟ ନୋଡାଲ ଅଫିସର ଓ ଜିଲାସ୍ତରରେ ଜଣେ ନୋଡାଲ ଅଫିସର ନିଯୁକ୍ତ କରାଯାଇଛି। ଏତେ ସବୁ ଦାୟିତ୍ୱ ବଣ୍ଟନ ପରେ ମଧ ଅଧିକାରୀମାନେ ଦାୟିତ୍ୱକୁ ଠିକ୍ ଭାବେ ନିର୍ବାହ କରୁ ନ ଥିବା ଅଭିଯୋଗ ହେଉଛି। କଟ୍‌ନି ଛଟ୍‌ନି ନହେଲେ ଏଫ୍ଏକ୍ୟୁ ମାନର ଧାନ ଦେବାକୁ ମିଲର୍ସ

## ୨ ମଣ୍ଡିରେ ଧାନ ବିକିଛନ୍ତି ୬ ଚାଷୀ

ଦାବି କରୁଛନ୍ତି। ମିଲର୍ସ ମଣ୍ଡିକୁ ଟ୍ରକ୍ ନ ପଠାଇଲେ ଚାଷୀଙ୍କ ଧାନ କିଣାଯାଉନି।

ଜିଲାରେ ମାତ୍ର ୩୭୬.୯୫ କୁଇଣ୍ଟାଲ ଧାନ ସରକାରୀସ୍ତରରେ କିଣାଯାଇଛି। ଜଳସେଚିତ ଡୁଙ୍ଗୁରିପାଲି ବ୍ଲକରେ ଜଣେ ବି ଚାଷୀ ଏପର୍ଯ୍ୟନ୍ତ ଧାନ ବିକ୍ରି କରିନାହାନ୍ତି। ଧାନ ଅମଳ ସରିଥିଲେ ହେଁ ଡୁଙ୍ଗୁରିପାଲି, ସୋନପୁର, ତରଭା, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକରେ ଧାନ ମଣ୍ଡି ଖୋଲିନି। ଜିଲାର ମୋଟ ୯୪ ମଣ୍ଡି ସ୍ଥାନରେ ମାତ୍ର ୨ଟି ମଣ୍ଡି ଖୋଲିଛି। ଧାନ ବିକ୍ରି କରିବା ପାଇଁ ଟୋକନ୍ ଆସିଥିଲେ ମଧ ଚାଷୀ ଧାନ ବିକ୍ରି କରିପାରୁନି। କିନ୍ତୁ ମଣ୍ଡିକୁ ଧାନ ଆସୁ ନଥିବା କ୍ରୟକାରୀ ସଂସ୍ଥା ଗୁଡିକ ଦର୍ଶାଉଛନ୍ତି। ମିଲର୍ସମାନେ ଯୋଗାଣ ବିଭାଗ ସହ ଚୁକ୍ତିନାମା କରିବା ପରେ ଧାନ କିଣିବା ପାଇଁ ଟାର୍ଗେଟ୍ ପାଇଛନ୍ତି। ବାସ୍ତବରେ ସେମାନେ ମଣ୍ଡିକୁ ଟ୍ରକ୍ ପଠାଉନାହାନ୍ତି। ଏପଟେ କ୍ରୟକାରୀ ସଂସ୍ଥା ଧାନ କିଣି ଗୋଦାମରେ ରଖିବାକୁ ଉଚିତ ମଣୁନାହାନ୍ତି। ଏଭଳି ସ୍ଥିତିରେ ଜିଲାର ଚାଷୀ ପେଷି ହେଉଛନ୍ତି। ଜିଲାର ୬୮ ହଜାର ୮୨୪ ଜଣ ଚାଷୀ ଖରିଫ୍ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ଜିଲାର ୭୧ ପାକ୍ସ ଓ ୨୦ ଡବ୍ଲ୍ୟୁଏସ୍ଏଚ୍‌ଜି ଜରିଆରେ ଯୋଗାଣ ନିଗମ ଚଳିତ ଥର ପଞ୍ଜୀକୃତ ଚାଷୀଙ୍କ ନିକଟରୁ ବଳକା ଧାନ କିଣିବ ବୋଲି ନିଷ୍ପତ୍ତି ହୋଇଛି। ଏଥିପାଇଁ ଜିଲାର ସମସ୍ତ ୫୦ ଗୋଟି ମିଲର୍ସ ଯୋଗାଣ ନିଗମ ସହିତ ଚୁକ୍ତିନାମା କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ଯୋଗାଣ ଅଧିକାରୀ ଯୋଗେଶ୍ୱର ସାଏ କୁହନ୍ତି, ସୋମବାରଠାରୁ ଧାନ କିଣା ସ୍ୱାଭାବିକ ହେବ। ସବୁ ମଣ୍ଡି ଖୋଲିବା ପାଇଁ ବିଭାଗ ପକ୍ଷରୁ କଡା ନିର୍ଦ୍ଦେଶ ଦିଆଯାଇଛି।

## ଧାନକିଣା ସ୍ୱାଭାବିକ ହେଉ: କୃଷକ ସଂଗଠନ

ସୁବର୍ଣ୍ଣପୁର ଜିଲାରେ ଧାନ କିଣାରେ ବହୁ ବିଳମ୍ବ ହୋଇଛି। ଗତ ୧୦ ତାରିଖରେ ଧାନ କିଣାର ଶୁଭାରମ୍ଭ ହୋଇଥିବା ବେଳେ ୫ ବ୍ଲକରେ ଏପର୍ଯ୍ୟନ୍ତ ମଣ୍ଡି ଖୋଲିନି। ଧାନ ସଂଗ୍ରହ ମନ୍ଥର ଗତିରେ ଚାଲିଛି। ଚାଷୀ ଧାନ ଅମଳ କରି ଘରେ ରଖିଛି। ମଣ୍ଡି ନ ଖୋଲିବାରୁ ସରକାରୀ ଦରରେ ଧାନ ବିକ୍ରି କରିପାରୁନି। ଚାଷ କାର୍ଯ୍ୟ ପାଇଁ ଚାଷୀ ଧାର କରଜ କରିଛି। ଧାନ ବିକ୍ରି ହେଲେ ସେ ବ୍ୟାଙ୍କ୍ ଓ ମହାଜନଙ୍କୁ ଟଙ୍କା ସୁଝିବ। ପୁଣି ରବି ଋତୁ ପାଇଁ ଧାନ ତଳି ପକାଇବ। ତେଣୁ ଜିଲାରେ ଧାନ କିଣାକୁ ସ୍ୱାଭାବିକ କରିବାକୁ ସୁବର୍ଣ୍ଣପୁର ଜିଲା କୃଷକ ସଂଗଠନ ପକ୍ଷରୁ ଦାବି କରାଯାଇଛି। ସଂଗଠନର ଜିଲା ସଭାପତି ବୈକୁଣ୍ଠନାଥ ଶତପଥୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ରାଜ୍ୟ ସରକାର କହିଥିଲେ ଚଳିତ ଥର କଟ୍‌ନି-ଛଟ୍‌ନିରେ ପୂର୍ଣ୍ଣଚ୍ଛେଦ ଟଣାଯିବ। ତେବେ ବାସ୍ତବ ସ୍ଥିତି ଭିନ୍ନ। ଏଫ୍ଏକ୍ୟୁ ଆଳରେ ପୂର୍ବଭଳି କଟ୍‌ନି ଛଟ୍‌ନିକୁ ବାଧ କରାଯାଉଛି। ନହେଲେ ମଣ୍ଡିରୁ ଧାନ ଉଠୁନି। ଯେଉଁ ଢଙ୍ଗରେ ଧାନ ସଂଗ୍ରହ ଚାଲିଛି ତାହା ସରିବାକୁ ବର୍ଷାଧିକ କାଳ ସମୟ ଲାଗିବ। ଧାନର ଗୁଣବତ୍ତା ଯାଞ୍ଚ ପାଇଁ ସରକାର ଯେଉଁ ଗ୍ରେନ୍ ଆନାଲାଇଜର୍ ବ୍ୟବହାର କରୁଛନ୍ତି ତାହା ଚାଷୀଙ୍କ ସ୍ୱାର୍ଥ ବିରୋଧି। ଗ୍ରେନ୍ ଆନାଲାଇଜର ମେଶିନ୍‌କୁ ନେଇ ଚାଷୀ ଦ୍ୱନ୍ଦ୍ୱରେ ଅଛନ୍ତି। ସରକାର ପ୍ରଥମେ ସେହି ଦ୍ୱନ୍ଦ୍ୱ ଦୂର କରନ୍ତୁ। ସଂଗଠନର କୋଷାଧକ୍ଷ ପଦ୍ମଲୋଚନ ମିଶ୍ର କହିଥିଲେ ଅଧିକାଂଶ ଚାଷୀଙ୍କ ପଞ୍ଜିକରଣ ଅନୁସାରେ ଧାନ ବିକ୍ରି ଟୋକନ ଆସିନି। ଯେଉଁ ଚାଷୀଙ୍କ ଧାନ ଅମଳ ହୋଇ ନାହିଁ, ସେମାନଙ୍କ ଟୋକନ ଆସିଛି। ଯେଉଁ ଚାଷୀମାନେ ଆଗରୁ ଧାନ ଅମଳ କରି ସାରିଛନ୍ତି ସେମାନଙ୍କ ଟୋକନ ଆସିନାହିଁ। ଚାଷୀ ଧାନ ଅମଳ କରି ଫେବୃୟାରୀ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବା ଅସମ୍ଭବ। ସଙ୍ଗଠନର ଆଇନ ପରାମର୍ଶଦାତା ପ୍ରଦୀପ ପୁରୋହିତ କହିଥିଲେ ପ୍ରଶାସନ ଏପର୍ଯ୍ୟନ୍ତ ମଣ୍ଡି ଖୋଲିବାକୁ ଅସମର୍ଥ। ମଣ୍ଡିଗୁଡିକରେ ଭିତ୍ତିଭୂମିର ସୁବିଧା ହେଇପାରିନି। ଏଭଳି ସ୍ଥିତିରେ ଚାଷୀଙ୍କ ନିକଟରୁ ଏଫ୍ଏକ୍ୟୁ ମାନର ଧାନ ନେବା ହାସ୍ୟାସ୍ପଦ। ସରକାର ପୂର୍ବ ଭଳି ବିନା ଆନାଲାଇଜର ମେସିନ୍‌ରେ ଧାନ କିଣନ୍ତୁ। ନଚେତ ବିରାଟ ଚାଷୀ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସମ୍ମିଳନୀରେ ବରିଷ୍ଠ ସଦସ୍ୟ ତ୍ରିପୁରାରୀ ପଣ୍ଡା ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ



ବ୍ଲକସ୍ତରୀୟ ଶିଶୁ ଉତ୍ସବରେ ମଞ୍ଚାସୀନ ଅତିଥି।

**ବିନିକା, ୧୫।୧୨ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ବ୍ରଜବିହାରି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଷ୍ଟାର ସୋନପୁର ଜିଲା କାର୍ଯ୍ୟକାରୀ ସଭାପତି ପ୍ରେମାନନ୍ଦ ହୋତା, ମୁଖ୍ୟବକ୍ତା ଜିଲା ସମ୍ପାଦକ (ଓଷ୍ଟା) ସୁଶୀଲ କୁମାର ବିଶି, ସମ୍ମାନିତ ଅତିଥିଭାବେ ଚରଦା ସିଆରସିସି ଜୟନାରାୟଣ ପୂଝାରୀ, ଓଷ୍ଟା ମାନେଶ୍ୱର ବ୍ଲକ ସମ୍ପାଦକ ଗୌରଚନ୍ଦ୍ର ସା ପ୍ରମୁଖ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକର ୧୦ଟି ହାଇସ୍କୁଲରୁ ପ୍ରାୟ ୧୦୦ଜଣ ଛାତ୍ରୀଛାତ୍ର ଚିତ୍ରାଙ୍କନ, ତର୍କ, କଣ୍ଠ ସଙ୍ଗୀତ, ଗଳ୍ପଲିଖନ, ଏକକ ଅଭିନୟ, ଏକକ ନୃତ୍ୟ, କୁଇଜ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶିକ୍ଷକ ଧ୍ରୁବଚରଣ ଦେବତାଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ଶଙ୍କରା ସରପଞ୍ଚ ଅଶୋକ ପୃଷ୍ଟି, ମୁଖ୍ୟବକ୍ତା ପୂର୍ବତନ ଜିଲା ସମ୍ପାଦକ(ଓଷ୍ଟା) ପ୍ରମୋଦ ପଣ୍ଡା, ସମ୍ମାନିତ ଅତିଥି ଶଙ୍କରାହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବାଶିଷ ମହାରଣା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୀନବନ୍ଧୁ ନାୟକ, ଶଶୀଭୂଷଣ ଶତପଥୀ, ନୀଳାଞ୍ଚଳ ମେହେର ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଓଷ୍ଟା ବ୍ଲକ ସମ୍ପାଦକ ବନମାଳୀ ପଣ୍ଡା, ବିବରଣୀ ପଠନ, ଜିଲା ସମ୍ପାଦକ ସୁଶୀଲ ବିଶି ଅତିଥି ପରିଚୟ, ରାଜ୍ୟ ପରିଷଦ ସଭ୍ୟ ପବିତ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ଜାନୁୟାରୀ ୨୧ ରେ ସୋନପୁରଠାରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସହସ୍ରାଂସୁ ପଣ୍ଡା, ସ୍ୱତୀ ସାହୁ, ଦୀପା ସାହୁ, ପ୍ରିୟଙ୍କା ବିଶି, ଲିଜା ବାଗ, ପ୍ରୀତି ସୁନା, ବର୍ଷାରାଣୀ ମେହେର, ପିଙ୍କି ମୁଣ୍ଡା, ଦୀପ୍ତିମୟୀ ନାଏକ, ସୁରେଖ ପୁଟେଲ ଭାଗ ନେବେ ବୋଲି ଜଣାପଡିଛି।

# କ୍ରୀଡ଼ା ସମାରୋହ

**ବାଉଁଶୁଣୀ, ୧୫।୧୨ (ଦେବାଶିଷ ନେପାକ)**

ବୌଦ୍ଧର ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆଠାରେ ଶନିବାର ୮ଟି ସରସ୍ୱତୀ ଶିଶୁ ମନ୍ଦିରର କ୍ରୀଡ଼ା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଉଁଶୁଣୀ ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ କାର୍ତ୍ତିକେଶର ବେହେରା, ଦଶରଥ ମେହେର, ଶ୍ରୀବତ୍ସ ମିଶ୍ର, ଚିତ୍ତରଞ୍ଜନ ମେହେର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ୧୭୨ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବୌଦ୍ଧ ସଙ୍କୁଳ କ୍ରୀଡା ପ୍ରମୁଖ ଭିକାରୀ ପାତ୍ରଙ୍କ ତତ୍ତ୍ୱାବଧାନରେ ୧୬ଜଣ ଆଚାର୍ଯ୍ୟା ଆଚାର୍ଯ୍ୟ ପରିଚାଳନା କରିଥିଲେ। ସଭାପତି ପ୍ରଭାସ ରଥଙ୍କ ଅଧକ୍ଷତାରେ ସମାରୋହ ହୋଇଥିଲା। ବୌଦ୍ଧ ଶିଶୁ ବିଦ୍ୟା ମନ୍ଦିରର ଆଚାର୍ଯ୍ୟ ଅଶୋକ କୁମାର ପୁରୋହିତ ସଂଯୋଜନା କରିଥିଲେ। ବାଉଁଶୁଣୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦଧିବାବନ ରଣା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ସୁନିଲ ବାରିକ ଧନ୍ୟବାଦ ଦେଇଥିଲେ ।

## ଓଷ୍ଟାର ବ୍ଲକସ୍ତରୀୟ ଶିଶୁ ଉତ୍ସବ

# ପ୍ରତିଭାର ବିକାଶ ପାଇଁ ପ୍ରୟାସ ଜରୁରୀ



ବ୍ଲକସ୍ତରୀୟ ଶିଶୁ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଅମରପାଲି, ୧୫।୧୨ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଗଣପତି ଆଦର୍ଶ ଶିକ୍ଷା ନିକେତନ ପରିସରରେ ଓଷ୍ଟାର ବ୍ଲକସ୍ତରୀୟ ଶିଶୁ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ସଭାପତି ଚନ୍ଦ୍ରମଣି ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷାଧିକାରୀ ଶାନ୍ତନୁ କୁମ୍ଭକାର ଯୋଗଦେଇଥିଲେ। ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ସମାଜସେବୀ ବିବସ୍ୱତି ପଣ୍ଡା, ଖଣ୍ଡହତା ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆଖୋଜ ପଧାନ, ଜଟେସିଂହା ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିପୁରାର ରଥ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଭୂଷଣ କୁମାର ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ନିଜ ବକ୍ତବ୍ୟରେ ପ୍ରତିଭାର ବିକାଶ ପାଇଁ ଅନବରତ ପ୍ରୟାସ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସଂଘ ସମ୍ପାଦକ କେନଝିରିଆପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଗଣପତି ଆଦର୍ଶ ଶିକ୍ଷା ନିକେତନ ପ୍ରଧାନ ଶିକ୍ଷକ ଶାନ୍ତନୁ ମହାକୁର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ବ୍ୟୋମକେଶ ପଣ୍ଡା ସଭା ପରିଚାଳନ କରିଥିବା ବେଳେ ଶିକ୍ଷକ ଦାଶରଥି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ହାଇସ୍କୁଲରୁ ୧୫୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, କୁଇଜ, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ, କବିତା, ଗଳ୍ପ ଆବୃତ୍ତି, ଏକକ ଅଭିନୟ, ଏକକ ନୃତ୍ୟ, କଣ୍ଠ ସଙ୍ଗୀତ, ସାଧାରଣ ଜ୍ଞାନ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀ ତର୍କରେ ନନ୍ଦିନୀ ମେହେର, କୁଇଜରେ ଶେଖର ଚନ୍ଦ୍ର ଗଡତିଆ, ଚିତ୍ରାଙ୍କନରେ ଶେଶଦେବ ମେହେର, ଗଳ୍ପ ଲିଖନରେ ଆରତୀ ବିଶ୍ୱାଳ, ଏକକ ନୃତ୍ୟରେ ବିଶ୍ୱଶ୍ରି ବିଶଭାରତୀ ବାଦୀ, କବିତା ଆବୃତ୍ତିରେ ପଦ୍ମଲୋଚନ ମେହେର, ଏକକ ଅଭିନୟରେ ଅର୍ଚ୍ଚନା ରାଉଳ, କଣ୍ଠ ସଙ୍ଗୀତରେ ପାୟଲ ବାଦି, ସାଧାରଣ ଜ୍ଞାନରେ ଆଲିଶା ଖଣ୍ଡଗିରି ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା ଅତିଥିଭାବେ ଯୋଗଦେଇ ପୁରସ୍କୃତ କରିଥିଲେ । ସମସ୍ତ କୃତୀ ପ୍ରତିଯୋଗୀ ଆସନ୍ତା ୨୧ ତାରିଖରେ ସୋନପୁରଠାରେ ଆୟୋଜିତ ଜିଲାସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ଓଷ୍ଟା ତରଫରୁ ସୂଚନା ଦିଆଯାଇଛି।

# ଜଳନ୍ଧର-ବୃନ୍ଦାବତୀ ବିବାହ



ରାଜ ଦରବାରରେ ଜଳନ୍ଧର ମହାରାଜ।

**ଡୁଙ୍ଗୁରିପାଲି, ୧୫।୧୨ (ଦୀନବନ୍ଧୁ ସୁନା)**

## ଚିନାପୁରୀରେ ଆଞ୍ଚଳିକ ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ଜଳନ୍ଧର ଦରବାର

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଖୁଣ୍ଟପାଲି ପଞ୍ଚାୟତ ଚିନାପୁରୀଠାରେ ଚାଲିଥିବା ଆଞ୍ଚଳିକ ମହାଲକ୍ଷ୍ମୀ ପୂଜା ଅବସରରେ ଆୟୋଜିତ ଜଳନ୍ଧର ଦରବାରର ଶନିବାର ଥିଲା ତୃତୀୟ ରଜନୀ। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ଜଳନ୍ଧର ମହାରାଜ ଓ ବୃନ୍ଦାବତୀଙ୍କ ବିବାହ ଦୃଶ୍ୟ ପରିବେଷଣ ହୋଇଥିଲା। ଦରବାରରେ ରାଜ ଅତିଥିଭାବେ ପବିତ୍ରମୋହନ ପାଣ୍ଡିଆ, ଦୀନବନ୍ଧୁ ସୁନା, ମହାଦେବ ଗଡତିଆ, ସୁଦାମ ସାହୁ, ପ୍ରକାଶ ହାତୀ ଯୋଗଦେଇ ଆଞ୍ଚଳିକ ମହାଲକ୍ଷ୍ମୀ ପୂଜା ଆଗକୁ କିପରି ଆହୁରି ପ୍ରଚାର ପ୍ରସାର ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ମହାଲକ୍ଷ୍ମୀ ପୂଜା କମିଟି ସଭାପତି ନୀତେଇ ପାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବେଣୁଧର ସୁନା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ରାଜ ଅତିଥିମାନଙ୍କୁ କମିଟି ସମ୍ପାଦକ ନୀଳାମ୍ବର ସୁନା, ହିରୁତ ପାଲ, ସୁଧାକର ପାଲ, ଖଗେଶ୍ୱର ପାଲ, ରଶ୍ମିରଞ୍ଜନ ଛତର, ରୋହନ ସୁନା ସମ୍ବର୍ଦ୍ଧିତ କରିଥିଲେ। ରୁକ୍ମଣ ଦୀପ ଜଳନ୍ଧର ମହାରାଜ ଭୂମିକାରେ ଅଭିନୟ କରୁଛନ୍ତି। ଦରବାରରେ ଆଲବମ କଳାକାରଙ୍କ ନୃତ୍ୟ ପରିବେଷଣ ସହ ମୀନା ବଜାର, ଶିଶୁଦୋଳି, ଦଣ୍ଡନୃତ୍ୟର ମଜା ଉଠାଉଛନ୍ତି ଦର୍ଶକ। ତୃତୀୟ ବର୍ଷରେ ପଦାର୍ପଣ କରିଥିବା ମହାଲକ୍ଷ୍ମୀ ପୂଜା ସୋମବାର ଉଦ୍‌ଯାପିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। କମିଟି ଉପସଭାପତି ରଘୁମଣୀ ନାଏକ, ସହସମ୍ପାଦକ ଭୋଳାନାଥ ପାଲ ପ୍ରମୁଖ ଉପସ୍ଥିତ ଥିଲେ।

## ମାହେଶ୍ୱରୀ କ୍ରିକେଟ: ଆଇଁଲାସାରି ଚାମ୍ପିୟନ

**ବିନିକା, ୧୫।୧୨ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଗୁଲୁଣ୍ଡା ଗ୍ରାମ ଖେଳ ପଡିଆରେ ମାହେଶ୍ୱରୀ କ୍ଲବ ଆନୁକୂଲ୍ୟରେ ଗତ ୫ଦିନ ଧରି ଚାଲିଥିବା ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ମହୁଲପାଲି ଓ ଆଇଁଲାସାରି ମଧ୍ୟରେ ହୋଇଥିଲା। ୪ ଓଭର ବିଶିଷ୍ଟ ଖେଳରେ ଆଇଁଲାସାରି ଦଳ ୪୦ରନର ଟାର୍ଗେଟ ଦେଇଥିଲେ। ଜବାବରେ ମହୁଲପାଲି ଦଳ ଆବଶ୍ୟକ ରନ ସଂଗ୍ରହ କରି ନ ପାରି ପରାଜିତ ହୋଇଥିଲା। ପୁରଷ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାଜପା ନଗର ସଭାପତି ଭୁବନେଶ୍ୱର ପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ ସାମାଜିକ କର୍ମୀ ରାମ ଗୋପାଳ ବାଘ, ପୂର୍ଣ୍ଣଚନ୍ଦ୍ର ମେହେର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବେଷ୍ଟ ସିକ୍ସର ଓ ବେଷ୍ଟ ବ୍ୟାଟସମ୍ୟାନ ଦୟା ସୁନା, ବେଷ୍ଟ ବୋଲର ହିମାଂଶୁ ଅଦାବର, ମ୍ୟାନ ଅଫ ଦ ଫାଇନାଲ ଟୁନା ପଧାନ ବିବେଚିତ ହୋଇଥିଲେ।

# କଳାପଥର ଜୁନିୟର କଲେଜର ବାର୍ଷିକ କ୍ରୀଡ଼ା

**ଅମରପାଲି, ୧୫।୧୨ (ପୀତାମ୍ବର ସାହୁ)**

## ସଙ୍ଗୀତା ବାଳିକା, ପ୍ରୀତମ ଓ ସାହିଲ ବାଳକ ଚାମ୍ପିୟନ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥରସ୍ଥିତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପଣ୍ଡିଆପାଲି ଶହୀଦ ବିଭୀଷଣ ସାହୁ ଖେଳ ପଡିଆରେ ଅନୁଷ୍ଠିତ ହେଇଯାଇଛି। ମା' ରାମଚଣ୍ଡୀ ମନ୍ଦିରରୁ ମଶାଲକୁ ଶୋଭାଯାତ୍ରାରେ ଖେଳପଡିଆ ନିଆଯାଇଥିଲା। ଅଧ୍ୟାପକ କିଶୋର କୁମାର ସାହୁ ଉତ୍ସବର ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଳାପଥର ଗ୍ରାମ ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟକାନ୍ତି ମେହେର ମୁଖ୍ୟଅତିଥି, ଅନୁଷ୍ଠାନର ପୂର୍ବତନ ସମ୍ପାଦକ ଦାଶରଥି ପଧାନ, ଗିରିଧାରୀ ମହାକୁର, ସମିତି ସଭ୍ୟ ରବିଶ୍ଚନ୍ଦ୍ର ମହାକୁର ସମ୍ମାନୀତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ର ଓ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। କଲେଜ ଅଧକ୍ଷ ଶ୍ରୀକାନ୍ତ ପଧାନ ଏହି କ୍ରୀଡା ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ସଭାପତିତ୍ୱ କରି ଶୃଙ୍ଖଳାଗତ କ୍ରୀଡା ସଦ୍‌ଭାବନା ଓ ଏକତା ସୃଷ୍ଟି କରିବାର ଉତ୍କୃଷ୍ଟ ମାଧମ ବୋଲି କହିବା ସହ ଶିକ୍ଷାନୁଷ୍ଠାନର ପ୍ରଥମ ସ୍ତମ୍ଭ ଛାତ୍ରୀଛାତ୍ରମାନେ ଚାହିଁଲେ ଓ କଠିନ ପରିଶ୍ରମ ବଳରେ ନିଶ୍ଚିତ ଜଣେ ଶ୍ରେଷ୍ଠ ଖେଳାଳି ହେଇପାରିବେ ବୋଲି କହିଥିଲେ। ଖେଳଶିକ୍ଷକ ଶିବବ୍ରତ କର୍ଣ୍ଣ ଓ ସୁକାନ୍ତ ମହାକୁରଙ୍କ ତତ୍ତ୍ୱାବଧାନରେ ୧୯ ଟି ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ବାଳିକା ବିଭାଗରେ ସଙ୍ଗତା ବଗର୍ତ୍ତୀ ଓ ବାଳକ ବିଭାଗରେ ପ୍ରିତମ ମେହେର ଏବଂ ସାହିଲ ସେଠୀ ଯୁଗ୍ମ ଚାମ୍ପିୟନ ହେଇଥିଲେ। ଅଧ୍ୟାପିକା ପ୍ରତିମା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଦେବଜାନୀ ମେଶୁଆ, ସଞ୍ଜୟ କର୍ଣ୍ଣ, ଶାନ୍ତନୁ ପଧାନ, ବସୁଦେବ ରଣା, ବିପିନ କଲତା, ବିଷ୍ଣୁ ଚରଣ ବେହେରା, ଶଶାଙ୍କ ସୁଆର, ବିଷ୍ଣୁପ୍ରିୟା ମିଶ୍ର, ବ୍ରଜକିଶୋର ମହାକୁର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଅଷ୍ଟମ ଗଡ଼ଜାତ ଲୋକ ମହୋତ୍ସବ ଉଦ୍‌ଘାଟିତ



ଉଦ୍‌ଘାଟନ ସଭାରେ ଯୋଗ ଦେଇଥିବା ଅତିଥି ।



ମହୋତ୍ସବ ଅବସରରେ ପରିବେଷିତ ସମ୍ବଲପୁରୀ ନୃତ୍ୟ।

**ହରଭଙ୍ଗା, ୧୫।୧୨ (ନରେନ୍ଦ୍ର କୁମାର ସାହୁ)**

- ଶୋଭାଯାତ୍ରାରେ ସାମିଲ ହେଲେ ଶତାଧିକ କଳାକାର
- ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ

କଳା ଓ ସଂସ୍କୃତିର ମହାମିଳନ ଗଡଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ରବିବାର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିରନରସିଂହପୁରସ୍ଥିତ ସାଧୁଚରଣ ଉଚ୍ଚ ବିଦ୍ୟାଳୟର ଖେଳପଡିଆଠାରେ ଉଦ୍‌ଘାଟିତ ହୋଇଛି। ଏହି ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଚଳିତବର୍ଷ ଅଷ୍ଟମ ବର୍ଷରେ ପହଞ୍ଚିଛି। ଉଦ୍‌ଘାଟନ ଦିନ ଅପରାହ୍ନରେ ବିରାମଚନ୍ଦ୍ରପୁର ସୁବର୍ଣ୍ଣେଶ୍ୱର ଶିବ ମନ୍ଦିରଠାରୁ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିବା ସହ ମହୋତ୍ସବ ପଡିଆରେ ପହଞ୍ଚିଥିଲା। ସାଂସ୍କୃତିକ ଶୋଭାଯାତ୍ରାରେ ଦଣ୍ଡ ନୃତ୍ୟ, କୃଷ୍ଣଗୁରୁ, ସଂକୀର୍ତ୍ତନ, ଢୋଲ ନିଶାନ, ଦୁଲଦୁଲି, ଘଣ୍ଟବାଦ୍ୟ ଆଦି ସାମିଲ ଥିଲା। ଶତାଧିକ କଳାକାର ବିଭିନ୍ନ ପାରମ୍ପରିକ ବେଶରେ ସଜ୍ଜିତ ହୋଇ ବିଭିନ୍ନ ନାଚ କରି ଓ ଗୀତ ଗାଇ ଆଗେ ଆଗେ ମହୋତ୍ସବ ପଡିଆକୁ ଯାଇଥିଲେ। ଘଣ୍ଟବାଦ୍ୟରେ ସାଂସ୍କୃତିକ ଶୋଭାଯାତ୍ରା କମ୍ପି ଉଠିଥିଲା। ଶୋଭାଯାତ୍ରାରେ ସଚେତନ ନାଗରିକ ଓ ସ୍ଥାନୀୟ ବାସିନ୍ଦା ସାମିଲ ଥିଲେ। ଉଦ୍‌ଘାଟନ ସନ୍ଧ୍ୟାରେ ମହୋତ୍ସବ ପଡିଆରେ ଗଡ଼ଜାତ ଲୋକ ମହୋତ୍ସବ କମିଟିର ସଭାପତି ତଥା ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ହରଭଙ୍ଗା ବିଡିଓ ଶରତଚନ୍ଦ୍ର ସେଠୀ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବନୁ ରଣା ଯୋଗଦେଇ ମଞ୍ଚାସୀନ ଥିଲେ। ଅତିଥି ପରିଚୟ ବସନ୍ତ କୁମାର ସାହୁ କରିଥିଲେ। ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ମହୋତ୍ସବକୁ ଆକର୍ଷଣୀୟ କରିବାକୁ ପଲ୍ଲିଶ୍ରୀ ମେଳା, ମୀନାବଜାର, ଘର କରଣା ଓ ଖାଦ୍ୟଷ୍ଟଲ ଖୋଲାଯାଇଛି। ସାଂସ୍କୃତିକ ସନ୍ଧ୍ୟାରେ ଭୀମଭୋଇ କଳା ନିକେତନ ବୀରମହାରାଜପୁର, ବଜାଶାଲ ସାଂସ୍କୃତିକ ଅନୁଷ୍ଠାନ ବଲାଙ୍ଗୀର ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଗୀତିକାର କର୍ଣ୍ଣ ମହାନନ୍ଦ, ନୀଳିମା ମହାନ୍ତି , ସିନେ କଳାକାର ନିହାରିକା ଦାସ ଓ ଅଭିଜିତ ପାତ୍ର ଯୋଗ ଦେଇଥିଲେ। ପ୍ରବଳ ଶୀତ ସତ୍ତ୍ୱେ ମହୋତ୍ସବ ପଡିଆରେ ଲୋକଙ୍କ ଭିଡ ଜମିଥିଲା।


ବାର୍ଷିକ ଉତ୍ସବରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।

# ଆଦର୍ଶ ଶିକ୍ଷକଙ୍କ ଦ୍ୱାରା ଆଦର୍ଶ ଛାତ୍ର ଗଠନ ସମ୍ଭବ

କୁଆଁରମୁଣ୍ଡା,୧୫।୧୨(ମହେନ୍ଦ୍ର କୁମାର ସାହୁ)

ଆଦର୍ଶ ଶିକ୍ଷକଙ୍କ ଦ୍ୱାରା ଆଦର୍ଶ ଛାତ୍ର ଗଠନ ସମ୍ଭବ ହୋଇପାରିବ। ଜଣେ ଛାତ୍ର କିଭଳି ନିଜ ରୁଚି ଅନୁସାରେ ଶିକ୍ଷା ଗ୍ରହଣ କରିବ ସେଥିପାଇଁ ସରକାର ଜାତୀୟ ଶିକ୍ଷା ନୀତି ପ୍ରଚଳନ କରିବାକୁ ଯାଉଛନ୍ତି। ଶିକ୍ଷକ ବା ଆଚାର୍ଯ୍ୟମାନେ ଜାତୀୟ ଶିକ୍ଷା ନୀତିକୁ ଅନୁସରଣ କରିବାକୁ ରବିବାର କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏଥିରେ ମୁଖ୍ୟବକ୍ତାଭାବେ ରାଉରକେଲା ମ୍ୟୁନିସିପାଲ କଲେଜର ଅଧ୍ୟକ୍ଷ ଡ. ସନାତନ ପ୍ରଧାନ, ଶିଶୁ ମନ୍ଦିରର ସଭାପତି ସଞ୍ଜୀବ ପ୍ରତାପ ସିଂଦେଓ, ସମ୍ପାଦକ ଶିଶିର କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କୁଆଁରମୁଣ୍ଡା ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ବିଶ୍ୱମୋହିନୀ ନାଏକ ଶିଶୁ ମନ୍ଦିରର ବାର୍ଷିକ ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ବିଜୟ ମହାନ୍ତି, କଲ୍ୟାଣୀ ଦାସ ମଞ୍ଚ ପରିଚାଳନା କରିଥିଲା ବେଳେ ବିଦ୍ୟାଳୟ ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା ଶୈଳେଶ ତିୱାରୀ, ଦିଲ୍ଲୀପ ପଟେଲ, ହଳପାଣି ମାଝୀ, ଘନଶ୍ୟାମ ଦେବତା, ଜୀବନ ପ୍ରଦୀପ ଦାସ, ଶଙ୍କର ପୂଝାରୀ ପ୍ରମୁଖ ଉପସ୍ଥିତ ରହି ଏଥିରେ ସହାୟତା କରିଥିଲେ। ଏହି ଅବସରରେ କୁନିକୁନି ବିଦ୍ୟାର୍ଥୀମାନଙ୍କୁ ନେଇ ନୃତ୍ୟ,ସଙ୍ଗୀତ ଓ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।



କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରର ୨୯ତମ ବାର୍ଷିକୋତ୍ସବରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଉଦ୍‌ବୋଧନ ଦେଉଛନ୍ତି।

# ଲୋକକଳା,ସଂସ୍କୃତି ବଞ୍ଚାଇବା ପାଇଁ ଉଦ୍ୟମ ଆବଶ୍ୟକ

ଲହୁଣୀପଡା,୧୫।୧୨(ଦାଶରଥି ପଣ୍ଡା)

## ଆଖଣ୍ଡଳମଣି କଳାସଂସ୍କୃତି ସଂଘର ବାର୍ଷିକ ଉତ୍ସବ

ସୁନ୍ଦରଗଡ ଜିଲ୍ଲା ଲହୁଣୀପଡା ବ୍ଲକ ଖୁଣ୍ଟଗାଁ ସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିର ପରିସରରେ ରବିବାର ବାବା ଆଖଣ୍ଡଳମଣି ଆଞ୍ଚଳିକ କଳା ସଂସ୍କୃତି ସଂଘର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ମୁଖ୍ୟ ବକ୍ତାଭାବେ ବଣେଇ ଭାଜପା ଜିଲା ସଭାପତି ମନୋଜ କୁମାର ପ୍ରଧାନ, ସମ୍ମାନିତ ଅତିଥି ଜିଲାପରିଷଦ ସଦସ୍ୟା ସୁଶିଳା ନାୟକ, ଇଂ. ସିଦ୍ଧାନ୍ତ କୁମାର, ଗୌତମ ବାରିକ, କେନ୍ଦ୍ରିକଳା ପଞ୍ଚାୟତ ସରପଞ୍ଚ ଉଗ୍ରେସନ କିସାନ, ଅଭିରାମ ମହାକୁଳ, କୁମାର ଗୌତମ ବାରିକ, ବିଶିଷ୍ଟ ପାଲା ଗାୟିକା ପ୍ରଫୁଲା ପଲେଇ ଯୋଗଦେଇଥିଲେ। ଶୁକଦେବ ପଲେଇଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଭୁବନାନନ୍ଦ କିସାନ ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ କଳାକାରମାନେ ମିଳିତଭାବେ ଅତିଥିମାନଙ୍କୁ ମଞ୍ଚ ଉପରକୁ ପାଛୋଟି ନେଇଥିଲେ। ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିବା ପରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଥିବା ଲୋକ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସବୁସ୍ତରରୁ ଉଦ୍ୟମ ଜାରି ରହିବା ଆବଶ୍ୟକ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ଶେଷରେ ହୃଦୟ ନାଥବଗର୍ତି ଧନ୍ୟବାଦ ଅର୍ପଣ କରିଥିଲେ। ହୃଦାନନ୍ଦ ବେହେରା ଓ ଇନ୍ଦିରା ବୋଡାଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବାର୍ଷିକ ଉତ୍ସବ ପାଳନ ଅବସରରେ ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଆଦିବାସୀ, କୃଷ୍ଣଗୁରୁ, ସମ୍ପର୍ଦା, ଝୁମର, ମୁଣ୍ଡା, କିସାନ, ଓରାମ, ଦୁଲଦୁଲି, କୀର୍ତ୍ତନ, ଚାଙ୍ଗୁ ଆଦି ପ୍ରାୟ୫୦ରୁ ଉର୍ଦ୍ଧ୍ୱ ଦଳ ଅଂଶଗ୍ରହଣ କରି କଳା ପ୍ରଦର୍ଶନ କରିଥିଲେ। ରସାନନ୍ଦ ଧରୁଆ, ବିନୋଦ ଦାସ, ବିଷ୍ଣୁ ନାଏକ, ସମନାଥ ମୁଣ୍ଡାରୀ, ଯୁଗଳ କିଶୋର ନାଏକ, ହରେକୃଷ୍ଣ ନାଏକ, ପ୍ରହ୍ଲାଦ ଛଦିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ କଳାକାର ଓ କଳାପ୍ରେମୀମାନେ ଉପସ୍ଥିତ ଥିଲେ।

# ରାଜଗାଙ୍ଗପୁର ସହରରେ ପୁଣି ଦନ୍ତା


ସହରରେ ଦନ୍ତା ବୁଲୁଛି।

ରାଜଗାଙ୍ଗପୁର,୧୫।୧୨ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ କିଛି ମାସ ପୂର୍ବେ ଏକ ଦନ୍ତା ହାତୀ ପଶି ଆତଙ୍କ ସୃଷ୍ଟି କରିଥିଲା। ପୁଣି ରବିବାର ରାତି ପ୍ରାୟ ୮ଟା ସମୟରେ ଏକ ଦନ୍ତା ହାତୀ ରାଜଗାଙ୍ଗପୁର ବ୍ଲକରେ ଥିବା ମାଲିଡିହି ଡୁଡି ଜଙ୍ଗଲ ପଟୁ ସହରର ବିଭିନ୍ନ ସ୍ଥାନଦେଇ ରାଣୀବନ୍ଧ ୱାର୍ଡ ନଂ. ୧୪ରେ ପହଞ୍ଚି ଲୋକଙ୍କୁ ଆତଙ୍କିତ କରିଛି। ରାଜଗାଙ୍ଗପୁର ବନ ବିଭାଗ ଦନ୍ତାକୁ ଘଉଡାଇ ଜନବସତିରୁ ବାହାରକୁ ନେବା ପାଇଁ ପ୍ରୟାସ ଜାରି ରଖିଛି।

# ଲକ୍ଷେଘର ସମାଜର ସବ୍‌ଡେଗା ବ୍ଲକ କମିଟି ଗଠିତ


ଲକ୍ଷେଘର ସମାଜର କର୍ମକର୍ତ୍ତା।

ସୁନ୍ଦରଗଡ,୧୫।୧୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଲକ୍ଷେଘର ସମାଜ ସଭାପତି ପ୍ରଫୁଲ୍ଲ ସୁନ୍ୟାନିଙ୍କ ତତ୍ତ୍ୱାବଧାନରେ ସବଡେଗା ଗ୍ରାମ ନେତାଜୀ କ୍ଲବ ପରିସରରେ ରବିବାର ସବ୍‌ଡେଗା ଲକ୍ଷେଘର ସମାଜ ବ୍ଲକ କମିଟି ଗଠନ କରାଯାଇଛି। ଏଥିରେ ସବ୍‌ଡେଗା ବ୍ଲକ ସଭାପତି ଭାବେ ଭାସ୍କର ଜୟପୁରିଆ ନିର୍ବାଚିତ ହୋଇଛନ୍ତି। ଭବାନୀ କାନ୍ତ ଆର୍ଗେଲ ଓ ଯୋଗେନ୍ଦ୍ର ଆର୍ଗେଲ ଉପସଭାପତି, ଭାଗରଥି ତନ୍ତୀ ସାଧାରଣ ସମ୍ପାଦକ, ମଙ୍ଗଲୁ ତାଣ୍ଡିଆ ଓ ସଞ୍ଜୀବ ତାୟନ ଯୁଗ୍ମ ସମ୍ପାଦକ, ଅଶୋକ ସୁହୁରା କୋଷାଧ୍ୟକ୍ଷଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସଂଗଠନର ମହିଳା ସଭାପତିଭାବେ ରଙ୍ଗବତୀ ତନ୍ତୀ, ସାଧାରଣ ସମ୍ପାଦିକା ସବିତା ଗର୍ଡିଆ, ଯୁଗ୍ମ ସମ୍ପାଦିକା ସୁଲୋଚନା ଗର୍ଡିଆ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ସୁମନ କରିଆଲି, ଉଗ୍ରସେନ ସୁନ୍ୟାନି, ବିନୋଦ ସୁହୁରା, ଜଗନ ଗନ୍ଧା, ଗୁଲବଦନ ଜୟପୁରିଆ, କେଶବ ଗନିହାର, ଲକ୍ଷ୍ମୀ ବାଦୀ, ଦଶରୁ ସୁହୁରା, ସୁମିତ୍ରା ଗନିହାର, ଗୋମତୀ ଗନିହାର ଏବଂ ଅନ୍ୟ ପଦପଦବୀ ପାଇଁ ଅନେକ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଜିଲା କମିଟି ତରଫରୁ ଜିଲା ସଭାପତି ପ୍ରଫୁଲ୍ଲ ସୁନ୍ୟାନି, କାର୍ଯ୍ୟକାରୀ ସଭାପତି ବିଶ୍ୱମ୍ଭର ମହାନନ୍ଦିଆ, ଲବନିଧର ବାଗ, ସାଧାରଣ ସମ୍ପାଦକ ଲଲିନ୍ଦ୍ର ସିଂହ, ସୁନ୍ଦରଗଡ ନଗର ସଭାପତି ସୁନୀଲ ମହାନନ୍ଦିଆ, ସାଧାରଣ ସମ୍ପାଦକ ମହେଶ ତନ୍ତୀଙ୍କ ସହିତ ଅନେକ ପଞ୍ଚାୟତ ଓ ବ୍ଲକ ପଦାଧିକାରୀ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଜିଲା କାର୍ଯ୍ୟକାରୀ ସଭାପତି ବିଶ୍ୱମ୍ଭର ମହାନନ୍ଦିଆ ଆଗାମୀ ମହାସଭା ପାଇଁ କିପରି ପ୍ରସ୍ତୁତି କରାଯିବ ଓ ସଂଗଠନର ବ୍ୟକ୍ତି ବିଶେଷଙ୍କୁ କିପରି ଏକଜୁଟ କରାଯିବ ତାଙ୍କ ବକ୍ତବ୍ୟ ରଖିବା ସହିତ ସବ୍‌ଡେଗା ବ୍ଲକ ଜାତି ସମାଜର ସମସ୍ତ ଭଉଣୀଭାଇଙ୍କୁ କମିଟି ଗଠନର ସଫଳତା ପାଇଁ ଧନ୍ୟବାଦ ଜଣାଇଥିଲେ।

# ରାଜଗାଙ୍ଗପୁରରେ ବିଜୟ ଦିବସ ଶୋଭାଯାତ୍ରା

ରାଜଗାଙ୍ଗପୁର,୧୫।୧୨(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ରବିବାର ବିଜୟ ଦିବସ ବିଶ୍ୱ ହିନ୍ଦୁ ପରିଷଦ,ବଜରଙ୍ଗ ଦଳ ତଥା ଦୁର୍ଗା ବାହିନୀ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ରାଜଗାଙ୍ଗପୁର ଫୁଟବଲ ପଡ଼ିଆରେ ହଜାରରୁ ଊର୍ଦ୍ଧ୍ୱ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ,ଦୁର୍ଗା ବାହିନୀର ନେତୃବୃନ୍ଦ ଓ କର୍ମୀବୃନ୍ଦ ଏକତ୍ରିତ ହୋଇଥିଲେ। ରଥ ନିର୍ମାଣ କରାଯାଇ ରାମଚନ୍ଦ୍ର, ହନୁମାନଙ୍କ ମୂର୍ତ୍ତି ରଖାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ବିଭିନ୍ନ ମାଦଳ ଦଳ ସହ ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା। ଶୋଭାଯାତ୍ରାରେ ଲାଠିଖେଳ ସହ ବିଭିନ୍ନ ଧାର୍ମିକ ସ୍ଲୋଗାନ ଦିଆଯାଇଥିଲା। ଶୋଭାଯାତ୍ରା ସହର ପରିକ୍ରମଣ କରିବା ପରେ ଶେଷରେ ଲିପଲୋଇ ସମଲେଇ ମନ୍ଦିରରେ ଶେଷ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ସଭାପତି ରାଜେଶ ଶର୍ମା, ବଜରଙ୍ଗ ଦଳର ସଭାପତି ସନ୍ଦୀପ ଦାସ, ଦୁର୍ଗା ବାହିନୀର ସଭାପତି ପୂଜା କାସରେଲଙ୍କ ସହ ଦୌଲତ ଅଗ୍ରୱାଲ, ରାଜଗାଙ୍ଗପୁର ଭାଜପା ସଭାପତି ରାଜେନ ସୋନି, ନରସିଂହ ମିଞ୍ଜ ପ୍ରମୁଖଙ୍କ ସହ ଅନ୍ୟ ନେତୃବୃନ୍ଦ ଓ କର୍ମୀବୃନ୍ଦ ଉପସ୍ଥିତ ଥିଲେ।


ବିଜୟ ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା।

# କୋଇଡ଼ା ଖଣି ଅଞ୍ଚଳରେ ବରଫ ବର୍ଷା

ଟେନସା,୧୫।୧୨(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ଅଞ୍ଚଳରେ ଶନିବାର ରାତିରେ ତୁଷାରପାତ ହୋଇଛି। ଟେନ୍‌ସା ନିକଟ ଜିରୋ ପଏଣ୍ଟ, କୋଇଡ଼ାର କେତେକ ସ୍ଥାନ, କାଲ୍‌ଟା ଆଦିଠାରେ ତୁଷାରପାତ ହୋଇଥିଲା। ବରଫବର୍ଷା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜିରୋ ପଏଣ୍ଟର ତାପମାତ୍ରା ୨ଡିଗ୍ରୀ ଥିବା ବେଳେ ତନ୍ତରା ନିକଟ ଜିନ୍ଦଲର ତାପମାତ୍ରା ୫ଡିଗ୍ରୀ, ଟେନ୍‌ସାରେ ୭ଡିଗ୍ରୀ, କୋଇଡ଼ାର ବିଭିନ୍ନ ସ୍ଥାନରେ ପାରଦ ୭ ଡିଗ୍ରୀ ତଳେ ରହିଥିବା ଦେଖିବାକୁ ମିଳିଛି। ହାଡ଼ଭଙ୍ଗା ଶୀତ ଯୋଗୁ ସନ୍ଧ୍ୟା ୭ଟା ପରେ ରାସ୍ତାଘାଟ ଶୂନ୍‌ଶାନ ହୋଇପଡୁଛି।


ବରଫ ବର୍ଷାର ଦୃଶ୍ୟ।

# ୫୯ ଭାରିଯାନରୁ ୧.୪୦ ଲକ୍ଷ ଜରିମାନା ଆଦାୟ

କୁଆଁରମୁଣ୍ଡା,୧୫।୧୨(ମହେନ୍ଦ୍ର କୁମାର ସାହୁ)

## ରାଜପଥ ଉପରେ ବେଆଇନ ପାର୍କିଂ

୧୪୩ ନମ୍ବର ଜାତୀୟ ରାଜପଥର ଯମୁନାନାକି ନିକଟରେ ବେଆଇନ ପାର୍କିଂ କରୁଥିବା ଭାରିଯାନଗୁଡ଼ିକ ଉପରେ ଗୁରୁବାର ଓ ଶୁକ୍ରବାର ୨ଦିନ ଧରି କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଚଢ଼ାଉକରି ଜରିମାନା ଆଦାୟ କରିଛି। ଗୁରୁବାର ୪୦ଟି ଭାରିଯାନରୁ ୯୫ ହଜାର ଓ ଶୁକ୍ରବାର ୧୯ଟି ଭାରିଯାନରୁ ୪୫ ହଜାର ଜରିମାନା ଆଦାୟ ହୋଇଛି। ମୋଟ ୧ଲକ୍ଷ ୪୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଚଢ଼ାଉ ଫାଣ୍ଡି ଅଧିକାରୀ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ପୋଲିସ ଟିମ୍ ଦ୍ୱାରା ହୋଇଥିଲା। ଅନ୍ୟପକ୍ଷରେ ୨ଦିନ ଧରି ଚଢ଼ାଉହେବା ଯୋଗୁ ଭାରିଯାନ ଚାଳକମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଫଳରେ ଶନିବାର ଯମୁନାନାକିଠାରେ ରାଜପଥ ଉପରେ ଭାରିଯାନଗୁଡ଼ିକର ବେଆଇନ ପାର୍କିଂ ଦେଖାଯାଇନାହିଁ।

# ବନ୍ଧମୁଣ୍ଡା ଥାନାରେ ରକ୍ତଦାନ ଶିବିର

ବନ୍ଧମୁଣ୍ଡା,୧୫।୧୨(ସୁବ୍ରତ ଦେ)

ବନ୍ଧମୁଣ୍ଡା ପୋଲିସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ରାଉରକେଲା ସରକାରୀ ରକ୍ତ ଭଣ୍ଡାର କେନ୍ଦ୍ର ସହଯୋଗରେ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ଜୋନାଲ ଡିଏସ୍‌ପି ନିର୍ମଳ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ରାଇମ ଡିଏସ୍‌ପି ସୁଚୀସ୍ମିତା ଦାସ ଏବଂ ଡିଏସ୍‌ପି ପୁଷ୍ପାଞ୍ଜଳି ନେଙ୍ଗି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଶିବିରରେ ୩୨ ଜଣ ବ୍ୟକ୍ତି ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିଥିଲେ। ଡିଏସ୍‌ପି ମହାପାତ୍ର କହିଛନ୍ତି, ରକ୍ତର କୌଣସି ବିକଳ୍ପ ନାହିଁ। ରକ୍ତଦାନ ଅଭିଯାନରେ ଯୁବ ବର୍ଗ ଅଂଶଗ୍ରହଣ ନିଶ୍ଚିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀ କହିଛନ୍ତି, ରକ୍ତ ଦାନ ମହତ ଦାନ। ରକ୍ତ ଦାନ ଶରୀରକୁ ନୂଆ ଶକ୍ତି ଯୋଗେଇ ଦେଇଥାଏ। ଏହି ଶିବିର ଆୟୋଜନରେ ବନ୍ଧମୁଣ୍ଡା ଥାନାର ସୌମ୍ୟରଞ୍ଜନ ଗିରି, ମନସା ସାହୁ, ଗିରିଜା ନନ୍ଦିନୀ ଗାର୍ଡିଆ, ଶ୍ରୀନିବାସ ସେଠୀଙ୍କ ସମେତ ଅନ୍ୟ ପୋଲିସ କର୍ମୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।


ସୁନ୍ଦରଗଡ ଜିଲ୍ଲା ଟେନସା ମାର୍କେଟରେ ଲୋକେ ହାଡଭଙ୍ଗା ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ଜାଳି ଠିଆ ହୋଇଛନ୍ତି।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ରାଉରକେଲା,୧୫।୧୨(ସଙ୍ଗୀତା ଜେନା)

ଉଦିତ ନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳରେ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଉଛନ୍ତି ବେଦବ୍ୟାସ ଅଞ୍ଚଳର ଅମୃତ ଅଗ୍ରୱାଲ। ପୋଲିସ ଏକ ମାମଲା (ନଂ.୪୩୩/୨୪)ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ପୀଡ଼ିତାଙ୍କ ଘରେ ପଶି ଆକ୍ରମଣ କରିବା ସହ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ପୀଡ଼ିତା ଏ ନେଇ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ମାମଲା ରୁଜୁ ହେବା ପରେ ଶନିବାର ଅଭିଯୁକ୍ତ ପୀଡ଼ିତାଙ୍କୁ ପୁଣି ଆକ୍ରମଣ କରି ହତ୍ୟା ଧମକ ଦେଇଥିଲେ। ପୀଡ଼ିତାଙ୍କ ଠାରୁ ୧୦ ହଜାର ଟଙ୍କା ନେଇଯାଇଥିଲେ। ପରେ ତାଙ୍କ ଘରେ ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ଏ ନେଇ ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ୩ ଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ବନ୍ଧମୁଣ୍ଡା,୧୫।୧୨(ସୁବ୍ରତ ଦେ)

ବନ୍ଧମୁଣ୍ଡା ବି-ସେକ୍ଟରସ୍ଥିତ ଆର୍‌ପିଏଫ ସ୍ପୋର୍ଟସ ଗ୍ରାଉଣ୍ଡରେ ମିଳନ କ୍ଲବ ଏବଂ ଓସିୟନ କ୍ଲବ ପକ୍ଷରୁ ତିନି ଦିବସୀୟ ସାରନା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ରାଉରକେଲାର ପୂର୍ବତନ ନଗରପାଳ ନିହାର ରାୟ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ସାମାଜିକକର୍ମୀ ପରମଜିତ ସିଂ ସନ୍ଧୁ ଏବଂ ବିନ୍ଦର ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଶେରୁ ବ୍ରଦର୍ସ ଏବଂ ଲୋକୋ ବାରକାନିଙ୍କ ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ଶେରୁ ବ୍ରଦର୍ସ ଟିମ ଲୋକୋ ବାରକାନିକୁ ୧-୦ ଗୋଲରେ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଥିଲା। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ୧୭ ଡିସେମ୍ବରରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ଜନ ଭେଙ୍ଗ୍ରା, ରାହୁଲ କୁମାର, ମଙ୍ଗଲ ବାନ୍ଦ୍ରା, ରାଜକିଶୋର ସୋଏ, ମଞ୍ଜିତ ପ୍ରସାଦ, ସନ୍ତୋଷ ରାଓ, ଦିଲୀପ ଡେମଟା, ମନୋଜ କାର୍ତ୍ତନ, ରାଉତ ହୋନାଗା, ଅଭିଷେକ ସିଂ, ଦୁର୍ଗା ହାଁସଦା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


ଉପସ୍ଥିତ ଅତିଥିଙ୍କ ଗହଣରେ ଖେଳାଳି।

# ଭିନ୍ନକ୍ଷମଙ୍କ ବିକାଶକୁ ପ୍ରାଥମିକତା ଦିଆଯାଉଛି: ମୁଖ୍ୟମନ୍ତ୍ରୀ

## ଭିନ୍ନକ୍ଷମଙ୍କୁ ଇ-ରିକ୍ସା, ସହାୟତା ଉପକରଣ ବାଣ୍ଟିଲେ

ସମ୍ବଲପୁର,୧୫।୧୨(ପ୍ରମୋଦ ବହିଦାର)

ଭିନ୍ନକ୍ଷମମାନଙ୍କ ସର୍ବାଙ୍ଗୀନ ଉନ୍ନତିପୂର୍ବକ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଏ ଦିଗରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରୁଛି। ସମ୍ପ୍ରତି ଭିନ୍ନକ୍ଷମମାନେ ସମାଜରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲକରି ସାଧାରଣ ବ୍ୟକ୍ତିଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ପ୍ରମାଣ କରିଛନ୍ତି। ସୁଯୋଗ ଓ ପ୍ରୋତ୍ସାହନ ମିଳିଲେ ସେମାନେ ବଡ଼ ସଫଳତା ହାସଲ କରିବାରେ ସକ୍ଷମ ହେବେ। ତେଣୁ ସେମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ସୁଯୋଗ ସୃଷ୍ଟିକରି ପ୍ରୋତ୍ସାହନ ଯୋଗାଇବା ଆମ ସମସ୍ତଙ୍କ ଦାୟିତ୍ୱ। ସମ୍ବଲପୁର ମନ୍ଦଲିଆ ପଡ଼ିଆରେ ରବିବାର ରାଜ୍ୟସ୍ତରୀୟ ଭିନ୍ନକ୍ଷମ ସମାବେଶରେ ଭିନ୍ନକ୍ଷମମାନଙ୍କୁ ଇ-ରିକ୍ସା ବଣ୍ଟନ ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ସମ୍ବଲପୁର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ପରେ ସମବେତ ଭିନ୍ନକ୍ଷମମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଆତ୍ମନିଯୁକ୍ତି ପାଇଁ ସବୁଜ ପତାକା ଦେଖାଇ ଇ-ରିକ୍ସା ବଣ୍ଟନର ଶୁଭାରମ୍ଭ କରିଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ ସବୁଜ ପତାକା ଦେଖାଇ ଇ-ରିକ୍ସା ବଣ୍ଟନର ଶୁଭାରମ୍ଭ କରୁଛନ୍ତି।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଶାରୀରିକ ଅକ୍ଷମତା ଏକ ମାନସିକ ସ୍ଥିତି। ଭିନ୍ନକ୍ଷମ ହେବା ଏକ ସମସ୍ୟା ନୁହେଁ, ବରଂ ସମସ୍ୟା ହେଉଛି ସମାଜର ଦୃଷ୍ଟିକୋଣ। ସେମାନେ ସମବେଦନାର ପାତ୍ର ନୁହନ୍ତି, ବରଂ ସମାଜରେ ସମ୍ମାନର ସହ ବଞ୍ଚିବାକୁ ଚାହାନ୍ତି। ସେମାନଙ୍କୁ ରୋଜଗାରକ୍ଷମ କରିବା ଲକ୍ଷ୍ୟରେ ରାଜ୍ୟର ବିଭିନ୍ନ ଜିଲାରେ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ଚିହ୍ନଟ କରି ଆତ୍ମନିଯୁକ୍ତି ପାଇଁ ଏଠାରେ ମହାନଦୀ କୋଇଲା ଲିମିଟେଡ୍(ଏମ୍‌ସିଏଲ୍) ସୌଜନ୍ୟରୁ ୫ଶହ ଭିନ୍ନକ୍ଷମଙ୍କୁ ବ୍ୟାଟେରିଚାଳିତ ଇ-ରିକ୍ସା ବଣ୍ଟନ କରାଯାଇଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ଭିନ୍ନକ୍ଷମମାନଙ୍କୁ କୃତ୍ରିମ ଅଙ୍ଗ ଓ ଅନ୍ୟାନ୍ୟ ସହାୟତା ଉପକରଣ ପ୍ରଦାନ କରାଯାଇଛି। ଭାଜପା ରାଜ୍ୟରେ ସରକାର ଗଠନ ପରେ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଛି। ଯେଉଁମାନେ ମୁଖ୍ୟମନ୍ତ୍ରୀ କିମ୍ବା ବିଭାଗୀୟ ମନ୍ତ୍ରୀଙ୍କୁ ସାକ୍ଷାତ୍ କରିବାରେ ଅସମର୍ଥ ହେଉଛନ୍ତି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି। ଏଠାରେ ପଞ୍ଜିକୃତ ସାଧାରଣ ଲୋକଙ୍କ ଅଭିଯୋଗ ଅନୁସାରେ ସେମାନଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା ଦିଆଯାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ଆତ୍ମନିଯୁକ୍ତି ପାଇଁ ଭିନ୍ନକ୍ଷମଙ୍କୁ ଇ-ରିକ୍ସା ପ୍ରଦାନ କରିଥିବା ଏମ୍‌ସିଏଲ୍ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଅନନ୍ତ ଉଦୟ କାଓଲେଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇବା ସହ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଉତ୍ତରାଞ୍ଚଳ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରାମାଶିଷ ତ୍ରିପାଠୀ ଓ ସୁଶ୍ରୀ ପାଣିଗ୍ରାହୀ ସଞ୍ଚାଳନ କରିଥିଲେ।

# ବିଆରଜି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା


ଅତିଥିମାନେ କୃତୀ କ୍ରୀଡାବିତ୍‌ମାନଙ୍କୁ ପୁରସ୍କୃତ କରୁଛନ୍ତି।

ଜମନକିରା,୧୫।୧୨(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁରସ୍ଥିତ ବିଆରଜି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥିଭାବେ ଡାକ୍ତର ଶରତ ଚନ୍ଦ୍ର ଦେହୁରୀ ଯୋଗଦେଇ ଶାରୀରିକ ଓ ମାନସିକସ୍ତରରେ ଖେଳର ଉପଯୋଗିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅଧ୍ୟକ୍ଷ ପ୍ରତାପ କୁମାର ମହାକୁଳ ତାଙ୍କ ବକ୍ତବ୍ୟରେ ଶରୀରକୁ ସୁସ୍ଥ ରଖିବାର ମାନସିକତା ନେଇ ଖେଳବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ତପନ କୁମାର ଜୟପୁରିଆ, ଘାସିରାମ ବାରିକଙ୍କ ତତ୍ତ୍ୱାବଧାନରେ ଏହି କ୍ରୀଡା ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ପରେ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶନିବାର ପ୍ରତିଯୋଗିତାକୁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ରଜତ ଦାସ ଉଦ୍‌ଘାଟନ କରିଥିଲେ। ଖେଳଶିକ୍ଷକ ଦେବେନ୍ଦ୍ର ନାଏକ କ୍ରୀଡା ପ୍ରତିଯୋଗିତାର ବିଭିନ୍ନ ବିଭାଗର କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ।

# ଉଚ୍ଚ ସର୍ଜନାତ୍ମକ ଚିନ୍ତନ ଭାରତକୁ ଆତ୍ମନିର୍ଭର କରିବ

## ସରକାରୀ ମହିଳା ମହାବିଦ୍ୟାଳୟରେ ଅତିରିକ୍ତ ବ୍ୟାଖ୍ୟାନମାଳା

ସମ୍ବଲପୁର,୧୫।୧୨(ବି.ଶଙ୍କର)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଅତିରିକ୍ତ ବ୍ୟାଖ୍ୟାନମାଳା ରବିବାର ଅନୁଷ୍ଠିତ ହୋଇଯାଇଛି । ଚାନ୍ଦିପୁରସ୍ଥିତ ଜାତୀୟ ପ୍ରତିରକ୍ଷା ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ବିଶିଷ୍ଟ ଯୁଦ୍ଧାସ୍ତ୍ର ମହାକାଶ ବିଜ୍ଞାନୀ ସୁବୋଧ କୁମାର ନାୟକ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। ଭାରତର ଗାଣତାନ୍ତ୍ରିକ ଶାସନ ପଦ୍ଧତି ହିଁ ଆଜି ତାଙ୍କୁ ଡିଆରଡିଏ ପିଏକ୍ସଇ ନିର୍ଦ୍ଦେଶକ ହେବାର ସୁଯୋଗ ଦେଇଛି। ଭାରତର ପ୍ରତିରକ୍ଷା ପ୍ରଣାଳୀ ଭାରତର ଗଣତନ୍ତ୍ରକୁ ସୁରକ୍ଷା ପ୍ରଦାନ କରିବାର ଦାୟିତ୍ୱ କିପରି ନିର୍ବାହ କରୁଛି ତାହା ଉପରେ ଆଲୋକପାତ କରିଥିଲେ। ଜ୍ୟୋତିର୍ବିଜ୍ଞାନର ଜନ୍ମଭୂମି ଭାରତ କେଉଁ କାଳରୁ ମହାକାଶ ଦ୍ୱାରା ଆକର୍ଷିତ ହୋଇ ଆସିଛି ଏବଂ ଆଜି ସମଗ୍ର ପୃଥିବୀରେ ମହାକାଶ ବିଜ୍ଞାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଆଜିର ଯୁବସମାଜ ଉଚ୍ଚଚିନ୍ତନ, ଆଗ୍ରହ, ଜିଜ୍ଞାସା, କଠୋର ପରିଶ୍ରମ, ଅଧ୍ୟବସାୟ ତଥା ସର୍ଜନାତ୍ମକ ଜ୍ଞାନକୌଶଳ ସହାୟତାରେ ଯେ କୌଣସି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ । ଆମେ ୨୦୪୭ ସୁଦ୍ଧା ବିକଶିତ ଓ ସମ୍ପୂର୍ଣ୍ଣ ଆତ୍ମନିର୍ଭର ହୋଇ ସାରିଥିବା ବୋଲି ଡ. ନାୟକ ଆଶାପୋଷଣ କରିଥିଲେ। ମହିଳାମାନଙ୍କର ଧୈର୍ଯ୍ୟ, ଅନୁସନ୍ଧିତ୍ସା, ପରିଚାଳନା ଦକ୍ଷତା ଓ ଅପୂର୍ବ ବୁଦ୍ଧିମତ୍ତା ଇତିମଧ୍ୟରେ ତାଙ୍କୁ ପ୍ରତିଷ୍ଠା ପ୍ରଦାନ କରିଛି। ଏଥିସହ ଛାତ୍ରୀମାନଙ୍କୁ ବୈଜ୍ଞାନିକ ମନୋଭାବ ବହନ କରିବାକୁ ସେ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏଭଳି ଜଣେ ପ୍ରଖ୍ୟାତ ମହାକାଶ ତଥା ଯୁଦ୍ଧାସ୍ତ୍ର ବିଜ୍ଞାନୀ ଛାତ୍ରୀମାନଙ୍କ ପ୍ରେରଣାର ଉତ୍ସ ବୋଲି କହିଥିଲେ । ଏହି ସଭାକୁ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଞ୍ଚାଳନ କରିଥିଲେ । ପ୍ରଫେସର ଭୋଜରାଜ ରୋହିଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ମୋନାଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ, ଛାତ୍ରୀ ଉପସ୍ଥିତ ଥିଲେ ।




# ଲରପଙ୍କ କପ୍ ଫୁଟବଲ: ମାଖନାପଡ଼ା ଚାମ୍ପିୟନ

ସମ୍ବଲପୁର,୧୫।୧୨(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ଲରପଙ୍କ ଅନ୍ଧରପାଟ ଯୁବକ ସଂଘ ଆୟୋଜିତ ଲରପଙ୍କ କପ ଫୁଟବଲ ଟୁର୍ନାମେଣ୍ଟ ରବିବାର ମାଷ୍ଟରପଡା ଫୁଟବଲ ପଡ଼ିଆରେ ଉଦ୍‌ଯାପିତ ହୋଇଥିବା । ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ପ୍ରଥମ ସେମି ଫାଇନାଲ ମ୍ୟାଚରେ ଜୁନିୟର ଏଫସି ଦଳକୁ ହରାଇ ରାଣୀବନ୍ଧ ଫାଇନାଲରେ ପ୍ରବେଶ କରିଥିଲା । ଦ୍ୱିତୀୟ ସେମିଫାଇନାଲରେ ଖୁଲିଆ ଦଳକୁ ହରାଇ ମାଖନାପଡା ଦଳ ଫାଇନାଲରେ ପହଞ୍ଚିଥିଲା। ଫାଇନାଲରେ ମାଖନପଡା ଦଳ ୧-୦ ଗୋଲରେ ରାନୀବନ୍ଧ ଦଳକୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି । ଟୁର୍ନାମେଣ୍ଟରେ ଏକ ପ୍ରଦର୍ଶନୀ ମହିଳା ଫୁଟବଲ ମ୍ୟାଚ ଏଞ୍ଜେଲ୍ ଏକାଡେମୀ ଓ ସମ୍ବଲପୁର ଏଫସି ମଧ୍ୟରେ ହୋଇଥିଲା। ମ୍ୟାଚରେ ସମ୍ବଲପୁର ଏଫସି ୧-୦ ଗୋଲରେ ବିଜୟୀ ହୋଇଥିଲା । ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ସମ୍ବଲପୁର ଜିଲା ପରିଷଦ ସଭାନେତ୍ରୀ କୁମୁଦିନୀ ନାୟକ, ବିଜେଡି ନେତା ସିଦ୍ଧାର୍ଥ ଶାହା, ହିଣ୍ଡାଲକୋ ଅଧିକାରୀ ସୁକାନ୍ତ ମହାପାତ୍ର, ବିଜେଡି ନେତ୍ରୀ କବିତା ପୁରୋହିତ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟରେ ରାଉରକେଲାରୁ ଆସିଥିବା ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। କ୍ଲବର ବରିଷ୍ଠ ସଭ୍ୟ ସୁଶିଲ ଜେନା, ଭିମସେନ ଆଇନ୍ଦ, ବବନ ସିଂ, ସୀମା ଗୌଡ, ନିତ୍ୟାନନ୍ଦ ବେହେରା, ଦୁର୍ଗାଚରଣ ଆଇନ୍ଦ, ଯଦୁ ଓରାମ, ଏତୁଆ ଖଡିଆ, ଚିତ୍ତରଞ୍ଜନ ରାଉଳ, ପୀତାମ୍ବର ଭୋଇ, ସୁବାଷ ମିର୍ଦ୍ଧା, ଉମାଶଙ୍କର ଗୌଡ, ଗଣେଶ ନାୟକ, ରୋଶନ୍ ଟପ୍ପୋ, ରାଜେଶ ଓରାମ, ବିଦ୍ୟାଧର ଓରାମ, ଜଗତ ଚୌହାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜନରେ ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ବିଶିକେଶନ ଓରାମ, ରଞ୍ଜିତ ଓରାମ, ବୁଲୁ ନାୟକ, ହୃଷୀକେଶ ସାହୁ, ଜୟପ୍ରକାଶ ମିଗିର୍ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ବବନ୍ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।


ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ବିଦ୍ୟା ବିକାଶ ମାଧ୍ୟମରେ ଉତ୍ତମ ଭବିଷ୍ୟତ ଗଠନ ସମ୍ଭବ



ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗୁରୁଶ୍ରେଷ୍ଠ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଉଛି।

## କୁଚିଣ୍ଡାରେ କ୍ୟାରିୟର କାଉନ୍‌ସେଲିଂ

କୁଚିଣ୍ଡା,୧୫।୧୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନ ହଲରେ ବିଦ୍ୟା ବିକାଶ ଅନୁଷ୍ଠାନ ପକ୍ଷରୁ ରବିବାର ଏକ କ୍ୟାରିୟର କାଉନସେଲିଂ ତଥା ବିକାଶ ସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟା ବିକାଶ ଅନୁଷ୍ଠାନ ସମୂହ ଚେୟାରମ୍ୟାନ ଜି.ଭାସ୍କର ରାଓ ଏବଂ ନିର୍ଦ୍ଦେଶକ ଜି.ରାମକୃଷ୍ଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ବିକାଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ତଥା ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ ସଭାପତିତ୍ୱ କରିଥିଲେ। ସମାଜସେବୀ ତଥା ସମ୍ବଲପୁର ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଲ କର ଓ ଚନ୍ଦନିମାଲ ହୀରାଧର ଯୁବକ ସଂଘ ହାଇସ୍କୁଲ ପ୍ରଧାନଶିକ୍ଷକ କମଲଲୋଚନ ବେହେରା ଅତିଥିଭାବେ ଯୋଗଦେଇଥିଲେ। ସେମାନେ କହିଥିଲେ ଯେ, ବିକାଶ କେବଳ ଶିକ୍ଷାନୁଷ୍ଠାନ ଭିତରେ ସୀମିତ ନ ରହି ଏକ ପରିବାର ଭାବେ ପ୍ରତିଷ୍ଠା ଲାଭ କରିଛି। ତେଣୁ ତାର ଏଭଳି ଅଭିନବ କାର୍ଯ୍ୟକ୍ରମ ଦ୍ୱାରା ବହୁ ଛାତୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ ପାଇଁ ସହାୟକ ହୋଇଥିବା କହିଥିଲେ। ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ପୁଷ୍ପିତା ପଣ୍ଡା, ବିକାଶ ଦି କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ଅଧ୍ୟାପକ ମନୋରଞ୍ଜନ ମିଶ୍ର, ଅଧ୍ୟାପକ ଅନୁରାଗ ସିହ୍ନା ସୂଚନା ଓ ପ୍ରଯୁକ୍ତି ବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା, ଟେକ୍ନୋଲୋଜିର ଅଗ୍ରଗତି ସମ୍ପର୍କରେ ଆଲୋଚନା କରି ଛାତ୍ରୀଛାତ୍ର ରିଲସ ଛାଡି ଆପ୍ଲିକେସନ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟା ଅନ୍ୱେଷା ମାଧ୍ୟମରେ ହୋଇଥିବା ସମ୍ବଲପୁର ଜିଲାର ବିଭିନ୍ନ ପ୍ରାଥମିକ ସ୍କୁଲ, ହାଇସ୍କୁଲ ଓ ଯୁକ୍ତ ୨ ସ୍ତରୀୟ କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏତଦ୍ ବ୍ୟତୀତ ସଂପୃକ୍ତ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉପଢୌକନ ଦେଇ ଗୁରୁଶ୍ରେଷ୍ଠ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିକାଶ ଅନୁଷ୍ଠାନ ମାର୍କେଟିଂ ମ୍ୟାନେଜର ସୁବଳ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା କୁଚିଣ୍ଡା, ବାମରା, ଜମନକିରା, ରେଙ୍ଗାଲି ବ୍ଲକ ଓ କୁଚିଣ୍ଡା ଏନଏସି ଅଧିନ ବିଭିନ୍ନ ଶିକ୍ଷାନୁଷ୍ଠାନର ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ବାଘ ବ୍ରଦର୍ସ ଚାମ୍ପିୟନ

କୁଚିଣ୍ଡା,୧୫।୧୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ ଜରାବଗା ଖେଳପଡିଆରେ ତିନିଦିନ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜରାବଗା ଗ୍ରାମ୍ୟ କମିଟି ଓ ଫୁଟବଲ କମିଟି ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ନୂଆଁଡିହି ବାଘ ବ୍ରଦର୍ସ ଓ ତୁରେଇନିକ୍ତିମାଲ ରାମ ବ୍ରଦର୍ସ ମଧ୍ୟରେ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ଖେଳରେ ବାଘ ବ୍ରଦର୍ସ ୧-୦ଗୋଲରେ ବିଜୟୀ ହୋଇଥିଲା। ରେଫରୀ ଭାବେ ରାଜେଶ ଜୟପୁରିଆ, ସୁଜିତ ବାରିକ, ହୁତାସନ ବାଘ, ଜିତେଶ ପଟେଲ, ରାଜିନ ତୁଡୁମ ଖେଳ ପରିଚାଳନା କରିଥିଲେ। ଫୁଟବଲ ଟୁର୍ନାମେଣ୍ଟ କମିଟି ସଭାପତି ଦୀପକ ପଟେଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୂରୁଆ ମୁଖ୍ୟଅତିଥି, ଜରାବଗା ସମିତି ସଭ୍ୟା ସୁନିଆଁ ମାଝି, ଗ୍ରାମ୍ୟ କମିଟି ସଭାପତି ବାଲୁଙ୍କେଶ୍ୱର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ପଟ୍ଟା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ନୂଆଁଡିହି ବାଘ ବ୍ରଦର୍ସ ଦଳକୁ ଚାମ୍ପିୟନ ଟ୍ରଫି ସହ ନଗଦ ୩୦ହଜାର ଟଙ୍କା ଓ ତୁରେଇନିକ୍ତିମାଲ ରାମ ବ୍ରଦର୍ସ ଦଳକୁ ରନର ଅପ ଟ୍ରଫିସହ ନଗଦ ୨୦ ହଜାର ଟଙ୍କା ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ ଉତ୍ସବକୁ ସୁରେଶ ଘୋଷ ପରିଚାଳନା କରିଥିଲେ। ଫୁଟବଲ ଟୁର୍ନାମେଣ୍ଟ କମିଟି ସମ୍ପାଦକ ଶ୍ୟାମସୁନ୍ଦର ମାଝି, କୋଷାଧ୍ୟକ୍ଷ ଟଙ୍କଧର ପଟ୍ଟା, ନରେନ୍ଦ୍ର ପଟ୍ଟା, ନବୀନ ଚନ୍ଦ୍ର ମାଝି, ପ୍ରଶାନ୍ତ ପଟେଲ, ମିଥୁନ ଭଇଁଷା, ଧନେଶ୍ୱର ବାଘ, ବିପ୍ର ମାଝି, ବିକ୍ରମ ବାଘ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ।


ଅତିଥିଙ୍କ ସହ ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିମାନେ।

# ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ ଉଦ୍‌ଯାପିତ

## ନିରୀହ ଲୋକଙ୍କୁ ଧର୍ମର ଭୟ ଦେଖାଯାଉଛି

ସମ୍ବଲପୁର,୧୫।୧୨(ବି.ଶଙ୍କର)

ଶ୍ରୀକଲଚରାଲ ଆସୋସିଏଶନ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗ ମିଳିତ ଆୟୋଜିତ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ-୨୪ ରବିବାର ରାତିରେ ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ଅଡ଼ିଟୋରିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି, କୁଳସଚିବ ଡ. ନୃପରାଜ ସାହୁ ଏବଂ ପ୍ରଫେସର ଅଜୟ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀକଲଚରାଲ ଆସୋସିଏଶନ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରା ସଭା ସଂଯୋଜନା କରିଥିଲେ। ପ୍ରଦର୍ଶନ କଳା ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଅରବିନ୍ଦ ପଣ୍ଡା ଏଥିରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଦେବଗଡ଼ର ବିଶିଷ୍ଟ ନାଟ୍ୟବ୍ୟକ୍ତିତ୍ୱ ହେମନ୍ତ କୁମାର ମହାପାତ୍ରଙ୍କୁ ଶ୍ରୀନାଟ୍ୟ ସମ୍ମାନ-୨୦୨୪, ପ୍ରଦର୍ଶନ କଳା ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଅରବିନ୍ଦ ପଣ୍ଡା ଓ ବୁର୍ଲାର ନାଟ୍ୟ ଅଭିନେତା ଓ ସଂଗଠକ ଜୟନ୍ତ କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପ୍ରଦର୍ଶନ କଳା ବିଭାଗ ସଂଯୋଜକ ପ୍ରଫେସର ଗୋପୀନାଥ ବାଗଙ୍କୁ ସ୍ମୃତି ଚିହ୍ନ ପ୍ରଦାନ କରାଯାଇଥିଲା।


ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ଅଡ଼ିଟୋରିୟମଠାରେ ରବିବାର ଜୀବନ୍ୟାସ ନାଟକର ଏକ ଦୃଶ୍ୟ।

ଅନ୍ତିମ ରଜନୀରେ ପ୍ରଥମ ନାଟକ ଥିଲା ଶ୍ରୀକଲଚରାଲ ଆସୋସିଏଶନ୍ ସମ୍ବଲପୁରୀ ନାଟକ ଅର୍ନ୍ତଦହନ ମଞ୍ଚସ୍ଥ ହୋଇଥିଲା। ଆଶିଷ କୁମାର ସୋନାରଙ୍କ ରଚିତ ଏହି ନାଟକରେ ଏକକ ଅଭିନୟ ସହ ଦିଲୀପ କୁମାର ଦେବ ଏବଂ ଆଶିଷ ସୋନାର ନିର୍ଦ୍ଦେଶନା ଦେଇଥିଲେ। ସୌମ୍ୟଜିତ୍ ବଡ଼ପଣ୍ଡା ସଂଗୀତ ନିର୍ଦ୍ଦେଶକ ଏବଂ ଆଲୋକ ବିନ୍ୟାସ କରିଥିଲେ ସତ୍ୟରଞ୍ଜନ । ମହାଭାରତର ଯୁଦ୍ଧର ୧୭ତମ ରଜନୀରେ ନେତ୍ରହୀନ ଧୃତରାଷ୍ଟ୍ର ନିଦ୍ରାହୀନ ଥିଲେ । ତାଙ୍କ ମନରେ ଅସୁମାରୀ ଦ୍ୱନ୍ଦ୍ୱ ଓ ଅସମାହିତ ପ୍ରଶ୍ନ ଥିଲା। ଆସନ୍ତାକାଲିର ଯୁଦ୍ଧରେ ତାଙ୍କ ପୁତ୍ର ଦୁର୍ଯ୍ୟୋଧନ ବିଜୟୀ ହେବ ନା ପରାଜିତ । ଅନେକ ତର୍କବିତର୍କ ଶଙ୍କା, ଆଶଙ୍କା, ଯୁକ୍ତି ପ୍ରତିଯୁକ୍ତି ତାଙ୍କ ମନରେ, କିନ୍ତୁ ସେ ପାଣ୍ଡବଙ୍କ ନିଧନ ଚାହେନି । ହେଲେ କୌରବ ସେନାର ଶେଷ ଯୋଦ୍ଧା ନିଜ ପ୍ରିୟ ପୁତ୍ରର ପରାଜୟ ମଧ୍ୟ ଚାହାନ୍ତି ନାହିଁ । ଏଭଳି ଏକ କଥାବସ୍ତୁ ଉପରେ ଆଧାରିତ ଏହି ନାଟକଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ଏହାପରେ ଭୁବନେଶ୍ୱର ଶତାବ୍ଦୀର କଳାକାରମାନେ ଧୀର ମଲ୍ଲିକଙ୍କ ରଚିତ ଓ ନିର୍ଦ୍ଦେଶିତ ଓଡ଼ିଆ ନାଟକ ଜୀବନ୍ୟାସ ପରିବେଷଣ କରିଥିଲେ। ସମାଜର ନିରୀହ ଲୋକମାନଙ୍କୁ ଧର୍ମର ଭୟ ଦେଖାଇ ଯୁଗ ଯୁଗ ଧରି ଶାସନ କରି ଆସିଛି ଆମ ସମାଜର ବୁଦ୍ଧିମାନ ଶାସକଗୋଷ୍ଠୀ । ସେଥିପାଇଁ ସମାଜରେ ବାବା, ପ୍ରବଚକମାନଙ୍କ ଅନେକ ଚାହିଦା। ଲୋକଙ୍କ ବିଶ୍ୱାସ ସହ ଖେଳୁଥିବା ଆତ୍ମଘୋଷିତ, ଭଣ୍ଡ ବାବାର ଦୌରାତ୍ମ୍ୟ ଓ କରୁଣ ପରିଣତି ଆଧାରିତ ଏହି ନାଟକକୁ ଦର୍ଶକ ବେଶ ଉପଭୋଗ କରିଥିଲେ।

୨୦୨୪ ଦକ୍ଷିଣ ଓଡ଼ିଶା ପାଇଁ ଥିଲା ସଫଳତାର ବର୍ଷ । କେବଳ ଦେଶ ନୁହେଁ, ବିଦେଶରେ ମଧ୍ୟ ଚମକିଥିଲେ ଯୁବ ପ୍ରତିଭା। ସେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ହେଉ କିମ୍ବା ମିସେସ୍ ଇଣ୍ଡିଆ ଏସିଆ ପ୍ରତିଯୋଗିତା। ଆଗରେ ଥିଲେ ମିନା, ରାଜଶ୍ରୀ। ସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ ହୋଇଥିଲେ ସଞ୍ଜୁକ୍ତା ଏବଂ ଦ୍ୱିତୀଚନ୍ଦ୍ର। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ କମଳା ହାରିସ୍‌ଙ୍କ ପ୍ରଚାର ମଞ୍ଚ ଧରିଥିଲେ ସମୟ। ବର୍ଷର ଶେଷ ଭାଗରେ ପଦ୍ମଶ୍ରୀ କମଳା ପୂଜାରୀଙ୍କ ପରଲୋକ ସମସ୍ତଙ୍କ ଆଖିରେ ଲୁହ ଭରି ଦେଇଥିଲା। ଏଭଳି କେତେକ ଘଟଣାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।




## ସୁନା ଝିଅ ମିନା

ସେପ୍ଟେମ୍ବରରେ ଫିଜିରେ ହୋଇଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ନବରଙ୍ଗପୁର ଜିଲାର ମିନା ସାନ୍ତା ପଦକ ବିଜୟୀ ହୋଇଥିଲେ। ସେ ସ୍ନାଚରେ ୮୧ କିଲୋ ଓ କ୍ଲିନ ଆଣ୍ଡ ଜର୍କରେ ୯୯ କିଲୋ ଉଠାଇ ୨ଟି ସ୍ୱର୍ଣ୍ଣ ସହ ଗୋଟିଏ ରୌପ୍ୟ ପଦକ ହାସଲ କରିଥିଲେ।



## କମଳା ହାରିସ୍‌ଙ୍କ ପ୍ରଚାରମଞ୍ଚ ଧରିଲେ ସମୟ

ଆମେରିକା ରାଜନୀତିରେ ଓଡ଼ିଆ ପୁଅ ସମୟ ସାହୁ ସକ୍ରିୟ ଭୂମିକା ତୁଲାଇଥିଲେ। ଆମେରିକା ଡେମୋକ୍ରାଟିକ ଦଳ ରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ୍‌ଙ୍କ ପାଇଁ ନିର୍ବାଚନୀ ପ୍ରଚାର କରିଥିଲେ ସମୟ। ଡେମୋକ୍ରାଟିକ ଦଳର ନେତାଙ୍କ ପାଇଁ ଭାଷଣ ସହ ରାଲିରେ ସମ୍ବୋଧନ ଦେଇ ବେଶ୍ ଚର୍ଚ୍ଚିତ ଥିଲେ। ସମୟ ଏବେ ସପରିବାର ଆମେରିକାରେ ରହୁଛନ୍ତି। ମାତ୍ର ୨୧ ବର୍ଷରେ ଆମେରିକା ଭଳି ପ୍ରଭାବଶାଳୀ ରାଷ୍ଟ୍ରର ସକ୍ରିୟ ରାଜନୀତିରେ ସମୟଙ୍କ ଏଭଳି ଚମକ ଏବେ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ।

## ବଣ୍ଡା ଜନଜାତିର ପ୍ରଥମ ଓଏଏସ୍ ବିନି



ବଣ୍ଡା ଛାତ୍ରୀ ବିନି ମୁଦୁଲି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା(ଓଏଏସ୍)ରେ କୃତକାର୍ଯ୍ୟ ହୋଇଥିଲେ। ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଖେମାଗୁଡ଼ା ଗ୍ରାମ ପ୍ରାଥମିକ ବିଦ୍ୟାଳୟ ରୋଷେୟା ରଘୁ ମୁଦୁଲିଙ୍କ ଝିଅ ବିନି ବଣ୍ଡା ଜନଜାତିରୁ ପ୍ରଥମ ଓଏଏସ୍। ସେ ମାଲକାନଗିରି ନବୋଦୟ ବିଦ୍ୟାଳୟରୁ ଯୁକ୍ତ ୨ ପାସ୍ କରିବା ପରେ ୟୁଟ୍ୟୁବ୍‌ରୁ ହିଁ ଓଡ଼ିଶା ପ୍ରଶାସନିକ ସେବା ପାଇଁ ପଢ଼ାପଢ଼ି କରୁଥିଲେ। ୨୦୨୨-୨୩ ଶିକ୍ଷା ବର୍ଷରେ ଓଏଏସ୍ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ।




## ମାଣ୍ଡିଆରାଣୀଙ୍କୁ ଆମେଜିଂ ଇଣ୍ଡିଆନ୍ସ ଆୱାର୍ଡ

ମାଣ୍ଡିଆରାଣୀ ରାଇମତି ଘିଉରିଆ ଚଳିତବର୍ଷ ୨ଟି ସମ୍ମାନଜନକ ଉପାଧି ପାଇଛନ୍ତି। ଅଗଷ୍ଟରେ ତାଙ୍କୁ ଆମେଜିଂ ଇଣ୍ଡିଆନ୍ସ ଆୱାର୍ଡ ଓ ଡିସେମ୍ବରରେ ଓୟୁଏଟି ପକ୍ଷରୁ ଡକ୍ଟରେଟ୍ ଉପାଧି ମିଳିଛି। ଦିଲ୍ଲୀରେ ଆୟୋଜିତ ଆମେଜିଂ ଇଣ୍ଡିଆନ୍ସ ଆୱାର୍ଡ କୃଷି ବର୍ଗରେ ୫ଜଣଙ୍କୁ ପଛରେ ପକାଇ ସେ ଏହି ସମ୍ମାନ ହାସଲ କରିଥିଲେ। ସେହିଭଳି ଡିସେମ୍ବର ୫ରେ ଭୁବନେଶ୍ୱରସ୍ଥିତ ଓୟୁଏଟିର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ।

## ସଞ୍ଜୁକ୍ତାଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗେଲ ପୁରସ୍କାର



ମାଲକାନଗିରି ଜିଲା ହସ୍ପିଟାଲର ନର୍ସ ସଞ୍ଜୁକ୍ତା ସେଠୀ ଫ୍ଲୋରେନ୍ସ ନାଇଟିଙ୍ଗେଲ ପୁରସ୍କାର ପାଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଉତ୍ତମ ରୋଗୀ ସେବା, ବର୍ଜ୍ୟବସ୍ତୁ ପରିଚାଳନା ଓ ଅନ୍ୟ ସେବାମୂଳକ କାର୍ଯ୍ୟପାଇଁ ଜାତୀୟସ୍ତରରେ ତାଙ୍କୁ ସମ୍ମାନିତ କରାଯାଇଥିଲା।

## ରାଜଶ୍ରୀଙ୍କୁ ଭିବ୍ରାଣ୍ଟ ଟାଇଟଲ




ହରିୟାଣା ଗୁରୁଗ୍ରାମରେ ଅକ୍ଟୋବରରେ ହୋଇଥିବା ମିସେସ୍ ଇଣ୍ଡିଆ ଏସିଆ-ପ୍ରତିଯୋଗିତାରେ ଓଡ଼ିଶାର ରାଜଶ୍ରୀ ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ଆତ୍ମବିଶ୍ୱାସ ଏବଂ ଚମତ୍କାର ପ୍ରଦର୍ଶନ ପାଇଁ ମିସେସ୍ ଭିବ୍ରାଣ୍ଟ ଟାଇଟଲ ହାସଲ କରିଥିଲେ। ଉକ୍ତ ଫ୍ୟାଶନ ଶୋ'ରେ ବିଭିନ୍ନ ଦେଶରୁ ଭାଗ ନେଇଥିବା ୮୬୩ ପ୍ରତିଯୋଗୀଙ୍କ ମଧ୍ୟରୁ ୭୨ ଜଣ ଚୂଡ଼ାନ୍ତ ପର୍ଯ୍ୟାୟକୁ ମନୋନୀତ ହୋଇଥିଲେ। ପ୍ରତିଯୋଗିତାମୂଳକ ରାଉଣ୍ଡ ଚ୍ୟାଲେଞ୍ଜିଂ ସିରିଜ୍ ପରେ ଶେଷରେ ୧୮ ଜଣ ସେମିଫାଇନାଲିଷ୍ଟଙ୍କ ଉପରେ ଦୃଷ୍ଟି ଦିଆଯାଇଥିଲା। ରାୟଗଡ଼ା ଜିଲା ଗୁଣପୁର ମହାବିଦ୍ୟାଳୟ ପୁରାତନ ଛାତ୍ରୀ ରାଜଶ୍ରୀଙ୍କ ନିଜ ଘର ଭୁବନେଶ୍ୱର ନିକଟସ୍ଥ ପାହାଳରେ।

## ଖବରକାଗଜ ବିକ୍ରେତାରୁ ଜାତୀୟ ଶିକ୍ଷକ ପୁରସ୍କାର ବିଜେତା



ରାୟଗଡ଼ାର ଦ୍ୱିତୀଚନ୍ଦ୍ର ସାହୁଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ମିଳିଛି। ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପୁରସ୍କୃତ କରିଥିଲେ। ପଦ୍ମପୁରର ଏକ ଗରିବ ପରିବାରରେ ଜନ୍ମିତ ଦ୍ୱିତୀଚନ୍ଦ୍ର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଖବରକାଗଜ ବିକ୍ରେତାରୁ ଶିକ୍ଷକ ହୋଇଥିଲେ। ନିଜର ସୃଜନ ଶକ୍ତି ଓ ପ୍ରୟୋଗାତ୍ମକ ଚିନ୍ତନ ଜରିଆରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପିଲାଙ୍କ ସର୍ବାଙ୍ଗୀନ ବିକାଶ ଲାଗି ଶିକ୍ଷଣ ପ୍ରକ୍ରିୟାରେ ନିରନ୍ତର ନୂଆ ପ୍ରୟୋଗ କରୁଛନ୍ତି। ସେ ଏକାଧାରରେ ଜଣେ ରାଜ୍ୟସ୍ତରୀୟ ସାଧନକର୍ମୀ, ଜନଜାତି ସଂସ୍କୃତି ଗବେଷକ, ଲୋକପ୍ରିୟ ସ୍ତମ୍ଭକାର, ସାହିତ୍ୟିକ, କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାତା ଓ ଗୀତିକାର ଭାବେ ପରିଚିତ।

## ପରଲୋକରେ ପଦ୍ମଶ୍ରୀ କମଳା ପୂଜାରୀ



ଦୀର୍ଘଦିନ ଅସୁସ୍ଥତା ପରେ ଜୁଲାଇ ୨୦ରେ କଟକ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ପଦ୍ମଶ୍ରୀ କମଳା ପୂଜାରୀଙ୍କ ୭୬ବର୍ଷ ବୟସରେ ପରଲୋକ ଘଟିଥିଲା। ଧାନ ଗବେଷଣା ଓ ସଂରକ୍ଷଣ ପାଇଁ କୋରାପୁଟ ଜିଲାର ଏକ ମାତ୍ର ଆଦିବାସୀ ମହିଳା ଭାବେ ସେ ସାରା ଦେଶରେ ପରିଚିତ ଥିଲେ। ୨୦୧୯ରେ କେନ୍ଦ୍ର ସରକାର ତାଙ୍କୁ ପଦ୍ମଶ୍ରୀ ଉପାଧିରେ ଭୂଷିତ କରିଥିଲେ। ଓଡ଼ିଶା ସରକାର ମଧ୍ୟ କମଳାଙ୍କ ସମ୍ମାନାର୍ଥେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମହିଳା ଛାତ୍ରୀ ନିବାସକୁ ତାଙ୍କ ନାମରେ ନାମିତ କରିଛନ୍ତି।

## ମାଣ୍ଡିଆ ଚାଷରେ କୋରାପୁଟ ଶ୍ରେଷ୍ଠ

ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନରେ କୋରାପୁଟ ଜିଲା ପାରମ୍ପରିକ ମାଣ୍ଡିଆ ଚାଷ, ଉତ୍ପାଦନ ଏବଂ ଖାଦ୍ୟ ବ୍ୟବହାରରେ ଶ୍ରେଷ୍ଠ ବିବେଚିତ ହୋଇଛି। ନଭେମ୍ବରରେ ଭୁବନେଶ୍ୱରରେ ଆୟୋଜିତ ଅନ୍ତର୍ଜାତୀୟ ଖାଦ୍ୟ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କୁ ସମ୍ମାନିତ କରିଥିଲେ। କୋରାପୁଟ ଜିଲାର ୩୦ ହଜାର ଚାଷୀ ମାଣ୍ଡିଆ ଚାଷ କରୁଛନ୍ତି।



## ତେଲେଙ୍ଗିରି ଜଳ ଭଣ୍ଡାରରେ ଫାଟ



ଜୟପୁର ରାଣୀଗଡ଼ସ୍ଥିତ ତେଲେଙ୍ଗିରି ବହୁମୁଖୀ ଜଳସେଚନ ଜଳ ଭଣ୍ଡାରରେ ଫାଟ ସୃଷ୍ଟି ହୋଇଥିଲା। ଫଳରେ ଏଠାରୁ ପାଣି ଲିକ୍ କରୁଛି। ଯାହାର ପ୍ରଭାବ ରବି ଫସଲ ଚାଷ ଉପରେ ପଡୁଛି। ଜଳସେଚନ ବିଭାଗ ଯନ୍ତ୍ରୀ ଓ ବିଶାଖାପାଟଣାରୁ ବୈଷୟିକ ଟିମ୍ ସେଠାକୁ ଆସି ସ୍ଥିତି ଯାଞ୍ଚ କରିଛନ୍ତି। ଜାନୁଆରୀରେ ଏହାର ମରାମତି କରାଯିବ।



ନାଗପୁରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ସ୍ତ୍ରୀ ଅମୃତା, ରାଜ୍ୟ ଭାଜପା ସଭାପତି ଚନ୍ଦ୍ରଶେଖର ବଓ୍ୱନ୍‌କୁଲେ ଓ ଦଳୀୟ ନେତାମାନଙ୍କ ସହ ରୋଡ୍ ଶୋ’ କରୁଛନ୍ତି।

# ନୂଆଦିଲ୍ଲୀରୁ କେଜ୍‌ରିୱାଲ, କାଲ୍‌କାଜୀରୁ ଆତିଶୀ

**ନିର୍ବାଚନ ଘୋଷଣା ନ ହେଉଣୁ ଶେଷ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କଲା ଆପ୍**

ନୂଆଦିଲ୍ଲୀ, ୧୫।୧୨



ଅରବିନ୍ଦ କେଜରିୱାଲ



ଆତିଶୀ

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ରବିବାର ଆମ୍ ଆଦ୍‌ମୀ ପାର୍ଟି(ଆପ୍) ୩୮ ଜଣିଆ ପ୍ରାର୍ଥୀ ତାଲିକା ଜାରି କରିଛି। ଦିଲ୍ଲୀ ବିଧାନସଭା ନିର୍ବାଚନର ଘୋଷଣା ନ ହେଉଣୁ ପ୍ରଥମ ଦଳ ଭାବେ ଆପ୍ ସମସ୍ତ ୭୦ ବିଧାନସଭା ଆସନରେ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଆପ୍ ସଂଯୋଜକ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନୂଆଦିଲ୍ଲୀ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ କାଲ୍‌କାଜୀ ଆସନରୁ ପୁଣି ଥରେ ନିଜର ଭାଗ୍ୟ ପରୀକ୍ଷା କରିବେ। ସେହିପରି ଦିଲ୍ଲୀ ସରକାରଙ୍କ ପରିବେଶ ମନ୍ତ୍ରୀ ଗୋପାଲ ରାୟ ବବରପୁର ଆସନରୁ, ସ୍ୱାସ୍ଥ୍ୟ ମନ୍ତ୍ରୀ ସୌରଭ ଭରଦ୍ୱାଜ ଗ୍ରେଟର କୈଳାଶରୁ ଓ ପୂର୍ବତନ ମନ୍ତ୍ରୀ ସତେନ୍ଦ୍ର ଜୈନଙ୍କୁ ଶକୁର ବସ୍ତି ଆସନରୁ ଦଳ ପ୍ରାର୍ଥୀ କରିଛି। ବରିଷ୍ଠ ଆପ୍ ନେତା ସୋମନାଥ ଭାରତୀ ମାଲବ୍ୟ ନଗର ଓ ଅମାନତୁଲ୍ଲା ଖାନ୍ ଓଖ୍‌ଲା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଦିଲ୍ଲୀର ହାଇ ପ୍ରୋଫାଇଲ ନୂଆଦିଲ୍ଲୀ ଆସନରୁ କେଜ୍‌ରିୱାଲଙ୍କ ସହ କଂଗ୍ରେସର ପୂର୍ବତନ ଏମ୍‌ପି ସନ୍ଦୀପ ଦୀକ୍ଷିତଙ୍କ ପ୍ରତିଦ୍ୱନ୍ଦ୍ୱିତା ହେବା ସ୍ପଷ୍ଟ ହୋଇଛି। ସେହିପରି ଭାଜପା ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା ହୋଇ ନ ଥିଲେ ହେଁ ନୂଆଦିଲ୍ଲୀ ଆସନରୁ ପଶ୍ଚିମ ଦିଲ୍ଲୀର ପୂର୍ବତନ ଏମ୍‌ପି ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ସାହିବ ସିଂ ବର୍ମାଙ୍କ ପୁଅ ପ୍ରବେଶ ବର୍ମାଙ୍କୁ ପ୍ରାର୍ଥୀ କରାଯିବ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ ପାଇଛି। ଏହି ଅବସରରେ କେଜ୍‌ରିୱାଲ କହିଛନ୍ତି, ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଦଳ ପୂର୍ଣ୍ଣ ଆତ୍ମବିଶ୍ୱାସ ଓ ପୂର୍ଣ୍ଣ ପ୍ରସ୍ତୁତି ସହ ଲଢ଼ିବାକୁ ଯାଉଛି। ଦିଲ୍ଲୀ ପାଇଁ ଭାଜପାର ନା କୌଣସି ଯୋଜନା ରହିଛି ନା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ରହିଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୨୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲେ ହେଁ ଭାଜପା ଏଯାଏ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। ପ୍ରକାଶ ଯେ, ଆସନ୍ତା ଫେବୃଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।

# କୋରାପୁଟକୁ ଅଗ୍ରଣୀ କରିବ ଡବଲ ଇଞ୍ଜିନ ସରକାର:ମୁଖ୍ୟମନ୍ତ୍ରୀ

**■ ଜିଲ୍ଲା ପର୍ଯ୍ୟଟନର ବିକାଶ ପାଇଁ ୧୦୦କୋଟି ଘୋଷଣା**

**■ ଜୟପୁରରେ ହେବ ରେଳ ଜଙ୍କ୍‌ସନ**

ଜୟପୁର,୧୫।୧୨
(ପବନ ପାଣିଗ୍ରାହୀ)



କୋରାପୁଟ ଜିଲା ଜୟପୁର ଫୁଲବାଡ଼ ପଡ଼ିଆରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଲୋକାର୍ପଣ କରୁଛନ୍ତି।

କୋରାପୁଟ ଜିଲା ଜୟପୁର ଫୁଲବାଡ଼ ପଡ଼ିଆରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ କୋରାପୁଟ ଜିଲାରେ ପର୍ଯ୍ୟଟନର ବିକାଶ ପାଇଁ ୧୦୦କୋଟି ଟଙ୍କା ଘୋଷଣା କରିଛନ୍ତି। କୋରାପୁଟ ଆଉ ଅବହେଳିତ ଜିଲା ହୋଇ ରହିବ ନାହିଁ। ଡବଲ ଇଞ୍ଜିନ ସରକାର ଅବିଭକ୍ତ କୋରାପୁଟ ଜିଲାକୁ ଅଗ୍ରଣୀ ଭାବେ ପ୍ରତିଷ୍ଠା କରିବା ନେଇ ଉଦ୍ୟମ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଜିଲାର ପର୍ଯ୍ୟଟନ ସହ ରେଲଲାଇନ, ବିମାନବନ୍ଦର, ସ୍ୱାସ୍ଥ୍ୟ ଓ ଶିକ୍ଷା ସମସ୍ତ କ୍ଷେତ୍ରରେ ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ବିଜେଡି ସରକାର ଉପରେ ବର୍ଷିଥିଲେ। ୨୪ ବର୍ଷ କ୍ଷମତାରେ ରହି ଲୋକଙ୍କୁ ନ୍ୟାୟ ଦେବାରେ ଓ ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଛନ୍ତି । ଚାଷୀଙ୍କୁ ନ୍ୟାୟ ଦେବାରେ ବିଫଳ ଥିବାରୁ ରାଜ୍ୟବାସୀ ୨୪ ବର୍ଷର ସରକାର ବଦଳାଇ ଭାଜପାକୁ କ୍ଷମତାକୁ ଆଣିଛନ୍ତି। ଜୁନ୍ ୧୨ରେ ସରକାର ଗଠନ ହେବା କ୍ଷଣି କ୍ୟାବିନେଟ୍ ଡକାଇ ରାଜ୍ୟବାସୀଙ୍କ ଦାବି, ଶ୍ରୀମନ୍ଦିରର ୪ ଦ୍ୱାରା ଖୋଲିବା, ଚାଷୀ ଧାନ କୁଇଣ୍ଟାଲ ପିଛା ଦର ବୃଦ୍ଧି କରିବା ଓ ସୁଭଦ୍ରା ଯୋଜନା ପ୍ରଣୟନ କରିବା ଆଦି ପଦକ୍ଷେପ ନିଆଯାଇଥିଲା। ଭାଜପା ସରକାର ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ଗୁରୁତ୍ୱ ଦେଇଛି। କଫି ଜିଲାକୁ ବିଶ୍ୱ ଦରବାରରେ ପରିଚିତ କରାଇଛି ବୋଲି ସେ କହିଛନ୍ତି। ମାଣ୍ଡିଆରାଣୀ ରାଇମତି ଘିଉରିଆଙ୍କୁ ମଧ ମୁଖ୍ୟମନ୍ତ୍ରୀ ମଞ୍ଚରେ ପ୍ରଶଂସା କରିଥିଲେ। ଓ୍ୱୁଏଟି ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହାତରୁ ରାଇମତି ଡକ୍ଟରେଟ ଉପାଧି ଗ୍ରହଣ କରିଛନ୍ତି । ଏହାଠାରୁ ବଡ଼ କଥା କ’ଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜୟପୁରରେ ରେଳ ଜଙ୍କ୍‌ସନ, ନବରଙ୍ଗପୁର–ମାଲକାନଗିରି ରେଳପଥ ନିର୍ମାଣ ହେବ। ଏଥିପାଇଁ ଜମି ଅଧିଗ୍ରହଣ ତ୍ୱରାନ୍ୱିତ କରାଯିବ। ଜୟପୁର ବିମାନବନ୍ଦରରୁ ଭୁବନେଶ୍ୱର, ବିଶାଖାପାଟଣା, ରାୟପୁର ଓ ସମ୍ବଲପୁର ଆଦିକୁ ସଂଯୋଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିରେ ବହୁସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ।

# ରାଜ୍ୟ ସଭା ଅନାସ୍ଥା ପ୍ରସଙ୍ଗ: ବିଜେଡି ଆଭିମୁଖ୍ୟ ଉପରେ ନଜର

ଭୁବନେଶ୍ୱର,୧୫।୧୨(ସୁନିତ୍ ମିଶ୍ର)

**■ ଆମେ ଅନାସ୍ଥା ସପକ୍ଷରେ ନାହୁଁ: ନିରଞ୍ଜନ**

**■ ଏ ଅଧିବେଶନରେ ଅନାସ୍ଥା ଆସିପାରିବ ନାହିଁ: ଶୁଭାଶିଷ**

ରାଜ୍ୟ ସଭା ଅଧକ୍ଷ ଜଗଦୀପ ଧନକରଙ୍କ ବିରୋଧରେ କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଘୋଷଣା କରିଥିଲେ। ଏହାପରେ ବିରୋଧୀ ଏମ୍‌ପିମାନେ ଏନେଇ ଅନାସ୍ଥା ନୋଟିସ ମଧ ଦେଇସାରିଛନ୍ତି। ଏଭଳି ସ୍ଥିତିରେ ଅନାସ୍ଥା ପ୍ରସ୍ତାବକୁ ନେଇ ବିଜେଡିର ଆଭିମୁଖ୍ୟ କ’ଣ ରହିବ ତା’ ଉପରେ ସମସ୍ତଙ୍କ ନଜର ରହିଛି। ଅନେକ ସମୟରେ ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାରେ କେନ୍ଦ୍ର ସରକାରଙ୍କ ବିଲ୍ ହେଉ କି ପ୍ରସ୍ତାବ ତାକୁ ବିଜେଡି ସମର୍ଥନ କରିଆସୁଥିବା ନଜିର ରହିଛି। ହେଲେ ଓଡ଼ିଶାରେ ପ୍ରଥମଥର ଲାଗି ବିଜେଡି ଶାସନ କ୍ଷମତାରୁ ଯିବା ସହ ଭାଜପା ସରକାର ଗଢ଼ିବାରେ ସଫଳ ହୋଇଛି। ବିଜେଡି ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଉଛି। ଗତ ବିଧାନସଭା ନିର୍ବାଚନରେ ବିଜେଡିର ପରାଜୟ ପରେ ଏହାର ଆଭିମୁଖ୍ୟକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଥିବା ବେଳେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଏହା ଉପରେ ମତ ରଖିଛନ୍ତି। ସେ କହିଛନ୍ତି, ବିଜେଡି ରାଜ୍ୟ ସଭା ଅଧକ୍ଷଙ୍କ ସପକ୍ଷରେ ଅଛନ୍ତି। ଏ ପର୍ଯ୍ୟନ୍ତ ବିଜେଡି ସଦସ୍ୟମାନେ ଏନେଇ ଦସ୍ତଖତ ମଧ କରିନାହାନ୍ତି। ଅନାସ୍ଥା ପ୍ରସ୍ତାବକୁ ବିରୋଧ କରୁଛୁ। ଦଳର ସୁପ୍ରିମୋ ଆଗରୁ ସୂଚନା ଦେଇଛନ୍ତି, ରାଜ୍ୟ ସଭାରେ ଆମକୁ ନିରପେକ୍ଷ ରହିବାର ଅଛି। ସେଥିଲାଗି ଆମେ ୭ ଜଣ ସଦସ୍ୟ ଏହି କଥାରେ ନିରପେକ୍ଷ ରହିଛୁ ବୋଲି ବିଶି କହିଛନ୍ତି।

ହେଲେ ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଅନାସ୍ଥା ପ୍ରସ୍ତାବ ଆଣିବାର ୧୪ ଦିନ ପୂର୍ବରୁ ନୋଟିସ ଦେବା କଥା। ବିରୋଧୀ ନୋଟିସ ଆଣିଥିଲେ ମଧ ଚଳିତ ରାଜ୍ୟ ସଭା ଅଧିବେଶନ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଅର୍ଥାତ୍ ଚଳିତ ଅଧିବେଶନ ଭିତରେ ବିରୋଧୀ ଅନାସ୍ଥା ଆଣିପାରିବେ ନାହିଁ। ତେଣୁ ଏନେଇ ଏବେଠାରୁ ବିଚାର ହୋଇନାହିଁ। ଦଳ ଏହା ଉପରେ ନିଷ୍ପତ୍ତି ଆଗକୁ ନେବ। ତେଣୁ ଏବେଠାରୁ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ ବୋଲି ଶୁଭାଶିଷ କହିଛନ୍ତି।

# ବିଜେଡି ଛାଡ଼ି କେହି ଯିବୁନି: ଦେବାଶିଷ ସାମନ୍ତରାୟ

କଟକ, ୧୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)

**ଭାଜପା କୁଚକ୍ରାନ୍ତ କରୁଛି**



ବିଜେଡିର ଆଉ କୌଣସି ନେତା ଦଳ ଛାଡ଼ି ଯିବେନାହିଁ। ଯିଏ ଯିବାର ଥିଲା ସେମାନେ ଗଲେଣି, ଯେଉଁମାନେ ଅଛୁ ଆଉ କେହି ଯିବୁ ନାହୁଁ ବୋଲି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ କହିଛନ୍ତି। ଦୁଇ ଜଣ ରାଜ୍ୟ ସଭା ସଦସ୍ୟ ବିଜେଡି ଛାଡ଼ିବାକୁ ନେଇ ଦେବାଶିଷ ଏଭଳି ପ୍ରତିକ୍ରିୟା ରଖିଛନ୍ତି। କଟକ ରାଜାବଗିଚାସ୍ଥିତ କାର୍ଯ୍ୟାଳୟଠାରେ ରବିବାର ଦେବାଶିଷ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରାଜ୍ୟ ସଭା ସଦସ୍ୟ ମମତା ମହାନ୍ତ ଓ ସୁଜିତ୍ କୁମାର କାହିଁକି ବିଜେଡି ଛାଡ଼ିଲେ ତାହା ସେମାନଙ୍କ ବ୍ୟକ୍ତିଗତ କାରଣ। ଏଥିରେ କୌଣସି ଟିପ୍ପଣୀ ଦେବାକୁ ଚାହୁଁନାହିଁ। କିନ୍ତୁ ବିଜେଡି ସେମାନଙ୍କୁ କେଉଁ ପରିସ୍ଥିତିରେ ରାଜ୍ୟ ସଭା ପଠାଇଥିଲା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ମହାନତାକୁ ସେମାନେ କଦାପି ଭୁଲିବା ଉଚିତ୍ ନୁହେଁ ବୋଲି ଦେବାଶିଷ କହିଛନ୍ତି।

ସେହିପରି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଓ ସସ୍ମିତ୍ ପାତ୍ର ଦଳ ବଦଳ କରିବା ନେଇ ଚର୍ଚ୍ଚା ହେଉଛି। ଏନେଇ ଗଣମାଧମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଦେବାଶିଷ କହିଛନ୍ତି, ବିଜେଡି ଏହି ଦୁଇ ନେତାଙ୍କୁ ଯେଉଁ ସ୍ଥାନ ଦେଇଛି ତାହା ଅନ୍ୟ କେଉଁ ଦଳ ଦେଇପାରିବ ନାହିଁ। ସେମାନଙ୍କ ନାଁ ନେଇ ବହୁ ଚର୍ଚ୍ଚା ହେଉଛି। କିନ୍ତୁ ସେଥିରେ ସତ୍ୟତା ନାହିଁ। ରାଜ୍ୟ ସଭାରେ ଭାଜପାର ସଂଖ୍ୟା ଯାହା ରହିବା ଆବଶ୍ୟକ ତାହା ନ ଥିବାରୁ ସେହି ଦଳ ଏଭଳି ଏକ କୁଚକ୍ରାନ୍ତ ରଚିଛି। ହେଲେ ଭାଜପା ଏଥିରେ ସଫଳ ହେବ ନାହିଁ। ନବୀନ ପଟ୍ଟନାୟକଙ୍କୁ ଆମେ କେବେ ଛାଡ଼ି କି ଯିବୁ ନାହିଁ ବୋଲି ଦେବାଶିଷ ସ୍ପଷ୍ଟ କରିଛନ୍ତି। ସେହିପରି ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ନୋଟିସ ସମ୍ପର୍କରେ ଦେବାଶିଷ କହିଛନ୍ତି, ଅନେକ ଆଇଏଏସ୍ ଅଧିକାରୀ ଦୁର୍ନୀତିରେ ଲିପ୍ତ ଅଛନ୍ତି। ଏବେ ଯାହା ପାଳି ପଡ଼ିଛି ସେ ତଦନ୍ତର ସମ୍ମୁଖୀନ ହେବା ଆବଶ୍ୟକ। କେଉଁ ଦଳ ଶାସନ କରୁଛି ତାହା ଏହି ଆଇଏଏସ୍ ଅଧିକାରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ। ସେ ତାଙ୍କ ଦୁର୍ନୀତି ଜାରି ରଖିଥାନ୍ତି। ଯିଏ ନିଜ କ୍ଷମତା ବଳରେ ବଳିଆନ୍ ହୋଇ ଦୁର୍ନୀତି କରିବେ ସେ ଦଣ୍ଡ ପାଇବା ଉଚିତ୍ ବୋଲି ସାମନ୍ତରାୟ କହିଛନ୍ତି।

# ୪ ରାଜ୍ୟର ନିର୍ବାଚନ ସରିଲାଣି, ଓଡ଼ିଶା କଂଗ୍ରେସ ସଭାପତି ବଛାହୋଇନି

ଭୁବନେଶ୍ୱର, ୧୫।୧୨(ସୁନିତ୍ ମିଶ୍ର)

**■ ଦଳ କେମିତି ଚାଲିବ କ’ଣ କରାଯିବ ତା’ର ନିଷ୍ପତ୍ତି ଏଆଇସିସି ନେଉଛି: ଜୟଦେବ**

**■ ବିନା ସଭାପତିରେ ଦଳ ଚାଲିପାରିବ ନାହିଁ: ୟାସିର**

**■ ଷ୍ଟିୟରିଂ କମିଟି ବୈଠକ ମଧ ଯେମିତି ବସିବା କଥା ବସୁନି**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧକ୍ଷ ମଲିକାର୍ଜୁନ ଖାଡ୍‌ଗେ ଗତ ୨୦୨୪ ନିର୍ବାଚନ କଂଗ୍ରେସର ବିପର୍ଯ୍ୟୟ ପରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି)ର ସବୁ ୟୁନିଟ୍ ଭାଙ୍ଗି ଦେଇଥିଲେ। ପିସିସି ସଭାପତି ପଦରୁ ମଧ ଶରତ ପଟ୍ଟନାୟକଙ୍କୁ ହଟାଇ ଦିଆଯାଇଛି। ହେଲେ ଏଆଇସିସି ଓଡିଶାରେ ଦଳର କୌଣସି କମିଟି ଏ ପର୍ଯ୍ୟନ୍ତ ଗଢି ନ ଥିବାବେଳେ କାହାକୁ ସଭାପତି କରିବ ସେନେଇ କିଛି ଘୋଷଣା କରିନାହିଁ। ପ୍ରଥମେ ହରିୟାଣା ଏବଂ ଜାମ୍ମୁ–କାଶ୍ମୀର ନିର୍ବାଚନ ଥିବା ଯୋଗୁ ଓଡିଶାରେ କମିଟି ଗଢିବାରେ ବିଳମ୍ବ ହେଉଥିବା କୁହାଗଲା। ଏହି ଦୁଇଟି ସ୍ଥାନରେ ନିର୍ବାଚନ ସରିବା ପରେ ମଧ କେନ୍ଦ୍ରୀୟ ନେତାମାନେ ଓଡିଶା ବାବଦରେ କିଛି ଘୋଷଣା କଲେ ନାହିଁ। କିଛିଦିନ ପରେ ଛତିଶଗଡ ବିଧାୟକ ଦଳ ନେତା ଚରଣ ଦାସ ମହନ୍ତଙ୍କୁ ଓଡିଶାରେ ଦଳର ସଙ୍ଗଠନର ସ୍ଥିତି କ’ଣ ଅଛି ସେ ସମ୍ପର୍କରେ ରିପୋର୍ଟ ଦେବା ଲାଗି ଦାୟିତ୍ୱ ଦିଆଯାଇଥିଲା। ଏହାପରେ ସେ ଓଡିଶା ଆସି ବିସ୍ତୃତ ରିପୋର୍ଟ ସଂଗ୍ରହ କରି ଏଆଇସିସି ନିକଟରେ ଦାଖଲ କରିସାରିଛନ୍ତି। ହେଲେ ଓଡିଶାର ସଙ୍ଗଠନ ଦାୟିତ୍ୱ ଏପର୍ଯ୍ୟନ୍ତ ଏଆଇସିସି କାହାକୁ ପ୍ରଦାନ କରିନାହିଁ। ଓଡିଶା ସାଙ୍ଗଠନିକ ଦାୟିତ୍ୱ ଦେବାରେ କାହିଁକି ବିଳମ୍ବ ହେଉଛି ବୋଲି ଚର୍ଚ୍ଚା ପୁଣିଥରେ ଜୋର୍ ଧରିବା ପରେ ମହାରାଷ୍ଟ୍ର ଏବଂ ଝାଡଖଣ୍ଡ ନିର୍ବାଚନ ସରିଲେ ଏହା ଉପରେ ନିଷ୍ପତ୍ତି ହେବ ବୋଲି ଦଳୀୟ ନେତାମାନେ କହିବାକୁ ଲାଗିଲେ। ହେଲେ ଏହି ଦୁଇ ରାଜ୍ୟର ନିର୍ବାଚନ ଶେଷ ହୋଇସାରିବା ସତ୍ତ୍ୱେ ଓଡିଶା ନେଇ ଏପର୍ଯ୍ୟନ୍ତ କିଛି ଘୋଷଣା ହେଲା ନାହିଁ। ଦଳର କୌଣସି କମିଟି ଏବଂ କାହାକୁ ପିସିସି ସଭାପତି ଦାୟିତ୍ୱ ନ ମିଳିବା କାରଣରୁ ରାଜ୍ୟରେ କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟ ମଧ ଠିକ୍ ଭାବେ ହେଉ ନ ଥିବା ଦେଖିବାକୁ ମିଳୁଛି। ଏଆଇସିସି ସବୁ କମିଟି ଭାଙ୍ଗିବା ପରେ କିଛି ବରିଷ୍ଠ ଏବଂ ଯୁବ ନେତାଙ୍କୁ ନେଇ ଓଡିଶା ପାଇଁ ଏକ ଷ୍ଟିୟରିଂ କମିଟି ଗଠନ କରିଛ, ଯାହାର ଅଧକ୍ଷ ଭାବେ ଓଡିଶା ପ୍ରଭାରୀ ଅଜୟ କୁମାରଙ୍କୁ ଦିଆଯାଇଛି। ହେଲେ ଝାଡଖଣ୍ଡ ବିଧାନସଭା ନିର୍ବାଚନରେ ଅଜୟ କୁମାର ଲଢିଥିବାରୁ ଦୀର୍ଘଦିନ ହେଇଯିବ ଆଉ ଓଡିଶା ଗସ୍ତରେ ଆସି ନାହାନ୍ତି। ଝାଡଖଣ୍ଡର ଜାମସେଦପୁର ଇଷ୍ଟ ବିଧାନସଭା ଆସନରୁ ନିର୍ବାଚନରେ ଓଡିଶା ରାଜ୍ୟପାଳ ରଘୁବର ଦାସଙ୍କ ବୋହୂ ପୂର୍ଣ୍ଣିମା ସାହୁଙ୍କ ଠାରୁ ପରାଜିତ ହୋଇଛନ୍ତି। ଝାଡଖଣ୍ଡ ନିର୍ବାଚନର ଫଳାଫଳ ପ୍ରକାଶ ପାଇସାରିଥିଲେ ମଧ ଆଜୟ କୁମାର ଏପର୍ଯ୍ୟନ୍ତ ଓଡିଶାକୁ ଆସିନାହାନ୍ତି। ଅନ୍ୟପଟେ ଓଡିଶା ପାଇଁ ଗଢାଯାଇଥିବା ଷ୍ଟିୟରିଂ କମିଟିର ବୈଠକ ମଧ ଯେଭଳି ଢଙ୍ଗରେ ହେବା କଥା ସେମିତି ହେଉ ନ ଥିବା କିଛି ନେତା ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ରୀୟ ନେତାମାନେ ଓଡିଶାରେ ସଭାପତି ଚୟନ କରିବାରେ ବିଳମ୍ବ କରୁଥିବା କାରଣରୁ କିଛି ନେତା ଓଡିଶା ଦାୟିତ୍ୱ ନେବା ଲାଗି ବାରମ୍ବାର ଦିଲ୍ଲୀ ଦୌଡିବାରେ ଲାଗିଛନ୍ତି। ପିସିସି ସଭାପତି ହେବା ଲାଗି ଆଶା ରଖିଥିବା ନେତାମାନେ ମଧ ନିଜ ସ୍ତରରେ ଦିଲ୍ଲୀ ଲବି ଜୋରଦାର କରିଛନ୍ତି। ହେଲେ ସଭାପତି ଦୌଡରେ ନ ଥିବା ନେତାମାନେ ଦଳର ସାଙ୍ଗଠନିକ କାର୍ଯ୍ୟ ଏକ ପ୍ରକାର ଠପ୍ ହେଇଯିବାକୁ ନେଇ ଭିତରେ ଭିତରେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଆଉ କେତେଜଣ ନେତା ପାର୍ଲାମେଣ୍ଟ ସରିବା ପରେ ଓଡିଶାର ସାଙ୍ଗଠନିକ ନିଯୁକ୍ତି ହେବ ବୋଲି କହୁଛନ୍ତି।

ଏନେଇ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଦଳ କେମିତି ଚାଲିବ, କ’ଣ କରାଯିବ ତା’ର ନିଷ୍ପତ୍ତି ଏଆଇସିସି ନେଉଛି। କଂଗ୍ରେସ ହେଉଛି ଏକ ଜାତୀୟ ଦଳ। ଜାତୀୟ ଦଳରେ ଉପରସ୍ତରରେ ନିଷ୍ପତ୍ତି ହୋଇଥାଏ। ତେଣୁ ସେମାନେ ଯାହା ନିଷ୍ପତ୍ତି ନେବେ ତାକୁ ମାନିକି ଚାଲିବାକୁ ପଡିବ। ବିଭିନ୍ନ ପ୍ରସଙ୍ଗରେ ଗଣମାଧମରେ ଯେପରି ଆଭିମୁଖ୍ୟ ରଖାଯିବା କଥା ରଖୁଛୁ ବୋଲି ଜୟଦେବ କହିଛନ୍ତି।

ପୂର୍ବତନ ଯୁବ କଂଗ୍ରେସ ସଭାପତି ୟାସିର ନଓ୍ୱାଜ କହିଛନ୍ତି, ଯାହା କାର୍ଯ୍ୟକ୍ରମ ଚାଲିବା କଥା ଚାଲିଛି। ହେଲେ ସଭାପତି ଦଳ ପାଇଁ ନିତାନ୍ତ ଆବଶ୍ୟକ। କର୍ମୀଙ୍କ ଠାରୁ ନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ଚାହୁଁଛନ୍ତି ତୁରନ୍ତ ପିସିସି ସଭାପତି ଚୟନ ହେଇଯାଉ। ଛାମୁଆ ସଙ୍ଗଠନ ନିଜ କାର୍ଯ୍ୟକ୍ରମ କରୁଛି, ହେଲେ ସଭାପତି ବଛା ହୋଇଗଲେ ତାଙ୍କ ନେତୃତ୍ୱରେ ଆହୁରି ଭଲ କାମ ହୋଇପାରିବ। ବିନା ସଭାପତିରେ ଦଳ ଚାଲିପାରିବ ନାହିଁ ବୋଲି ୟାସିର କହିଛନ୍ତି।

# ଅଟୋଚାଳକଙ୍କ ଗଳାକାଟି ହତ୍ୟା

ରାୟଗଡ଼ା/ଟିକିରି,୧୫।୧୨ (ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ଟିକିରି ଥାନା ଅନ୍ତର୍ଗତ ଫୁଲଜବା ଗ୍ରାମରେ ଧାରୁଆ ଅସ୍ତ୍ର ସାହାଯ୍ୟରେ ଜଣେ ଅଟୋଚାଳକଙ୍କ ଗଳା କାଟି ହତ୍ୟା କରାଯାଇଛି। ମୃତକ ହେଲେ କୋରାପୁଟ ଜିଲା ବନ୍ଧୁଗାଁ ଥାନା ଅନ୍ତର୍ଗତ ଗାରିଡ଼ି ଗ୍ରାମର ବଳରାମ ଖରା(୩୫)। ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତିଙ୍କ ସହ ଟିକିରି ଥାନା ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବଳରାମ ରାୟଗଡ଼ା ଓ କୋରାପୁଟ ଜିଲାର ସୀମାନ୍ତରେ ଅଟୋ ଚଳାଇ ଗୁଜୁରାଣ ମେଣ୍ଟାଉଥିଲେ। ଶନିବାର ସନ୍ଧ୍ୟା ସମୟରେ ବଳରାମ ଘରୁ ଅଟୋ ନେଇ


ବଳରାମ ଖରା

ଯାଇଥିଲେ, ହେଲେ ଆଉ ରାତିରେ ଫେରି ନ ଥିଲେ। ସକାଳୁ ତାଙ୍କ ମୃତଦେହ ପଡ଼ିଥିବା ଫୁଲଜବା ଗ୍ରାମବାସୀ ଦେଖି ପୋଲିସକୁ ସୂଚନା ଦେଇଥିଲେ। ବଳରାମଙ୍କୁ ଧାରୁଆ ଅସ୍ତ୍ରରେ କେହି ଗଳା କାଟି ହତ୍ୟାକରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ମଧ୍ୟ ରହିଛି। ଖବରପାଇ ଟିକିରି ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତକରି କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିଭିନ୍ନ ଦିଗକୁ ନେଇ ଘଟଣାର ତଦନ୍ତ ଚାଲିଥିବା ଏସ୍‌ଡିପିଓ ସେନାପତି କହିଛନ୍ତି। ତଦନ୍ତ ଶେଷ ପରେ ସବୁ କଥା ସ୍ପଷ୍ଟହେବ ଓ ହତ୍ୟାକାରୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

# ହୋଟେଲ ଛାତରୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

## ମହିଳାଙ୍କ ସହ ପାଟିତୁଣ୍ଡ ପରେ ଚରମ ପଦକ୍ଷେପ

ଭୁବନେଶ୍ୱର,୧୫।୧୨ (ସୂର୍ଯ୍ୟକାନ୍ତ ବେହେରା)

ଏକ ଓୟୋ ହୋଟେଲ ଛାତରୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ଶ୍ୟାମପୁର ଅଞ୍ଚଳରେ ଗତ ୧୧ ତାରିଖ ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ୩ ଦିନ ପରେ ହୋଟେଲ ପଛରୁ ମୃତଦେହ ମିଳିବା ପରେ ଘଟଣା ପଦାକୁ ଆସିଛି। ମୃତ ଯୁବକ ହେଲେ ଭୁବନେଶ୍ୱର ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ ରଣପୁରର ଦୀପକ ନାୟକ(୨୮)। ସ୍ଥାନୀୟ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଯୁବକ ଜଣକ କାହିଁକି ଏଭଳି ଚରମ ନିଷ୍ପତ୍ତି ନେଲେ ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ହେଲେ ସେ ପ୍ରେମ କରୁଥିବା ଜଣେ ବିଧବା ମହିଳାଙ୍କ


ଦୀପକ ନାୟକ

ସହ ହୋଟେଲ ରୁମ୍‌ରେ ପାଟିତୁଣ୍ଡ ପରେ ଛାତରୁ ଡେଇଁ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟପକ୍ଷେ ଦୀପକଙ୍କ ପରିବାର ଲୋକେ ଏହି ଆତ୍ମହତ୍ୟା ପାଇଁ ହୋଟେଲ

### ୩ଦିନ ପରେ ମିଳିଲା ମୃତଦେହ

ରୁମ୍‌ରେ ଥିବା ମହିଳାଙ୍କ ସମେତ ୪ଜଣ ଯୁବତୀଙ୍କୁ ଦାୟୀ କରିଛନ୍ତି। ଘଟଣାର ଠିକ୍ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ଏଥିସହ ହୋଟେଲ କର୍ମଚାରୀ, ହୋଟେଲର ରୁମ୍‌ରେ ଥିବା ଉକ୍ତ ମହିଳା ଓ ୨ ଯୁବତୀଙ୍କୁ ପଚରାଉଚରା କରିଥିବା ଜଣାପଡ଼ିଛି।

ପୋଲିସ ସୂଚନାନୁସାରେ, ଉକ୍ତ ବିଧବା ମହିଳା ଓ ୨ଜଣ ଯୁବତୀ ମିଶି ଏକ ଡ୍ୟାନ୍ସ ଗ୍ରୁପ୍ କରିଛନ୍ତି। ଏଥିରେ ଦୀପକ ସେମାନଙ୍କୁ ସହଯୋଗ କରନ୍ତି। ଗତ ୧୫ ଦିନ ତଳେ ଏକ କାର୍ଯ୍ୟକ୍ରମ ପାଇଁ ୪ଜଣ ମିଶି ବିହାର ଯାଇଥିଲେ। ଚଳିତ ମାସ ୧୧ ତାରିଖରେ ଭୁବନେଶ୍ୱର ଫେରି ଶ୍ୟାମପୁର ଅଞ୍ଚଳରେ ଥିବା ଉକ୍ତ ଓୟୋ ହୋଟେଲରେ ରୁମ୍ ବୁକ୍ କରି ରହିଥିଲେ। ତେବେ ଟଙ୍କା ନ ଥିବାରୁ ଦୀପକଙ୍କୁ ଘରକୁ ଚାଲିଯିବାକୁ କହିବା ସହ ପରବର୍ତ୍ତୀ କାର୍ଯ୍ୟକ୍ରମରେ ଆସିବାକୁ ମହିଳା ଜଣକ କହିଥିଲେ। ମାତ୍ର ଦୀପକ ରାଜି ନ ହେବାରୁ ହୋଟେଲ କର୍ମଚାରୀଙ୍କ ସହ କଥା ହୋଇ ରିସେପ୍ସନ ପାଖରେ ଥିବା ଏକ ଷ୍ଟୋର୍ ରୁମରେ ରହିବାକୁ କହିଥିଲେ। ଦୀପକ ସେଠାରେ ରହିବା ସହ ଖାଇବା ସମୟରେ ଉକ୍ତ ବିଧବା ମହିଳାଙ୍କ ସହ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଏହାପରେ ଦୀପକ ଉତ୍ତ୍ୟକ୍ତ ହୋଇ ଛାତ ଉପରକୁ ଯାଇ ତଳକୁ ଡେଇଁ ପଡ଼ିଥିବା ହୋଟେଲ ସିସିଟିଭି ଫୁଟେଜରୁ ପୋଲିସ ଜାଣିବାକୁ ପାଇଛି। ହେଲେ ଦୀପକ ହୋଟେଲରୁ ଘରକୁ ଚାଲିଯାଇଥିବା ଭାବି ବିଧବା ମହିଳା ଓ ୨ ଯୁବତୀ ୧୨ ତାରିଖ ସକାଳ ୮ରେ ହୋଟେଲ ଛାଡ଼ିଥିଲେ। ମାତ୍ର ଏହାର ତିନିଦିନ ପରେ ମୃତଦେହ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ଜାଣିପାରି ପୋଲିସକୁ ସୂଚନା ଦେଇଥିଲେ।

# ଡିଲ୍ ସମୟରେ ୨ ବାଘଛାଲ ଜବତ, ଜଣେ ଗିରଫ

ରାୟଗଡ଼ା,୧୫।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ଜଣେ ବ୍ୟକ୍ତି ୨ ବାଘଛାଲକୁ ବିକ୍ରିକରିବା ପାଇଁ ରବିବାର ଡିଲ୍ କରୁଥିବାବେଳେ ବନ ବିଭାଗର ଭିଜିଲାନ୍ସ ହାତରେ ଧରାପଡ଼ିଛି। ବନ ବିଭାଗ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫକରିବା ସହ ୨ଟି ବାଘଛାଲ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ରେଡ୍ଡି କୌଶଲ୍ୟା। ତାଙ୍କ ଘର ଶେଷଖାଲ ଥାନା ଅନ୍ତର୍ଗତ ଜେମାଦେଇପେଣ୍ଠ ସ୍ଥିତ ପ୍ରେମନଗରଠାରେ।

ଘଟଣାରୁ ପ୍ରକାଶ ଯେ, ରେଡ୍ଡି ନିଜ ପାଖରେ ଗଚ୍ଛିତ ରଖିଥିବା ଦୁଇଟିବାଘଛାଲ ବିକ୍ରିକରିବା ପାଇଁ ଡିଲ୍ ପ୍ରକାରେ ରବିବାର ମଧ୍ୟାହ୍ନରେ ପୁରୁଣା ଗେଟ୍ ଛକରେ ଏକ ବସ୍ତା ଧରି ଠିଆ ହୋଇଥିଲେ। ସେହି ସମୟରେ କଟକ ବନ ବିଭାଗ ଭିଜିଲାନ୍ସ ଟିମ୍ ଉପ ବନ ସଂରକ୍ଷକ ରଜନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ରାୟଗଡ଼ା ରେଞ୍ଜ ଅଫିସ କର୍ମଚାରୀ ଚଢ଼ାଉ କରିଥିଲେ। ରେଡ୍ଡି ଧରିଥିବା


ଜବତ ବାଘଛାଲ।

ବସ୍ତାରେ ଦୁଇଟି ଚିତାବାଘର ଛାଲ ଜବତ କରିବା ସହ ତାଙ୍କୁ ଗିରଫକରି ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ପଚରାଉଚୁରା ପରେ ମାମଲା ରୁଜୁ କରାଯିବା ସହ ଅଧିକ ତଦନ୍ତ ଜାରି ରହିଛି। ତେବେ ଗିରଫ ରେଡ୍ଡି ଉକ୍ତ ବାଘଛାଲ କେଉଁଠାରୁ ଆଣିଥିଲେ ତାହା ସ୍ପଷ୍ଟ ହୋଇନାହିଁ।

# ପୋଲିସ ଗୁଳିରେ ୨ ମାଓବାଦୀ ମୃତ

ମାଲକାନଗିରି,୧୫।୧୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଜାପୁର ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ୨ ମାଓବାଦୀଙ୍କ ମୃତ୍ୟୁ ହେବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ମୃତକ ହେଲେ ଏରିଆ ସିଏନ୍‌ଏମ୍ ଅଧକ୍ଷ ସୋମଡା କମଲୁ ଓ ନେଣ୍ଡ୍ରା ଆର୍‌ପିସି ଜନତାନା ସରକାର ଉପାଧକ୍ଷ କବାସୀ ହୁଙ୍ଗା। ବିଜାପୁର ଜିଲା ବାସାଗୁଡ଼ା ଥାନା ଅନ୍ତର୍ଗତ ନେଣ୍ଡ୍ରା ଜଙ୍ଗଲରେ ପୋଲିସ କୋମ୍ବିଂ କରୁଥିବା ସମୟରେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପୋଲିସ ମଧ୍ୟ ଗୁଳିଚାଳନା କରିବା ପରେ ମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ। ଏହାପରେ ସେଠାରୁ ୨ଜଣ ମାଓବାଦୀଙ୍କ ମୃତଦେହ ଠାବ କରାଯାଇଥିଲା। ଏହି ୨ଜଣ ନିମ୍ମାପୁର ଗ୍ରାମ ଅଙ୍ଗନୱାଡ଼ି ସହାୟିକାଙ୍କ ହତ୍ୟା ଘଟଣାରେ ସାମିଲ ଥିଲେ। ଏହି ଘଟଣାରେ ସେମାନଙ୍କ ଉପରେ ପୋଲିସ ପକ୍ଷରୁ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଘଟଣାସ୍ଥଳରୁ ମୃତଦେହ ସହ ୧୨ ବନ୍ଧୁକ, ଗୋଟିଏ ଦେଶୀ ବନ୍ଧୁକ, କଡେକ୍ସ ତାର, ଟିଫିନ ବୋମା, ପ୍ରିଣ୍ଟର, ମାଓବାଦୀ ପୋଷାକ, ଏରିୟଲ, ବ୍ୟାଟେରି ଓ ପୁସ୍ତକ ଆଦି ଜବତ କରାଯାଇଥିବା ବିଜାପୁର ପୋଲିସ ସୂତ୍ରରୁ ପ୍ରକାଶ।

# ମେଡିସିନ ଦୋକାନୀ ଗିରଫ

## ଭୁଲ୍ ଇଞ୍ଜେକ୍ସନରୁ ଛାତ୍ରଙ୍କ ମୃତ୍ୟୁ ଘଟଣା

ପାଟଣା,୧୫।୧୨ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ମୁଖ୍ୟାଳୟରେ ଥିବା ସର୍ବେଶ୍ୱର ମେଡିସିନ ଦୋକାନ ମାଲିକଙ୍କ ଭୁଲ୍ ଇଞ୍ଜେକ୍ସନରୁ ଛାତ୍ରଙ୍କ ମୃତ୍ୟୁ ଘଟଣାରେ ପାଟଣା ପୋଲିସ ଦୋକାନୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ସାହାରପଡ଼ା ବ୍ଲକ୍ ଉଦୟପୁର ପଞ୍ଚାୟତ ରାୟପୁର ଗ୍ରାମର ମନୋଜ ମହାନ୍ତ(୪୯)। ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିବା ନେଇ ଘଟଗାଁ ଏସ୍‌ଡିପିଓ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ପଣ୍ଡାପଡ଼ା ଥାନା ଧରାପଡ଼ା ଗ୍ରାମର ବିଜୟ ମୁଣ୍ଡାଙ୍କ ପୁଅ ଶୁକଦେବ(୧୫) ସାହାରପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହଷ୍ଟେଲରେ ରହି ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଗୁରୁବାର ଅପରାହ୍ଣରେ ଚର୍ମରୋଗ ପାଇଁ ସର୍ବେଶ୍ୱର ମେଡିସିନ ଦୋକାନକୁ ନେଇଥିଲେ। ସେଠାରେ ଦୋକାନୀ ଶୁକଦେବଙ୍କୁ ଏକ ଇଞ୍ଜେକ୍ସନ


ଗିରଫ ଅଭିଯୁକ୍ତ ମନୋଜ ମହାନ୍ତ।

ଦେଇଥିଲେ। ଏହାର କିଛି ସମୟ ପରେ ଛାତ୍ରଙ୍କ ସ୍ୱାସ୍ଥ୍ୟ ବସ୍ଥା ବିଗିଡ଼ିବାରୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବିଜୟ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାହାରପଡ଼ା ଫାଣ୍ଡି ଅଧିକାରୀ ଭବାନୀ ଶଙ୍କର ବାଦି ହତ୍ୟା ମାମଲା(ନଂ. ୩୫୧/୨୪)ରୁଜୁ କରିଥିଲେ। ଗିରଫଦାରି ଭୟରେ ମନୋଜ ଫେରାର ହୋଇଯାଇଥିଲେ। ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର ଦାଗୁଡ୍ଙ୍କ ନିର୍ଦ୍ଦେଶରେ ଘଟଗାଁ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଓ ହରିଚନ୍ଦନପୁର ଥାନା ସବ୍‌ଇନ୍ସପେକ୍ଟର କଳ୍ପତରୁ ନାଏକ ଓ ପାଟଣା ଥାନା ଏଏସ୍‌ଆଇ ଲକ୍ଷ୍ମଣ କୁମାର ମାଝୀଙ୍କ ନେତୃତ୍ୱରେ ଗଠିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଶନିବାର ମନୋଜ ବାହାରକୁ ପଳାଇଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ କେନ୍ଦୁଝର ମାର୍କେଟରୁ କାବୁ କରିଥିଲା। ଏ ନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ କିଶୋର ପୃଷ୍ଟି କହିଛନ୍ତି, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭେନ୍ଦୁ ସାଗର କୁମାର ନାଏକଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛି। ଡ୍ରଗ୍ସ ଇନ୍ସପେକ୍ଟର ରୁଦ୍ର ନାରାୟଣ ସାହୁଙ୍କ ପ୍ରତିକ୍ରିୟା ପାଇଁ ଫୋନ୍ କରିଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ। ସୂଚନାଯୋଗ୍ୟ, ୨୦୨୨ରୁ ଜିଲାରେ ସ୍ଥାୟୀ ଡ୍ରଗ୍ସ ଇନ୍ସପେକ୍ଟର ନ ଥିବା ବେଳେ ମୟୂରଭଞ୍ଜ ଜିଲାର ରୁଦ୍ର ନାରାୟଣ ସାହୁ ଦ୍ୱୈତ ଦାୟିତ୍ୱରେ ରହିଛନ୍ତି।

# ରାଷ୍ଟ୍ରପତିଙ୍କ ମିଡିଆ ସଚିବଙ୍କ ଘରୁ ଚୋରି

ତିହିଡ଼ି,୧୫।୧୨ (ସଞ୍ଜିତ ବଳ)

ରାଷ୍ଟ୍ରପତିଙ୍କ ମିଡିଆ ସଚିବ ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଦୋଳସାହି ପଞ୍ଚାୟତ ହଳଧରବିନ୍ଧା ଗ୍ରାମର ବିଜୟ ନାୟକଙ୍କ ଘରୁ ଶନିବାର ରାତିରେ ଚୋରି ହୋଇଛି। ବିଜୟଙ୍କ ସମ୍ପର୍କୀୟ ଦିବାକର ନାୟକ ରବିବାର ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୫୫୩/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଭଦ୍ରକରୁ ସାଇଣ୍ଟିଫିକ ଟିମ୍ ମଧ୍ୟ ପହଞ୍ଚି ତଦନ୍ତ କରିଛି। ଅଭିଯୋଗ ଅନୁଯାୟୀ, ମା'ବାପାଙ୍କ ଶ୍ରାଦ୍ଧରେ ଯୋଗଦେବାକୁ ବିଜୟ ଓ ତାଙ୍କ ପରିବାର ଲୋକେ ଗତ ଗୁରୁବାର ଘରକୁ ଆସିଥିଲେ। ଶୁକ୍ରବାର ଶ୍ରାଦ୍ଧ ଦିବସ ସାରି ସମସ୍ତେ ଫେରିଯାଇଥିଲେ। ସେହି ଘରେ ଭଡ଼ାରେ ରହୁଥିବା ବ୍ୟକ୍ତି ମଧ୍ୟ ଅନୁପସ୍ଥିତ ଥିବାରୁ ଘରେ ତାଲା ପଡ଼ିଥିଲା। ଏହାର ସୁଯୋଗ ନେଇ ଶନିବାର ରାତିରେ ଚୋରମାନେ ଦାଣ୍ଡପଟରେ ପଡ଼ିଥିବା ତାଲା ଭାଙ୍ଗିଥିବା ବେଳେ ଝରକା ଗ୍ରୀଲ୍ ଭାଙ୍ଗି ଘର ଭିତରେ ପଶି ଏଲ୍‌ଇଡି ସହ ଇନଭର୍ଟର ମେଶିନ ଓ ବ୍ୟାଟେରି ଚୋରିକରି ନେଇଯାଇଛନ୍ତି। ଏଥିସହ ସେମାନେ ଆଲମିରା ତାଲା ଭାଙ୍ଗି ସୁନା ଅଳଙ୍କାର ସହ ୨୦ ହଜାର ଟଙ୍କା ଚୋରିକରି ନେଇଥିବା ଏତଲାରେ ଦର୍ଶାଯାଇଛି। ଚୋରି ସାମଗ୍ରୀ ଭଡ଼ାରେ ରହୁଥିବା ବ୍ୟକ୍ତିଙ୍କର ବୋଲି ଜଣାପଡ଼ିଛି। ରବିବାର ଚୋରି ସମ୍ପର୍କରେ ଜାଣିବା ପରେ ଦିବାକର ଥାନାରେ ଏତଲା ଦେଇଛନ୍ତି।

# ସିରିଜ୍ ଚୋରି ମାମଲାରେ ୫ ଧରାପଡ଼ିଲେ

ଟିକିଟି,୧୫।୧୨(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲ୍ଲା କେ.ନୂଆଗାଁ ଓ ଜରଡ଼ା ଥାନା ଅଞ୍ଚଳରେ ବିଭିନ୍ନ ଜାଗାରେ ସିରିଜ୍ ଚୋରି ମାମଲାରେ କେ. ନୂଆଗାଁ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ବ୍ରହ୍ମପୁରସ୍ଥିତ ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହଜାର କରାଯିବା ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ଅଭିଯୁକ୍ତମାନଙ୍କଠାରୁ ୨ଟି ଗାଡ଼ି, ଲାପଟପ୍, କମ୍ପ୍ୟୁଟର, ସିପିୟୁ, ଏଲ୍‌ସିଡି ଟିଭି ଜବତ ହୋଇଛି। ଗିରଫ ୪ ଅଭିଯୁକ୍ତ ହେଲେ କେ. ନୂଆଗାଁ ଥାନା ଟିକିଟି ଫାଣ୍ଡି ଅନ୍ତର୍ଗତ ଝଗଡ଼ା ଗ୍ରାମର ଅଲେଖ ନାୟକ (୨୦) ଓ ଚିଲାଡି ଗ୍ରାମର ବି. ଦୀପକ (୨୦), ଜରଡ଼ା ଥାନା ଅନ୍ତର୍ଗତ ତୁମ୍ଭା (ଶାରଦାପୁର)ର ଦୁର୍ଗା ବୀରସିଂହ ଏବଂ ଚନ୍ଦନ ଦଳାଇ। ଅଭିଯୁକ୍ତମାନଙ୍କୁ ପାତ୍ରପୁର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ


ଗିରଫ ହୋଇଥିବା ଅଭିଯୁକ୍ତମାନେ।

ଜେଲ ହାଜତକୁ ପଠାଯାଇଛି। ସେମାନେ ଟିକିଟିରେ ଜୁଏଲେରି ଦୋକାନ, ପାତ୍ରପୁର କାନାରା ବ୍ୟାଙ୍କ, କଳବାଡ଼ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଚୋରି କରିଥିବା ନେଇ ସ୍ୱୀକାର କରିଥିବା ପୋଲିସ କହିଛି। କେ. ନୂଆଗାଁ ଥାନା ଅଞ୍ଚଳରେ ଦୀର୍ଘଦିନ ହେଲା ଲଗାତର ଚୋରି ହେଉଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିଲେ। ସେବେଠାରୁ ପୋଲିସ ଟିମ୍ ଗଠନ କରି ତଦନ୍ତ ଜାରି ରଖିଥିଲା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡିଗିଣିଆର ଦି' ଗୁଣ ସରେ**
**ଆଟିକା ପୋଛାର ମାଇପ ମରେ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇ ପାରିନଥାନ୍ତି। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଟ୍‌ଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ପରିବାର ସଦସ୍ୟ ଭୋକ ଉପାସରେ ପଡ଼ି ରହିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇବ ଯାହାର**
**ଗାଇବ ତାହାର।**

ସାଧାରଣତଃ ଅନ୍ୟର ଲୁଣ ଖାଇଥିବା ବ୍ୟକ୍ତି ଋଣୀ ହୋଇଥାନ୍ତି। ଏପରିସ୍ଥଳେ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଜ୍ଞ ରହିବା ମାନବିକତାର ପରିଚୟ ହୋଇଥାଏ। କୌଣସି ବ୍ୟକ୍ତିଙ୍କଠାରୁ କିଛି ଉପକାର ବା ସାହାଯ୍ୟ ସମର୍ଥନ ପାଇଲେ ତାଙ୍କର ଗୁଣଗାନ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ଲୁଟ୍: ଶ୍ରୀମନ୍ଦିର ପରିସରରୁ ୭ ଗିରଫ

ପୁରୀ,୧୫।୧୨(ଅଜିତ କୁମାର ମହାନ୍ତି)

ଶ୍ରୀମନ୍ଦିର ଭିତରେ ଚୋରି ଓ ଲୁଟ କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୭ ସଦସ୍ୟଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ମଧ୍ୟରେ ୪ ମହିଳା ରହିଛନ୍ତି। ସମସ୍ତେ ପଶ୍ଚିମବଙ୍ଗ ହୁଗୁଳି ଜିଲାର ବାସିନ୍ଦା ହୋଇଥିବାବେଳେ ପୁରୀ ବଳିଆପଣ୍ଡା ଗୌଡ଼ବାଡ଼ ସାହି ଅଞ୍ଚଳରେ ରହି ଚୋରି ଓ ଲୁଟ୍ କରୁଥିଲେ। ଅଭିଯୁକ୍ତମାନେ ହେଲେ ଶୁଭଙ୍କର ସରକାର (୨୪), ରାଧିକା ଚୌଧୁରୀ (୩୦), ଜୁଲି ଗୁପ୍ତା (୨୦), ପୂଜା ସାହୁ ଓରଫ ଗୁପ୍ତା (୧୯), ଆଶା ଦାସ (୨୩), ଅରୁଣ ମୁଦାଲିଆ (୨୬) ଓ ମଙ୍ଗଲ ଓରଫ ରାହୁଲ ଦାସ (୨୦)।

ପୋଲିସ ସୂଚନା ଅନୁଯାୟୀ, ଶନିବାର ସକାଳେ ଖୋର୍ଦ୍ଧା ଜିଲାର ମମତା ସାମନ୍ତରାୟ(୫୬) ତାଙ୍କ ସମ୍ପର୍କୀୟଙ୍କ ସହ ଜଗନ୍ନାଥ ଦର୍ଶନ କରୁଥିଲେ। ଏହିସମୟରେ କେହି ତାଙ୍କ ବେକରୁ ସୁନାଚେନ ଓ ୪୦୦ ଟଙ୍କା ଚୋରି କରିନେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ତଦନୁଯାୟୀ ଏକ ସ୍ୱତନ୍ତ୍ର ଟିମ୍ ଅନୁସନ୍ଧାନ କରିଥିଲେ। ଶ୍ରୀମନ୍ଦିର ନାଟମଣ୍ଡପରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଇ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଥିଲା। ପ୍ରଥମେ ୩ଜଣ ପୁରୁଷ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପଚରାଉଚରା କରାଯାଇଥିଲା। ସେମାନଙ୍କ ସୂଚନା କ୍ରମେ ପରେ ୪ଜଣ ମହିଳାଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୨୨ଗ୍ରାମ୍‌ର ସୁନାଚେନ, ୪ହଜାର ଟଙ୍କା, ୪ଟି ମୋବାଇଲ ଫୋନ୍ ଓ ସ୍କର୍ପିଓ ଗାଡ଼ି ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତ ପଶ୍ଚିମବଙ୍ଗରୁ ଏକ ସ୍କର୍ପିଓରେ ଆସି ପୁରୀ ବଳିଆପଣ୍ଡା ଗୌଡ଼ବାଡ ସାହି ଅଞ୍ଚଳରେ ରହୁଥିଲେ। ଶ୍ରୀମନ୍ଦିର ଭିତରେ ଓ ବାହାରେ ଭିଡ଼ର ସୁଯୋଗ ନେଇ ସେମାନେ ଶ୍ରଦ୍ଧାଳୁଙ୍କଠାରୁ ଲୁଟ, ଚୋରି ଓ ପକେଟମାର କରୁଥିଲେ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନବବିବାହିତାଙ୍କୁ ହତ୍ୟା ଅଭିଯୋଗ

ଉମରକୋଟ, ୧୫।୧୨ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ବଡ କୁମାରୀ ଗ୍ରାମ ପଞ୍ଚାୟତର ଖୁଟୁଗୁଡା ବଙ୍ଗୀୟ ଗ୍ରାମରେ ନବବିବାହିତାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତା ହେଲେ ପଲ୍ଲବୀ ବୈରାଗୀ (୨୧)। ତେବେ ଯୌତୁକ ନିର୍ଯାତନା ଦେଇ ପଲ୍ଲବୀଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ମୃତାଙ୍କ ବାପା ପଙ୍କଜ ବୈରାଗୀ ଉମରକୋଟ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ପଲ୍ଲବୀ ୨ ବର୍ଷ ତଳେ ଖୁଟୁଗୁଡା ଗ୍ରାମର କ୍ରିଷ୍ଣାପଦ ରୟଙ୍କ ପୁଅ କପିଳ ରାୟ (୨୧)ଙ୍କୁ ପ୍ରେମ ବିବାହ କରିଥିଲେ। ତେବେ ବିବାହ ପର ଠାରୁ ସ୍ୱାମୀ କପିଳ, ଶ୍ୱଶୁର ଓ ଶାଶୁ ଯୌତୁକ ଆଣିବା ପାଇଁ ଗାଳିଗୁଲଜ କରିବା ସହ ମାରପିଟ କରୁଥିଲେ। ଫଳରେ ପଲ୍ଲବୀ ବାପଘରକୁ ଆସି ମାସେ ଦୁଇ

## ଝୁଲନ୍ତା ମୃତଦେହ ଜବତ

ମାସ ରହି ପୁଣି ଶ୍ୱଶୁର ଘରକୁ ଯାଉଥିବା ପଙ୍କଜ କହିଛନ୍ତି। ଅନ୍ୟପଟେ ସ୍ୱାମୀ କପିଳ କହିଛନ୍ତି, ପଲ୍ଲବୀ ନିଜ ଓଢଣୀକୁ ବେକରେ ଲଗାଇ ଝୁଲନ୍ତା ଅବସ୍ଥାରେ ଥିବା ଦେଖି ତୁରନ୍ତ ତାଙ୍କୁ ଉଦ୍ଧାର କରି ଉମରକୋଟ ହସ୍ପିଟାଲକୁ ଆଣିଥିଲି। ହେଲେ ସେଠାରେ ଡାକ୍ତର ପଲ୍ଲବୀଙ୍କୁ ମୃତ ଘୋଷଣା କରିଥିଲେ। ଉମରକୋଟ ପୋଲିସ ଏ ନେଇ ହତ୍ୟା ଓ ଯୌତୁକ ନିର୍ଯାତନା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଉମରକୋଟ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉମରକୋଟ ଥାନାର ସବ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ମିଶ୍ରଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଆଇଆଇସି ତପନ କୁମାର ପତି ସୂଚନା ଦେଇଛନ୍ତି।

# ଅଟୋରେ ଗଞ୍ଜେଇ ଚାଲାଣ, ୩ ଗିରଫ

ଭୁବନେଶ୍ୱର,୧୫।୧୨ (ସୂର୍ଯ୍ୟକାନ୍ତ ବେହେରା)

ଅଟୋରେ ଗଞ୍ଜେଇ ଚାଲାଣ ବେଳେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ନିକଟରୁ ନୟାପଲ୍ଲୀ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଅଟୋ ଚାଳକ ଖୋର୍ଦ୍ଧା ଫତେଗଡ଼ ଅଞ୍ଚଳର ଭାଗ୍ୟଧର ନାୟକ ଓରଫ କାଳିଆ, ଗଞ୍ଜାମର ହାପି ନାୟକ ଓ ଅଭିଷେକ ଜେନା। ସେମାନଙ୍କଠାରୁ ୨୧ କେଜି ଗଞ୍ଜେଇ, ନଗଦ ୮୦୦ ଟଙ୍କା ଓ ଅପରାଧରେ ବ୍ୟବହୃତ ଅଟୋ ଜବତ ହୋଇଛି। ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ପୋଲିସ ଏକ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ପାହାଳ ଅଞ୍ଚଳରୁ ଅଟୋରେ ଗଞ୍ଜେଇ ଧରି ନୟାପଲ୍ଲୀ ଗଡ଼ସାହିକୁ ନେଉଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଅନ୍ୟପଟେ ଅଭିଯୁକ୍ତମାନଙ୍କୁ ଗଞ୍ଜେଇ ଯୋଗାଇଥିବା ବ୍ୟକ୍ତିଙ୍କୁ ପୋଲିସ ଧରିବାକୁ ଉଦ୍ୟମ ଚଳାଇଛି।

# ଋଣ ଟଙ୍କା ମାଗିବାରୁ ମାଡ଼ ମାରି କାର୍ ଚଢ଼ାଇବାକୁ ଉଦ୍ୟମ

## ମୁଖ୍ୟ ଅଭିଯୁକ୍ତଙ୍କ ଦୁଇ ସହଯୋଗୀ ଗିରଫ

ଭୁବନେଶ୍ୱର,୧୫।୧୨(ସତ୍ୟଜିତ୍ ରାଉତ)

ଜଣେ ବ୍ୟକ୍ତି ଋଣ ଟଙ୍କା ମାଗିବାରୁ ତାଙ୍କୁ ଆକ୍ରମଣ ପରେ ରାସ୍ତାରେ ଫିଙ୍ଗି କାର୍ ଚଢ଼ାଇ ଦେବାକୁ ଉଦ୍ୟମ ହୋଇଛି। ଏହି ଘଟଣାରେ ବଡ଼ଗଡ଼ ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲା କୋଣାର୍କ ଥାନା ଅଞ୍ଚଳର ବାଦଲ ସ୍ୱାଇଁ (୨୦) ଓ ଟାଉନ ଥାନା ଅଞ୍ଚଳର ହରିଶ ଚନ୍ଦ୍ର ପୃଷ୍ଟି ଓରଫ ରକି (୨୯)। ରବିବାର କୋର୍ଟଚାଲାଣ ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ବ୍ରହ୍ମପୁରର ରଘୁନାଥ ସାହୁ ଓରଫ ରାଜ୍ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ଝାରପଡ଼ାରେ ରହୁଥିବା ସାହାଜାହାନ୍ ଖାନ୍‌ଙ୍କଠାରୁ ଅଭିଯୁକ୍ତ ରଘୁନାଥ ୧୦ ଲକ୍ଷ ଟଙ୍କା ଋଣ ନେଇ ଫେରାଉ ନ ଥିଲେ। ସାହାଜାହାନ୍ ପୂର୍ବରୁ ଟଙ୍କା ମାଗିଥିବା ବେଳେ ରଘୁନାଥ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଗତ ଡିସେମ୍ବର ୧ ରାତି ପ୍ରାୟ ୯ଟା ବେଳେ ସାହାଜାହାନ୍ ଓ ତାଙ୍କର ବନ୍ଧୁ ପୁରୀ ବାଇପାସ୍‌ରୋଡ଼ରେ ଏକ କଫି ଶପ୍‌କୁ ଯାଇଥିଲେ। ସେଠାରୁ ସେମାନେ ରାତି ପ୍ରାୟ ୧୦ଟା ୩୦ରେ ଘରକୁ ଫେରୁଥିବାବେଳେ ରଘୁନାଥଙ୍କୁ ଭେଟିଥିଲେ। ସେଠାରେ ରଘୁନାଥଙ୍କୁ ସାହାଜାହାନ୍ ପୁଣି ଟଙ୍କା ମାଗିଥିଲେ। ଫଳରେ ରଘୁନାଥ ଓ ତାଙ୍କ ସହଯୋଗୀମାନେ ସଂଘବଦ୍ଧ ଭାବେ ସାହାଜାହାନଙ୍କୁ ଆକ୍ରମଣ କରିଥିଲେ। ଆହତ ଅବସ୍ଥାରେ ସାହାଜାହାନ୍‌ଙ୍କୁ ରାସ୍ତାରେ ଫିଙ୍ଗି ତାଙ୍କ ଉପରେ କାର୍ ଚଢାଇ ମାରିଦେବାକୁ ଉଦ୍ୟମ କରିଥିଲେ। ଉକ୍ତ କଫି ଶପ୍‌ର କର୍ମଚାରୀମାନେ ସାହାଜାହାନ୍‌ଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ସାହାଜାହାନ୍‌ଙ୍କ ସାନଭାଇ ରିହାନଙ୍କ ଏତଲାକ୍ରମେ ବଡ଼ଗଡ ଥାନା ପୋଲିସ ଏକ ମାମଲା (ନଂ.୭୫୭/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...............................
ବୟସ:...............................
ଜନ୍ମ ତାରିଖ: .........................


ଅନ୍ନପୂର୍ଣ୍ଣା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ହେଡ୍, ସ୍ମିଥ୍‌ଙ୍କ ଶତକରେ ଅଷ୍ଟ୍ରେଲିଆ ଦୃଢ଼

**ବର୍ଡର-ଗାଭାସ୍କର ଟ୍ରଫି ତୃତୀୟ ଟେଷ୍ଟ**

**ବୁମ୍‌ରାଙ୍କୁ ୫ ଉଇକେଟ**

**ବ୍ରିସବେନ୍,୧୫।୧୨(ପି.ଟି.)**

ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚରେ ଦୃଢ଼ ସ୍ଥିତିରେ ରହିଛି ଅଷ୍ଟ୍ରେଲିଆ। ଟ୍ରାଭିସ୍ ହେଡ୍ ଓ ଷ୍ଟିଭେନ୍ ସ୍ମିଥ୍‌ଙ୍କ ଶତକ ବଳରେ ଘରୋଇ ଦଳ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ୭ ଉଇକେଟ ହରାଇ ୪୦୫ ରନ୍ ସଂଗ୍ରହ କରିଛି। ପ୍ରଥମ ଦିନର ଅସମାପ୍ତ ସ୍କୋର ୧୩/୦ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଦିନରେ ୭ ଉଇକେଟ ହରାଇ ୩୯୨ ରନ୍ ଯୋଡ଼ିବାରେ ସମର୍ଥ ହୋଇଥିଲା।

ଦ୍ୱିତୀୟ ଦିନର ଖେଳ ଆରମ୍ଭରୁ ଭାରତୀୟ ବୋଲର ପ୍ରଭାବୀ ବୋଲିଂ କରିଥିଲେ। ଯଶପ୍ରୀତ ବୁମ୍‌ରା ଉଭୟ ଓପନରଙ୍କୁ ଆଉଟ କରିଥିବା ବେଳେ ଅଷ୍ଟ୍ରେଲିଆ ୩୮ ରନ୍‌ରେ ୨ ଉଇକେଟ ହରାଇଥିଲା। ମାର୍ନସ ଲାବୁଶେନ୍ ୧୨ ରନ୍ କରିବା ସହିତ ତୃତୀୟ ଉଇକେଟରେ ଷ୍ଟିଭେନ୍ ସ୍ମିଥ୍‌ଙ୍କ ସହିତ ୩୭ ରନ୍ ଯୋଡ଼ିଥିଲେ। ଲାବୁଶେନଙ୍କୁ କୋହଲିଙ୍କ ହାତରେ କ୍ୟାଚ କରାଇ ନୀତୀଶ କୁମାର ରେଡ୍ଡୀ ଏହି ଯୋଡ଼ି ଭାଙ୍ଗିଥିଲେ। ୭୫ ରନ୍‌ରେ ତୃତୀୟ ଉଇକେଟର ପତନ ପରେ ୨୪୧ ରନ୍ ଯୋଡ଼ିଥିଲେ ଟ୍ରାଭିସ୍ ହେଡ୍ ଓ ଷ୍ଟିଭେନ୍ ସ୍ମିଥ୍। ଦ୍ୱିତୀୟ ଟେଷ୍ଟରେ ଶତକ ସହ ପ୍ଲେୟର ଅଫ୍ ଦ ମ୍ୟାଚ୍ ରହିଥିବା ହେଡ୍ ପୁଣି ଥରେ ଭାରତୀୟ ବୋଲରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିଲେ। କାଉଣ୍ଟର ଆଟାକ କରି ଭାରତୀୟ ବୋଲରଙ୍କ ଲାଇନ୍‌ଲେଣ୍ଥ ବିଗାଡ଼ି ଥିବା ବେଳେ ଫର୍ମକୁ ଫେରିଥିଲେ ଷ୍ଟିଭେନ୍ ସ୍ମିଥ୍। ଭାରତ ବିପକ୍ଷରେ କ୍ରମାଗତ ଶତକ ହାସଲ କରିଥିବା ହେଡ୍ ୧୬୦ ବଲ୍ ଖେଳି ୧୮ ଚୌକା ସହିତ ୧୫୨ ରନ୍ କରିଥିଲେ। ଅନ୍ୟପକ୍ଷରେ ଫର୍ମକୁ ଫେରିଥିବା ସ୍ମିଥ୍ ୧୯୦ ବଲ୍ ଖେଳି ୧୨ ଚୌକା ସହ ୧୦୧ ରନ୍ କରିଥିଲେ। ଦଳୀୟ ସ୍କୋର ୩୧୬ରେ ସ୍ମିଥଙ୍କୁ ଆଉଟ କରି ବୁମ୍‌ରା ଏହି ଭାଗୀଦାରି ଶେଷ କରିଥିଲେ। ପରବର୍ତ୍ତୀ ୧୧ ରନ୍ ମଧ୍ୟରେ ମିଚେଲ୍ ମାର୍ଶ(୫) ଓ ଟ୍ରାଭିସ୍ ହେଡ୍‌ଙ୍କୁ ଆଉଟ କରି ୫ ଉଇକେଟ ସଫଳତା ପୂରଣ କରିଥିଲେ ବୁମ୍‌ରା। ଟେଷ୍ଟ କ୍ରିକେଟରେ ଏହା ତାଙ୍କର ୧୨ତମ ୫ ଉଇକେଟ ସଫଳତା। ପରେ ଉଇକେଟକିପର ଆଲେକ୍ସ କେରୀ(୪୫*) ଓ ଅଧିନାୟକ ପ୍ୟାଟ୍ କମିନ୍ସ(୨୦) ଅଷ୍ଟମ ଉଇକେଟରେ ୫୮ ରନ୍ ଯୋଡ଼ିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଆଲେକ୍ସ କେରୀ ୪୫ ଓ ମିଚେଲ ଷ୍ଟାର୍କ ୭ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରା ୫, ନୀତୀଶ କୁମାର ରେଡ୍ଡୀ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୧୦୧ ଓଭରରେ ୪୦୫/୭(ଟ୍ରାଭିସ୍ ହେଡ୍-୧୫୨, ଷ୍ଟିଭେନ୍ ସ୍ମିଥ ୧୦୧, ଆଲେକ୍ସ କେରୀ-୪୫*, ଯଶପ୍ରୀତ୍ ବୁମ୍‌ରା-୫/୭୨, ନୀତୀଶ କୁମାର ରେଡ୍ଡୀ-୧/୬୫, ମହମ୍ମଦ ସିରାଜ-୧/୯୭)।





ଶତକ ହାସଲ ପରେ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ଓ ଷ୍ଟିଭ୍ ସ୍ମିଥ। ୫ ଉଇକେଟ ହାସଲକାରୀ ଭାରତର ଯଶପ୍ରୀତ୍ ବୁମ୍‌ରା।

## ଦୃଷ୍ଟିବାଧିତ କ୍ରିକେଟ: ସୁପର-୮ରେ ଓଡ଼ିଶା



ଲିଙ୍ଗରାଜ ରାଉତରାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୫।୧୨ (ତପନ ସ୍ୱାଇଁ)**

ଖୋର୍ଦ୍ଧାସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଚାଲିଥିବା ନଗେଶ ଟ୍ରଫି ଟି୨୦ ଜାତୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ନାମେଣ୍ଟର ସୁପର-୮ରେ ଓଡ଼ିଶା ପ୍ରବେଶ କରିଛି। ନିଜର ତୃତୀୟ ଲିଗ୍ ମ୍ୟାଚରେ ଓଡ଼ିଶା ରବିବାର ୧୭୫ ରନରେ ଚଣ୍ଡିଗଡ଼କୁ ହରାଇ ସଫଳତା ପାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୩ ଉଇକେଟ ହରାଇ ୨୧୪ ରନ କରିଥିଲା। ଲାଲ ପ୍ରସାଦ ସୋରେନ ୬୮ ଓ ଧନପତି ଗୌଡ଼ ୫୦ ରନରେ ଅପରାଜିତ ରହିଥିବାବେଳେ ପଙ୍କଜ ଭୁଏ ୪୦ ଓ ଲିଙ୍ଗରାଜ ରାଉତରା ୨୩ ରନ କରିଥିଲେ। ଜବାବରେ ଚଣ୍ଡିଗଡ଼ ୧୦ ଓଭରରେ ମାତ୍ର ୩୯ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଓଡ଼ିଶାର ଲିଙ୍ଗରାଜ ରାଉତରା ୪ଟି ଓ ଦେବରାଜ ବେହେରା ୩ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ସଫଳତା ପାଇଁ ଲିଙ୍ଗରାଜଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ସୁପର-୮ର ପ୍ରଥମ ଲିଗ୍ ମ୍ୟାଚରେ ଓଡ଼ିଶା ଆସନ୍ତା ମଙ୍ଗଳବାର ମଧ୍ୟପ୍ରଦେଶକୁ ଭେଟିବ।



D-2260

## ଭାରତକୁ କ୍ରମାଗତ ଟାଇଟଲ୍

**ଓମାନ,୧୫।୧୨:**

ଓମାନର ମସ୍କଟରେ ଅନୁଷ୍ଠିତ ଜୁନିୟର ଏସିଆ କପ୍ ମହିଳା ହକିରେ ଚାଇନାକୁ ପେନାଲ୍ଟି ଶୁଟଆଉଟରେ ୩-୨ରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଭାରତ। ବିଗତ ସଂସ୍କରଣର ଚାମ୍ପିୟନ ଭାରତ ଦୃଢ଼ ପ୍ରଦର୍ଶନ ବଳରେ ଟାଇଟଲ ଡିଫେଣ୍ଡ କରି ପାରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା। ଡିଫେଣ୍ଡିଂ ଚାମ୍ପିୟନ ଭାରତ ବିପକ୍ଷରେ ଆକ୍ରମଣାତ୍ମକ ଆରମ୍ଭ କରିଥିଲା ଚାଇନା। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାର ଠିକ୍ ପୂର୍ବରୁ ଚାଇନା ଏକ ପେନାଲ୍ଟି କର୍ନରରୁ ୩୦ ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲା। ଝିନ ହୁଆଙ୍ଗ ଟାନ୍ ଏହି ଗୋଲଟି ଦେଇଥିଲେ। ୪୮ ତମ ମିନିଟରେ କନିକା ସିୱାଚ ଭାରତ ପକ୍ଷରୁ ଏହି ଗୋଲଟି ପରିଶୋଧ କରିଥିଲେ। ଫରୱାର୍ଡ ଖେଳାଳି ମାନେ ଚାଇନା ସର୍କଲ ପେନିଟ୍ରେଶନ କରିବା ପରେ କନିକା ଫିଲ୍ଡ ଗୋଲ ଦେଇଥିଲେ। ଶୁଟ ଆଉଟରେ ଭାରତୀୟ ଗୋଲକିପର ଚମତ୍କାର ପ୍ରଦର୍ଶନ କରିଥିଲେ। ଚାଇନା ଖେଳାଳି ୩ଟି ଶଟ୍ ମିସ୍ କରିଥିବା ବେଳେ ଭାରତୀୟ ଖେଳାଳି ୩ ଗୋଲ ସ୍କୋର କରିଥିଲେ।

**୧୯ ବର୍ଷରୁ କମ୍ ମହିଳା ଏସିଆ କପ୍**

## ପାକିସ୍ତାନ ବିପକ୍ଷରେ ଭାରତ ବିଜୟୀ

**କୁଆଲାଲମ୍ପୁର, ୧୫।୧୨ (ପି.ଟି.) :** ମାଲେସିଆରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ମହିଳା ଏସିଆ କପ୍ କ୍ରିକେଟରେ ପାକିସ୍ତାନକୁ ୯ ଉଇକେଟରେ ପରାସ୍ତ କରିଛି ଭାରତ। ୧୭ ବର୍ଷୀୟା ସ୍ପିନର କୋମଲ ଯାଦବ ୪ ଉଇକେଟ ନେଇଥିବା ବେଳେ ଜି. କମଳିନୀ ଅପରାଜିତ ୪୪ ରନ୍ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୭ ଉଇକେଟ ହରାଇ ୬୭ ରନ୍ କରିଥିଲା। ଜବାବରେ ଭାରତ ୭.୫ ଓଭରରେ ୧ ଉଇକେଟ ହରାଇ ୬୮ ରନ୍ କରି ବିଜୟୀ ହୋଇଥିଲା।

ପାକିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ତେବେ ୧୭ ବର୍ଷୀୟା ସୋନମଙ୍କ ଯାଦୁକରି ସ୍ପିନ ଆଗରେ ପାକିସ୍ତାନୀ ବ୍ୟାଟର ଫେଲ୍ ମାରିଥିଲେ। ସୋନମ ୪ ଓଭରର ସ୍ପେଲରେ ଗୋଟିଏ ମେଡେନ୍ ସହିତ ୬ ରନ୍ ବ୍ୟୟ କରି ୪ ଉଇକେଟ ନେଇଥିଲେ। ପାକିସ୍ତାନ ପକ୍ଷରୁ କେବଳ ଓପନର କୋମଲ ଖାନ୍ ୨୪ ଓ ଫାତିମା ଖାନ୍ ୧୧ ରନ୍ ସ୍କୋର କରି ଦୁଇ ଅଙ୍କ ଛୁଇଁ ପାରିଥିଲେ। ଭାରତ ପକ୍ଷରୁ ସୋନମଙ୍କ ବ୍ୟତୀତ ଭିଜେ ଜୋଶିଥା, ପାରୁଣିକା ସିସୋଦିଆ ଓ ମିଥିଳା ବିନୋଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ପ୍ରଥମ ଓଭରରେ ଖାତା ଖୋଲିବା ପୂର୍ବରୁ ତ୍ରିଶା ଗଙ୍ଗୋଡିଙ୍କ ଉଇକେଟ ହରାଇଥିଲେ ମଧ୍ୟ ବିଜୟୀ ହୋଇଥିଲା ଭାରତ। ଅନ୍ୟତମ ଓପନର ଜି କମଳିନୀ ୨୯ ବଲ୍‌ରୁ ୪ ଚୌକା ଓ ୩ ଛକା ମାରି ୪୪ ରନ୍ କରିଥିଲେ। ସାନିକା ଚଲ୍‌କେ ୧୭ ବଲ୍ ଖେଳି ୩ ଚୌକା ସହିତ ୧୯ ରନ୍ ସ୍କୋର କରିଥିଲେ। ପାକିସ୍ତାନ ପକ୍ଷରୁ ଫାତିମା ଖାନ୍ ଏକମାତ୍ର ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୬୭/୭ (କୋମଲ ଖାନ୍-୨୪, ଫାତିମା ଖାନ୍-୧୧, ସୋନମ ଯାଦବ-୪/୬, ଭିଜେ ଜୋଶିଥା-୧/୧୩, ମିଥିଳା ବିନୋଦ-୧/୧୫)। ଭାରତ ୭.୫ ଓଭରରେ ୬୮/୧(ଜି.କମଳିନୀ-୪୪*, ସାନିକା ଚଲ୍‌କେ-୧୯*, ଫାତିମା ଖାନ୍-୧/୨୨)।

## ମୁମ୍ବାଇକୁ ଦ୍ୱିତୀୟ ଟାଇଟଲ୍



ସୟଦ ମୁସ୍ତାକ ଅଲୀ ଟ୍ରଫି ସହ ଚାମ୍ପିୟନ ମୁମ୍ବାଇ ଦଳ।

**ସୟଦ ମୁସ୍ତାକ ଅଲୀ ଟ୍ରଫି**

**ବେଙ୍ଗାଲୁରୁ,୧୫।୧୨(ପି.ଟି.)**

ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ ଫାଇନାଲରେ ମଧ୍ୟପ୍ରଦେଶକୁ ୫ ଉଇକେଟରେ ହରାଇବା ସହ ଦ୍ୱିତୀୟ ଥର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ମୁମ୍ବାଇ। ପ୍ରଥମେ ବ୍ୟାଟିଂ କରିଥିବା ମଧ୍ୟପ୍ରଦେଶ ୨୦ ଓଭରରେ ୮ ଉଇକେଟ ହରାଇ ୧୭୪ ରନ୍ କରିଥିଲା। ଜବାବରେ ମୁମ୍ବାଇ ୧୭.୫ ଓଭରରେ ୫ ଉଇକେଟ ହରାଇ ୧୮୦ ରନ୍ କରି ଜିତି ନେଇଥିଲା।

ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ମୁମ୍ବାଇ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଓଡ଼ିଆ ପୁଅ ଶୁଭ୍ରାଂଶୁ ସେନାପତି ୨୩ ରନ୍ କରିଥିଲେ। ଶୁଭ୍ରାଂଶୁ ୧୬ ବଲ୍ ଖେଳି ୨ ଛକା ସହ ୨୩ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ୫୬ ରନ୍‌ରେ ୪ ଉଇକେଟ ପଡିବା ପରେ ରଜତ ପଟିଦାର ଧୂଆଁଧାର ବ୍ୟାଟିଂ କରି ଅପରାଜିତ ୮୧ ରନ୍‌ର ଇନିଂସ ଖେଳିଥିଲେ। ମାତ୍ର ୪୦ ବଲ୍‌ର ଇନିଂସରେ ସେ ୬ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ମୁମ୍ବାଇ ପକ୍ଷରୁ ଶାର୍ଦ୍ଦୁଳ ଠାକୁର, ରୟଷ୍ଟନ ଡିଆଜ ୨ଟି ଲେଖାଏ ଉଇକେଟ ନେଇଥିଲେ।

୧୭୫ ରନ୍ ପିଛା କରୁଥିବା ମୁମ୍ବାଇ ପକ୍ଷରୁ ଅଜିଙ୍କ୍ୟ ରାହାନେ ୩୭ ରନ୍ କରିଥିଲେ। ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ରହିଥିବା ରାହାନେ ୩୦ ବଲ୍ ଖେଳି ୪ ଚୌକା ମାରି ୩୭ ରନ୍ କରିଥିଲେ। ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସର୍ବାଧିକ ୪୮ ରନ୍ କରିଥିଲେ। ୩୫ ବଲର ଇନିଂସରେ ସେ ୪ ଚୌକା ଓ ୩ ଛକା ମାରିଥିଲେ। ପ୍ଲେୟର ଅଫ୍ ଦ ମ୍ୟାଚ୍ ସୂର୍ଯ୍ୟାଂଶ ଶେଡଗେ ଆକ୍ରମଣାତ୍ମକ ୩୬ ରନ୍ କରିବା ସହ ମ୍ୟାଚ ଶେଷ କରିଥିଲେ। ମାତ୍ର ୧୫ ବଲ୍‌ର ସମ୍ମୁଖୀନ ହୋଇଥିବା ଶେଡଗେ ୩ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ମଧ୍ୟପ୍ରଦେଶ ପକ୍ଷରୁ ତ୍ରିପୁରେଶ ସିଂ ୨, ଶିବମ ଶୁକ୍ଲା, ଭେଙ୍କଟେଶ ଆୟର ଓ କୁମାର କାର୍ତ୍ତିକେୟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମଧ୍ୟପ୍ରଦେଶ ୨୦ ଓଭରରେ ୧୭୪/୮ (ରଜତ ପଟିଦାର-୮୧, ଶୁଭ୍ରାଂଶୁ ସେନାପତି-୨୩, ରାହୁଲ ବାଥାମ-୧୯, ରୟଷ୍ଟନ ଡିଆଜ-୨/୩୨, ଶାର୍ଦ୍ଦୁଳ ଠାକୁର-୨/୪୧, ଅଥର୍ବ ଆଙ୍କୋଲେକର-୧/୧୯)। ମୁମ୍ବାଇ ୧୭.୫ ଓଭରରେ ୧୮୦/୫ (ସୂର୍ଯ୍ୟକୁମାର ଯାଦବ-୪୮, ଅଜିଙ୍କ୍ୟ ରାହାନେ-୩୭, ସୂର୍ଯ୍ୟାଂଶ ଶେଡଗେ-୩୬*, ତ୍ରିପୁରେଶ ସିଂ୨/୩୪, ଶିବମ ଶୁକ୍ଲା-୧/୨୨, ଭେଙ୍କଟେଶ ଆୟର-୧/୩୯)।

### ଶୁଭ୍ରାଂଶୁଙ୍କ ବିଶେଷ ଉପଲବ୍ଧି

ମଧ୍ୟପ୍ରଦେଶ ପକ୍ଷରୁ ଖେଳିଥିବା ଓଡ଼ିଶାର ଶୁଭ୍ରାଂଶୁ ସେନାପତି ବିସିସିଆଇର ଘରୋଇ କ୍ରିକେଟରେ ଏକ ବିଶେଷ ଉପଲବ୍ଧି ହାସଲ କରିଛନ୍ତି। ପ୍ରଥମ ଓଡ଼ିଆ ଖେଳାଳି ଭାବରେ ସେ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟର ଫାଇନାଲ ଖେଳିଛନ୍ତି। ମୁମ୍ବାଇ ନିକଟରୁ ହାରି ମଧ୍ୟପ୍ରଦେଶ ରନର ଅପ୍ ରହିଥିବା ବେଳେ ଶୁଭ୍ରାଂଶୁ ଫାଇନାଲରେ ୧୬ ବଲ୍‌ରୁ ୨୩ ରନ୍ ସ୍କୋର କରିଥିଲେ। ସେ ଏହି ପ୍ରତିଯୋଗିତାରେ ୧୦ ମ୍ୟାଚ ଖେଳି ଗୋଟିଏ ଅର୍ଦ୍ଧଶତକ ସହାୟତାରେ ୨୫୪ ରନ ସଂଗ୍ରହ କରିଥିଲେ। ମଧ୍ୟପ୍ରଦେଶକୁ ଫାଇନାଲରେ ପହଞ୍ଚାଇବାରେ ସେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପୂର୍ବରୁ ଓଡ଼ିଶାର ରଶ୍ମି ରଞ୍ଜନ ପରିଡ଼ା ବାହାର ରାଜ୍ୟପକ୍ଷରୁ ଏକାଧିକଥର ରଣଜୀ ଟ୍ରଫି ଫାଇନାଲ ଖେଳିଥିବାବେଳେ ରାଜସ୍ଥାନ ପକ୍ଷରୁ ୨ ଥର ଚାମ୍ପିୟନ ହେବାର ଗୌରବ ଲାଭ କରିଥିଲେ।

## ନାଲ୍‌କୋ ଓପନ ଟେନିସ:କବିର ହଂସଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର, ୧୫।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଜିଲା ଟେନିସ ଆସୋସିଏଶନ (ବିଡିଟିଏ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ରବିବାର ନାଲ୍‌କୋ ଓପନ ଟେନିସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହା ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇ କବିର ହଂସ ଦ୍ୱିମୁକୁଟ ହାସଲ କରିଛନ୍ତି। ସିଙ୍ଗଲ୍ସ ଫାଇନାଲରେ କବିର ସତୀର୍ଥ ପଟ୍ଟନାୟକଙ୍କୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି କବିର ଓ ସତୀର୍ଥ ଯୋଡ଼ି ଡବଲ୍ସ ଫାଇନାଲ ଅଂଶୁ କୁମାର ଭୂୟାଁ ଓ ଚିନ୍ମୟ ପ୍ରଧାନଙ୍କୁ ୬-୨, ୬-୨ ସେଟ୍‌ରେ ହରାଇଛନ୍ତି। ଟପ୍ ସିଡ୍ ଅଭିପ୍ସା ଦେହୁରି, ଆହାନ ମିଶ୍ର ଓ ଦେବାଶିଷ ସାହୁ ଯଥାକ୍ରମେ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ଏବଂ ୧୮ ବର୍ଷରୁ କମ୍ ବର୍ଗରେ ଚାମ୍ପିୟନ ହୋଇଛନ୍ତି। ୫ମ ସିଡ୍ ଆହାନ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ନାଲ୍‌କୋ ନିର୍ଦ୍ଦେଶକ (ଏଚ୍‌ଆର) ଆଲୋକ କୁମାର ପାଲ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟାଟା ଷ୍ଟିଲ୍‌ର ରେସିଡେଣ୍ଟ ଏକ୍‌ଜିକ୍ୟୁଟିଭ୍ ମୁଖ୍ୟ ଅଶ୍ୱିନ ମହାନ୍ତି, ବିଡିଟିଏ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର ଓ ସମ୍ପାଦକ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ନାଲ୍‌କୋ ଓପନ ଟେନିସ ଟୁର୍ନାମେଣ୍ଟର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**Classified Everyday**
0674-2580101, 9692975378


**REAL ESTATE**

**SALE**

**Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987.** D-76220

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45 000 00/-ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75585

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2226

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9778832554, 9437226965.** D-2275

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872.** D-2274


**AUTOMOBILE**

**SALE**

Bolero 9 seat Passenger, Indigo Car, Bullet finance available - 8763042806. D-2273

**TOLET**

Open space godown measuring 1000 sqft. available for rent at Mancheswar Industrial Estate. Contact: 8637280147. D-2247




**Full body massage experience, good looking therapist @999 (Bhubaneswar). 9078484455.** D-2144

Newly open health benefits spa special offer @799, Bapujinagar. 8018429809. D-76178

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before Executive Magistrate, Bhadrak, dated 30.11.2024, I, Santosh Kumar Panda (38 yrs), Vill.-Podapodasasan, P.O.-Anandabazar, P.S.-Bhadrak (R), Pin- 756116, Odisha, declare that I have changed my son's name from Sai Swagat Jyotiraditya Panda to BS Jyotiraditya Panda. Henceforth, he shall be known as BS Jyotiraditya Panda for all purposes. D-2277

**ମନେ ପଡ଼ନ୍ତି**



D-2276

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସ୍ନେହନ କର୍ମ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ଆୟୁର୍ବେଦ ବିଜ୍ଞାନ ମତାନୁସାରେ, ଆମେ ପ୍ରତିଦିନ ସ୍ନାନ ପୂର୍ବରୁ ସର୍ବାଙ୍ଗରେ ତୈଳ ମର୍ଦ୍ଦନ କରି ସ୍ନାନ କରିବା ଉଚିତ। ଏହାଦ୍ୱାରା ଆମ ଶରୀରରେ ଥିବା ସମସ୍ତ ମୃତ ଜୀବକୋଷଗୁଡ଼ିକ ପଦାକୁ ବାହାରିଯାଏ ଏବଂ ଲୋମକୂପଗୁଡ଼ିକ ଉନ୍ମୁକ୍ତ ହୋଇଥାଏ। ଆମେ ଆଧାତ୍ମିକ ଚେତନା ମାଧ୍ୟମରେ ଚିନ୍ତାକଲେ ଆମ ଶରୀରରେ ପାନ, ଅପାନ, ବ୍ୟାନ, ଉଦାନ, ସମାନ ପାଞ୍ଚ ପ୍ରକାର ବାୟୁର ପ୍ରଭାବ ରହିଥାଏ। ଆମେ ନାକ ଦ୍ୱାରା ଶ୍ୱାସକ୍ରିୟା କରିଥାଉ ତାହାକୁ 'ସମାନ କ୍ରିୟା' ମଧ୍ୟ କୁହାଯାଏ। ଲୋମକୂପ ଯଦି ବନ୍ଦ ରହେ ତେବେ ଶରୀରର ପ୍ରତ୍ୟେକଟି କୋଷପାଖରେ ବାୟୁ ପହଞ୍ଚିବାରେ ଅସୁବିଧା ହୋଇଥାଏ।"





ସାମ୍ପ୍ରତିକ ପରିସ୍ଥିତିରେ ସମାଜରେ ଏକ ବ୍ୟାପକ ପରିବର୍ତ୍ତନ ଦେଖାଯାଉଛି। ଦୈନନ୍ଦିନ ଆହାରବିହାର, ଖାଦ୍ୟପେୟ, ପୋଷାକ ପରିଧାନ ଆଦି ବାହ୍ୟ ଦେଶର ଚାଲିଚଳଣି ଚାକଚକ୍ୟକୁ ଅନୁକରଣ କରିବା ଏକ ଧାରାରେ ପରିଣତ ହୋଇଗଲାଣି। ଅଧିକାଂଶ ବ୍ୟକ୍ତି ଆମର ଦେଶୀୟ ଚାଲିଚଳଣି ପାରମ୍ପରିକ ରିତିନୀତିଠାରୁ ଧୀରେ ଧୀର ଦୂରେଇ ଯାଉଥିବାର ଦେଖିବାକୁ ମିଳୁଛି। ଏହାର ପରିଣାମ ସ୍ୱରୂପ ତାହାର ଖରାପ ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ପଡୁଛି।

ଆମର ଭାରତୀୟ ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ଆମେ କିପରି ଏକ ରୁଟିନ୍ ଦୈନନ୍ଦିନ ଜୀବନଶୈଳୀ ଅନୁସରଣ କରିବା ସହ ସୁଷମ ଆହାର ଦ୍ୱାରା କିପରି ସୁସ୍ଥ ରହିପାରିବା ସେ ବିଷୟରେ ବର୍ଣ୍ଣନା କରାଯାଇଛି। ସେଥିମଧ୍ୟରୁ ଆମେ ସ୍ନେହନ କର୍ମ (ଶରୀରର ବିଭିନ୍ନ ଅଙ୍ଗରେ ତୈଳ ମର୍ଦ୍ଦନ) କରିବା ଦ୍ୱାରା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ତା'ସହ ଆମେ ଅନେକାଂଶରେ ସୁସ୍ଥ ରହିପାରିବା। ଆମର ଗୋସେଇଁ ବାପା, ଜେଜେମା, ଆଈମାନେ ଆମକୁ କହିଥାନ୍ତି, ଗାଧୋଇ ଯିବା ପୂର୍ବରୁ ତେଲ ଲଗାଇ ଗାଧୋଇଲେ ଥଣ୍ଡା, ସର୍ଦ୍ଦି ଧରିବ ନାହିଁ। ଆଜିର ପରିସ୍ଥିତି ସମ୍ପୂର୍ଣ୍ଣ ଅଲଗା। ଆଜିକାଲି ତେଲ ଲଗାଇବାକୁ ବହୁତ ଲୋକ ପସନ୍ଦ କରୁନାହାନ୍ତି। ଶାମ୍ପୁ, ସାବୁନର ବ୍ୟବହାର ବହୁଳ ଭାବରେ ହେଉଛି। ଆମର ପାରମ୍ପରିକ ଚିକିତ୍ସା ବିଜ୍ଞାନ ମତରେ, ଲୋକକଥାଗୁଡ଼ିକ ଆମ ସ୍ୱାସ୍ଥ୍ୟ ପାଇଁ ହିତକର, ଯାହାକି ବିଜ୍ଞାନସମ୍ମତ। ଭାରତୀୟ ଆୟୁର୍ବେଦ ଶାସ୍ତ୍ରରେ ଆମ ଶରୀରରେ ବିଭିନ୍ନ ଅଙ୍ଗରେ ତୈଳମର୍ଦ୍ଦନ କରିବା ଦ୍ୱାରା ତା'ର ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ଉଲ୍ଲେଖ ରହିଛି। ଶରୀରରେ ବିଭିନ୍ନ ଅଙ୍ଗରେ ତୈଳ ମର୍ଦ୍ଦନ କରିବା ଦ୍ୱାରା ଆମେ ସମ୍ମୁଖୀନ ହେଉଥିବା କେତେକ ରୋଗକୁ ପ୍ରତିରୋଧ କରିପାରିବା।

ସାଧାରଣ ଭାବେ ଆମେ ଜାଣିଛେ ଯେ ଆମେ ଗାଧୋଇବା ପୂର୍ବରୁ ଶରୀରରେ ତେଲ ଲଗାଇ ଗାଧୋଇବା ଅତ୍ୟନ୍ତ ଭଲ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବିଧିମୁତାବକ ସ୍ନାନ ପରିଷ୍କାର ପରିଚ୍ଛନ୍ନତା ରହିବା ହେତୁ ଆମେ ସୁସ୍ଥ ସତେଜ ରହିପରିବା।

**ସ୍ନାନ ପୂର୍ବରୁ ତୈଳ ଲଗାଇବାର ଉପକାରିତା :** ଆୟୁର୍ବେଦ ବିଜ୍ଞାନ ମତାନୁସାରେ, ଆମେ ପ୍ରତିଦିନ ସ୍ନାନ ପୂର୍ବରୁ ସର୍ବାଙ୍ଗରେ ତୈଳ ମର୍ଦ୍ଦନ କରି ସ୍ନାନ କରିବା ଉଚିତ। ଏହାଦ୍ୱାରା ଆମ ଶରୀରରେ ଥିବା ସମସ୍ତ ମୃତ ଜୀବକୋଷ ପଦାକୁ ବାହାରିଯାଏ ଏବଂ ଲୋମକୂପଗୁଡ଼ିକ ଉନ୍ମୁକ୍ତ ହୋଇଥାଏ। ଆମେ ଆଧାତ୍ମିକ ଚେତନା ମାଧ୍ୟମରେ ଚିନ୍ତାକଲେ ଆମ ଶରୀରରେ ପାନ, ଅପାନ, ବ୍ୟାନ, ଉଦାନ, ସମାନ ପାଞ୍ଚ ପ୍ରକାର ବାୟୁର ପ୍ରଭାବ ରହିଥାଏ। ଆମେ ନାକ ଦ୍ୱାରା ଶ୍ୱାସକ୍ରିୟା କରିଥାଉ ତାହାକୁ 'ସମାନ କ୍ରିୟା' ମଧ୍ୟ କୁହାଯାଏ। ଲୋମକୂପ ଯଦି ବନ୍ଦ ରହେ ତେବେ ଶରୀରର ପ୍ରତ୍ୟେକଟି କୋଷପାଖରେ ବାୟୁ ପହଞ୍ଚିବାରେ ଅସୁବିଧା ହୋଇଥାଏ। ଏହାଫଳରେ କୋଷଗୁଡ଼ିକ ଦୁର୍ବଳ ହୋଇଯାଏ। ଆମର ମାନସିକ ସ୍ତରରେ ସାହସ, ମାନସିକ କାର୍ଯ୍ୟଦକ୍ଷତା ହ୍ରାସ ପାଇଥାଏ। ତେଣୁ ସ୍ନାନ ପୂର୍ବରୁ ହିଁ ତୈଳ ଲଗାଇବା ଉଚିତ।

ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ 'ପଞ୍ଚକର୍ମ ଚିକିତ୍ସା' ପଦ୍ଧତି ମଧ୍ୟରେ ସ୍ନେହନ କର୍ମ ଅନ୍ତର୍ଭୁକ୍ତ। ଏଥିରେ ଶରୀରର କେଉଁସବୁ ଅଙ୍ଗରେ ତୈଳ ମର୍ଦ୍ଦନ କଲେ ଆମେ କି ପ୍ରକାର ସୁସ୍ଥ ରହିପାରିବା ସେ ବିଷୟ ବର୍ଣ୍ଣିତ ରହିଛି। ତୈଳକୁ ନେଇ ଚିକିତ୍ସା, ତୈଳକୁ ନେଇ ସ୍ନାନର ପ୍ରକ୍ରିୟା, ତୈଳକୁ କେମିତି ଏକ ସୁସ୍ଥ ଶରୀର ପାଇଁ ବ୍ୟବହାର କରାଯାଇପାରିବ ତାହା ଉପରେ ବିଶଦ ଭାବେ ମଧ୍ୟ ଉଲ୍ଲେଖ ରହିଛି। ପାଦର ବୁଢ଼ା ଆଙ୍ଗୁଠି ନଖରେ ଆମେ ତୈଳ ଲଗାଉଛେ। ଆମ ଶରୀରର ବୁଢ଼ା ଆଙ୍ଗୁଠି ନଖ ସନ୍ଧି ସବୁଠାରୁ ଦୁର୍ବଳ ସ୍ଥାନ। ଉକ୍ତ ନଖ ସନ୍ଧିରେ କଣନଖା ହୋଇଥାଏ, ଯାହାକୁ ଫଙ୍ଗାଲ ଇନ୍‌ଫେକ୍ସନ କୁହାଯାଏ। ଆମେ ଗାଧୋଇବା ବେଳେ ବୁଢ଼ା ଆଙ୍ଗୁଠି ନଖ ସନ୍ଧିରେ ତୈଳ ଲଗାଇଲେ ଏଠାରେ ଆଉ ଇନ୍‌ଫେକ୍ସନ ହୋଇ ନ ଥାଏ। ଏହା ମଧ୍ୟ ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିଥାଏ।

**କାନରେ ତୈଳ ପକାଇବା**

ଆମ କାନରେ ଛିଦ୍ର ରହିଛି, ବାହ୍ୟ ଧୂଳିକଣା ଭିତର ମଇଳା ମିଶି ଏକ କଠିନ ପଦାର୍ଥ ସୃଷ୍ଟି ହୁଏ, କାନ ଖଡଖଡ଼ ହେବା ସହ ବେଳେ ବେଳେ କାନରେ ପାଣିପଶି କାନ ସଂକ୍ରମିତ ହୋଇଥାଏ। ଆମେ କାନରେ ନିୟମିତ ତୈଳ ପକାଇବା ଦ୍ୱାରା କାନ ବିଭିନ୍ନ ଜୀବାଣୁ ଭୁତାଣୁ ସଂକ୍ରମିତ ହୋଇ ନଥାଏ।

**ନାଭିରେ ତୈଳ ଦେବା**

ଆମ ଶରୀରର ସମସ୍ତ ସ୍ନାୟୁର କେନ୍ଦ୍ରବିନ୍ଦୁ ହେଲା ନାଭିମଣ୍ଡଳ। ନାଭି ପ୍ରଦେଶରେ ଶରୀରର ସମସ୍ତ ସ୍ନାୟୁର ସଂଯୋଗ ରହିଛି। ତେଣୁ ନାଭିରେ ତୈଳ ମର୍ଦ୍ଦନ କଲେ ଭଲ ନିଦ ହୋଇଥାଏ। ଆମ ଶରୀରର ସ୍ନାୟୁଗୁଡିକ ଯେତେବେଳେ ଚାପଗ୍ରସ୍ତ ହୋଇଥାଏ, ସେତେବେଳେ ଆମେ ମାନସିକ ବିଷାଦଗ୍ରସ୍ତ, ମାନସିକ ଚାପଗ୍ରସ୍ତ ହୋଇଥାଉ। ଏହି ଚାପରୁ ମୁକ୍ତି ପାଇଁ ନାଭି ପ୍ରଦେଶରେ ତୈଳ ଦେଲେ ବେଶ୍ ଉପକାର ମିଳିଥାଏ। ଏହାଦ୍ୱାରା ଭଲ ନିଦ ମଧ୍ୟ ହୁଏ।

**ମଣିବନ୍ଧ ଓ ହାତ ପାପୁଲିରେ ତୈଳ ମର୍ଦ୍ଦନ**

ଆମ ହାତକୁ ସକ୍ରିୟ କରିବାର କ୍ଷମତା ମଣିବନ୍ଧର ଅଟେ। ହାତର ପାଞ୍ଚଆଙ୍ଗୁଳି ପଞ୍ଚତତ୍ତ୍ୱକୁ ଗ୍ରହଣ କରିବାର ଅଙ୍ଗ ଅଟେ। ମଣିବନ୍ଧ ଓ ପାପୁଲିରେ ତୈଳ ମର୍ଦ୍ଦନ କରିବାର ବିଧାନ ରହିଛି, ଯଦ୍ୱାରା ମଣିବନ୍ଧ, ହାତର ପାଞ୍ଚ ଆଙ୍ଗୁଳିର ବେଦନା ଉପଶମ ହେବାସହ ଦୁଇ ହାତର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇ କ୍ରିୟାଶୀଳ ହୋଇଥାଏ।

**ନାସ୍ୟ କର୍ମ (ନାକରେ ତୈଳ ପକାଇବା):** ଆୟୁର୍ବେଦ ଶାସ୍ତ୍ରରେ ନାକର ଦୁଇ ପୁଡ଼ାରେ ତୈଳ, ଗୋ ଘୃତ ପକାଇବାର ବିଧାନ ରହିଛି, ଯାହାକୁ ନସ୍ୟ କର୍ମ କୁହାଯାଏ। ଏହା ଶରୀର ପାଇଁ ବେଶ୍ ଉପକାରୀ। ନାକରେ ତୈଳ ପକାଇବା ଦ୍ୱାରା ଏହା ବାହ୍ୟ ଧୂଳିକଣା ଓ ବିଭିନ୍ନ ଜୀବାଣୁ ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା ସହ ଥଣ୍ଡା, ଗଳା ଦରଜ, ମୁଣ୍ଡ ବିନ୍ଧା, ଫୁସ୍‌ଫୁସ୍ ସଂକ୍ରମଣରୁ ଶରୀରକୁ ସୁରକ୍ଷିତ ରଖିଥାଏ। ଏହାଦ୍ୱାରା ମାନସିକ ଅବସାଦ ଦୂରହେବା ସହ ସ୍ମରଣ ଶକ୍ତି ବୃଦ୍ଧିପାଇଥାଏ। ମାନସିକ ସ୍ତରରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ହୋଇଥାଏ। ନସ୍ୟକର୍ମରେ ନାକରେ ରାଶିତେଲ, ସୋରିଷତେଲ, ନଡ଼ିଆତେଲ, ଗୋ ଘୃତ ଆଦି ୩ ରୁ ୫ ଟୋପା ପରିମାଣରେ ପକାଇବା ଉଚିତ।

**ମୁଣ୍ଡରେ ତୈଳ ମର୍ଦ୍ଦନ :** ଆମେ ପ୍ରତିଦିନ ଗାଧୋଇବା ପୂର୍ବରୁ ମୁଣ୍ଡରେ ତୈଳ(ରାଶି ତେଲ, ନଡ଼ିଆ ତେଲ, ଭୃଙ୍ଗରାଜ ତୈଳ,ବ୍ରାହ୍ମୀ ତୈଳ) ଆଦି ଲଗାଇ ଗାଧୋଇବା ଉଚିତ। ଏହାଦ୍ୱାରା ମସ୍ତିଷ୍କରେ ଉତ୍ତମ ରକ୍ତ ସଞ୍ଚାଳନ, କେଶ ବୃଦ୍ଧି, କେଶ ନ ଝଡ଼ିବା, ମୁଣ୍ଡର ଚର୍ମ ବିଭିନ୍ନ ଜୀବାଣୁ ଭୂତାଣୁରୁ ରକ୍ଷା ପାଇବା ସହ ମାନସିକ ଦୁଶ୍ଚିନ୍ତା, ଅବସାଦ, ସୁଖନିଦ୍ରା, ମୁଣ୍ଡବିନ୍ଧା ଦୂରହେବା,ରକ୍ତ ଚାପ ସନ୍ତୁଳିତ ରହିବା, ମନ ଶାନ୍ତ ଓ ସ୍ଥିର ରହିବାରେ ସହାୟକ ହୋଇଥାଏ।

- ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ଜାଣି ରଖନ୍ତୁ



ଦହି ଆମ ସ୍ୱାସ୍ଥ୍ୟ ପାଇଁ କେତେ ଉପଯୋଗୀ ତାହା ପ୍ରାୟ ଅନେକ ଜାଣନ୍ତି। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଏହା ବଢ଼ାଇଥାଏ। ପ୍ରାୟ ୭୦ ପ୍ରତିଶତ ଶକ୍ତି ଆମେ ଦହିରୁ ହିଁ ପାଇଥାଉ। ଦହିରେ କ୍ୟାଲ୍‌ସିୟମ୍ ଥିବାରୁ ଏହା ଅସ୍ଥି ଓ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ। ଅଷ୍ଟିଓପୋରେସିସ୍ ଆଶଙ୍କାକୁ ଏହା କେତେକାଂଶରେ ଦୂର କରିଥାଏ। ଏଥି ସହ ଦାନ୍ତକୁ ମଧ୍ୟ ଦୃଢ଼ ରଖେ। ଦହି ଚର୍ମ ଏବଂ କେଶକୁ ବଢ଼ିବାରେ ମଧ୍ୟ ସାହାଯ୍ୟ କରେ। ଏଥିରେ ଲାକ୍‌ଟିକ୍ ଏସିଡ୍ ତତ୍ତ୍ୱ ରହିଛି। ଏଥିଯୋଗୁ କ୍ଷତ ହୋଇଥିବା ସ୍ଥାନରେ ନୂଆ ଚର୍ମ ଆପେ ସୃଷ୍ଟି ହୋଇଥାଏ। ଏହି ତତ୍ତ୍ୱରେ ମଧ୍ୟ ଆଣ୍ଟି-ଫଙ୍ଗାଲ୍ ଗୁଣ ରହିଛି, ଯାହା କେଶ ମୂଳକୁ ଶକ୍ତ ରଖିବା ସହ ରୂପି ହେବାରୁ ରକ୍ଷା କରେ। ପ୍ରତିଦିନ ଖାଉଥିବା ଖାଦ୍ୟରେ ଦହିକୁ ସାମିଲ୍ କରନ୍ତୁ। ଏହା ଖାଦ୍ୟକୁ ଠିକ୍ ଭାବେ ହଜମ କରିବାରେ ସାହାଯ୍ୟ କରିଥାଏ। ନିୟମିତ ଦହି ଖାଇଲେ ତାହା କୋଲେଷ୍ଟରଲ୍ ପରିମାଣକୁ ସନ୍ତୁଳିତ ରଖେ। ମେଦ ବହୁଳତା କମାଇବାରେ ଏହା ମଧ୍ୟ ସାହାଯ୍ୟ କରିଥାଏ। ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଏହା ମଧ୍ୟ ବେଶ୍ ଉପକାରୀ। ବେଳେବେଳେ ଶରୀରରେ ହରମୋନ୍ ଅସନ୍ତୁଳିତ ଅବସ୍ଥାରେ ରହିଥାଏ। ତେଣୁ ଏହା ହରମୋନ୍‌କୁ ସନ୍ତୁଳିତ ରଖିବା ସହ ହାର୍ଟକୁ ମଧ୍ୟ ସୁସ୍ଥ ରଖିବାରେ କେତେକାଂଶରେ ସାହାଯ୍ୟ କରିଥାଏ। ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖେ।

## ଉପକାରୀ ସଜନା ଶାଗ

ସଜନା ଶାଗରେ ଅନେକ ପ୍ରକାର ସ୍ୱାସ୍ଥ୍ୟପୋକାରୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...



- ସଜନା ଶାଗ ରକ୍ତରେ ଗ୍ଲୁକୋଜ୍, ପରିସ୍ରାରେ ଶର୍କରା ଏବଂ ପ୍ରୋଟିନ ପରିମାଣକୁ ସନ୍ତୁଳିତ ରଖେ।
- ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ଏହା ସହାୟକ ହୋଇଥାଏ। ତା'ସହ ରକ୍ତରେ ହିମୋଗ୍ଲୋମିନ୍‌ର ପରିମାଣ ବୃଦ୍ଧି ପାଇଥାଏ।
- ଜଣେ ଯକ୍ଷ୍ମା ରୋଗୀ ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଏହା ମଧ୍ୟ ଲିଭର୍ ସେଲ୍‌କୁ ନଷ୍ଟ ହେବାରୁ ରକ୍ଷା କରିଥାଏ।
- ଏଥିରେ ଫସ୍‌ଫରସ୍ ଓ କ୍ୟାଲ୍‌ସିୟମ୍ ଅଧିକ ପରିମାଣରେ ରହିଛି। ସେଥିପାଇଁ ଅସ୍ଥିକୁ ମଜଭୁତ ରଖିବାରେ ଏହା ସାହାଯ୍ୟ କରେ। ଆଣ୍ଠୁଗଣ୍ଠି ବାତ ହେବାକୁ ମଧ୍ୟ ଦେଇ ନଥାଏ।
- ମୋଟା ଲୋକଙ୍କ ପାଇଁ ଏହା ବେଶ୍ ଉପକାରୀ। ଶରୀରର ଚର୍ବି ଅଂଶକୁ ଏହା ଅନେକାଂଶରେ କମାଇଥାଏ।
- ଯେହେତୁ ଏହାର ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରହିଛି, ତେଣୁ ଏହା କେଶମୂଳକୁ ଦୃଢ଼ ରଖିବା ସହ ତ୍ୱଚାକୁ ଔଜ୍ଜ୍ୱଲ୍ୟତା ପ୍ରଦାନ କରେ।
- ଭିଟାମିନ୍‌ସ ଓ ମିନେରାଲ୍ସ ଏଥିରେ ଥିବାରୁ ଏହା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରିଥାଏ।। ଏଥି ସହ ଦୃଷ୍ଟି ଶକ୍ତି ମଧ୍ୟ ବଢ଼ାଇଥାଏ।
- ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧି ସଦୃଶ। ସଜନା ଶାଗ ଖାଇବା ଦ୍ୱାରା ସେମାନଙ୍କର ଶ୍ୱାସକ୍ରିୟା ସମସ୍ୟା କେତେକାଂଶରେ ଦୂର ହୋଇଥାଏ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଉଷୁମ ପାଣି



ଉଷୁମ ପାଣିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଅନେକ ଭରି ରହିଛି। ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା ଶରୀର ପାଇଁ ଲାଭଦାୟକ। ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି କେତେକାଂଶରେ ବୃଦ୍ଧି ପାଇଥାଏ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଜଣେ ଆଜମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରି ସମସ୍ୟା ଅନେକାଂଶରେ ସମାଧାନ ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଏହାର ଆଉ ଏକ ଉପକାରୀ ଗୁଣ ବି ରହିଛି। କୋଲେଷ୍ଟରଲ ଜନିତ ସମସ୍ୟା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ତେଣୁ ନିୟମିତ ଉଷୁମ ପାଣି ପିଇଲେ କୋଲେଷ୍ଟରଲର ପରିମାଣ ସନ୍ତୁଳିତ ରହିଥାଏ।

## ଦୀର୍ଘକାଳୀନ ରୋଗ ଓ ଭିଟାମିନ୍ 'ସି'



ଭିଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ତେବେ ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍)ର ସମ୍ମୁଖୀନ ହୋଇଥିଲେ ଏହି ଭିଟାମିନ୍ ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏକ ସଦ୍ୟତମ ସର୍ଭେରୁ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏ ବିଷୟରେ ଜାଣିପାରିଛନ୍ତି। ପରୀକ୍ଷାମୂଳକ ଭାବରେ ଏପରି ସମସ୍ୟାର ସମ୍ମୁଖୀନ ହେଉଥିବା କେତେକ ବ୍ୟକ୍ତି ଏହାକୁ ନିୟମିତ ଖାଇବା ଦ୍ୱାରା ସେମାନେ ଏଥିରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ। ଦୀର୍ଘକାଳୀନ ରୋଗ ପାଇଁ ଏହା ଆଣ୍ଟି ଅକ୍ସିଡ଼ାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଏହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍ ସି ଭରି ରହିଛି।

## ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହିଲେ...



ବିଭିନ୍ନ କାରଣରୁ ଅନେକ ଲୋକଙ୍କର ପାଟିରେ ଘା' ହୋଇଥାଏ। ବେଳେବେଳେ ଏହି ଘା' ବଡ଼ ହୋଇ କ୍ୟାନ୍‌ସରର ରୂପେ ନିଏ। ସେଥିପାଇଁ ପାଟିରେ ଘା' ହେଲେ ତାହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। କାରଣ ଏହାକୁ ଅବହେଳା କଲେ ତାହା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତେବେ ପାଟିରେ ଘା' ହେବାର ଅନେକ କାରଣ ରହିଛି। ବିଶେଷଭାବରେ ଯଦି ଆପଣଙ୍କ ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହେ ତେବେ ଏଭଳି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଯେତେବେଳେ ଶରୀରରେ ଭିଟାମିନ୍ ବି ଯୁକ୍ତ ଉପାଦାନ (ବି-୧, ବି-୨, ବି-୩ ଏବଂ ବି-୬) ଅଭାବ ଘଟେ ସେତେବେଳେ ପାଟିରେ ଘା' ହୋଇଥାଏ। ଅନ୍ୟପକ୍ଷରେ ଜିଭ ଅଧିକାଂଶ ସମୟ ଶୁଖିଲା ରହିଲେ କିମ୍ବା ପାଟିରୁ କମ୍ ଲାଳ ବାହାରିଲେ ଏପରି ସମସ୍ୟା ଦେଖାଦେଇଥାଏ। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ମଧ୍ୟ କେତେକାଂଶରେ ଏଥିପାଇଁ ଦାୟୀ। ସବୁଠାରୁ ଗୁରତ୍ୱପୂର୍ଣ୍ଣ କଥା ହେଲା ନିଶାଦ୍ରବ୍ୟ ସେବନ ଏକ ଅଭ୍ୟାସରେ ପରିଣତ ହୋଇଗଲେ ପାଟିରେ ଘା' ହୁଏ ଏପରିକି ଠିକ୍ ସମୟରେ ଚିକିତ୍ସା ନ କଲେ ତାହା କ୍ୟାନ୍ସରରେ ପରିଣତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ନିଶା ଦ୍ରବ୍ୟଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ସବୁବେଳେ ଷ୍ଟ୍ରିଟ୍ ଫୁଡ୍‌ଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ଏହା ଶରୀରରେ ଏସିଡିଟି ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଯଥାସମ୍ଭବ ଏଭଳି ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ।
- ପ୍ରତିଦିନ ସକାଳୁ କିଛି କିଛି ସମୟ ବାହାରେ ସୂର୍ଯ୍ୟାଲୋକରେ ଛିଡ଼ା ହୁଅନ୍ତୁ। କାରଣ ଏହା ହେଉଛି ଭିଟାମିନ୍-ଡି'ର ପ୍ରମୁଖ ଉତ୍ସ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁବେଳେ ଶାଗଜାତୀୟ ଖାଦ୍ୟ ଏବଂ ତଟକା ଫଳମୂଳ ସାମିଲ କରନ୍ତୁ।
- ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ହେଲେ ସାଙ୍ଗ କିମ୍ବା ପରିବାର ସଦସ୍ୟଙ୍କ ସହ କିଛି ସମୟ ବିତାନ୍ତୁ। ଆପଣ ଚାହିଁଲେ, ସୋସିଆଲ୍ ମିଡ଼ିଆକୁ ମଧ୍ୟ ବ୍ୟବହାର କରିପାରିବେ।
- ଉଚ୍ଚ ରକ୍ତଚାପକୁ ଅନେକାଂଶରେ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ, ନିୟମିତ ଯୋଗ, ପ୍ରାଣାୟମ, ବ୍ୟାୟାମ କରନ୍ତୁ। ଏହାବ୍ୟତୀତ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ।
- ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।



## ଖାଦ୍ୟରେ ଗ୍ଲାଇସିମିକ୍ ଇଣ୍ଡେକ୍ସ ଓ ଡାଇବେଟିସ୍ ନିୟନ୍ତ୍ରଣ

(ଶେଷ ଭାଗ)

ତେବେ ଜି.ଆଇ. ମୂଲ୍ୟ ପ୍ରାୟତଃ ବ୍ୟବହୃତ ହୋଇ ଆସୁଥିଲେ ମଧ୍ୟ ବିଭିନ୍ନ ଖାଦ୍ୟଦ୍ରବ୍ୟରେ କାର୍ବୋହାଇଡ୍ରେଟ୍‌ର ପରିମାଣରେ ପରିଲକ୍ଷିତ ହୋଇଥାଏ ଖୁବ୍ ବିଭିନ୍ନତା। ତେଣୁ ରକ୍ତ ଗ୍ଲୁକୋଜ ମାତ୍ରା ବୃଦ୍ଧି କରିବା ପ୍ରବଣତାର ଠିକ୍ ସୂଚକ ହେଉଛି 'ଗ୍ଲାଇସିମିକ୍ ଲୋଡ୍' ବା ଜି.ଏଲ୍.। ଏହି ଜି.ଏଲ୍. ଉପରେ ଏବେ ଆରୋପ କରାଯାଉଛି ଅନେକ ଗୁରୁତ୍ୱ। ଗ୍ଲାଇସିମିକ୍ ଲୋଡ୍ ହେଉଛି ଏକ ଗାଣିତିକ ଅବଧାରଣା, ଯାହା ଖାଦ୍ୟର ଗ୍ଲାଇସିମିକ୍ ଇଣ୍ଡେକ୍ସ ଓ ଖାଦ୍ୟରେ ଥିବା କାର୍ବୋହାଇଡ୍ରେଟ୍‌ର ପରିମାଣକୁ ବିଚାରକୁ ନେଇ ନିର୍ଦ୍ଧାରଣ କରାଯାଏ। ଗ୍ଲାଇସିମିକ୍ ଲୋଡ୍ ବେଶି ହୋଇଥିଲେ ତାହା ରକ୍ତ ଗ୍ଲୁକୋଜର ମାତ୍ରାକୁ ବୃଦ୍ଧି କରିଥାଏ। ସୁତରାଂ ରକ୍ତରେ ଗ୍ଲୁକୋଜ୍‌ର ମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ନିମ୍ନ ଜି.ଆଇ. ବିଶିଷ୍ଟ ଖାଦ୍ୟ ଏବଂ କମ୍ ପରିମାଣର କାର୍ବୋହାଇଡ୍ରେଟ୍ ଥିବା ଖାଦ୍ୟ ଖାଇବା ଉଚିତ।

ସେଥିପାଇଁ ଆମ ଖାଦ୍ୟରେ ଆମେ ଉଚ୍ଚ ଜି.ଆଇ. ଏବଂ ଜି.ଏଲ୍. ବିଶିଷ୍ଟ ଖାଦ୍ୟ ପରିମାଣକୁ ହ୍ରାସ କରାଇବା ନିରାପଦ। ଏହା କେବଳ ଯେ ଡାଇବେଟିସ୍‌ର ନିବାରଣ ଓ ନିୟନ୍ତ୍ରଣରେ ସହାୟକ ହୋଇପାରିବ ସେତିକି ନୁହେଁ, ଏହା ମଧ୍ୟ ହୃଦ୍‌ଧମନୀ ରୋଗର ହାରକୁ ହ୍ରାସ କରିବାରେ ସହାୟକ ହୋଇପାରିବ। ଏହି ପ୍ରସଙ୍ଗରେ ଜାଣି ରଖିବା ଉଚିତ ଯେ ଏବେ ଆମ ଦେଶର କିଶୋର ଓ ଯୁବଗୋଷ୍ଠୀ ମଧ୍ୟ ହାର୍ଟ ଆଟାକରେ ଆକ୍ରାନ୍ତ ହୋଇପଡ଼ିଲେଣି।

ଯଦି ଉଚ୍ଚ ଜି.ଆଇ. ବା ମନ୍ଦ ଶ୍ୱେତସାର (ବ୍ୟାଡ୍ କାର୍ବୋହାଇଡ୍ରେଟ୍) ବିଶିଷ୍ଟ ଖାଦ୍ୟ ବଦଳରେ ନିମ୍ନ ଜି.ଆଇ. ବିଶିଷ୍ଟ 'ଭଲ' ଶ୍ୱେତସାର (ଗୁଡ୍ କାର୍ବୋହାଇଡ୍ରେଟ୍) ଖାଦ୍ୟ ଖାଇବା ସଙ୍ଗେ ସଙ୍ଗେ ନିୟମିତ ଶାରୀରିକ ପରିଶ୍ରମ, ବ୍ୟାୟାମ ଆଦି କରାଯାଏ, ତେବେ ଏହାଫଳରେ ବେଶି ଉପକୃତ ହୋଇପାରିବେ କିଶୋର ଗୋଷ୍ଠୀ ଓ ଯୁବଗୋଷ୍ଠୀ। ପୁନଶ୍ଚ ଶରୀରର ଓଜନ ଅନୁମୋଦିତ ସ୍ତରରୁ ବେଶି ଥିଲେ ଓ ପରିବାରର କେହି ଡାଇବେଟିସ୍‌ରେ ଆକ୍ରାନ୍ତ ହୋଇଥିଲେ କମ୍ ଜି.ଆଇ. ଓ ଜି.ଏଲ୍. ବିଶିଷ୍ଟ ଖାଦ୍ୟ ଖାଇ ବହୁଳାଂଶରେ ହ୍ରାସ କରାଯାଇପାରିବ ଡାଇବେଟିସ୍ ଜାତ ହେବାର ଆଶଙ୍କା।



**-ଡା. ନିତ୍ୟାନନ୍ଦ ସ୍ୱାଇଁ,** 'ଅଭୀପ୍ସା',
ସେକ୍ଟର-୬, ପ୍ଲଟ ନଂ-୧୧୩୧,
ଅଭିନବ ବିଡାନାସୀ,
କଟକ-୧୪
ମୋ: ୮୩୨୮୯୭୫୧୧୮

ଧରିତ୍ରୀ DHARITRI

51 Years

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୬/୨୦୨୪ Bhubaneswar, Monday, December 16/ 2024

# ରିଥ୍ଭିକ୍ ଚାମ୍ପିୟନ: ମାନେପଲ୍ଲୀ, ତନ୍ଭି ରନରଅପ୍

**ଭୁବନେଶ୍ୱର, ୧୫।୧୨ (ତପନ ସ୍ୱାଇଁ)**

**ଓଡ଼ିଶା ମାଷ୍ଟର୍ସ ସୁପର-୧୦୦ ବ୍ୟାଡ୍ମିଣ୍ଟନ ଉଦ୍ଯାପିତ**

କଟକ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆୟୋଜିତ ଓଡ଼ିଶା ମାଷ୍ଟର୍ସ ସୁପର-୧୦୦ ଅନ୍ତର୍ଜାତୀୟ ବ୍ୟାଡ୍ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍ଯାପିତ ହୋଇଛି। ଏହାର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଭାରତର ରିଥଭିକ୍ ସଞ୍ଜୀବନୀ ସତୀଶ କୁମାର ନିଜ ଦେଶର ଥରୁନ ମାନେପଲ୍ଲୀଙ୍କୁ ୨୧-୧୮, ୨୧-୧୬ରେ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ଚାଇନାର କାଇ ୟାନ ୟାଙ୍କଠାରୁ ୧୪-୨୧, ୧୬-୨୧ରେ ପରାସ୍ତ ହୋଇ ଭାରତର ତାନଭି ଶର୍ମା ରନରଅପ୍ ହୋଇଛନ୍ତି। ମିକ୍ସଡ ଡବଲ୍ସରେ ଚାଇନାର ଗାଓ ଜୁଆ ଜୁଆନ ଓ ତାଙ୍ଗ ରୁଇ ଝିଙ୍କ ଯୋଡ଼ି ସିଙ୍ଗାପୁରର ହି ୟଙ୍ଗ କାଇ ଟେରୀ ଓ ଜିନ୍ ୟୁ ଜିଆଙ୍କୁ ୧୫-୨୧, ୨୧-୧୫, ୨୧-୧୫, ମହିଳା ଡବଲ୍ସରେ ଜାପାନର ନାନାକୋ ହାରା ଓ ରିକୋ କିୟୋସି ୨୧-୧୧, ୨୧-୧୯ରେ ଚାଇନାର କେଙ୍ଗ ସୁ ଲିଆଙ୍ଗ ଓ ୱାଙ୍ଗ ଟିଙ୍ଗ ଗେ'ଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ପୁରୁଷ ଡବଲ୍ସରେ ଚାଇନାର ହ୍ୱାଙ୍ଗ ଡି ଓ ଲିୟୁ ୟାଙ୍ଗ ଯୋଡ଼ି ଫାଇନାଲରେ ଜାପାନର କାକେରୁ କୁମାଗି ଓ ହିରୋକି ନିଶିଙ୍କୁ ୨୧-୧୩, ୧୯-୨୧, ୨୭-୨୫ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଉଦ୍ଯାପନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ପ୍ରମୋଶନ କାଉନ୍ସିଲ ସିଇଓ ଦୀପଙ୍କର ମହାପାତ୍ର, ରାଜସ୍ୱ ଆୟୁକ୍ତ (କେନ୍ଦ୍ରାଞ୍ଚଳ) ବି. ପରମେଶ୍ୱରନ୍, ଇଡ୍କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳାଇ, କଟକ ଡିସିପି ଜଗମୋହନ ମୀନା, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ, କଟକ ମହାନଗର ନିଗମ କମିଶନର ଅନମ ଚରଣ ପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, ବ୍ୟାଡ୍ମିଣ୍ଟନ ଆସୋସିଏଶନ୍ ଅଫ୍ ଇଣ୍ଡିଆ ଓ ଓଡ଼ିଶା ରାଜ୍ୟ ବ୍ୟାଡ୍ମିଣ୍ଟନ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ତୃତୀୟ ଥର ପାଇଁ କଟକ ଇନ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା।



ପୁରସ୍କାର ପ୍ରଦାନ କରିବା ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା।

# ଓଡ଼ିଶାକୁ ୧୦ ସ୍ୱର୍ଣ୍ଣ ସହ ୩୨ ପଦକ



ଅନ୍ତିମ ଦିବସରେ ପଦକ ବିଜେତା ଓଡ଼ିଶା କରାଟେକାମାନେ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୧୫।୧୨ (ତପନ ସ୍ୱାଇଁ)**

**ସର୍ବଭାରତୀୟ ସବ୍ ଜୁନିୟର କରାଟେ ଉଦ୍ଯାପିତ**

ନୂଆଦିଲ୍ଲୀର ତାଲକୋଟରା ଷ୍ଟାଡିୟମରେ ସର୍ବଭାରତୀୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା ରବିବାର ଉଦ୍ଯାପିତ ହୋଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ୧୦ ସ୍ୱର୍ଣ୍ଣ, ୧୪ ରୌପ୍ୟ ଓ ୮ ବ୍ରୋଞ୍ଜ ସମେତ ମୋଟ ୩୨ ପଦକ ହାସଲ କରିଛନ୍ତି। ଅନ୍ତିମ ଦିବସରେ ଓଡ଼ିଶାକୁ ୬ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୫ ବ୍ରୋଞ୍ଜ ପଦକ ମିଳିଛି। ଲିନ୍‌ସି ସିଂ, ଅର୍ଚ୍ଚିତା ପ୍ରିୟଦର୍ଶିନୀ, ରାଜେଶ୍ୱରୀ ସିଂ ଓ ଦିବ୍ୟାଙ୍ଗନା ସାମନ୍ତରାଙ୍କୁ ନେଇ ଗଠିତ ସବ୍‌ଜୁନିୟର ଟିମ୍ ମହିଳା କାଟାରେ ଏବଂ ବୈଶାଳୀ ପାତ୍ର, ଅଶ୍ଳେଷା ପଣ୍ଡା, ଈଶାନୀ ପଣ୍ଡା, ଆନନ୍ଦି ଭଞ୍ଜ ଓ ଶ୍ରେୟା କାନୁନ୍‌ଗୋ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଶ୍ୱେତଞ୍ଜନା ସାହୁ, ଏମ. ଇଭା, ବିଦ୍ୟାଶ୍ରୀ ଜେନା, ଲିନ୍‌ସି ସିଂ, ଅର୍ଚ୍ଚିତା ପ୍ରିୟଦର୍ଶିନୀ ଓ ରତ୍ନମ୍ବରା ସିଂ ରୌପ୍ୟ ପାଇଥିବାବେଳେ ଦକ୍ଷିତା ନହର, ଆକାଂକ୍ଷା ମହାନ୍ତି, ଅର୍ଚ୍ଚିତା ପ୍ରିୟଦର୍ଶିନୀ, ସ୍ୱୀକୃତି ନାୟକ ଓ ସୁରଭି ପଣ୍ଡା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ରାଜ୍ୟ ଡୋ ସଂଘ ଆନୁକୂଲ୍ୟରେ ଗତ ନଭେମ୍ବରରେ ଅନୁଷ୍ଠିତ ରାଜ୍ୟ ଜୁନିୟର କରାଟେ ପ୍ରତିଯୋଗିତାରୁ ମନୋନୀତ ହୋଇ ୭୮ କରାଟେକା ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଟିମ୍ ମ୍ୟାନେଜର ସନ୍ତୋଷ କୁମାର ମହାରଣା, କୋଚ୍ ଦୀପକ କୁମାର ସାମନ୍ତରାୟ, କେ.ଜି.କେ/ ପ୍ରତିହାରୀ, ଭାଲେନା ଭାଲେଣ୍ଟିନା, ରାଜେଶ ମହାପାତ୍ର ଓ ଅଫିସିଆଲ ରାଜୀବ ସିଂ ଦଳ ସହ ନୂଆଦିଲ୍ଲୀ ଯାତ୍ରା କରିଥିଲେ। କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳର ଐତିହାସିକ ସଫଳତା ଅବସରରେ ରାଜ୍ୟ ସଂଘ ସମ୍ପାଦକ ଗୌରୀ ମହାନ୍ତି ଶେଷ ଦିବସରେ ଦଳ ସହ ଯୋଗଦେଇଥିଲେ।

# ଭୁବନେଶ୍ୱରରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍

**ଭୁବନେଶ୍ୱର, ୧୫।୧୨ (ତପନ ସ୍ୱାଇଁ)**

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ୨୦୨୫ କ୍ୟାଲେଣ୍ଡର ବର୍ଷର କାର୍ଯ୍ୟସୂଚୀ ରବିବାର ପ୍ରକାଶ ପାଇଛି। ତଦନୁସାରେ ସର୍ବପ୍ରଥମ ଇଣ୍ଡିଆନ ଓପନ ୱାର୍ଲ୍ଡ ଆଥ୍‌ଲେଟିକ୍ସ ବ୍ରୋଞ୍ଜ ଲେଭଲ କଣ୍ଟିନେଣ୍ଟାଲ ଟୁର୍ ଅଗଷ୍ଟ ୧୦ରୁ ଭୁବନେଶ୍ୱରରେ ହେବ ବୋଲି ଜଣାଯାଇଛି। ସେପ୍ଟେମ୍ବରରେ ଜାପାନର ଟୋକିଓରେ ହେବାକୁଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପୂର୍ବରୁ ଭୁବନେଶ୍ୱରର ଏହି ପ୍ରତିଯୋଗିତାରେ ଭାରତୀୟ ଆଥ୍‌ଲେଟମାନେ ସେମାନଙ୍କ ଦକ୍ଷତା ଦେଖାଇବାର ଭଲ ସୁଯୋଗ ପାଇବେ। କାର୍ଯ୍ୟସୂଚୀ ଅନୁସାରେ ଅକ୍ଟୋବର ୧୦ରୁ ୧୪ ପର୍ଯ୍ୟନ୍ତ ୨୯ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମଧ୍ୟ ଭୁବନେଶ୍ୱରରେ ଆୟୋଜନ ହେବ।

ଜାନୁଆରୀ ୧୨ରେ ଉତ୍ତର ପ୍ରଦେଶରେ ୫୯ତମ ଜାତୀୟ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରୁ ଏଏଫ୍‌ଆଇର ୨୦୨୫ କ୍ୟାଲେଣ୍ଡର ବର୍ଷର ଇଭେଣ୍ଟ ଆରମ୍ଭ ହେବ। ଘରୋଇ ବଡ଼ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା କିନ୍ତୁ ଏପ୍ରିଲରୁ ଆରମ୍ଭ ହେବ। ଏହି ମାସରେ ପଞ୍ଜାବ, ଗୁଜରାଟ, ରାଞ୍ଚି ଓ ଚେନ୍ନାଇରେ ଇଣ୍ଡିଆନ ଓପନ ଆଥ୍‌ଲେଟିକ୍ସ ମିଟ୍‌ଗୁଡ଼ିକ ଅନୁଷ୍ଠିତ ହେବ। ହରିୟାଣାରେ ସିନିୟର ନ୍ୟାଶନାଲ ଫେଡେରେଶନ କପ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ ହେବ। କୋରିଆରେ ମେ ୨୭ରୁ ୩୧ ପର୍ଯ୍ୟନ୍ତ ହେବାକୁଥିବା ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଏହା କ୍ୱାଲିଫିକେଶନ ଇଭେଣ୍ଟ ଭାବେ ପରିଗଣିତ ହେବ। ଇଣ୍ଡିଆନ ଗ୍ରାଁ ପ୍ରିଗୁଡ଼ିକ ବେଙ୍ଗାଲୁରୁ (ମାର୍ଚ୍ଚ ୨୮), ତ୍ରିଭେନ୍ଦ୍ରମ (ମେ ୧୭)ରେ ଆୟୋଜନ ହେବା ବ୍ୟତୀତ ୬୪ତମ ଜାତୀୟ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପୁଣେ/ବେଙ୍ଗାଲୁରୁରେ ସେପ୍ଟେମ୍ବର ୨୮ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଇଣ୍ଡିଆନ ଓପନ ଆଥ୍‌ଲେଟିକ୍ସ ମିଟ୍ ଜୁଲାଇରେ ମହାରାଷ୍ଟ୍ର, ବିହାର, ମଧ୍ୟ ପ୍ରଦେଶ ଓ ବେଙ୍ଗାଲୁରୁରେ ଆୟୋଜନ ହେବାର କାର୍ଯ୍ୟସୂଚୀ ରହିଛି।

# ମୁକ୍ତେଶ୍ୱର ୧୦-୦ରେ ବିଜୟୀ


ରାମଚନ୍ଦ୍ର ମୁର୍ମୁଙ୍କୁ ନୀଳମାଧବ ଦେଓ ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୧୫।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ରେ ରବିବାର ମୁକ୍ତେଶ୍ୱର ଏଫ୍‌ସି ବିଜୟୀ ହୋଇଛି। ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚରେ ଏହି ଦଳ ୧୦-୦ ଗୋଲରେ କିଶୋର ସ୍ପୋର୍ଟିଂ କ୍ଲବକୁ ପରାସ୍ତ କରିଛି। ମୁକ୍ତେଶ୍ୱର ପକ୍ଷରୁ ରାମଚନ୍ଦ୍ର ମୁର୍ମୁ ଓ ରାଜୀବ ଦାସ ୩ଟି ଲେଖାଏ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଫଗୁ କିସ୍କୁ ୨ଟି ଓ ଜଗତ ସେଠୀ ଗୋଟିଏ ଗୋଲ ସ୍କୋର କରିଥିଲେ। ପ୍ରତିଷ୍ଠିତ ଆଥ୍‌ଲେଟିକ୍ସ କୋଚ୍ ନୀଳମାଧବ ଦେଓ ଅତିଥିଭାବେ ଯୋଗଦେଇ ରାମଚନ୍ଦ୍ର ମୁର୍ମୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ଆମେରିକା, ଇଂଲଣ୍ଡ, ଜର୍ମାନୀ, ଅଷ୍ଟ୍ରେଲିଆ ଖେଳିବେ

**ନୂଆଦିଲ୍ଲୀ, ୧୫।୧୨ (ପି.ଟି.)**

**ଖୋ ଖୋ ବିଶ୍ୱକପ୍**

ନୂଆଦିଲ୍ଲୀରେ ଖେଳା ଯିବାକୁ ଥିବା ଖୋ ଖୋ ବିଶ୍ୱକପ୍‌ରେ ଅଂଶଗ୍ରହଣ ନେଇ ଆମେରିକା, ଇଂଲଣ୍ଡ, ଜର୍ମାନୀ, ଅଷ୍ଟ୍ରେଲିଆ ସ୍ୱଷ୍ଟ କରିଛନ୍ତି। ଜାନୁଆରୀ ୧୩ ରୁ ୧୯ ମଧ୍ୟରେ ଖୋ ଖୋ ବିଶ୍ୱକପ୍ ଅନୁଷ୍ଠିତ ହେବ। ପ୍ରଥମ ଥର ବିଶ୍ୱକପ୍ ଖେଳାଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୪ ରାଷ୍ଟ୍ର ଏଥିରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ ଓ ନଏଡା ଇନ୍‌ଡୋର ଷ୍ଟାଡିୟମରେ ସପ୍ତାହବ୍ୟାପୀ ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ଖେଳାଯିବ। ଟୁର୍ନାମେଣ୍ଟଟି ଲିଗ୍ ଓ ନକ୍‌ଆଉଟ ଫର୍ମାଟରେ ଖେଳାଯିବ ବୋଲି ଭାରତୀୟ ଖୋ ଖୋ ଫେଡେରେଶନ ମୁଖ୍ୟ ସୁଧାଂଶୁ ମିତ୍ତଲ ସୂଚନା ଦେଇଛନ୍ତି। ଏହି ଟୁର୍ନାମେଣ୍ଟରେ ସମୁଦାୟ ୬୧୫ ଖେଳାଳି ଓ ୧୨୫ ସପୋର୍ଟ ଷ୍ଟାଫ ଯୋଗଦେବେ।






# ସ୍କୁଲ୍ସ ଓପନ ଚେସ୍: ତ୍ରିଦେବ ଚାମ୍ପିୟନ

**ଭୁବନେଶ୍ୱର, ୧୫।୧୨ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓଁ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ସ୍କୁଲ୍ସ ଓପନ ଚେସ୍‌ରେ କେଭି-୧ର ତ୍ରିଦେବ ତୀର୍ଥଙ୍କର ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସତ୍ୟମ୍ ସ୍ୱରୂପ ସାହୁ, ସାଇ ରଞ୍ଜନ ମିଶ୍ର, ହିମାଂଶୁ ଶେଖର ସାହୁ ଓ ଆଦି ଆୟୁଷ୍ମାନ ଟପ୍-୫ ଫିନିଶ୍ କରିଛନ୍ତି। ୭, ୯, ୧୧ ଓ ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୯ ଜଣ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଗୁରୁକୁଳ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ ବେହୁରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଚାମ୍ପିୟନ ତ୍ରିଦେବ ତୀର୍ଥଙ୍କରଙ୍କୁ ପୁରସ୍କୃତ କରାଯାଉଛି।

# ସିମ୍ରନ୍ ଶେଖ୍ ଦାମୀ ଖେଳାଳି

**କୁଆଲାଲମ୍ପୁର, ୧୫।୧୨ (ପି.ଟି.)**

**ଓମେନ୍ସ ପ୍ରିମିୟର ଲିଗ୍**

ଓମେନ୍ସ ପ୍ରିମିୟର ଲିଗ (ଡବ୍ଲ୍ୟୁପିଏଲ୍)ର ତୃତୀୟ ସଂସ୍କରଣ ପାଇଁ ମିନି ଅକ୍ସନ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନ୍‌କ୍ୟାପ୍‌ଡ ଭାରତୀୟ ଖେଳାଳିଙ୍କ ଦବଦବା ରହିଥିବା ବେଳେ ଅଲରାଉଣ୍ଡର ସିମରନ୍ ଶେଖ୍ ସବୁଠାରୁ ମହଙ୍ଗା ଖେଳାଳି ରହିଛନ୍ତି। ସିମରନ୍‌ଙ୍କୁ ୧.୯୦ କୋଟି ଟଙ୍କାରେ ଦଳରେ ସାମିଲ କରିଛି ଗୁଜରାଟ ଜାଏଣ୍ଟ୍ସ। ୱେଷ୍ଟଇଣ୍ଡିଜ ଦଳର ପୂର୍ବତନ ଅଧିନାୟିକା ତଥା ମୁମ୍ବାଇ ଇଣ୍ଡିଆନ୍ସ ଅଲରାଉଣ୍ଡର ଡାଏଣ୍ଡ୍ରା ଡଟିନ୍ ୧.୭୦ କୋଟି ଟଙ୍କାରେ ଗୁଜରାଟ ଜାଏଣ୍ଟ୍ସରେ ସାମିଲ ହୋଇଛନ୍ତି। ୧୯ ବର୍ଷରୁ କମ୍ ଭାରତୀୟ ଦଳର ସଦସ୍ୟ ରହିଥିବା ଜି. କମଳିନୀଙ୍କୁ ୧.୬୦ କୋଟି ଟଙ୍କାରେ ମୁମ୍ବାଇ ଇଣ୍ଡିଆନ୍ସ କ୍ରୟ କରିଛି। ପ୍ରେମା ରାୱତଙ୍କୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧.୨୦ କୋଟି ଟଙ୍କାରେ କିଣିଥିବା ବେଳେ ଏନ୍. ଚରଣୀଙ୍କୁ ୫୫ ଲକ୍ଷ ଟଙ୍କାରେ କ୍ରୟ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ସ୍ନେହ ରାଣା, ମାନସୀ ଯୋଶୀ, ଲରେନ୍ ବେଲ ଓ ହିଥର ଗ୍ରାହାମଙ୍କ ପରି ଖେଳାଳିଙ୍କ ପ୍ରତି କୌଣସି ଫ୍ରାଞ୍ଚାଇଜ ଆଗ୍ରହ ଦେଖାଇ ନ ଥିଲେ।

# ସର୍ବଭାରତୀୟ ଫୁଟ୍‌ବଲ: ଆସାମ ପୋଲିସ ବିଜୟୀ

**ଢେଙ୍କାନାଳ, ୧୫।୧୨ (ରତନ ନାୟାର)**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ସ୍ଥାନୀୟ ଷ୍ଟାଡିୟମଠାରେ ଚାଲିଥିବା ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚରେ ଆସାମ ପୋଲିସ ଦଳ ୭-୧ ଗୋଲରେ ଭଦ୍ରକର ବାଦଲ ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଆସାମ ପୋଲିସ ଦଳ ପ୍ରଥମାର୍ଦ୍ଧରେ ୨ଟି ଓ ଦ୍ୱିତୀୟାର୍ଦ୍ଧରେ ୫ଟି ଗୋଲ ଦେଇଥିଲା। ବିଜୟୀ ଦଳର ଉତ୍ସବ ମଦାଇ ୩ଟି ଗୋଲ ସ୍କୋର କରି ଶ୍ରେଷ୍ଠ ଖେଳାଳି ଭାବେ କ୍ରୀଡ଼ା ସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜଙ୍କଠାରୁ ୧ହଜାର ଟଙ୍କା ନଗଦ ଅର୍ଥ ପୁରସ୍କାର ଗ୍ରହଣ କରିଥିଲେ। ପୁଲକ ବରୁଆ, ନଭେମ୍ବର ବାଦମା, ନବନୀତ ପାରୋହିତ ଓ ମିଥିଙ୍ଗା ଡାଇମାର ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ବାଦଲ ଫୁଟବଲ ଏକାଡେମୀ ପକ୍ଷରୁ ସୁକୁଲ ମୁର୍ମୁ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ରେଫରି କିଶାନ ଦାସଙ୍କ ସମେତ ଶଶିକାନ୍ତ ଦାଶିଆ, ଦେବରାଜ ସ୍ୱାଇଁ, ବୋନସନ ବରାଳ ମ୍ୟାଚ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ଥିଲେ । ମୁଖ୍ୟ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂହଦେଓ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ମହେଶ ସାହୁ ଓ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ଯୋଗ ଦେଇଥିଲେ । ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ପ୍ରେମାନନ୍ଦ ବିହାରୀ ଓ ସୌଭାଗ୍ୟ ସାହୁ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର ଓ ଗୌରାଙ୍ଗ ସେଠୀ, ପ୍ରତାପ ମହାନ୍ତି, ବାବୁ ପାଢ଼ୀ, ସୁନୀଲ ପଣ୍ଡା ଓ ସରୋଜ ପାଢ଼ୀ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ସୋମବାର ରାଧାରମଣ ଫୁଟବଲ ଦଳ ସହ ୱାଇଡିସି ମଣିପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।


ଆସାମ ପୋଲିସ ଓ ବାଦଲ ଏକାଡେମୀ ମଧ୍ୟରେ ରବିବାର ଅନୁଷ୍ଠିତ ମ୍ୟାଚ।

# ଭାରତୀୟ ମହିଳା ଦଳ ୪୯ ରନରେ ବିଜୟୀ

**ମୁମ୍ବାଇ, ୧୫।୧୨:** ନଭି ମୁମ୍ବାଇରେ ରବିବାର ଅନୁଷ୍ଠିତ ପ୍ରଥମ ଟି୨୦ କ୍ରିକେଟ ମ୍ୟାଚରେ ଭାରତୀୟ ମହିଳା ଦଳ ୪୯ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗ୍ସେଜଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୨୦ ଓଭରରେ ୪ ୱିକେଟ ହରାଇ ୧୯୫ ରନ୍ କରିଥିଲା। ମନ୍ଧାନା ୩୩ ବଲ ଖେଳି ୭ ଚୌକା ଓ ୨ ଛକା ସହ ୫୪ ଓ ଜେମିମା ୩୫ ବଲରୁ ୯ ଚୌକା ଓ ୨ ଛକା ସହାୟତାରେ ୭୩ ରନ୍ କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ୨୦ ଓଭରରେ ୭ ୱିକେଟ ହରାଇ ୧୪୬ ରନ କରି ପାରିଥିଲା। ଡିଣ୍ଡ୍ରା ଡୋଟିନ ସର୍ବାଧିକ ୫୨ ରନ କରିଥିବାବେଳେ ଭାରତ ପକ୍ଷରୁ ଟିଟାସ ସାଧୁ ୩ଟି ଏବଂ ଦୀପ୍ତି ଶର୍ମା ଓ ରାଧା ଯାଦବ ୨ଟି ଲେଖାଏ ୱିକେଟ ନେଇଥିଲେ।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ